# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୧/୨୦୨୧ (୧୬ ପୃଷ୍ଠା) | Bhubaneswar, Wednesday, April 21/2021 | ★★★★★★

୪୭ଶ ଭାଗ ୧୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-





## ଭୋଟ୍ ପାଇଁ ପନିର ବଣ୍ଟା

ଉତ୍ତରପ୍ରଦେଶରେ ପଞ୍ଚାୟତ ନିର୍ବାଚନ ଚାଲିଥିବାବେଳେ ପ୍ରାର୍ଥୀ ଭୋଟ୍ ପାଇଁ ଲୋକଙ୍କୁ ପନିର ବାଣ୍ଟୁଥିବା ଦେଖିବାକୁ ମିଳିଛି। ଜଣେ ପ୍ରାର୍ଥୀଙ୍କ ଭାଇଙ୍କଠାରୁ ପୋଲିସ ସୋମବାର ୩୦ କେଜି ପନିର ଜବତ କରିଛି। ଗାଁ ପ୍ରଧାନ ପଦବୀ ପାଇଁ ଛିଡ଼ା ହୋଇଥିବା ଦୀପ ଚାନ୍ଦଙ୍କ ସପକ୍ଷରେ ମତଦାନ ଲାଗି ତାଙ୍କ ଭାଇ ଗଜେନ୍ଦ୍ର ସିଂ ଲୋକଙ୍କୁ ପନିର ବାଣ୍ଟୁଥିଲେ ବୋଲି ପୋଲିସ କହିଛି।



## ସଂକ୍ଷେପରେ

### ଆମେରିକାର ପୂର୍ବତନ ଉପରାଷ୍ଟ୍ରପତିଙ୍କ ପରଲୋକ


ୱାଲ୍ଟର ମୋଣ୍ଡଲେ

ୱାଶିଂଟନ୍, ୨୦।୪: ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି ୱାଲ୍ଟର ମୋଣ୍ଡଲେଙ୍କ ସୋମବାର ପରଲୋକ ଘଟିଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ରାଷ୍ଟ୍ରପତି ଜିମି କାର୍ଟରଙ୍କ ଅଧୀନରେ ୧୯୭୭ରୁ ୧୯୮୧ ପର୍ଯ୍ୟନ୍ତ ୱାଲ୍ଟର ଉପରାଷ୍ଟ୍ରପତି ରହିଥିଲେ। ୧୯୬୦ରୁ ୧୯୬୪ ପର୍ଯ୍ୟନ୍ତ ମୋଣ୍ଡଲେ ମିନେସୋଟାରେ ଆଟର୍ଣ୍ଣି ଜେନେରାଲ ରହିଥିଲେ। ୧୯୯୩ରୁ ୧୯୯୬ ପର୍ଯ୍ୟନ୍ତ ସେ ଜାପାନରେ ଆମେରିକା ରାଷ୍ଟ୍ରଦୂତ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ମୃତ୍ୟୁରେ ପୂର୍ବତନ ରାଷ୍ଟ୍ରପତି କାର୍ଟର, ରାଷ୍ଟ୍ରପତି ଜୋ ବାଇଡେନ୍, ଉପରାଷ୍ଟ୍ରପତି କମଲା ହାରିସ୍ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

### ସିଇସି, ଇସିଙ୍କୁ କରୋନା


ସୁଶୀଲ ଚନ୍ଦ୍ରା

ନୂଆଦିଲ୍ଲୀ, ୨୦।୪: ନିକଟରେ ଭାରତର ୨୪ ତମ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଦାୟିତ୍ୱ ନେଇଥିବା ସୁଶୀଲ ଚନ୍ଦ୍ରା ଏବଂ ନିର୍ବାଚନ କମିଶନର(ଇସି) ରାଜୀବ କୁମାର ମଙ୍ଗଳବାର କରୋନାରେ ସଂକ୍ରମିତ ହୋଇଛନ୍ତି। ପୂର୍ବତନ ସିଇସି ସୁନୀଲ ଅରୋରା ଅବସର ନେବା ପରେ ଗତ ୧୩ ତାରିଖରେ ସୁଶୀଲ ଚନ୍ଦ୍ରା ଏହି ଦାୟିତ୍ୱ ନେଇଥିଲେ। ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଇଁ ମତଦାନ ଶେଷ ହୋଇ ନ ଥିବାବେଳେ ସିଇସି ଓ ଇସି ସଂକ୍ରମିତ ହେବାକୁ ନେଇ ଚିନ୍ତା ବଢ଼ିଛି। ସିଇସି ଘରେ ରହି ଦାୟିତ୍ୱ ତୁଲାଇବେ ବୋଲି ନିର୍ବାଚନ କମିଶନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ସ୍ତ୍ରୀ ସଂକ୍ରମିତ, କ୍ୱାରାଣ୍ଟାଇନରେ କେଜ୍‌ରିୱାଲ

ନୂଆଦିଲ୍ଲୀ, ୨୦।୪: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସ୍ତ୍ରୀ ସୁନିତା ମଙ୍ଗଳବାର କରୋନାରେ ସଂକ୍ରମିତ ହୋଇଛନ୍ତି। ଏହା ଜଣାପଡ଼ିବା ପରେ କେଜ୍‌ରିୱାଲ ନିଜକୁ ହୋମ୍ ଆଇସୋଲେଶନରେ ରଖିଛନ୍ତି। ଗତ ବର୍ଷ ମଧ କେଜ୍‌ରିୱାଲଙ୍କୁ ଜ୍ୱର ହେବା ସହ କରୋନା ଲକ୍ଷଣ ଦେଖାଯିବାରୁ ସେ ନିଜକୁ ଅଲଗା ରଖିଥିଲେ। ସେତେବେଳେ ତାଙ୍କ ଟେଷ୍ଟ୍ ରିପୋର୍ଟ ନେଗେଟିଭ୍ ଆସିଥିଲା। ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟିର ମନିଷ ସିସୋଡିଆ, ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ, ରାଘବ ଚଢ଼ା ପ୍ରମୁଖ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇଥିଲେ।

## ପତନର ଅଂଶୀଦାର ନ ହେଉ ପଶ୍ଚିମବଙ୍ଗ



**କୋଲକାତା:** ସ୍ଥାନୀୟ ନେତାଙ୍କ ବଦଳରେ କେନ୍ଦ୍ରୀୟ ନେତାଙ୍କୁ ବାଛି ପଶ୍ଚିମବଙ୍ଗ 'ଜାତୀୟ ପତନ'ରେ ଅଂଶୀଦାର ନ ହେଉ ବୋଲି କହିଛନ୍ତି ନୋବେଲ ବିଜେତା ଅମର୍ତ୍ତ୍ୟ ସେନ। ଅର୍ଥନୀତି ପାଇଁ ଉପଯୁକ୍ତ ପଲିସି ପ୍ରସ୍ତୁତି ଓ ସାମାଜିକ ନ୍ୟାୟ କ୍ଷେତ୍ରରେ ଅତ୍ୟନ୍ତ ଖରାପ ରେକର୍ଡ କରିଥିବା ହାତକୁ କ୍ଷମତା ଗଲେ ସେମାନେ ଆହୁରି ମଜଭୁତ ହେବେ ବୋଲି ଏକ ସାକ୍ଷାତକାରରେ ଏହି ଅର୍ଥନୀତିଜ୍ଞ ମତ ରଖିଛନ୍ତି। ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଜନକଲ୍ୟାଣକାରୀ ଯୋଜନା ବିଶେଷ କରି କନ୍ୟାସନ୍ତାନଙ୍କ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ, ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ, ଖାଦ୍ୟ ସୁରକ୍ଷା ଦିଗରେ ହୋଇଥିବା ବ୍ୟବସ୍ଥାର ଅମର୍ତ୍ତ୍ୟ ସେନ୍ ପ୍ରଶଂସା କରିଛନ୍ତି। ଏହି ରାଜ୍ୟରେ ପରିଚୟର ରାଜନୀତି ପ୍ରବେଶ କରିଥିବାବେଳେ ଏଥିପାଇଁ ବିଭାଜନ ଓ ଭେଦଭାବ ପାଇଁ ହିନ୍ଦୁତ୍ୱର ଛବି ଥିବା ପତାକା ଉଡ଼ାଉଥିବା ବ୍ୟକ୍ତିଙ୍କୁ ସେ ଦାୟୀ କରିଛନ୍ତି।

## ଫେବୃୟାରୀରୁ ହୋଇନି ଅସ୍ତ୍ରବିରତି ଉଲ୍ଲଂଘନ



**ନୂଆଦିଲ୍ଲୀ:** ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଉଲ୍ଲଂଘନ ନ ହେବା ନେଇ ଚୁକ୍ତି ହେବା ପରେ ଫେବୃୟାରୀଠାରୁ ଏଲ୍ଓସିରେ ଶାନ୍ତି ବଜାୟ ରହିଥିବା ଭାରତୀୟ ସେନା ମୁଖ୍ୟ ଜେନେରାଲ ଏମ୍. ଏମ୍. ନରୱଣେ ସୋମବାର କହିଛନ୍ତି। ଚାଇନା ସହ ସୀମା ବିବାଦକୁ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଅଷ୍ଟ୍ରେଲିଆ ସେନା ପକ୍ଷରୁ ଆୟୋଜିତ ଏକ ସେମିନାରକୁ ସମ୍ବୋଧିତ କରି ନରୱଣେ କହିଲେ, ଭାରତ ପାଖରେ ୧୫ ହଜାର କି.ମି.ରୁ ଅଧିକ ଭୂମି ସୀମା ନିକଟରେ ରହିଛି। ପଶ୍ଚିମରେ ପାକିସ୍ତାନ ସହ ଏବଂ ଉତ୍ତର ଓ ପୂର୍ବରେ ଚାଇନା ସହ ସୀମା ବିବାଦ ରହିଛି। ଏହାର ସମାଧାନ କରି ଆଗକୁ ବଢ଼ିବା ପାଇଁ ଭାରତ ଅନେକ ପଦକ୍ଷେପ ନେଇଛି।

# ସଂକ୍ରମଣ ସୁନାମି



ନୂଆଦିଲ୍ଲୀ,୨୦।୪

କେଉଁଠି ସଂକ୍ରମିତଙ୍କ ଚିକିତ୍ସା ପାଇଁ ବେଡ୍ ନାହିଁ ତ ପୁଣି କେଉଁଠି ଅକ୍ସିଜେନ୍ ମିଳୁନି। ରୋଗୀ ମରିଗଲେ ମୃତଦେହ ସତ୍କାର ପାଇଁ ସ୍ଥାନ ଟିକିଏ ବି ମିଳୁନି। ସବୁଠି ଅଭାବର ନୈରାଶ୍ୟ.. ନାହିଁ ନାହିଁର ନାଗଫାଶ। ଏହି ଚିତ୍ର ବୟାନ କରୁଛି ଭାରତରେ କରୋନାର କାହାଣୀ।

ଗତବର୍ଷ ମାର୍ଚ୍ଚରୁ ନଭେମ୍ବର ମଧ୍ୟରେ କରୋନା ସଂକ୍ରମଣ ଶୀର୍ଷରେ ଥିବାବେଳେ ହସ୍ପିଟାଲଗୁଡ଼ିକ ପିକ୍ ପରିସ୍ଥିତିକୁ ସାମ୍ନା କରିଥିଲେ। ସବୁଠି ସତର୍କତା ଦେଖାଯାଉଥିଲା। କିନ୍ତୁ ପରେ ଲୋକେ କରୋନା ପ୍ରତି କୋହଳ ମନୋଭାବ ଦେଖାଇଲେ। ଦୋକାନ ବଜାର, ରେଳ ଷ୍ଟେଶନ ଆଦିରେ ଗହଳି ଲଗାଇଲେ। ୫ ରାଜ୍ୟରେ ବିଧାନସଭା ନିର୍ବାଚନକୁ ନେଇ ଅନେକ ବଡ଼ ରାଲିର ଆୟୋଜନ କରାଗଲା। ହୋଲି ଓ କୁମ୍ଭମେଳାରେ ଲକ୍ଷ ଲକ୍ଷ ଲୋକ ସାମିଲ ହେଲେ। ଏହି ଅବହେଳାର ଫଳ ଆଜି ସମସ୍ତଙ୍କୁ ଭୋଗିବାକୁ ପଡୁଛି। ସାରାଦେଶରେ ଜୀବନ ରକ୍ଷକ ଔଷଧ, ଭେଣ୍ଟିଲେଟର, ଅକ୍ସିଜେନର ଅଭାବ କିମ୍ଭୁତକିମାକାର ସ୍ଥିତି ସୃଷ୍ଟି କରିଛି। ପ୍ରଥମ ଲହର ପରେ ସ୍ଥିତିରେ ସାମାନ୍ୟ ସୁଧାର ଆସିଥିଲା। କିନ୍ତୁ ଦେଶ ଏବେ ଭାଇରସ୍‌ର ଦ୍ୱିତୀୟ ବିପଜ୍ଜନକ ଆକ୍ରମଣର ଶିକାର ହୋଇଛି। ରୋଗୀ ଓ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷଜ୍ଞଙ୍କ ମତରେ ଭାଇରସ୍ ରୂପ ବଦଳାଇଛି। ସଂକ୍ରମଣ ରୋକିବାକୁ ହେଲେ ଶୃଙ୍ଖଳ ଭାଙ୍ଗିବାକୁ ପଡ଼ିବ। ଆହୁରି କଠୋର ପଦକ୍ଷେପ ନେବାକୁ ପଡ଼ିବ। ଅଦ୍ୟାବଧି ୧୨ କୋଟିରୁ ଅଧିକ ଡୋଜ୍ ଟିକା ଦିଆଯାଇଛି। ଏହାକୁ ଆହୁରି ତ୍ୱରାନ୍ୱିତ କରାଯିବା ଜରୁରୀ। ଗତବର୍ଷ ଲକ୍‌ଡାଉନ୍ ଯୋଗୁ ଲକ୍ଷ ଲକ୍ଷ ଲୋକ ବେକାର ହୋଇଯାଇଛନ୍ତି। ଏବେ ମଧ୍ୟ ସହରରେ କାମଧନ୍ଦା ହରାଇ ଲୋକେ ଗାଁ ମୁହାଁ ହୋଇଛନ୍ତି। ତେଣୁ ସୀମିତ ଲକ୍‌ଡାଉନ୍, ଟିକାକରଣ ଓ ସେଫ୍ ପ୍ରୋଟୋକଲ ଜରୁରୀ ବୋଲି ମତ ପ୍ରକାଶ ପାଇଛି।

### ୧,୭୬୧ ମୃତ

ଆମେ ଭୂତାଣୁର ଭୟାବହତାକୁ ଭୁଲିବାରେ ଲାଗିଥିଲେ। କିନ୍ତୁ ମାର୍ଚ୍ଚ ଶେଷରେ ପୁଣି ମୁଣ୍ଡ ଟେକିଲା କରୋନା। ଏପ୍ରିଲ ୪ରେ ୧ ଲକ୍ଷ ୩ ହଜାର ୭୯୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୪୭୭ ଜଣଙ୍କ ମୃତ୍ୟୁ ଘଟିଥିଲା। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନାନୁସାରେ ଭାରତରେ ମଙ୍ଗଳବାର ସକାଳ ୮ଟା ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୨,୫୯,୧୭୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧,୫୩,୨୧,୦୮୯ରେ ପହଞ୍ଚିଥିବାବେଳେ ସକ୍ରିୟ ମାମଲା ୨୦ ଲକ୍ଷ ଟପିଛି। ଦିନକରେ ୧,୭୬୧ ଜଣଙ୍କ ଜୀବନ ଯିବା ପରେ ମୋଟ ମୃତ୍ୟୁସଂଖ୍ୟା ୧,୮୦,୫୩୦ରେ ପହଞ୍ଚିଛି। ସବୁଠୁ ବିପଜ୍ଜନକ ବିଷୟ ହେଉଛି ଏହି ଲହରରେ ଛୋଟପିଲା ସଂକ୍ରମଣ କବଳକୁ ଆସୁଛନ୍ତି। ତେଣୁ ସାରା ଦେଶରେ ହାହାକାର।

## ଦିଲ୍ଲୀରୁ ମହାରାଷ୍ଟ୍ର କଟକଣା


ମଙ୍ଗଳବାର ଲକ୍‌ଡାଉନ୍ ବେଳେ ନୂଆଦିଲ୍ଲୀର ଜନଶୂନ୍ୟ ବିଜୟ ଚୌକ।

### କେଉଁଠି, କେମିତି

କରୋନା ସଂକ୍ରମଣ ଶୃଙ୍ଖଳ ଭାଙ୍ଗିବା ପାଇଁ ବିଶେଷଜ୍ଞମାନେ କଠୋର କଟକଣା ଜାରି ପାଇଁ ପରାମର୍ଶ ଦେଉଥିବାବେଳେ ରାଜ୍ୟ ସରକାରମାନେ ନିଜ ସ୍ଥିତିକୁ ଦେଖି ପଦକ୍ଷେପ ନେଉଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀ ଓ ଆର୍ଥିକ ରାଜଧାନୀ ମୁମ୍ବାଇ ସମେତ ଦେଶର ଅନେକ ବଡ଼ ସହରରେ କର୍ଫ୍ୟୁ ଅଥବା ଲକ୍‌ଡାଉନ ଘୋଷଣା କରାଯାଇଛି।

**ଦିଲ୍ଲୀ:** ଦିଲ୍ଲୀ ସରକାର ଏପ୍ରିଲ ୨୦ ରାତିରୁ ୨୬ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀଙ୍କ ପାଇଁ ଇ-ପାସ୍ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଏହି ସମୟରେ ଅତିବେଶୀରେ ୫୦ ଲୋକଙ୍କୁ ନେଇ ବିବାହ ଓ ୨୦ ଜଣଙ୍କ ଉପସ୍ଥିତିରେ ସତ୍କାର ପାଇଁ ଅନୁମତି ଦିଆଯାଇଛି।

**ୟୁପି:** ଉତ୍ତରପ୍ରଦେଶରେ ପୂର୍ବରୁ ରାତି ୮ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଜାରି ହୋଇଥିଲା। ତେବେ ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଥିବାରୁ ଯୋଗୀ ଆଦିତ୍ୟନାଥ ସରକାର ଅତିରିକ୍ତ ଭାବେ ଆସନ୍ତା ୨୪ ତାରିଖରୁ ରାଜ୍ୟବ୍ୟାପୀ ସପ୍ତାହାନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି।

**କେରଳ:** ଅନ୍ୟତମ କରୋନା ପ୍ରଭାବିତ ରାଜ୍ୟ କେରଳ ସଂକ୍ରମଣ ବୃଦ୍ଧି ଦୃଷ୍ଟିରୁ ଆବଶ୍ୟକ ସୁରକ୍ଷାତ୍ମକ ଉପାୟ ଆପଣାଇଛି। ଏପ୍ରିଲ ୨୦ ରାତି ୯ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ରାଜ୍ୟରେ ନାଇଟ୍ କର୍ଫ୍ୟୁ ଜାରି ହୋଇଛି। ଏର୍ନାକୁଲମ ଜିଲାରେ ବୁଧବାରଠାରୁ ୭ ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯାଇଛି।

**ପଞ୍ଜାବ:** ପଞ୍ଜାବରେ ମଧ୍ୟ ରାତି ୮ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରି କର୍ଫ୍ୟୁ ଜାରି କରାଯାଇଛି। କୋଚିଂ ଇନଷ୍ଟିଚ୍ୟୁଟ, ଜିମ୍, ବାର୍ ଓ ସିନେମା ହଲ୍‌ଗୁଡ଼ିକୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ପ୍ରଶାସନ ଶୁକ୍ରବାରଠାରୁ ସୋମବାର ପର୍ଯ୍ୟନ୍ତ ସପ୍ତାହାନ୍ତ ଲକ୍‌ଡାଉନ ଘୋଷଣା କରିଛି।

**ରାଜସ୍ଥାନ:** ରାଜସ୍ଥାନରେ ଏପ୍ରିଲ ୨୦ରୁ ମେ ୩ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରାଯାଇଛି। ସଂକ୍ରମଣ କମୁ ନ ଥିବାରୁ ଅଶୋକ ଗେହଲଟ ସରକାର ଏପ୍ରିଲ ୨୨ରୁ ମେ ୨୧ ପର୍ଯ୍ୟନ୍ତ ରାଜ୍ୟରେ ୧୪୪ ଧାରା ଲାଗୁ କରିବାକୁ ଯାଉଛନ୍ତି।

**ଛତିଶଗଡ଼:** ଓଡ଼ିଶା ପାଇଁ ବିପଦ ସାଜିଥିବା ପଡ଼ୋଶୀ ଛତିଶଗଡ଼ରେ ଏପ୍ରିଲ ୨୦ ସନ୍ଧ୍ୟା ୬ରୁ ମେ ୧ ସକାଳ ୭ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲକ୍‌ଡାଉନ ଘୋଷଣା କରାଯାଇଛି। ପୂର୍ବରୁ ୨୪ ଜିଲାରେ ଏହି କଟକଣା ଥିବାବେଳେ ଏବେ ତାହା ୨୮ଟି ଜିଲାକୁ ବୃଦ୍ଧି କରାଯାଇଛି।

**କର୍ଣ୍ଣାଟକ:** କର୍ଣ୍ଣାଟକରେ ବେଙ୍ଗାଲୁରୁ କରୋନାର ହଟ୍‌ସ୍ପଟ ପାଲଟିଛି। ଏପ୍ରିଲ ୨୧ ରାତି ୯ଟାରୁ ମେ ୬ ସକାଳ ୬ଟା ପର୍ଯ୍ୟନ୍ତ ରାଜ୍ୟରେ ନାଇଟ୍ କର୍ଫ୍ୟୁ ଜାରି କରାଯାଇଛି।

**ଝାଡ଼ଖଣ୍ଡ:** ଝାଡ଼ଖଣ୍ଡ ସରକାର ରାଜ୍ୟରେ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏପ୍ରିଲ ୨୨ ସକାଳ ୬ଟାରୁ ୨୯ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଲକ୍‌ଡାଉନ କଟକଣା ଲାଗୁ ହେବ।

**ମହାରାଷ୍ଟ୍ର:** ସର୍ବାଧିକ ପ୍ରଭାବିତ ମହାରାଷ୍ଟ୍ର କରୋନା ମୁକାବିଲା ପାଇଁ ସର୍ବପ୍ରଥମେ ବଡ଼ ପଦକ୍ଷେପ ନେଇଛି। ଏପ୍ରିଲ ୧୪ରୁ ମେ ୧ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଜନତା କର୍ଫ୍ୟୁ ସହ ୧୪୪ ଧାରା ଜାରି କରାଯାଇଛି। ଏହାସହ ମଙ୍ଗଳବାରଠାରୁ ଦୋକାନ ବଜାରଗୁଡ଼ିକୁ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଖୋଲିବା ପାଇଁ ଅନୁମତି ଦିଆଯାଇଛି।

## ୩ ପ୍ରବାସୀ ଶ୍ରମିକ ମୃତ

ଗ୍ୱାଲିଅର, ୨୦।୪

ପ୍ରବାସୀ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ବସ୍ ମଧ୍ୟପ୍ରଦେଶର ଗ୍ୱାଲିଅର ଜିଲାରେ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ରୁ ଅଧିକ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବସ୍‌ଟି ଦିଲ୍ଲୀରୁ ମଧ୍ୟପ୍ରଦେଶର ଟିକମ୍‌ଗଡ଼-ଛତ୍ରପୁର ରାସ୍ତାରେ ଯାଉଥିବାବେଳେ ଓଲଟି ପଡ଼ିଥିଲା। ଧାରଣ କ୍ଷମତାଠାରୁ ଅଧିକ ସଂଖ୍ୟାରେ ଯାତ୍ରୀ ସେଥିରେ ଯାଉଥିବାରୁ ଭାରସାମ୍ୟ ହରାଇ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ପ୍ରାୟ ଶତାଧିକ ଲୋକଙ୍କୁ ନେଇ ଯାଉଥିବା ବସ୍ ଡ୍ରାଇଭରଙ୍କ ସମେତ ସମସ୍ତ ଷ୍ଟାଫ୍ ମଦ୍ୟପାନ କରିଥିବା ଅଭିଯୋଗ ହୋଇଛି।

### ଗାଁକୁ ଫେରୁଥିଲେ, ବସ୍ ଓଲଟିଲା


ଗତ ବର୍ଷ ଭଳି ପୁଣି ଘରମୁହାଁ ହେଲେଣି ପ୍ରବାସୀ ଶ୍ରମିକ। ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ ଓ କର୍ଫ୍ୟୁ ଭଳି କଟକଣା ଜାରି କରାଯିବା ପରେ ଜୀବିକା ହରାଇ ଘରକୁ ଫେରିବା ପାଇଁ ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ଭିଡ଼ ଜମାଇଛନ୍ତି। ସେମାନଙ୍କ ଘର ବାହୁଡ଼ା ଦୃଶ୍ୟ ଏବେ ଦେଖିବାକୁ ମିଳିଛି। ବାହୁଡ଼ିବାବେଳେ ଦୁର୍ଘଟଣାର ଶିକାର ହୋଇ ୩ ଶ୍ରମିକଙ୍କ ଜୀବନ ଯାଇଛି ମଧ୍ୟପ୍ରଦେଶର ଗ୍ୱାଲିଅରରେ।

### ୟୁପିରେ ଲକଡାଉନ୍ ନିର୍ଦ୍ଦେଶ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୦।୪

ଉତ୍ତରପ୍ରଦେଶର ୫ ସହରରେ ଏପ୍ରିଲ ୨୬ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲକ୍‌ଡାଉନ ଘୋଷଣା କରିବାକୁ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଆଲ୍ଲାହାବାଦ ହାଇକୋର୍ଟ। ଏହି ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ମଙ୍ଗଳବାର ସ୍ଥଗିତ ରଖିଛନ୍ତି। ଯୋଗୀ ସରକାର କରୋନା ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। କିନ୍ତୁ ସମ୍ପୂର୍ଣ୍ଣ ଲକ୍‌ଡାଉନ ଘୋଷଣା ପାଇଁ କୋର୍ଟ ଦେଇଥିବା ନିର୍ଦ୍ଦେଶ ଠିକ୍ ହୋଇ ନ ପାରେ ବୋଲି ସିଲିସିଟର ଜେନେରାଲ ତୁଷାର ମେହଟା ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ କହିଥିଲେ। ଏହା ପରେ ପ୍ରଧାନ ବିଚାରପତି ଏସ୍. ଏ. ବୋବ୍‌ଡେଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଆଲ୍ଲାହାବାଦ୍ କୋର୍ଟଙ୍କ ନିର୍ଦ୍ଦେଶ ସ୍ଥଗିତ ରଖିବାକୁ ରାୟ ଦେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହି ରାୟ ବଳବତ୍ତର ରହିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ଯୁଦ୍ଧଭୂଇଁରେ ଜୀବନ ଗଲା

ଏଣ୍ଡଜାମେନା,୨୦।୪

### ଚାଦ୍ ରାଷ୍ଟ୍ରପତିଙ୍କ ପରଲୋକ


ଇଦ୍ରିସ୍ ଡେବି ଇଟ୍‌ନୋ

ତିନି ଦଶନ୍ଧି ଧରି କ୍ଷମତାରେ ରହିବା ପରେ ବିଦ୍ରୋହୀଙ୍କ ସହ ସଂଘର୍ଷରେ ଚାଦ୍ ରାଷ୍ଟ୍ରପତି ଇଦ୍ରିସ୍ ଡେବି ଇଟ୍‌ନୋଙ୍କ ଜୀବନ ଯାଇଛି। ୬୮ ବର୍ଷୀୟ ଇଦ୍ରିସ୍ କ୍ଷମତାରେ ଦୀର୍ଘ ସମୟ ଧରି ରହିଥିବା ଆଫ୍ରିକାର ଅନ୍ୟତମ ଶାସକ। ୧୯୯୦ ଦଶକରେ ଏକ ସଶସ୍ତ୍ର ବିଦ୍ରୋହ ପରେ ସେ ଶାସନ ଭାର ହାତକୁ ନେଇଥିଲେ। ଏହି ସାର୍ବଭୌମ ରାଷ୍ଟ୍ରର ସୁରକ୍ଷା ପାଇଁ ଯୁଦ୍ଧଭୂଇଁରେ ଲଢ଼େଇ କରୁଥିବାବେଳେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ଜଣେ ସେନା ଜେନେରାଲ ସୂଚନା ଦେଇଛନ୍ତି।

ଏପ୍ରିଲ ୧୧ରେ ଚାଦ୍‌ରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସୋମବାର ଆସିଥିବା ଫଳାଫଳ ତାଙ୍କ ସପକ୍ଷରେ ଯାଇଥିଲା। ଇଦ୍ରିସ୍ ୮୦% ଭୋଟ ପାଇଥିବାରୁ ତାଙ୍କ ପାଇଁ ଷଷ୍ଠ ଥର ଲାଗି ଆଉ ୬ ବର୍ଷ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିବାର ପଥ ପରିଷ୍କାର ହୋଇଥିଲା। ପଡ଼ୋଶୀ ଲିବ୍ୟାର ବିଦ୍ରୋହୀଙ୍କ ବିରୋଧରେ ଏହାକୁ ଏକ ମହାନ୍ ବିଜୟ ବୋଲି ସେନା ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ଫ୍ରଣ୍ଟ ଫର୍ ଚ୍ୟାଲେଞ୍ଜ ଆଣ୍ଡ କନ୍‌କର୍ଡ ଇନ୍ ଚାଦ୍ ନାମକ ବିଦ୍ରୋହୀ ଗୋଷ୍ଠୀ ନିର୍ବାଚନ ଦିନ ଏକ ସୀମାନ୍ତ ପୋଷ୍ଟରେ ରାଷ୍ଟ୍ରପତିଙ୍କୁ ଆକ୍ରମଣ କରିଥିଲା। ଶନିବାର ସେନା ସହ ବିଦ୍ରୋହୀଙ୍କ ସଂଘର୍ଷ ଘଟିଥିଲା। ଏଥିରେ ୩୦୦ ବିଦ୍ରୋହୀ ନିହତ ହୋଇଥିବାବେଳେ ୧୫୦ ଜଣଙ୍କୁ ବନ୍ଦୀ କରାଯାଇଥିଲା। ସେହିପରି ୫ ସୈନ୍ୟଙ୍କ ଜୀବନ ଯାଇଥିବାବେଳେ ୩୬ ଜଣ ଆହତ ହୋଇଛନ୍ତି। ରାଷ୍ଟ୍ରପତିଙ୍କ ପରଲୋକ ପରେ ସରକାର ଓ ପାର୍ଲାମେଣ୍ଟକୁ ଭଙ୍ଗ କରାଯାଇଛି। ଆସନ୍ତା ୧୮ ମାସ ଧରି ଏକ ସାମରିକ ପରିଷଦ ଦେଶକୁ ଶାସନ କରିବ। ରାଷ୍ଟ୍ରପତିଙ୍କ ୩୭ ବର୍ଷୀୟ ପୁଅ ମହମତ ଇଦ୍ରିସ୍ ଡେବି ଇଟ୍‌ନୋ ଏହାର ନେତୃତ୍ୱ ନେବେ।

# କୌଣସି ସମୟରେ ମୃତ୍ୟୁ ଆଶଙ୍କା

ମସ୍କୋ, ୨୦।୪

### ଆଲେକ୍ସି ନଭଲନିଙ୍କ ସ୍ୱାସ୍ଥ୍ୟ ସଙ୍କଟାପନ୍ନ



୩ ସପ୍ତାହ ଧରି ଜେଲରେ ଅନଶନ ଜାରି ରଖିଥିବା ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ବିରୋଧୀ ଦଳ ନେତା ଆଲେକ୍ସି ନଭଲନି(୪୪)ଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଯେ କୌଣସି ମୁହୂର୍ତ୍ତରେ ତାଙ୍କର ମୃତ୍ୟୁ ଘଟିପାରେ ବୋଲି ନଭଲନିଙ୍କ ଓକିଲ କହିଛନ୍ତି। ସୋମବାର ତାଙ୍କୁ ମସ୍କୋଠାରୁ ପ୍ରାୟ ୧୮୦ କିମି ଦୂର ଭ୍ଲାଡିମିରରେ କଏଦୀଙ୍କ ପାଇଁ ଉଦ୍ଦିଷ୍ଟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଖାଦ୍ୟଗ୍ରହଣ କରୁ ନ ଥିବା ନଭଲନିଙ୍କ ସ୍ୱାସ୍ଥ୍ୟରେ ତୀବ୍ର ଅବନତି ଘଟୁଥିବା ନେଇ ୨ ଦିନ ପୂର୍ବରୁ ତାଙ୍କ ଡାକ୍ତର ସୂଚନା ଦେଇଥିଲେ। ଘଟଣାରେ ଆମେରିକା ତୀବ୍ର ପ୍ରତିକ୍ରିୟା ରଖିଛି। ଜେଲରେ ନଭଲନିଙ୍କ ମୃତ୍ୟୁ ଘଟିଲେ ମସ୍କୋ ଏହାର ପରିଣାମ ଭୋଗିବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସରକାର ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସରକାରୀ ଜେଲ କର୍ତ୍ତୃପକ୍ଷ ଏକ ବିବୃତିରେ କହିଛନ୍ତି। ନଭଲନିଙ୍କ ସ୍ୱାସ୍ଥ୍ୟ ବିଗୁଡୁଥିବା ନେଇ ଓକିଲ ଆଲେକ୍ସା ଲିପ୍ସର ତାଙ୍କୁ ସାକ୍ଷାତ କରିବା ପରେ ପ୍ରଘଟ କରିଥିଲେ। ଏହା ସତ୍ତ୍ୱେ ତାଙ୍କ ଚିକିତ୍ସା ପାଇଁ ନଭଲନିଙ୍କ ବ୍ୟକ୍ତିଗତ ଡାକ୍ତରଙ୍କୁ ଅନୁମତି ମିଳି ନ ଥିବା ଲିପ୍ସର ଅଭିଯୋଗ କରିଛନ୍ତି। ଶନିବାର ନଭଲନିଙ୍କ ଡାକ୍ତର କହିଥିଲେ ଯେ, ତାଙ୍କ ପରିବାର ରୁଷ ବିରୋଧି ଦଳ ନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚର ଯେଉଁ ରିପୋର୍ଟ ଦେଖାଇଛନ୍ତି ତାହା ବେଶ ଚିନ୍ତାଜନକ। ଯେ କୌଣସି ସମୟରେ ତାଙ୍କ ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଇପାରେ।

### ନଭଲନିଙ୍କୁ ଦିଆଯାଇଥିଲା ବିଷ

ରାଷ୍ଟ୍ରପତି ପୁଟିନଙ୍କ ଘୋର ସମାଲୋଚକ ତଥା ଦୁର୍ନୀତି ବିରୋଧୀ କ୍ୟାମ୍ପେନର ନଭଲନି ଗତ ଅଗଷ୍ଟ ୨୦ରେ ବିମାନ ଯାତ୍ରାବେଳେ ଅସୁସ୍ଥ ହୋଇପଡ଼ିଥିଲେ। ମସ୍କୋରେ ସାଇବେରିଆନ ହସ୍ପିଟାଲରେ ଚିକିତ୍ସା କରାଯିବା ପରେ ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ବର୍ଲିନ ନିଆଯାଇଥିଲା। ନିଷିଦ୍ଧ ନର୍ଭ ଏଜେଣ୍ଟ କ୍ରେମାଲିନ ତାଙ୍କୁ ବିଷ ଦେଇଥିବା ଜର୍ମାନ କର୍ତ୍ତୃପକ୍ଷ କହିଥିଲେ। ତେବେ ରୁଷ ଅଧିକାରୀ ଏହାକୁ ଖଣ୍ଡନ କରିଥିଲେ। ଗତ ଜାନୁୟାରୀରେ ଜର୍ମାନୀରୁ ଫେରିବା ପରେ ରୁଷିଆରେ ତାଙ୍କୁ ଗିରଫ କରାଯାଇଥିଲା। ପିଠି ଓ ଗୋଡ଼ରେ ଭୀଷଣ ଯନ୍ତ୍ରଣା ହେଉଥିଲେ ହେଁ ତାଙ୍କୁ ଜେଲରେ ଚିକିତ୍ସା ଯୋଗାଯାଉ ନ ଥିବା କହି ମାର୍ଚ୍ଚ ୩୧ରୁ ସେ ଅନଶନ ଜାରି ରଖିଛନ୍ତି।

### ଆଜି ଦେଶବ୍ୟାପୀ ଆନ୍ଦୋଳନ

ଜେଲରେ ବନ୍ଦୀ ରୁଷିଆ ବିରୋଧୀ ଦଳ ନେତା ଆଲେକ୍ସି ନଭଲନିଙ୍କ ସ୍ୱାସ୍ଥ୍ୟ ସଙ୍କଟାପନ୍ନ ଖବର ସାମ୍ନାକୁ ଆସିବା ପରେ ତାଙ୍କ ସମର୍ଥକମାନେ ବୁଧବାର ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଘୋଷଣା କରିଛନ୍ତି। ଏ ନେଇ ନଭଲନିଙ୍କ ପ୍ରବକ୍ତା କିରା ୟାରମିଶ୍ ଫେସ୍‌ବୁକ ପୋଷ୍ଟରେ ସୂଚନା ଦେଇଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୧/୨୦୨୧ | Bhubaneswar, Wednesday, April 21/2021 | ପୃଷ୍ଠା-୧




**ଅମିତଙ୍କୁ ୪ ଉଇକେଟ ସଫଳତା**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସର ଅମିତ ମିଶ୍ର ୪ ଉଇକେଟ ସଫଳତା ହାସଲ କରିଛନ୍ତି।

୧୪

୧୨

**ପ୍ରଡକ୍ସନ ହାଉସ୍ ଖୋଲିଲେ ଜମାଲ**

ଆକ୍ସନ ହିରୋ ବିଦ୍ୟୁତ୍ ଜମାଲ ନୂଆ ପ୍ରଡକ୍ସନ ହାଉସ୍ 'ଆକ୍ସନ ହିରୋ ଫିଲ୍ମସ୍' ଖୋଲିଛନ୍ତି।



ଲକଡାଉନ୍ ପାଇଁ ଘରବାହୁଡ଼ା ହେଉଛନ୍ତି ହଜାର ହଜାର ପ୍ରବାସୀ




# ଅକ୍ସିଜେନ୍ ହାହାକାର

ନୂଆଦିଲ୍ଲୀ/ମୁମ୍ବାଇ,୨୦।୪

ଭାଇରସ୍ ଚାଲିଗଲାଣି, ଆଉ କିଛି ହେବ ନାହିଁ। ଘାତକ ଭୂତାଣୁକୁ ନେଇ ସୁରକ୍ଷାର ଏଭଳି ମିଛ ଭାବନା ଭାରତୀୟମାନଙ୍କୁ ପୁଣିଥରେ ମହାମାରୀ କବଳକୁ ଟାଣିନେଇଛି। ଫଳରେ କୋଭିଡ୍-୧୯ ଭୂତାଣୁର ନୂଆ ଲହର ଦେଶକୁ ଏକ ବଡ଼ ବିପତ୍ତିକୁ ଡାକିଆଣିଛି। ସଂକ୍ରମଣ ରୋକିବା ପାଇଁ କେଉଁଠି ଭାକ୍ସିନର ଅଭାବ ତ ପୁଣି କେଉଁଠି ଚିକିତ୍ସାଧୀନ ଆକ୍ରାନ୍ତଙ୍କ ଲାଗି ଅକ୍ସିଜେନ ସଙ୍କଟ ଦେଖାଦେଲାଣି। ଜାତୀୟ ରାଜଧାନୀ ଦିଲ୍ଲୀ ହେଉ କି ଆର୍ଥିକ ରାଜଧାନୀ ମୁମ୍ବାଇ ସବୁଠି ଅକ୍ସିଜେନ, ଭେଣ୍ଟିଲେଟର, ଜୀବନ ରକ୍ଷକ ଔଷଧ ଓ ଜରୁରୀ ମେଡିକାଲ ଉପକରଣର ଘୋର ଅଭାବ ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଦୋହଲାଇ ଦେଇଛି। କରୋନା ରୋଗୀ ଚିକିତ୍ସାଧୀନ ବହୁ ହସ୍ପିଟାଲରେ ମହଜୁଦ ଥିବା ଅକ୍ସିଜେନ ମାତ୍ର କିଛି ଘଣ୍ଟାରେ ଶେଷ ହୋଇଯିବ ବୋଲି ଜଣାପଡ଼ିଛି। ଏଭଳି ସମୟରେ ଲୋକଙ୍କ ଜୀବନ ବଞ୍ଚାଇବା ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

ନୂଆଦିଲ୍ଲୀର ମ୍ୟାକ୍ସ ହସ୍ପିଟାଲ ଓ ଗଙ୍ଗାରାମ ହସ୍ପିଟାଲରେ ଥିବା ଅକ୍ସିଜେନ ଆଉ ମାତ୍ର କିଛି ସମୟ ମଧ୍ୟରେ ଶେଷ ହୋଇଯିବ। ଏହାକୁ ନେଇ ଚିନ୍ତିତ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଜରୁରୀ ସହାୟତା ମାଗିଛନ୍ତି। ଏହି ଦୁଇ ବଡ଼ ହସ୍ପିଟାଲକୁ କେନ୍ଦ୍ର ସରକାର ତୁରନ୍ତ ଅକ୍ସିଜେନ ନ ଯୋଗାଇଲେ ଅନେକ ରୋଗୀଙ୍କ ଜୀବନ ଚାଲିଯିବ ବୋଲି କେଜରିୱାଲ କହିଛନ୍ତି। ଜରୁରୀ ସମୟରେ ଅକ୍ସିଜେନ ଯୋଗାଣକୁ ☞ପୃଷ୍ଠା-୨

## ଦୋହଲିଲା ସ୍ୱାସ୍ଥ୍ୟ ଭିତ୍ତିଭୂମି



ଚିକିତ୍ସା ପାଇଁ ଅକ୍ସିଜେନ, ଜୀବନ ରକ୍ଷକ ସାମଗ୍ରୀ ଅଭାବ

## ଶିଳ୍ପ ଅପେକ୍ଷା କରିପାରିବ, କୋଭିଡ୍ ରୋଗୀ ନୁହେଁ

ନୂଆଦିଲ୍ଲୀ,୨୦।୪

**କେନ୍ଦ୍ରକୁ ହାଇକୋର୍ଟଙ୍କ ଭର୍ତ୍ସନା**

ମଣିଷ ଜୀବନ ବିପଦରେ ରହିଛି। ଶିଳ୍ପ ଅପେକ୍ଷା କରିପାରିବ କିନ୍ତୁ କରୋନା ସଂକ୍ରମିତ ପାରିବେ ନାହିଁ। ଜୀବନଠାରୁ ଆର୍ଥିକ ସ୍ୱାର୍ଥ ବଡ଼ ନୁହେଁ। ତେଣୁ ଇସ୍ପାତ୍ ଓ ପେଟ୍ରୋଲିୟମ୍ ଉତ୍ପାଦନକାରୀ ଶିଳ୍ପ ସଂସ୍ଥାଗୁଡ଼ିକୁ ଦିଆଯାଉଥିବା ଅକ୍ସିଜେନ ପରିମାଣକୁ ସୀମିତ କରି ତୁରନ୍ତ କରୋନା ସଂକ୍ରମିତଙ୍କୁ ଯୋଗାଇ ଦିଅ। ଜାତୀୟ ରାଜଧାନୀ ଦିଲ୍ଲୀରେ କୋଭିଡ୍-୧୯ ରୋଗୀମାନଙ୍କୁ ପର୍ଯ୍ୟାପ୍ତ ଅକ୍ସିଜେନ ଯୋଗାଇ ଦିଆଯାଉ ନ ଥିବାରୁ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଏଭଳି ଭାଷାରେ ତାଗିଦ କରିଛନ୍ତି ଦିଲ୍ଲୀ ହାଇକୋର୍ଟ। ଜଷ୍ଟିସ୍ ବିପିନ ସାଙ୍ଘି ଓ ରେଖା ପାଲ୍ଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଗଙ୍ଗାରାମ ହସ୍ପିଟାଲରେ କୋଭିଡ୍-୧୯ ରୋଗୀଙ୍କୁ ଦିଆଯାଉଥିବା ଅକ୍ସିଜେନ ☞ପୃଷ୍ଠା-୨

## 'ଅଧିକ ଅକ୍ସିଜେନ ବେଡ୍ ବ୍ୟବସ୍ଥା ନିଶ୍ଚିତ କର'

ଭୁବନେଶ୍ୱର,୨୦।୪(ବ୍ୟୁରୋ)



ନବୀନ ପଟ୍ଟନାୟକ

**ଫେରିପାରନ୍ତି ପ୍ରବାସୀ, ପ୍ରସ୍ତୁତ ରୁହ: ମୁଖ୍ୟମନ୍ତ୍ରୀ**

**ବରିଷ୍ଠ ଅଧିକାରୀ, ଜିଲାପାଳଙ୍କୁ ନିର୍ଦ୍ଦେଶ**

କରୋନାର ଦ୍ୱିତୀୟ ଲହର ଯୋଗୁ ରାଜ୍ୟର ସ୍ୱାସ୍ଥ୍ୟସେବା ଗୁରୁତର ଚାପରେ ରହିଛି। କିଛିଦିନ ହେଲା ଓଡ଼ିଶାରେ ସଂକ୍ରମିତଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ପୂର୍ବପ୍ରସ୍ତୁତି ଏବଂ ଆଗୁଆ ପଦକ୍ଷେପ ଯୋଗୁ ସଂକ୍ରମଣ ନିୟନ୍ତ୍ରଣ କରିବାରେ ଆମେ ଅନେକାଂଶରେ ସଫଳ ହୋଇଛୁ। ଏବେ ସବୁଠାରୁ ଖରାପ ପରିସ୍ଥିତିର ମୁକାବିଲା କରିବା ଲାଗି ପ୍ରସ୍ତୁତ ରହିବାକୁ ପଡ଼ିବ। ପ୍ରତିଟି ଜୀବନ ମୂଲ୍ୟବାନ। ରୋଗୀ ଯେପରି ସମ୍ମାନର ସହ ଚିକିତ୍ସା ସୁବିଧା ପାଇବେ ସେଥିଲାଗି ସମସ୍ତ ପ୍ରକାର ଉଦ୍ୟମ କରିବାକୁ ପଡ଼ିବ। ଏଥିପାଇଁ ଅଧିକ ଅକ୍ସିଜେନ ବେଡ୍ ବ୍ୟବସ୍ଥା ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଭିଡିଓ କନଫରେନ୍ସ ଜରିଆରେ ରାଜ୍ୟର କୋଭିଡ୍ ସ୍ଥିତିର ସମୀକ୍ଷା ☞ପୃଷ୍ଠା-୨

## ରାହୁଲ ଗାନ୍ଧୀ ସଂକ୍ରମିତ



ନୂଆଦିଲ୍ଲୀ, ୨୦।୪: କଂଗ୍ରେସ ନେତା ରାହୁଲ ଗାନ୍ଧୀ(୫୦) ମଙ୍ଗଳବାର କରୋନାରେ ସଂକ୍ରମିତ ହୋଇଛନ୍ତି। ଏ ନେଇ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଶରୀରରେ କୋଭିଡ୍‌ର ସାମାନ୍ୟ ଲକ୍ଷଣ ଦେଖାଯିବାରୁ ସେ ଟେଷ୍ଟ କରାଇଥିଲେ। ରିପୋର୍ଟ ପଜିଟିଭ୍ ଆସିଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଆପଣାଇବାକୁ ସେ ପରାମର୍ଶ ଦେଇଛନ୍ତି। ଗତ ୧୪ ତାରିଖରେ ରାହୁଲ ପଶ୍ଚିମବଙ୍ଗ ଉତ୍ତର ଦିନାଜପୁରଠାରେ ଅନୁଷ୍ଠିତ ରାଲିରେ ଯୋଗ ଦେଇଥିଲେ। ପରେ ସେ ସମସ୍ତ ନିର୍ବାଚନୀ ସଭା ବାତିଲ କରିଥିବା ଘୋଷଣା କରିଥିଲେ। ରାହୁଲ ସଂକ୍ରମିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଦ୍ରୁତ ଆରୋଗ୍ୟ କାମନା କରି ଟୁଇଟ୍ କରିଛନ୍ତି। ସୋମବାର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଏହା ପୂର୍ବରୁ ବରିଷ୍ଠ କଂଗ୍ରେସ ନେତା ରଣଦୀପ ସିଂ ସୂର୍ଯ୍ୟେୱାଲା ଓ ଦିଗ୍‌ବିଜୟ ସିଂ ସଂକ୍ରମିତ ହୋଇଛନ୍ତି।

**ଆଜିର ସମ୍ପାଦକୀୟ**

**ସୂକ୍ଷ୍ମ ତଫାତ୍**

## ରେଡ୍ ଜୋନ୍‌ରେ ୧୦ ଜିଲା


**ଦିନକରେ ୫ ମୃତ, ୪,୭୬୧ ପଜିଟିଭ୍**

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଭୟଙ୍କର ରୂପ ନେବାରେ ଲାଗିଛି। ଦିନକୁ ଦିନ ଏହି ମହାମାରୀ ନୂଆ ରେକର୍ଡ କରିଚାଲିଛି। ଏବେ ୫ହଜାର ମୁହାଁ ହେବାକୁ ଲାଗିଲାଣି ଦୈନିକ ସଂକ୍ରମଣ। ସୋମବାର ସର୍ବକାଳୀନ ଦୈନିକ ସଂକ୍ରମଣ ଚିହ୍ନଟ ହୋଇଥିବାବେଳେ ଗତ ୨୪ ଘଣ୍ଟାରେ ତାହାକୁ ପାର୍ କରିଯାଇଛି ଏହି ସଂଖ୍ୟା। ରାଜ୍ୟରେ ୪,୭୬୧ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୫ଜଣଙ୍କ ମୃତ୍ୟୁ ଘଟିଛି। ସେପଟେ ସୀମାନ୍ତବର୍ତ୍ତୀ ଜିଲାଗୁଡ଼ିକରେ ସ୍ଥିତି ଉଦ୍‌ବେଗଜନକ ହେଲାଣି। ଏବେ ରାଜ୍ୟରେ ସକ୍ରିୟ ରୋଗୀ ସଂଖ୍ୟାରେ ୧୦ଜିଲା ରେଡ୍ ଜୋନ୍‌ରେ ଥିବାବେଳେ ଏଥିରେ କେବଳ ୭ଟି ☞ପୃଷ୍ଠା-୨

**ଖୋର୍ଦ୍ଧାରେ ସର୍ବାଧିକ**

**୮୨୦**



### ପ୍ରବାସୀ ଶ୍ରମିକଙ୍କ ଲାଗି କଣ୍ଟ୍ରୋଲ ରୁମ୍

ନୂଆଦିଲ୍ଲୀ,୨୦।୪

ବର୍ତ୍ତମାନ କରୋନା ନିୟନ୍ତ୍ରଣ ଲାଗି ରାଜ୍ୟ ସ୍ତରରେ କଟକଣା କଡ଼ାକଡ଼ି ହୋଇଛି। ଏହି ସମୟରେ ପ୍ରବାସୀ ଶ୍ରମିକମାନେ ବିଭିନ୍ନ ସମସ୍ୟା ସାମ୍ନା କରିବା ଆଶଙ୍କା ରହିଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନଜରରେ ରଖି କେନ୍ଦ୍ର ସରକାର ପ୍ରବାସୀଙ୍କ ଲାଗି ଭୁବନେଶ୍ୱର ସମେତ ୨୦ କଣ୍ଟ୍ରୋଲ ରୁମ୍ ସ୍ଥାପନ କରିବା ନେଇ ମଙ୍ଗଳବାର ଘୋଷଣା କରିଛନ୍ତି। ପ୍ରବାସୀ ଶ୍ରମିକଙ୍କ ବେତନ ଅଭିଯୋଗ ଭଳି ବିଭିନ୍ନ ସମସ୍ୟା ସମାଧାନ କରିବା ଦିଗରେ ଏହି କଣ୍ଟ୍ରୋଲ ରୁମ୍‌ଗୁଡିକ କାମ କରିବ। ପ୍ରବାସୀଙ୍କୁ ☞ପୃଷ୍ଠା-୨



କୋଭିଡ୍‌ର ଭୟାନକ ସଂକ୍ରମଣକୁ ଦୃଷ୍ଟିରେ ରଖି ଓଡ଼ିଶାରେ ମାଟ୍ରିକ୍ ପରୀକ୍ଷା ବାତିଲ କରିବା ଦାବିରେ ମଙ୍ଗଳବାର ନବୀନ ନିବାସ ଅଭିମୁଖେ ଯାଇଥିବା ଛାତ୍ରୀଛାତ୍ରମାନେ ଭୁବନେଶ୍ୱର ଫରେଷ୍ଟ ପାର୍କ ରାସ୍ତାରେ ଧାରଣାରେ ବସିଛନ୍ତି।

## ଲକ୍‌ଡାଉନ୍ ଶେଷ ବିକଳ୍ପ

ନୂଆଦିଲ୍ଲୀ,୨୦।୪

**ଜାତି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା**



**ବିରୋଧୀ କହିଲେ ଫମ୍ପା ଭାଷଣ**

କୋଭିଡ୍-୧୯ ବିରୋଧରେ ଦେଶ ଏକ ବଡ଼ ଯୁଦ୍ଧକୁ ସାମ୍ନା କରୁଛି। ନିକଟରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଯୋଗୁ ସ୍ଥିତିରେ ସୁଧାର ଆସିବ। ଲକ୍‌ଡାଉନ୍ ଜାରି କରିବା ଶେଷ ବିକଳ୍ପ ହେବା ଉଚିତ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି। ରାତି ୮ଟା ୪୫ରେ ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରି ଏକ ଟେଲିଭିଜନ୍ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମକୁ ସବୁ ବଳ ଖଟାଇ ଭାଇରସ୍ ବିରୋଧରେ ଲଢ଼େଇ କରିବାକୁ ପଡ଼ିବ। ସମ୍ପ୍ରତି ଅକ୍ସିଜେନ ସଙ୍କଟ ଦେଖାଦେଇଛି। ଏହି ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମସ୍ତ ପକ୍ଷଙ୍କ ସହ ଆଲୋଚନା ଚାଲିଛି। ଗତବର୍ଷଠାରୁ ଏବର୍ଷର ସ୍ଥିତି ଭିନ୍ନ। ଏବେ ଆମ ପାଖରେ ଭାକ୍ସିନ, ପିପିଇ କିଟ୍ ଓ ଅନ୍ୟ ଜରୁରୀ ଉପକରଣ ଅଛି। ତେଣୁ ଲକ୍‌ଡାଉନ୍ ଶେଷ ବିକଳ୍ପ ହେବା ଉଚିତ। ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଉପରେ ଫୋକସ୍ ରହିବା ଉଚିତ। ରାଜ୍ୟଗୁଡ଼ିକ କୋଭିଡ୍-୧୯ ପ୍ରୋଟୋକଲକୁ କଡ଼ାକଡ଼ି କଲେ ଓ ତାକୁ ସମସ୍ତେ ମାନିଲେ ଲକ୍‌ଡାଉନ୍ ଜାରି କରିବାକୁ ପଡ଼ିବ ନାହିଁ। ଲୋକେ ଅନାବଶ୍ୟକ ଭାବେ ବାହାରକୁ ବାହାରନ୍ତୁ ନାହିଁ। ସମସ୍ତେ ଭାକ୍ସିନ ନିଅନ୍ତୁ ବୋଲି ମୋଦି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମହାମାରୀ ☞ପୃଷ୍ଠା-୨

## ଚାକିରି ସ୍ଥାୟୀ ନ ହେବାରୁ ଆତ୍ମାହୁତି

**ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ନେଲେ ଚରମ ପଦକ୍ଷେପ**



ଦୀନବନ୍ଧୁ ମିଶ୍ର

ସମ୍ବଲପୁର, ୨୦।୪ (ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ରେ କମ୍ପ୍ୟୁଟର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀ ଦୀନବନ୍ଧୁ ମିଶ୍ର (୫୦) ମଙ୍ଗଳବାର ଆତ୍ମାହୁତି ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ସମ୍ମୁଖରେ ସେ ନିଜ ଦେହରେ ଡିଜେଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏଥିରେ ତାଙ୍କ ଶରୀରର ପ୍ରାୟ ୯୦ ପ୍ରତିଶତ ଜଳିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବୁର୍ଲା ଭିମ୍‌ସାର ଓ ପରେ କଟକ ସ୍ଥାନାନ୍ତର କରାଯାଉଥିଲା। କଟକ ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ବୁର୍ଲା ଥାନା ଅଧିକାରୀ ବି.ବି. ଭୋଇ କହିଛନ୍ତି, ଦୀନବନ୍ଧୁଙ୍କୁ କଟକ ନିଆଯାଉଥିବାବେଳେ ଅନୁଗୋଳ ଜିଲା ଜରପଡାଠାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସ୍ଥାନୀୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ସେଠାରେ ରହିଛି। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ଚାକିରି ସ୍ଥାୟୀ ପାଇଁ ଦୀର୍ଘ ୨୭ ବର୍ଷ ସଂଘର୍ଷ ପରେ ଶେଷରେ ଜୀବନ ☞ପୃଷ୍ଠା-୨

## ମାଟ୍ରିକ୍ ପରୀକ୍ଷା ବାତିଲ ହେଉ

**ନବୀନ ନିବାସ ମୁହାଁ ସ୍କୁଲ ଛାତ୍ରୀଛାତ୍ର**

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ବିଭିନ୍ନ ସମୟରେ ଶିକ୍ଷକ ସଂଘଠାରୁ ଆରମ୍ଭ କରି ଛାତ୍ର ସଂଘ, ବିଭିନ୍ନ ସଂସ୍ଥା ଓ ରାଜନୈତିକ ଦଳ ଆନ୍ଦୋଳନକୁ ଓହ୍ଲାଇବା ସହ ନବୀନ ନିବାସ ଘେରାଉ କରିଥିବା ନଜିର ରହିଛି। ହେଲେ ଏବେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସ୍କୁଲ ଛାତ୍ରୀଛାତ୍ର। ମଙ୍ଗଳବାର ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର ନବୀନ ନିବାସ ଘେରାଉ କରିବା ସମସ୍ତଙ୍କୁ ଚକିତ କରିଦେଇଛି। ପୂର୍ବାହ୍ନ ପ୍ରାୟ ୯ଟାରେ ସ୍କୁଲ ୟୁନିଫର୍ମ ପିନ୍ଧି ଛାତ୍ରୀଛାତ୍ର ଏକତ୍ର ହୋଇ ନବୀନ ନିବାସ ଅଭିମୁଖେ ଯାଇଥିଲେ। ଦାବି ଥିଲା ଦଶମ ପରୀକ୍ଷା ବାତିଲ କରାଯାଉ। ନବୀନ ନିବାସ ଯିବା ପୂର୍ବରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଭେଟିଥିଲେ। ମନ୍ତ୍ରୀ କୌଣସି ସ୍ପଷ୍ଟ ସୂଚନା ଦେଇ ନ ପାରିବାରୁ ସେମାନେ ସେଠାରୁ ଫେରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଖା କରିବାକୁ ଯାଇଥିଲେ। ଭୁବନେଶ୍ୱରର ବିଭିନ୍ନ ସ୍କୁଲର ପ୍ରାୟ ଶତାଧିକ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ସେମାନେ ପରୀକ୍ଷା ବାତିଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିବାକୁ ଯାଇଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ସୁଯୋଗ ନ ମିଳିବାରୁ ସେମାନେ ଦାବିପତ୍ରକୁ ତାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରି ଫେରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନରୁ ଫେରି ଛାତ୍ରୀଛାତ୍ରମାନେ ଫରେଷ୍ଟ ପାର୍କ ରାସ୍ତାରେ ଧାରଣାରେ ବସିଥିଲେ। ଛାତ୍ରୀଛାତ୍ରଙ୍କ କହିବାନୁଯାୟୀ, ସିବିଏସ୍‌ଇ ଓ ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ବାତିଲ ହୋଇସାରିଛି। ତେଣୁ ବିଏସ୍‌ଇ (ମାଧ୍ୟମିକ ଶିକ୍ଷା ପରିଷଦ)ର ଦଶମ ଶ୍ରେଣୀ ପରୀକ୍ଷା ମଧ୍ୟ ବାତିଲ କରାଯାଉ। ଯଦି ପରୀକ୍ଷା ହେବ ସମସ୍ତଙ୍କର ହେଉ। ପାତର ଅନ୍ତର କରା ନ ଯାଉ। ☞ପୃଷ୍ଠା-୨

### ଆଇସିଏସ୍‌ଇ ଦଶମ ପରୀକ୍ଷା ବାତିଲ

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

କାଉନ୍‌ସିଲ୍ ଫର୍ ଦି ଇଣ୍ଡିଆନ ସ୍କୁଲ ଅଫ୍ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଇଣ୍ଡିଆନ ସ୍କୁଲ ଅଫ୍ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ଆଇସିଏସ୍‌ଇ) ଦଶମ ଶ୍ରେଣୀ ପରୀକ୍ଷା ବାତିଲ ହୋଇଛି। ଗତ ୧୬ରେ ଦଶମ ଶ୍ରେଣୀ ପରୀକ୍ଷା ସ୍ଥଗିତ ନିଷ୍ପତ୍ତି ହୋଇଥିଲା। କିନ୍ତୁ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସିଆଇଏସ୍‌ସିଇ ନିଷ୍ପତ୍ତି ବଦଳାଇଛି। ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାକୁ ବାତିଲ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ଅକ୍ସିଜେନ ଆବଶ୍ୟକ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେବା ଯୋଗାଣ ନିଶ୍ଚିତ କରିବାକୁ କେନ୍ଦ୍ର, ରାଜ୍ୟ ସରକାରଙ୍କ ସମେତ ଘରୋଇ କ୍ଷେତ୍ରଗୁଡ଼ିକ ଉଦ୍ୟମ ଚଳାଇଛନ୍ତି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ



ସଙ୍ଗୀତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମିସୋରି ହାଉସ୍ ସଦସ୍ୟଙ୍କୁ ବହିଷ୍କାର ପ୍ରସ୍ତାବ

**ନିଜ ୨ ଝିଅଙ୍କୁ ଯୌନଶୋଷଣ କରିଥିବା ଅଭିଯୋଗ**



ରିକ୍ ରୋବର

ଜେଫେରସନ ସିଟି, ୨୦।୪

ନିଜ ୨ ଝିଅଙ୍କୁ ଯୌନ ଶୋଷଣ ସହ ଶାରୀରିକ ନିର୍ଯାତନା ଦେବା ମାମଲାରେ ମିସୋରି ହାଉସ୍ ସଦସ୍ୟ ରିପବ୍ଲିକାନ ରିକ୍ ରୋବରଙ୍କୁ ଗୃହରୁ ବହିଷ୍କାର କରାଯିବାକୁ ମିସୋରି ହାଉସ୍ ଏଥିକ୍ସ କମିଟି ସୋମବାର ପ୍ରସ୍ତାବ ଆଗତ କରିଛି। ଚଳିତ ସପ୍ତାହରେ ଏହି ପ୍ରସ୍ତାବ ଉପରେ ଗୃହରେ ଭୋଟ ଗ୍ରହଣ କରାଯିବ। ରୋବରଙ୍କୁ ବହିଷ୍କାର ପାଇଁ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ରହିଛି। ୧୯୯୦ ଦଶକରେ ତାଙ୍କ ଦୁଇ ଝିଅ ୫ ଓ ୯ ବର୍ଷର ହୋଇଥିବାବେଳେ ସେମାନଙ୍କୁ ରୋବର ଯୌନ ନିର୍ଯାତନା ଦେଇଆସୁଥିଲେ। ଏଥିସହ ସେମାନଙ୍କୁ ବେଲ୍ଟରେ ନିଷ୍ଠୁର ଭାବେ ପିଟୁଥିଲେ। ଏ ନେଇ ପୂର୍ବରୁ ଏକାଧିକ ଅଭିଯୋଗ ରହିଥିଲେ ହେଁ ପ୍ରସିକ୍ୟୁଟରଙ୍କ ପକ୍ଷରୁ କୌଣସି ମାମଲା ରୁଜୁ ହୋଇ ନ ଥିବା ଉକ୍ତ କମିଟି ପ୍ରକାଶ କରିଛି। ଏବେ ରୋବରଙ୍କ ଝିଅମାନେ ସାବାଳିକା ହୋଇ ସାରିଥିବାବେଳେ ଗତ ସେପ୍ଟେମ୍ବରରେ ଘଟଣା ଉପରେ ଖୋଲାଖୋଲି ଅଭିଯୋଗ ଆଣିଥିଲେ। ଚଳିତ ବର୍ଷ ତଦନ୍ତକାରୀଙ୍କୁ ସେମାନେ ଏ ବାବଦରେ ସାକ୍ଷ୍ୟପ୍ରମାଣ ଦେଇଛନ୍ତି, ଯାହାକୁ ଏଥିକ୍ସ କମିଟି ଗ୍ରହଣ କରିଛି।

**ପ୍ରଥମ ପୃଷ୍ଠାରୁ...**

## ଅକ୍ସିଜେନ୍...

ସ୍ୱାଭାବିକ କରିବା ଲାଗି ସେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲଙ୍କ ହସ୍ତକ୍ଷେପ ଲୋଡ଼ି ଏକ ପତ୍ର ମଧ ଲେଖିଥିବା ନେଇ ଟୁଇଟ୍ କରିଛନ୍ତି। ଦିଲ୍ଲୀ ସରକାର କୋଭିଡ୍ ରୋଗୀଙ୍କ ପାଇଁ ଅକ୍ସିଜେନ ଦ୍ୱାରା ଚିକିତ୍ସାକୁ ସୁନିଶ୍ଚିତ କରିବା ଲାଗି ସୋମବାର ଏକ ୨୪ ଜଣିଆ 'ଅକ୍ସିଜେନ ଅଡିଟ୍ କମିଟି' ଗଠନ କରିଛନ୍ତି। କେଉଁ ସ୍ଥାନରେ ଅକ୍ସିଜେନ ବ୍ୟବହାର ବେଳେ ଅବହେଳା କରାଯାଉଛି ତାହା ଉକ୍ତ କମିଟି ତଦାରଖ କରିବ। ସେହିପରି ମହାରାଷ୍ଟ୍ରରେ ମଧ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଛି। ବିଭିନ୍ନ ହସ୍ପିଟାଲରେ ରୋଗୀ ଅକ୍ସିଜେନ ନ ପାଇ ମୃତ୍ୟୁ ମୁଖକୁ ଠେଲି ହୋଇଯାଉଛନ୍ତି। ରାଜ୍ୟରେ ୬.୩୮ ଲକ୍ଷ ସକ୍ରିୟ ମାମଲା ରହିଛି। ଆକ୍ରାନ୍ତଙ୍କ ମଧରୁ ୧୦%ଙ୍କୁ ଅକ୍ସିଜେନ ଦିଆଯାଉଛି। ମହାରାଷ୍ଟ୍ରରେ ଦୈନିକ ୧,୨୫୦ ଟନ୍ ମେଡିକାଲ ଅକ୍ସିଜେନ ଉତ୍ପାଦନ ହେଉଥିବାବେଳେ କୋଭିଡ୍ ରୋଗୀଙ୍କ ଚିକିତ୍ସାରେ ସବୁ ଶେଷ ହୋଇଯାଉଛି। ଉଦ୍ଧବ ଠାକ୍‌ରେ ସରକାର ଏବେ ଛତିଶଗଡ଼ ଓ ଗୁଜରାଟଠାରୁ ଅତିରିକ୍ତ ୫୦ ଟନ୍ ଲେଖାଏ ଅକ୍ସିଜେନ ନେଉଛନ୍ତି। ସେହିପରି ଗୁଜରାଟସ୍ଥିତ ଜାମ୍‌ନଗର ରିଲାଏନ୍ସ ପ୍ଲାଣ୍ଟରୁ ଦୈନିକ ୧୦୦ ଟନ୍ ଅକ୍ସିଜେନ ନେବା ପାଇଁ ଯୋଜନା କରୁଛନ୍ତି। ମଧପ୍ରଦେଶରେ ଦିନକୁ ୨୫୦ ଟନ୍ ଅକ୍ସିଜେନ ଦରକାର ପଡୁଥିବାବେଳେ ନିଜସ୍ୱ ଉତ୍ପାଦନ ପ୍ଲାଣ୍ଟ ନ ଥିବାରୁ ଗୁଜରାଟ, ଛତିଶଗଡ଼ ଓ ଉତ୍ତରପ୍ରଦେଶ ସରକାରଙ୍କ ଉପରେ ନିର୍ଭର କରିବାକୁ ପଡୁଛି। କିନ୍ତୁ ଏହି ରାଜ୍ୟଗୁଡ଼ିକରେ ମଧ ସ୍ଥିତି ଦୟନୀୟ ଅବସ୍ଥାକୁ ଚାଲିଆସିଥିବାରୁ ଆଗକୁ ଅକ୍ସିଜେନ୍ ଯୋଗାଣ ବ୍ୟାହତ ହୋଇପାରେ। ଗୁଜରାଟକୁ ମଧ ସଂକ୍ରମିତଙ୍କୁ ଚିକିତ୍ସା ପାଇଁ ୫୦୦ ଟନ୍ ଅକ୍ସିଜେନ ଆବଶ୍ୟକ ହେଉଛି।

୧୨ ସର୍ବାଧିକ କରୋନା ପ୍ରଭାବିତ ରାଜ୍ୟ ମହାରାଷ୍ଟ୍ର, ମଧପ୍ରଦେଶ, ଗୁଜରାଟ, ରାଜସ୍ଥାନ, କର୍ଣ୍ଣାଟକ, ୟୁପି, ଦିଲ୍ଲୀ, ଛତିଶଗଡ଼, କେରଳ, ତାମିଲନାଡୁ, ପଞ୍ଜାବ ଓ ହରିୟାଣାରେ ଆଗକୁ ସ୍ଥିତି ଆହୁରି ଜଟିଳ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ କ୍ଷମତାସମ୍ପନ୍ନ ଗ୍ରୁପ୍-୨ ଅକ୍ସିଜେନ ଓ ଅନ୍ୟ ଉପକରଣ ସଙ୍କଟ ତଦାରଖ କରିବା ବଳକା ଥିବା ରାଜ୍ୟଗୁଡ଼ିକରୁ ଏହି ୧୨ ରାଜ୍ୟକୁ ତିନୋଟି ପର୍ଯ୍ୟାୟରେ ୧୭,୦୦୦ ଟନ୍ ଅକ୍ସିଜେନ ପଠାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାସହ ସାରା ଦେଶରେ ଅକ୍ସିଜେନ ସଙ୍କଟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୫୦,୦୦୦ ଟନ୍ ମେଡିକାଲ ଅକ୍ସିଜେନ ଆମଦାନୀ ପାଇଁ ଯୋଜନା କରିଛନ୍ତି।

## ଶିଳ୍ପ ଅପେକ୍ଷା...

ମାତ୍ରା ହ୍ରାସ କରିବା ପାଇଁ ଡାକ୍ତରମାନଙ୍କୁ ବାଧ କରାଯାଉଛି ବୋଲି ଆମେ ଜାଣିବାକୁ ପାଇଛୁ। ଏମିତି କେଉଁ ଇଣ୍ଡଷ୍ଟ୍ରି ସବୁ ରହିଛି, ଯାହାର ଅକ୍ସିଜେନ ଯୋଗାଣକୁ ସୀମିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏହାସହ ସଂକ୍ରମିତ ରୋଗୀଙ୍କୁ ଅକ୍ସିଜେନ ଯୋଗାଣ ତ୍ୱରାନ୍ୱିତ କରିବା ଲାଗି କି ପଦକ୍ଷେପ ନିଆଯାଇପାରିବ ବୋଲି କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ମୋନିକା ଆରୋରାଙ୍କୁ ଖଣ୍ଡପୀଠ ପଚାରିଛନ୍ତି।

## 'ଅଧିକ ଅକ୍ସିଜେନ...

କରି ବରିଷ୍ଠ ଅଧିକାରୀ ଏବଂ ଜିଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର କିମ୍ବା ଜନସାଧାରଣ କେହି ହେଲେ ଲକ୍‌ଡାଉନ୍ ଚାହାନ୍ତି ନାହିଁ। ବିନା ଲକ୍‌ଡାଉନ୍‌ରେ ପରିସ୍ଥିତିର ମୁକାବିଲା କରାଯିବା ଜରୁରୀ। କରୋନା ଗାଇଡ୍ ଲାଇନ ପାଳନ, ମାସ୍କ ବ୍ୟବହାର ଓ ସାମାଜିକ ଦୂରତ୍ୱ ରକ୍ଷା ଏଥିରେ ଅନେକାଂଶରେ ସାହାଯ୍ୟ କରିବ। ଏଥିଲାଗି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀ ସହଯୋଗ ଲୋଡ଼ିଛନ୍ତି।

ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଲେ, ଆମେ ଏବେ ସବୁଠାରୁ ଗମ୍ଭୀର ସମୟ ଦେଇ ଗତି କରୁଛେ। ସମସ୍ତେ ଦାୟିତ୍ୱବାନ ହୋଇ ପରିସ୍ଥିତିର ସାମ୍ନା କଲେ ନିଶ୍ଚିତ ସଫଳତା ମିଳିବ। କୋଭିଡ୍ ମହାମାରୀର ମୁକାବିଲା ଲାଗି ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀ ଓ ଜିଲାପାଳଙ୍କୁ ୬ ସୂତ୍ରୀ ପରାମର୍ଶ ଦେଇଛନ୍ତି। ଯୁଦ୍ଧକାଳୀନଭିତ୍ତିରେ ରାଜ୍ୟରେ କୋଭିଡ୍ ହସ୍ପିଟାଲଗୁଡ଼ିକରେ ଶଯ୍ୟାସଂଖ୍ୟା ବୃଦ୍ଧି, ଅଧିକ କୋଭିଡ୍ କେୟାର ସେଣ୍ଟର ସ୍ଥାପନ, ଅକ୍ସିଜେନ ବେଡ୍ ସଂଖ୍ୟା ବଢ଼ାଇବା, ଅକ୍ସିଜେନ ଯୋଗାଣ ବ୍ୟବସ୍ଥା ତଦାରଖ କରିବା, ହସ୍ପିଟାଲରେ ଆବଶ୍ୟକ ଉପକରଣ ସୁନିଶ୍ଚିତ କରିବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ଅନେକ ରାଜ୍ୟରେ ଜଟିଳ ରୋଗରେ ପୀଡ଼ିତ ରୋଗୀଙ୍କ ଲାଗି ଔଷଧ ସଙ୍କଟ ଦେଖାଦେଇଛି। ହେଲେ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣର ଔଷଧ ଗଚ୍ଛିତ ରହିଛି। ତଥାପି ଆଗାମୀ ସମୟକୁ ନଜରରେ ରଖି ଅଧିକ ଔଷଧର ବଫର ଷ୍ଟକ୍ ନିଶ୍ଚିତ କରିବାକୁ କୁହାଯାଇଛି। ଏଥିସହ ଦ୍ୱିତୀୟ ଲହର ସଂକ୍ରମଣର ଭୟାବହତା ବିଷୟରେ ଲୋକଙ୍କୁ ସଚେତନ କରିବ ସହ କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ ଲାଗି ପଦକ୍ଷେପ ନେବା, ଏଥିରେ ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧି, ମିଶନ ଶକ୍ତି ସଙ୍ଗଠନକୁ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଅନ୍ୟ ରାଜ୍ୟରେ କରୋନା ସ୍ଥିତି ସାଂଘାତିକ ରହିଛି। ବାହାର ରାଜ୍ୟରୁ ପ୍ରବାସୀ ଶ୍ରମିକମାନେ ଫେରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିଲାଗି ଜିଲାପାଳମାନେ ପ୍ରସ୍ତୁତ ରହିବା ଆବଶ୍ୟକ। ସେମାନଙ୍କ କରୋନା ପରୀକ୍ଷା, କ୍ୱାରାଣ୍ଟାଇନ୍ ବ୍ୟବସ୍ଥା ସୁନିଶ୍ଚିତ କରିବା ଜରୁରୀ। ପ୍ରବାସୀଙ୍କ ଥଇଥାନ ଲାଗି ନିୟୋଜିତ ପର୍ଯ୍ୟବେକ୍ଷକ ଏବଂ ଅନ୍ୟମାନଙ୍କୁ ସର୍ବଶ୍ରେଷ୍ଠ ଉଦ୍ୟମ କରିବାକୁ ପଡ଼ିବ। ରାଜ୍ୟବାସୀ ଦାୟିତ୍ୱବାନ ହୋଇ କାର୍ଯ୍ୟ ନ କଲେ ଭୟଙ୍କର ବିପଦର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ କୋଭିଡ୍ ମୁକାବିଲାକୁ ଜୋରଦାର କରାଯିବ। ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଦେଶର ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର କରୋନା ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଦେଶର ମୋଟ ସଂକ୍ରମିତଙ୍କ ମଧରେ ଓଡ଼ିଶାରେ ୧.୮୩% ରୋଗୀ ଅଛନ୍ତି। ସେହିପରି ରାଜ୍ୟରେ ସୁସ୍ଥତା ହାର ୯୨.୧୦% ବୋଲି ସେ ସୂଚନା ଦେଇଥିଲେ। ଉନ୍ନୟନ କମିଶନର ପ୍ରଦୀପ ଜେନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକକୁ ପରିଚାଳନା କରିଥିଲେ।

## ରେଡ୍ ଜୋନ୍‌ରେ...

ସୀମାବର୍ତ୍ତୀ ଜିଲା ରହିଛି। ସେଗୁଡ଼ିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି। ପୂର୍ବ ଓଡ଼ିଶାର ଖୋର୍ଦ୍ଧା, ପୁରୀ ଓ କଟକ ଜିଲା ମଧ ରେଡ୍ ଜୋନ୍‌ରେ ରହିଛି। ସୁନ୍ଦରଗଡ଼ରେ ସର୍ବାଧିକ ୪,୩୭୯ ସକ୍ରିୟ ରୋଗୀ ଥିବାବେଳେ ଖୋର୍ଦ୍ଧାରେ ୪,୩୧୮ ଜଣ ରହିଛନ୍ତି। ସେହିପରି ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଓ ନବରଙ୍ଗପୁର ୟେଲୋ ଜୋନ୍‌ରେ ରହିଛି। ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୮୨୦ ଜଣ ରହିଛନ୍ତି। ସେହିପରି ସୁନ୍ଦରଗଡ଼ରୁ ୬୭୩, ନୂଆପଡ଼ା ୫୩୪, ବଲାଙ୍ଗୀର ୩୨୨, ଝାରସୁଗୁଡ଼ା ୨୩୪, ବରଗଡ଼ ୧୯୮, ପୁରୀ ୧୯୩, ସମ୍ବଲପୁର ୧୮୩, କଟକ ୧୭୬, କଳାହାଣ୍ଡି ୧୬୭, ନବରଙ୍ଗପୁର ୧୫୪, କେନ୍ଦୁଝରରୁ ୧୦୩ଜଣ ରହିଛନ୍ତି। ଅନ୍ୟ ସବୁ ଜିଲାରେ ସଂକ୍ରମଣ ସଂଖ୍ୟା ଶହେ ତଳକୁ ରହିଛି। ଫଳରେ ରାଜ୍ୟରେ ଏବେ ମୋଟ ପଜିଟିଭ୍ ସଂଖ୍ୟା ୩,୭୭,୪୬୪ରେ ପହଞ୍ଚିଛି। ଅପରପକ୍ଷେ ରାଜ୍ୟରେ ଆଉ ୫ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧରେ ନୂଆପଡ଼ା ଜିଲାରୁ ୩ଜଣ ଥିବାବେଳେ କେନ୍ଦୁଝର ଓ ରାୟଗଡ଼ା ଜିଲାରେ ଜଣେ ଲେଖାଏ ରହିଛନ୍ତି। ଏବେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୯୫୩ ଛୁଇଁଛି। ଅନ୍ୟପକ୍ଷରେ ଛତିଶଗଡ଼ ପାଇଁ ଓଡ଼ିଶାରେ ସଂକ୍ରମଣ ବୃଦ୍ଧି ପାଉଛି ବୋଲି ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍)ର ନିର୍ଦ୍ଦେଶକ ଅଜୟ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାର ସୀମାବର୍ତ୍ତୀ ଜିଲାଗୁଡ଼ିକରେ ସଂକ୍ରମଣ ବଢୁଥିବାରୁ ସେଠାରୁ ଆସୁଥିବା ଲୋକଙ୍କ ଦ୍ୱାରା ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଛତିଶଗଡ଼ରେ ସଂକ୍ରମଣ ହିଁ ଆମ ରାଜ୍ୟରେ ସଂଖ୍ୟା ବଢ଼ାଇବାରେ ପ୍ରମୁଖ କାରଣ। ଏହାଛଡ଼ା ଲୋକେ ଅମାନିଆ ହେବାରୁ ମଧ ସଂଖ୍ୟା ବଢୁଛି। ତେବେ ପଞ୍ଜାବ, ମହାରାଷ୍ଟ୍ରରେ ଯେଉଁ ମ୍ୟୁଟେଶନରେ ସଂକ୍ରମଣ ବ୍ୟାପୁଛି ଓଡ଼ିଶାରେ ସେ ମ୍ୟୁଟେଶନର ପ୍ରଭାବ ନାହିଁ ବୋଲି ଆଇଏଲଏସ ନିର୍ଦ୍ଦେଶକ କହିଛନ୍ତି। ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକାର ଷ୍ଟ୍ରେନ ଏପର୍ଯ୍ୟନ୍ତ ରାଜ୍ୟରେ ଦେଖିବାକୁ ମିଳିନାହିଁ। ବର୍ତ୍ତମାନ ଦେଶରେ ଯେଉଁ ସଂକ୍ରମଣ ବ୍ୟାପୁଛି ତାହା ୩ଟି ମ୍ୟୁଟେଶନ ବୋଲି କୁହାଯାଉଛି।

## ପ୍ରବାସୀ ଶ୍ରମିକଙ୍କ...

ସହାୟତା କରିବା ଦିଗରେ ଏହା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରମ ସଚିବ ଅପୂର୍ବ ଚନ୍ଦ୍ର କହିଛନ୍ତି। ଗତ ବର୍ଷ ଯେତେ ସଂଖ୍ୟକ ଅଧିକାରୀ ଏହି କଣ୍ଟ୍ରୋଲ ରୁମ୍‌ଗୁଡିକରେ ନିୟୋଜିତ ହୋଇଥିଲେ ଚଳିତ ବର୍ଷ ତା'ଠାରୁ ଅଧିକ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି ବୋଲି କେନ୍ଦ୍ରାଞ୍ଚଳର ମୁଖ୍ୟ ଶ୍ରମ କମିଶନ ଡିପିଏସ୍ ନେଗୀ କହିଛନ୍ତି। ସେ କହିଛନ୍ତି, ବିଭିନ୍ନ ରାଜ୍ୟର ରାଜ୍ୟ ସରକାରଙ୍କ ସହ ମିଳିତ ହୋଇ ଏହି କଣ୍ଟ୍ରୋଲ ରୁମ୍ କାମ କରିବ। ଗତ ବର୍ଷ ଏହା ଦ୍ୱାରା ଅନେକ ପ୍ରବାସୀ ଲାଭବାନ ହୋଇଛନ୍ତି। ଇ-ମେଲ୍ ମୋବାଇଲ ଏବଂ ହ୍ୱାଟ୍ସଆପ୍ ଦ୍ୱାରା ଏହି କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ କରାଯାଇପାରିବ। ଲେବର ଏନ୍‌ଫୋର୍ସମେଣ୍ଟ ଅଫିସର, ଆସିଷ୍ଟାଣ୍ଟ ଲେବର କମିଶନର, ଆଞ୍ଚଳିକ ଶ୍ରମ କମିଶନର, ବିଭିନ୍ନ ଅଞ୍ଚଳର ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଦାୟିତ୍ୱରେ ମଧ ରହିଛନ୍ତି। ସବୁ କାମକୁ ମୁଖ୍ୟ ଶ୍ରମ ଆୟୁକ୍ତ ତଦାରଖ କରିବେ।

## ଲକ୍‌ଡାଉନ୍ ଶେଷ...

ବିରୋଧରେ ଅଦମ୍ୟ ଉଦ୍ୟମ କରୁଥିବା ଡାକ୍ତର ଓ ସ୍ୱାସ୍ଥ୍ୟସେବା କର୍ମୀମାନଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ବିରୋଧୀ ଦଳଗୁଡ଼ିକ ତାଙ୍କୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ଏହାକୁ ଏକ ଫମ୍ପା ଭାଷଣ ବୋଲି ଅଭିହିତ କରିଛି। ଦଳର ମୁଖପାତ୍ର ଅଜୟ୍ ମାକେନ କହିଛନ୍ତି, ହସ୍ପିଟାଲରେ ଶଯ୍ୟା, ଅକ୍ସିଜେନ ମିଳୁ ନ ଥିବାରୁ ଏସବୁ ଉପଲବ୍ଧ କରାଇବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ମୋଦି ତାହା ଜଣାଇବା କଥା। ହେଲେ ମହାମାରୀରେ ଲୋକେ ମରୁଥିବାବେଳେ ସେ ଦେଶ ସୁରକ୍ଷା ଦାୟିତ୍ୱରୁ ଓହରିଯାଇ ଏନ୍‌ଜିଓ, ଶିଶୁ ଓ ଯୁବପିଢ଼ି ଉପରେ ବୋଝ ଲଦି ଦେଇଛନ୍ତି। ସେହିପରି ଭାରତର କମ୍ୟୁନିଷ୍ଟ ପାର୍ଟି-ମାର୍କ୍ସବାଦୀ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ମତରେ ଗତବର୍ଷର ଲକ୍‌ଡାଉନ୍ ଦେଶ ପାଇଁ ବିପର୍ଯ୍ୟୟ ଥିଲା ବୋଲି ପ୍ରଧାନମନ୍ତ୍ରୀଙ୍କ ଭାଷଣ ଏକ ସ୍ୱୀକାରୋକ୍ତି। ସେ ରାଜ୍ୟଗୁଡ଼ିକ ଉପରେ ବୋଝ ଲଦିଦେଇଛନ୍ତି। କେନ୍ଦ୍ର ସରକାର କ'ଣ କରୁଛନ୍ତି ସେନେଇ ମୋଦି ପଦୁଟିଏ କହିଲେ ନାହିଁ। ସେହିପରି ତୃଣମୂଳ କଂଗ୍ରେସ ମୁଖପାତ୍ର ଡେରେକ୍ ଓ'ବ୍ରିଏନ୍ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟୁଇଟ୍ କରିଛନ୍ତି, ଆପଣ କ୍ଷମତାକୁ ଲୋଭ କଲେ। ତା'ପରେ ଖାଲି କଥା କହି ଲୋକଙ୍କୁ ବୋକା ବନାଇଲେ। ବହୁତ ହୋଇଗଲା, ଭାକ୍ସିନ କାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସର୍ବାଧିକ କରୋନା ପ୍ରଭାବିତ ରାଜ୍ୟ ମହାରାଷ୍ଟ୍ରର ମହାବିକାଶ ଅଘାଡ଼ି ସରକାର ମଧ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ଶିବସେନାର ରାଜ୍ୟ ସଭା ସଦସ୍ୟା ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ମୋଦି ଶୃଙ୍ଖଳା ଓ ସାହସ ଦେଖାଇବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। ୫ ରାଜ୍ୟର ବିଧାନସଭା ନିର୍ବାଚନ ବେଳେ ଏହା କାହିଁକି ପ୍ରଯୁଜ୍ୟ ହେଲା ନାହିଁ। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ କ୍ୟାବିନେଟ ସହଯୋଗୀ ତଥା ଜାତୀୟତାବାଦୀ କଂଗ୍ରେସ ପାର୍ଟି ମୁଖପାତ୍ର ନୱାବ୍ ମଲିକ୍ କହିଛନ୍ତି, ମୋଦି ପ୍ରବାସୀ ଶ୍ରମିକ ଓ ଅନ୍ୟ ଦୁର୍ବଳ ବର୍ଗଙ୍କ ପାଇଁ ରିଲିଫ୍ ପ୍ୟାକେଜ ଘୋଷଣା କରିବେ ବୋଲି ଲୋକେ ଆଶା କରିଥିଲେ। ହେଲେ ସେ ସମସ୍ତଙ୍କୁ ନିରାଶ କରିଛନ୍ତି।

## ଚାକିରି ସ୍ଥାୟୀ...

ହାରିବା ଘଟଣା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କୁ ହଇରାଣରେ ପକାଇଦେଇଛି। ପୁଅ ଅଭିଷେକ ଅଭିଯୋଗ କରିଛନ୍ତି ଯେ, ବାପା ଅନେକଥର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, କୁଳପତି, ଜିଲାପାଳ, ଆର୍‌ଡିସି ଏପରି କି ୫-ଟିରେ ଅଭିଯୋଗ କରିଥିଲେ। ଚାକିରି ସ୍ଥାୟୀ ପାଇଁ ଯୋଗ୍ୟ ଥିବାବେଳେ ତାଙ୍କୁ ଜାଣିଶୁଣି ହଇରାଣ କରାଯାଉଥିଲା। ସେ ସବୁବେଳେ ମାନସିକ ଚାପରେ ରହୁଥିଲେ। ନୂତନ ଭାବେ ଯୋଗଦେଇଥିବା କୁଳପତି ବାପାଙ୍କୁ ଦୁଇଦିନ ହେଲା ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ମଙ୍ଗଳବାର ନିଜ ଚାମ୍ବରକୁ ଡାକି ତାଙ୍କୁ ଗାଳିଗୁଲଜ ସହ ଦୁର୍ବ୍ୟବହାର କରିଥିଲେ। ପୂର୍ବରୁ ମାନସିକ ଚାପ ଓ ଆଜିର ଘଟଣାକୁ ସହ୍ୟ କରି ନ ପାରି ସେ ଆତ୍ମାହୁତି ଦେଇଥିବା ଅଭିଷେକ କହିଛନ୍ତି। ଅନ୍ୟପଟେ ଦୀନବନ୍ଧୁଙ୍କ ଓକିଲ ମନୋଜ ମହାନ୍ତି କହିଛନ୍ତି, ତାଙ୍କ ଚାକିରି ସ୍ଥାୟୀ ପାଇଁ ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା। ୨ମାସ ଭିତରେ ଏହାର ସମାଧାନ କରି ସ୍ଥାୟୀ ନିଯୁକ୍ତି ଦେବାକୁ ହାଇକୋର୍ଟ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ। ୨ବର୍ଷ ବିତିଯାଇଥିଲେ ମଧ ଏ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏ ସମ୍ପର୍କରେ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ କହିଛନ୍ତି, ସ୍ଥାୟୀ ଚାକିରି ନେଇ ଦୀନବନ୍ଧୁ ତାଙ୍କ ପାଖରେ କୌଣସି ଦାବି କରି ନ ଥିଲେ। ବିଶ୍ୱବିଦ୍ୟାଳୟ ପରିସରରୁ କେତେକ ସ୍କ୍ରାପ୍ ସାମଗ୍ରୀ ଚୋରି ହୋଇଥିବା ନେଇ ଦୀନବନ୍ଧୁ ରେଜିଷ୍ଟ୍ରାରଙ୍କ ପାଖରେ ଅଭିଯୋଗ କରିଥିଲେ। ଏହାକୁ ନେଇ ତାଙ୍କ ସହିତ ଆଜି ଆଲୋଚନା ହୋଇଥିଲା। ଚୋରି ସମ୍ପର୍କରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୋଲିସରେ ଅଭିଯୋଗ କରାଯିବ ବୋଲି ତାଙ୍କୁ କୁହାଯାଇଥିଲା। ସେ ବିରକ୍ତି ପ୍ରକାଶ କରି ଚାମ୍ବରରୁ ଚାଲିଯାଇଥିଲେ। ପରେ ସିଣ୍ଡିକେଟ୍ ହଲ୍‌ରେ ଏକାଡେମିକ୍ କାଉନସିଲ୍‌ର ବୈଠକ ଅନୁଷ୍ଠିତ ହେଉଥିଲା। ଏହି ସମୟରେ ମୁଖ୍ୟ ଗେଟ୍ ନିକଟରେ ଦୀନବନ୍ଧୁ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏଭଳି ଅଘଟଣ ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୀନବନ୍ଧୁଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।

## ମାଟ୍ରିକ୍ ପରୀକ୍ଷା...

ସରକାର ଏନେଇ ଶୀଘ୍ର ନିଷ୍ପତ୍ତି ନିଅନ୍ତୁ। ସରକାର ଯଦି ଦୁଇଦିନ ଭିତରେ କିଛି ନିଷ୍ପତ୍ତି ନ ନେଲେ ତେବେ ମାଷ୍ଟର କ୍ୟାଣ୍ଟିନରେ ଆନ୍ଦୋଳନ କରିବୁ ବୋଲି ଛାତ୍ରୀଛାତ୍ର ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏ ନେଇ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ପରୀକ୍ଷା ବାତିଲ୍ ନେଇ ଚିଠି ଲେଖାଯାଇଛି। ଦଶମ ପରୀକ୍ଷା ବାତିଲ ହେବ କି ନାହିଁ ସେ ସବୁ ଦିଗରେ ତର୍ଜମା କରାଯାଉଛି। ବାତିଲ ହେଲେ ପିଲାଙ୍କୁ ମାର୍କ କେମିତି ଦିଆଯିବ ସେସବୁ ଦିଗରେ ସମୀକ୍ଷା କରାଯାଉଛି। ଏନେଇ ଖୁବ୍‌ଶୀଘ୍ର ସରକାର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ କରୋନାର ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଗତ ୧୫ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟ ଦଶମ ଓ ଯୁକ୍ତ୨ ପରୀକ୍ଷାକୁ ସ୍ଥଗିତ ରଖିଥିଲେ। କରୋନା ସ୍ଥିତିରେ ସୁଧାର ଆସିଲା ପରେ ପରୀକ୍ଷା ନେଇ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ।

## ଆଇସିଏସ୍‌ଇ ଦଶମ...

କରାଯାଇଛି। ଅନ୍ୟପକ୍ଷରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସ୍ଥଗିତ ନିଷ୍ପତ୍ତି ଏବେ ବି କାଏମ ରହିଛି। ଏ ନେଇ ସିଆଇଏସ୍‌ସିଇ ମଙ୍ଗଳବାର ଘୋଷଣା କରିଛି। ପ୍ରଥମେ ସିଆଇଏସ୍‌ସିଇ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ପରୀକ୍ଷାକୁ ଅପ୍ସନାଲ୍ (ଇଚ୍ଛାଧୀନ) ଭାବେ ରଖାଯାଇଥିଲା। ଯେଉଁ ଛାତ୍ରୀଛାତ୍ରମାନେ ପରୀକ୍ଷାରେ ଉପସ୍ଥିତ ରହିବାକୁ ଚାହୁଁନାହାନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ର ମୂଲ୍ୟାୟନ ନୀତି ଆପଣାଇବା ଲାଗି କୁହାଯାଇଥିଲା। ଏଥିସହ ଯେଉଁମାନେ ପରୀକ୍ଷା ଦେବାକୁ ଚାହୁଁଛନ୍ତି ସେମାନେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସହ ପରୀକ୍ଷାରେ ସାମିଲ ହୋଇପାରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏବେ କିନ୍ତୁ ଦଶମ ଶ୍ରେଣୀ ପରୀକ୍ଷାକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି। ସେହିପରି ପୂର୍ବରୁ ସିଆଇଏସ୍‌ସିଇ ପକ୍ଷରୁ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସ୍ଥଗିତ କରାଯିବା ନେଇ ଘୋଷଣା ହୋଇସାରିଛି। ସୂଚନାଯୋଗ୍ୟ, ଆସନ୍ତା ମେ' ୪ରେ ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଆରମ୍ଭ ହୋଇ ଜୁନ୍ ୭ତାରିଖରେ ଶେଷ ହୋଇଥା'ନ୍ତା। ସେହିପରି ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଏପ୍ରିଲ ୮ରୁ ଜୁନ ୧୮ ପର୍ଯ୍ୟନ୍ତ ହୋଇଥାନ୍ତା। କିନ୍ତୁ ଏବେ ଦଶମ ଶ୍ରେଣୀ ପରୀକ୍ଷାକୁ ବାତିଲ କରାଯିବା ସହ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ତାରିଖ ଜୁନ ମାସରେ ଘୋଷଣା କରାଯିବ ବୋଲି ସିଆଇଏସ୍‌ସିଇ କହିଛି। ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବରୁ କୋଭିଡ୍ ପାଇଁ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ବାତିଲ କରିଥିବାବେଳେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ସ୍ଥଗିତ ରଖିଛି। ସେପଟେ ଏକାଦଶ ଶ୍ରେଣୀରେ ନାମଲେଖା ଆରମ୍ଭ କରିବାକୁ ସିଆଇଏସ୍‌ସିଇ ସମସ୍ତ ସ୍କୁଲକୁ ନିର୍ଦ୍ଦେଶ ଦେଇଛି। ଏଥିସହିତ ଅନ୍‌ଲାଇନ୍ କ୍ଲାସ୍ କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜି ଭାବାତ୍ମକ ରାଶି କର୍କଟରେ ଚନ୍ଦ୍ର ଅବସ୍ଥାନ କରି ଶନିଙ୍କ ଦୃଷ୍ଟିରେ ଥିବାରୁ ଆଧ୍ୟାତ୍ମିକଭାବନା ଜାଗ୍ରତ ହେବ। ପରିବାର ଭିତରେ ଭୁଲ୍ ବୁଝାମଣା କାରଣରୁ ଚିନ୍ତାଶୀଳ ହେବେ। କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ତଥାପି ଶୁକ୍ର ଓ ଚନ୍ଦ୍ର କୃପାରୁ ଅର୍ଥ ଲାଭ, ଶାରୀରିକ ସୁସ୍ଥତା ସଙ୍ଗକୁ ବନ୍ଧୁଙ୍କ ପରାମର୍ଶରୁ ଖୁସି ରହିବେ।

**ବୃଷ** ଆଜି ଚନ୍ଦ୍ର ଓ ବୃହସ୍ପତି ଷଡାଷ୍ଟକ ସ୍ଥିତିରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଘଟିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ଦୁଶ୍ଚିନ୍ତା ବଢାଇବ। ସାମାଜିକ ସ୍ତରରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ କାର୍ଯ୍ୟ ସାଧନ କରିବେ। ନିର୍ମାଣ, ପାରିବାରିକ, ପ୍ରଶାସନ, ଯାନବାହନ ଓ ଯାତ୍ରାରୁ ସୁଫଳ ପାଇବେ। ମହିଳାମାନେ ପାରିବାରିକ ସୁଖ ଲାଭ କରିବେ।

**ମିଥୁନ** ଷଷ୍ଠାଧିପ ମଙ୍ଗଳ ରାଶିରେ ଥିବାରୁ ଜୀବନଯାତ୍ରା ଉତ୍ତେଜନାପ୍ରବଣ ରହିପାରେ। ଋଣ ପରିଶୋଧ ସକାଶେ ବିଭିନ୍ନ ଧନ୍ଦା ସକାଶେ ମନ ବଳାଇବେ। ଆଲୋଚନା ଆଳରେ ଜଣେ ବନ୍ଧୁ ଆଜି ମାର୍ଗଦର୍ଶକ ସାଜି ପାରନ୍ତି। ବିବାଦୀୟ ପରିସ୍ଥିତିରେ, କର୍ମକ୍ଷେତ୍ରରେ କିମ୍ବା ବ୍ୟବସାୟରେ ହିତୈଷୀଙ୍କ ପରାମର୍ଶକୁ ଗ୍ରହଣକରିବା ଭଲ ହେବ।

**କର୍କଟ** କର୍ମକ୍ଷେତ୍ରରେ ଏକାଧିକଗ୍ରହ ସାଧାରଣ କଥାକୁ ବଡ କରି କଳହର ମାତ୍ରାକୁ ବଢାଇ ପାରନ୍ତି। ଅଫିସ୍ କାମରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବେ। କଳା, ସାହିତ୍ୟ, ସଙ୍ଗୀତ ତଥା ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ହଠାତ୍ ଆଶା କରୁଥିବା ଶୁଭ ଖବର ଅସମର୍ଥିତ ସୂତ୍ରରୁ ଶୁଣି ଖୁସି ହେବେ।

**ସିଂହ** ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପରିବାର ସକାଶେ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ। ନିଜେ ରହୁଥିବା ସ୍ଥାନର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ। ଦୀର୍ଘ ଦିନରୁ ହଜି ଯାଇଥିବା କିମ୍ବା ଖୋଜୁଥିବା ଜିନିଷର ସୂଚନା ପାଇପାରନ୍ତି।

**କନ୍ୟା** ଅଷ୍ଟମସ୍ଥ ରବି ବିଷମ ପରିସ୍ଥିତିକୁ ସମତା ରକ୍ଷା କରିବାରେ ସାହାଯ୍ୟ କରିବେ। ତଥାପି କେତେକ ଅପୂରଣୀୟ ଆଶା ମନକୁ ବାରମ୍ବାରୁ ଆଲୋଡିତ କରିବ। ନୂତନ ପ୍ରକଳ୍ପ, ପ୍ରଶାସନ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିପାରନ୍ତି।

**ତୁଳା** ମୁଖଭାବସ୍ଥ କେତୁଙ୍କ କୁପ୍ରଭାବରୁ ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ ଉଠିପାରେ। ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ମଙ୍ଗଳ ଓ କେତୁଙ୍କ ପ୍ରଭାବରେ ବିଭିନ୍ନ ସମସ୍ୟା ଭିତରେ ମନ ଭାରାକ୍ରାନ୍ତ ରହିବ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମକୁ ମୁହାଁଇବା ଠିକ୍ ହେବନି। କ୍ରୀଡା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ। କିନ୍ତୁ ପ୍ରଶାସନ, ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଅଷ୍ଟମସ୍ଥ ଚନ୍ଦ୍ରଙ୍କ ଯୋଗୁଁ ପ୍ରତ୍ୟେକ କ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଶେୟାର ବଜାର, ଆମଦାନୀ କାରବାର, ପରିବା ଦୋକାନୀ, ହୋଟେଲ ମାଲିକମାନେ ବେଶ ଖୁସି ରହିବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ମାଲିମକଦ୍ଦମାର ସମାଧାନ ସକାଶେ ଆଲୋଚନା କରିପାରନ୍ତି।

**ମକର** ଆଜିର ଗ୍ରହସ୍ଥିତି ପ୍ରତ୍ୟେକ କ୍ଷେତ୍ରକୁ ସରସ ସୁନ୍ଦର ସହ ସଫଳତାର ଶୀର୍ଷକୁ ଛୁଆଁଇ ପାରିବ। ଫେରିବା ବାଟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଶିକ୍ଷା, ପରୀକ୍ଷା, ଆଲୋଚନା, ଗଠନମୂଳକ କାମ, ଲେଖାପଢା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ଆର୍ଥିକ ଅଭିବୃଦ୍ଧି ବୃଦ୍ଧି ପାଇଁ ବିଭିନ୍ନ ପ୍ରକାରର ଯୋଜନା କରି ପାରନ୍ତି।

**କୁମ୍ଭ** ଚତୁର୍ଥକେନ୍ଦ୍ରସ୍ଥ ରାହୁଙ୍କ ଯୋଗୁଁ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରତିବନ୍ଧକ ମଧରେ ଗତି କରିବାର ବହୁ ସମ୍ଭାବନା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ଆମଦାନୀ କାରବାର, ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ମୀନ** ଆଜି ରବି ଓ ଚନ୍ଦ୍ରଙ୍କ ସ୍ଥିତି ହେତୁକ ପୂର୍ବାପେକ୍ଷା ପରିସ୍ଥିତି ଶାନ୍ତ ରହିବ। ପାରିବାରିକ ସ୍ତରରେ ପଛକଥା ନ ଭାବି ପରିସ୍ଥିତିକୁ ସାମନା କରନ୍ତୁ। ଯାତ୍ରା, ବ୍ୟବସାୟ,ମାଲି ମକଦ୍ଦମା, ସଂଗଠନ, ଲେଖାପଢା, ଆଲୋଚନା କ୍ଷେତ୍ରରେ ସୁଫଳ ପାଇବେ। ଆର୍ଥିକ ସମସ୍ୟା ମଧରେ ଗତିକଲେ ମଧ କୌଣସି କାମ ଅଟକି ରହିବ ନାହିଁ।

ଆଜି ସର୍ବସମ୍ମତ ଶ୍ରୀରାମନବମୀ, ପୀଠେ ଓ ମୃଣ୍ମୟୀଦେବୀଙ୍କ ମହାନବମୀ ଓ ଏକାହପୂଜା, ଭାରତୀୟ ପ୍ରଶାସନିକ ସେବା ଦିବସ, ସଚିବ ଦିବସ, ଏପ୍ରିଲ ୨୧ ତାରିଖ, ବୁଧବାର। ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, କର୍କଟ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୮ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ.୦୯.୩୯ମି. ଗତେ ଘ.୧୧.୨୦ମି. ମଧ୍ୟେ, ଘ.୦୩.୩୧ମି. ଗତେ ଘ.୦୫.୧୨ମି.ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୧.୫୧ମି. ଗତେ ଘ.୦୩.୩୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**MATRIMONIAL**

**BRIDE WANTED**

Khandayat boy 1986 5'9" B.Sc. serving Manager Nationalised Bank "Sunasansar". 9937512659, 8249969649. D-20541

Bride Wanted: 40years SC Boy Govt. Employee, Caste- no-bar. Contact No-8249993227. D-70918





**SALE**

**Sum Hospital 4K.M. ଦୂରରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952.** D-70830

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

ଭୁବନେଶ୍ୱର **Hot location** ପାହାଳ **NH** ଜଗନ୍ନାଥମନ୍ଦିର ପାଖରେ **yellow zone plot sqft. 1850/-**, ବାଲିଅନ୍ତାରେ ଘରବାରି **boundary sqft. 1200/-, 7978230118, 8249477254.** D-70826

Gharabari boundary wall plot at Aiginia Square, Bhubaneswar just hundred meters from NH. 9439778849. D-67790

**Demarcated ପ୍ଲଟ୍ KEC,** ଗୁଡ଼ିଆପୋଖରୀ ପାଖରେ **immediate registration & possession** ଅଗ୍ରିମ **boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648.** D-20490

ଭୁବନେଶ୍ୱର ନଖରା **East Engineering College backside** ଘରବାରି **developed plot with electricity available.** ଯୋଗାଯୋଗ- **9937111658, 7381029351 (limited plots).** D-70816

Schedulecaste gharabari plot sale 6k.m. from Nakhara, Brahmanjharilo mainroad side 1200sqft. 9,60,000/-, Anantapur 2k.m. from main road 1500sqft. 9,75,000/-, 9439006524. D-70840

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989.** D-70836





Four thousand sqft. land with fifteen hundred sqft. shed with boundarywall at Dumuduma Square just hundred meters NH. 9439778849. D-67791

Two Bedroom (Ground floor) house for rent in Sahid Nagar. Contact: 7978275771. D-69984





Swarna SPA newly open positively health benefits with expert therapist. 9556978408. D-70588

Zen SPA positively health benefits with experts therapeutic genuinely massage. 7205084157. D-70589

Refreshing your mind body with best expert therapist. 8144219731, 7749040472. D-70590

Ayurvedic full body massage by experienced (M/F) therapist. 9861193818, 8018656899. D-59986

Newly open full body massage ladies and gents. 9040900385. D-69547

New opening Saikrupa Panchakarma and Spa jointpain, fullbody massage, 8984068077. D-65915

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୩୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୩୧,୩୭,୬୮୭ | ୩୦,୪୯,୧୨୬ | ୧୨,୧୫,୫୦,୮୦୮ |
| ଭାରତ | ୧,୫୫,୩୫,୯୯୭ | ୧,୮୧,୯୦୫ | ୧,୩୨,୨୪,୪୦୫ |
| ଓଡ଼ିଶା | ୩,୭୭,୪୭୪ | ୧୯୫୩(+୫୩) | ୩,୪୯,୩୬୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୨୨ରୁ ଏଲ୍‌ଏଲ୍, ଡିଏଲ୍ ଟେଷ୍ଟ ବାତିଲ

ଭୁବନେଶ୍ୱର,୨୦।୪(ବ୍ୟୁରୋ): ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ପକ୍ଷରୁ ସମସ୍ତ ଲର୍ନର୍ସ ଲାଇସେନ୍ସ (ଏଲ୍‌ଏଲ୍) ଓ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ଟେଷ୍ଟକୁ ବାତିଲ କରିଦିଆଯାଇଛି। ଆସନ୍ତା ୨୨ତାରିଖଠାରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ରାଜ୍ୟର କୌଣସି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏଲ୍‌ଏଲ୍ ଏବଂ ଡିଏଲ୍ ଟେଷ୍ଟ ହେବ ନାହିଁ ବୋଲି ମଙ୍ଗଳବାର ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଟେଷ୍ଟ ସମୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଗୁଡ଼ିକରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଫଳରେ କରୋନା ସଂକ୍ରମଣର ଆଶଙ୍କା ଅଧିକ ରହୁଛି। ସଂକ୍ରମଣ ରୋକିବାକୁ ଏଭଳି ପଦକ୍ଷେପ ନିଆଯାଇଥିବା ଏସ୍‌ଟିଏ ପକ୍ଷରୁ କୁହାଯାଇଛି। ଜନସାଧାରଣଙ୍କ ଅବଗତି ନିମନ୍ତେ ଏଲ୍‌ଏଲ୍ ଓ ଡିଏଲ୍ ଟେଷ୍ଟ ବାତିଲ ସମ୍ପର୍କିତ ସୂଚନା ଫେସ୍‌ବୁକ୍ ଓ ଟୁଇଟରରେ ଜଣାଇବାକୁ ଆର୍‌ଟିଓମାନଙ୍କୁ ଏସ୍‌ଟିଏ ନିର୍ଦ୍ଦେଶ ଦେଇଛି।

### ହସ୍ପିଟାଲ ପାଇଁ ଗାଇଡ୍‌ଲାଇନ

ଭୁବନେଶ୍ୱର, ୨୦।୪(ବ୍ୟୁରୋ): ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବାରୁ ସରକାରୀ ଓ ଘରୋଇ ହସ୍ପିଟାଲ ପାଇଁ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ଏନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ହସ୍ପିଟାଲଗୁଡ଼ିକରେ ଯେପରି ସଂକ୍ରମଣ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ପ୍ରତ୍ୟେକ ହସ୍ପିଟାଲରେ ପୃଥକ ଭାବେ ଜ୍ୱର ଓ ଆଇସୋଲେଶନ କ୍ଲିନିକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲ ଆସୁଥିବା ସମସ୍ତ ଲୋକଙ୍କ ସ୍କ୍ରିନିଂ କରାଯିବା, ହାତଧୁଆ ବ୍ୟବସ୍ଥା ସହ ସାନିଟାଇଜର ରଖିବାକୁ କୁହାଯାଇଛି। ସେହିପରି ହସ୍ପିଟାଲର କୌଣସି ସେକ୍ସନରୁ ପଜିଟିଭ ବାହାରିଲେ ତୁରନ୍ତ ବନ୍ଦ କରାଯିବ। ଉକ୍ତ ସେକ୍ସନର ଅନ୍ୟ ରୋଗୀଙ୍କୁ ଅନ୍ୟତ୍ର ନିଆଯିବ, ରୁମ୍ ଖାଲି କରାଯିବ। ରୁମ୍ ସାନିଟାଇଜ୍ କରାଯାଇ ୨୪ ଘଣ୍ଟା ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କୋଭିଡ୍ ଟେଷ୍ଟ ରିପୋର୍ଟ ନ ଥିଲେ ମଧ୍ୟ କୌଣସି ଜୀବନ ବିପଦଯୁକ୍ତ ଚିକିତ୍ସା ପ୍ରତି ଅବହେଳା ନ କରିବା ପାଇଁ କଡ଼ା ତାଗିଦ କରିଛନ୍ତି ରାଜ୍ୟ ସରକାର। ଏପରି ସ୍ଥିତିରେ ହସ୍ପିଟାଲ କର୍ତ୍ତୃପକ୍ଷ ଉକ୍ତ ଗାଇଡ୍‌ଲାଇନର ସମସ୍ତ ନିୟମାବଳୀ ପାଳନ କରି ଚିକିତ୍ସା କରିବେ। ସ୍ୱାସ୍ଥ୍ୟକର୍ମୀଙ୍କୁ ରେଗୁଲାର ଇନ୍‌ଫେକ୍ସନ ପ୍ରିଭେନ୍‌ଶନ୍ ଆଣ୍ଡ କଣ୍ଟ୍ରୋଲ ଗାଇଡ୍‌ଲାଇନ ଏବଂ କୋଭିଡ୍ ପ୍ରୋଟୋକଲ୍ ସମ୍ପର୍କରେ ଜଣାଇବାକୁ ଉକ୍ତ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ ରହିଛି।

# ଏନ୍‌ଇଟି ସ୍ଥଗିତ



ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ଦେଶରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ୨୦୨୦ ଡିସେମ୍ବର ପର୍ଯ୍ୟାୟ ୟୁଜିସି ଦ୍ୱାରା ପରିଚାଳିତ ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟ (ଏନ୍‌ଇଟି) ପରୀକ୍ଷାକୁ ସ୍ଥଗିତ ରଖିଛି। ଆସନ୍ତା ମେ’ ମାସରେ ହେବାକୁ ଥିବା ଏହି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା ମଙ୍ଗଳବାର ଏନ୍‌ଟିଏ ପକ୍ଷରୁ ଘୋଷଣା କରାଯାଇଛି। ନୂଆ ତାରିଖ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ଏନ୍‌ଟିଏ ସୂଚନା ଦେଇଛି।

ସୂଚନାଯୋଗ୍ୟ, ଏନ୍‌ଟିଏ ଦ୍ୱାରା ପରିଚାଳିତ ଏନ୍‌ଇଟି ପରୀକ୍ଷା ଗତ ଡିସେମ୍ବର ମାସରେ ହେବାର ଥିଲା। କିନ୍ତୁ କରୋନା କଟକଣା ଯୋଗୁ ଏହାକୁ ମେ’ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ଦେଶର ବିଭିନ୍ନ କେନ୍ଦ୍ରରେ ଏହି କମ୍ପ୍ୟୁଟରଭିତ୍ତିକ ପରୀକ୍ଷା’ ମେ’ ୨ରୁ ୧୭ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ବର୍ତ୍ତମାନ ଦେଶରେ କରୋନାର ଦ୍ୱିତୀୟ ଲହର ଯୋଗୁ ଏନ୍‌ଟିଏ ପକ୍ଷରୁ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ପରବର୍ତ୍ତୀ ସମୟରେ ନୂଆ ପରୀକ୍ଷା ତାରିଖ ଅତିକମ୍‌ରେ ୧୫ ଦିନ ପୂର୍ବରୁ ଜଣାଇ ଦିଆଯିବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି। ତେବେ ସଦ୍ୟ ତଥ୍ୟ ପାଇଁ ଛାତ୍ରୀଛାତ୍ରମାନେ www.nta.ac.in କିମ୍ବା ugc-gnet.nta.nic.in ୱେବ୍‌ସାଇଟ୍‌କୁ ଦେଖିବା ପାଇଁ ଏନ୍‌ଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଘୁଞ୍ଚିଲା ମେଡିକାଲ ଅଫିସର ପରୀକ୍ଷା

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

କରୋନା ସ୍ଥିତିକୁ ଦେଖି ରାଜ୍ୟ ସରକାର ଶନିବାର ଓ ରବିବାର ସମସ୍ତ ସହରାଞ୍ଚଳରେ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହା ଆସନ୍ତା ୨୪ତାରିଖରୁ ଲାଗୁ ହେବ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ମେଡିକାଲ ଅଫିସର ପରୀକ୍ଷାକୁ ଘୁଞ୍ଚାଇ ଦେଇଛି। ଆସନ୍ତା ୨୫ତାରିଖରେ ହେବାକୁ ଥିବା ଏହି ପରୀକ୍ଷାକୁ ୨୮ତାରିଖକୁ ଘୁଞ୍ଚାଯାଇଛି। ଏନେଇ ଓପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପରୀକ୍ଷାର୍ଥୀମାନେ କୋଭିଡ୍ ନିୟମାବଳୀର ଠିକ୍ ଅନୁପାଳନ ଯଥା ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଇତ୍ୟାଦି ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ପରୀକ୍ଷା କେନ୍ଦ୍ରରେ ଥର୍ମାଲ ସ୍କ୍ରିନିଂ, ସାନିଟାଇଜର ଓ ମାସ୍କ ଦେବାର ବ୍ୟବସ୍ଥା କରାଯାଇଛି। ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ବ୍ୟତୀତ ପୂର୍ବରୁ ଥିବା ଅନ୍ୟ ସମସ୍ତ ପରୀକ୍ଷା କେନ୍ଦ୍ରଗୁଡ଼ିକ ଅପରିବର୍ତ୍ତିତ ରହିଛି। ସିଲିକନ୍ ବଦଳରେ ଗୀତାରେ ଏକ ନୂଆ ପରୀକ୍ଷା କେନ୍ଦ୍ର ହୋଇଛି। ଯେଉଁ ପରୀକ୍ଷାର୍ଥୀମାନଙ୍କ ପରୀକ୍ଷା କେନ୍ଦ୍ର ସିଲିକନ୍ ଥିଲା, ସେମାନେ ଏବେ ଗୀତାରେ ପରୀକ୍ଷା ଦେବେ। ଏହି ପରିବର୍ତ୍ତିତ ସମସ୍ତ ତଥ୍ୟ ଓପିଏସ୍‌ସି ୱେବ୍‌ସାଇଟ୍ www.opsc.nic.inରେ ଉପଲବ୍ଧ ରହିଛି।

# ଓଏସ୍‌ଏସ୍‌ସି ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ସ୍ଥିତିକୁ ଲକ୍ଷ୍ୟରେ ରଖି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ(ଓଏସ୍‌ଏସ୍‌ସି) ଦ୍ୱାରା ଆଗାମୀ ଦିନରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଲାଇବ୍ରେରିଆନ ଆଣ୍ଡ ଆସିଷ୍ଟାଣ୍ଟ ଲାଇବ୍ରେରିଆନ-୨୦୧୭ ପଦବୀ ପାଇଁ ୨୦।୪।୨୦୨୧ରେ ହେବାକୁ ଥିବା କମ୍ପ୍ୟୁଟର ସ୍କିଲ୍ ଟେଷ୍ଟକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସେହିପରି ଫୁଡ୍ ସେଫ୍ଟି ଅଫିସର-୨୦୧୯ ପଦବୀ ନିମନ୍ତେ ମୁଖ୍ୟ ଲିଖିତ ପରୀକ୍ଷାର ଆଡ୍‌ମିଶନ ଲେଟର ପରୀକ୍ଷାର୍ଥୀମାନଙ୍କ ପାଖକୁ ପଠାଯାଇଥିବାବେଳେ, ଉକ୍ତ ପରୀକ୍ଷାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ଆଡମିଶନ ଲେଟରକୁ ଭବିଷ୍ୟତରେ ବ୍ୟବହାର ନିମନ୍ତେ ପାଖରେ ରଖିବାକୁ କୁହାଯାଇଛି। ଏଥିସହିତ ପରବର୍ତ୍ତୀ ଆଦେଶ ସମ୍ପର୍କରେ ଜାଣିବା ପାଇଁ ପରୀକ୍ଷାର୍ଥୀମାନେ ନିୟମିତ କମିଶନଙ୍କ www.ossc.gov.in ୱେବସାଇଟକୁ ଯାଞ୍ଚ କରିବାକୁ କୁହାଯାଇଛି।

OSSC
Odisha Staff Selection Commission

# ‘୧୮ ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ଟିକାକରଣ ପାଇଁ ଓଡ଼ିଶା ପ୍ରସ୍ତୁତ’

■ **ଆଉ ୧ଲକ୍ଷ ଡୋଜ୍ କୋଭିଶିଲ୍ଡ ଆସିଲା**

ଭୁବନେଶ୍ୱର, ୨୦।୪(ବ୍ୟୁରୋ): ଆସନ୍ତା ମେ’ ୧ ତାରିଖରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକାକରଣ କରାଯିବ ବୋଲି ସୋମବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ୧୮ ବର୍ଷ ବୟସରୁ ଅଧିକ ବ୍ୟକ୍ତିଙ୍କୁ ଟିକାକରଣ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ମଙ୍ଗଳବାର ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ମେ’ ୧ରୁ ଓଡ଼ିଶା ଯୁବବର୍ଗଙ୍କୁ ଟିକାକରଣ ନେଇ ବ୍ୟବସ୍ଥା କରାଯିବ। ଟିକା ଦେବା ପାଇଁ ରାଜ୍ୟରେ ଅଧିକ ସେସନ ସାଇଟ୍ ଓ ଟିକାକରଣ କେନ୍ଦ୍ର ଖୋଲାଯିବ ବୋଲି ସେ କହିଛନ୍ତି। କୋୱିନ ଆପ୍ ଓ ସ୍ପଟ୍ ରେଜିଷ୍ଟ୍ରେଶନ ମାଧ୍ୟମରେ ପଞ୍ଜୀକରଣ କରାଯିବା ପରେ ଟିକାକରଣ ହେବ। ତେବେ ରାଜ୍ୟ ସରକାର ଟିକା ଆଣିବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଗାଇଡ୍‌ଲାଇନ୍ ପରେ ଟିକା ଆଣିବେ କି ନାହିଁ ସେନେଇ ସରକାର ନିଷ୍ପତ୍ତି ନେବେ। ଅନ୍ୟପଟେ ସରକାରୀ ଓ ଘରୋଇ ହସ୍‌ପିଟାଲରେ ପୂର୍ବଭଳି ଟିକାକରଣ ଚାଲୁ ରହିବ। ମଙ୍ଗଳବାର ଓଡ଼ିଶାକୁ ୧ ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଆସିଛି। ବର୍ତ୍ତମାନ ରାଜ୍ୟର ୯୦୦ କେନ୍ଦ୍ରରେ ଟିକାକରଣ ଚାଲିଥିବାବେଳେ ସହରାଞ୍ଚଳଗୁଡ଼ିକରେ ସପ୍ତାହାନ୍ତ ଶଟ୍‌ଡାଉନ୍ ସମୟରେ ଟିକାକରଣ ବନ୍ଦ ରହିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଆଜିଠୁ ଦ୍ୱୈତନଗରୀରେ ସମସ୍ତ ଧର୍ମାନୁଷ୍ଠାନ ବନ୍ଦ

■ **ଜାରି ହେଲା କଟକଣା**
■ **ସ୍ୱଳ୍ପସଂଖ୍ୟକ ସେବାୟତଙ୍କୁ ନେଇ ହେବ ନୀତିକାନ୍ତି**
■ **ଥର୍ମାଲ ସ୍କ୍ରିନିଂ, ମାସ୍କ ପରିଧାନ ବାଧ୍ୟତାମୂଳକ**

ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୨୦।୪

ବୁଧବାରଠାରୁ ଦ୍ୱୈତନଗରୀ ଭୁବନେଶ୍ୱର ଓ କଟକର ସମସ୍ତ ଧର୍ମାନୁଷ୍ଠାନ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ ରହିବ। କେବଳ ସ୍ୱଳ୍ପସଂଖ୍ୟକ ସେବାୟତଙ୍କ ଦ୍ୱାରା ଧର୍ମାନୁଷ୍ଠାନଗୁଡ଼ିକରେ ନୀତିକାନ୍ତି କରାଯିବ। ଏହି ଦୁଇ ମହାନଗରରେ କରୋନାର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯିବା ସହ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏ ସଂକ୍ରାନ୍ତ ନିଷ୍ପତ୍ତି ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା ବିଭିନ୍ନ ଧର୍ମାନୁଷ୍ଠାନର ପରିଚାଳନା କମିଟି ସହିତ ଆଲୋଚନା କରାଯାଇଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ କହିଛନ୍ତି। ବିଏମ୍‌ସି ଏବଂ ସିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ମନ୍ଦିର, ମସ୍‌ଜିଦ୍, ଗୀର୍ଜା ଓ ଗୁରୁଦ୍ୱାରରେ ଶ୍ରଦ୍ଧାଳୁମାନଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଏହି ସମୟରେ ପୂଜକ ଓ ଅନ୍ୟ କର୍ମଚାରୀମାନଙ୍କ ପାଇଁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ବଜାୟ ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ଧର୍ମାନୁଷ୍ଠାନ ପରିଚାଳନା କମିଟି ପକ୍ଷରୁ ପ୍ରତ୍ୟେକ ଦିନ ଅନୁଷ୍ଠାନ ଭିତରକୁ ଯିବା ପୂର୍ବରୁ ପ୍ରତ୍ୟେକ ସେବାୟତ ବା କର୍ମଚାରୀଙ୍କ ଥର୍ମାଲ ସ୍କ୍ରିନିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ମନ୍ଦିର ବା ଅନ୍ୟ ଧର୍ମାନୁଷ୍ଠାନ ଭିତରକୁ ଯିବା ପୂର୍ବରୁ ପ୍ରବେଶ ପଥରେ ହାତ ଧୋଇବା ଲାଗି ହ୍ୟାଣ୍ଡୱାଶ ରଖିବା ପାଇଁ କମିଟିଗୁଡିକୁ କୁହାଯାଇଛି। ସେହିପରି କଟକ ମହାନଗର ଅଞ୍ଚଳରେ ସିଏମ୍‌ସି ପକ୍ଷରୁ ସମାନ କଟକଣା ଓ ଗାଇଡ୍‌ଲାଇନ୍ ଜାରି ହୋଇଛି। ଏପ୍ରିଲ ୨୧ ତାରିଖରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ ବୋଲି ସିଏମ୍‌ସି ଡେପୁଟି କମିଶନର ଅଭିନାଶ ରାଉତ କହିଛନ୍ତି। ପରିସ୍ଥିତିକୁ ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ବିଏମ୍‌ସି ଏବଂ ସିଏମ୍‌ସି ପକ୍ଷରୁ କୁହାଯାଇଛି।

# ଚିନ୍ତା ବଢ଼ାଇଲେଣି କୁମ୍ଭମେଳା ଫେରନ୍ତା: ୧୩ ପଜିଟିଭ ଚିହ୍ନଟ

କଟକ ଅଫିସ,୨୦।୪

ଏବେ କୁମ୍ଭମେଳା ଫେରନ୍ତାଙ୍କୁ ନେଇ ଚିନ୍ତା ବଢ଼ିଛି। କୁମ୍ଭ ମେଳାରୁ କଟକ ଫେରିଥିବା ୩୦ ଜଣଙ୍କ ମଧ୍ୟରୁ ୧୩ ଜଣ ପଜିଟିଭ ଚିହ୍ନଟ ହୋଇଥିବା କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଏହାପରେ ରେଳଯାତ୍ରୀଙ୍କ କରୋନା ରିପୋର୍ଟ ଯାଞ୍ଚ କଡାକଡି କରାଯାଇଛି। ମଙ୍ଗଳବାର କଟକ ରେଳଷ୍ଟେଶନରେ ୧୪ ଜଣଙ୍କ ଆଣ୍ଟିଜେନ ଓ ୭୯ ଜଣଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଇଥିଲା। ଆଣ୍ଟିଜେନ ଟେଷ୍ଟରେ ୩ ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିବାବେଳେ ଆର୍‌ଟି-ପିସିଆର୍ ରିପୋର୍ଟ ବୁଧବାର ଆସିବ ବୋଲି ସିଏମ୍‌ସି ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି। ସିଏମ୍‌ସି ପକ୍ଷରୁ ରେଳଷ୍ଟେଶନ ପରିସରରେ ଟେଣ୍ଟ ବନ୍ଧାଯାଇ ସମସ୍ତ ଯାତ୍ରୀଙ୍କ କରୋନା ପରୀକ୍ଷା କରାଯାଉଛି। ସେଠାରେ ପ୍ରସ୍ତୁତ ଅସ୍ଥାୟୀ ଆଇସୋଲେଶନ ରୁମ୍‌ରେ ଯାତ୍ରୀମାନଙ୍କୁ ରଖାଯାଉଛି। ରିପୋର୍ଟ ନେଗେଟିଭ୍ ଆସିଲେ ସେମାନଙ୍କୁ ଘରକୁ ଛଡାଯିବ। ସେହିପରି ଯଦି କେହି ପଜିଟିଭ୍ ଚିହ୍ନଟ ହୁଅନ୍ତି ତେବେ ସେମାନଙ୍କୁ ନିକଟସ୍ଥ କୋଭିଡ୍ କେୟାର ସେଣ୍ଟରରେ ରଖାଯିବା ବ୍ୟବସ୍ଥା କରାଯାଇଛି। ରାଜ୍ୟ ବାହାରୁ କଟକ ଫେରୁଥିବା ଯାତ୍ରୀଙ୍କ କୋଭିଡ୍ ପରୀକ୍ଷା କରାଯିବ। ସେହିପରି ଜିଲା ବାହାରୁ କଟକ ଫେରୁଥିବା ସମସ୍ତ ଯାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇ ସହର ମଧ୍ୟକୁ ଛଡାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ଅଲିଭ ରିଡ୍‌ଲେ କଇଁଛ ଗଣନା ଶେଷ

**ଭଦ୍ରକ ଅଫିସ,୨୦।୪:** ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ୩୦ ତାରିଖରେ ଅଲିଭ ରିଡ୍‌ଲେ କଇଁଛ ଗଣନା ଶେଷ ହୋଇଛି। ମଙ୍ଗଳବାର ଗଣନାର ଫଳାଫଳ ପ୍ରକାଶ ପାଇଛି। ଏହି ଗଣନାରେ ଭଦ୍ରକ ଓ ଭଦ୍ରକ ଜିଲା ୱାଇଲ୍ଡ ଲାଇଫ୍ ଡିଭିଜନର ୬ ଜଣିଆ ଟିମ୍ ମଧ୍ୟ ନିୟୋଜିତ ହୋଇଥିଲେ। ୨୦୧୯-୨୦ ବର୍ଷରେ ୪ଲକ୍ଷ ୭ ହଜାର ୨ଶହ କଇଁଛ ଗଣନା କରାଯାଇଥିବା ବେଳେ ୨୦୨୦-୨୧ ବର୍ଷରେ ୩ଲକ୍ଷ ୫୦ହଜାର ଗଣନା ହୋଇଥିବା ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ଏସିଏଫ୍ ସାଧନା ବେହେରା ସୂଚନା ଦେଇଛନ୍ତି।


ବେପରୁଆ ମନୋଭାବ ପଡ଼ିବ ଭାରି

ଭାଇରାଲ୍ ସଂକ୍ରମଣକୁ ନେଇ ଆପଣଙ୍କ ଚିନ୍ତାଧାରା ବି ଏଇଆ କି ?

• ଦେଖିବା • କିଛି ହେବନାହିଁ
• ମୋତେ କ’ଣ ହେବ ଯେ • ଏବେ ତ ସବୁ ଠିକ୍‌ଠାକ୍ ଅଛି

ବେପରୁଆ ମନୋଭାବ ଆଦୌ ରଖନ୍ତୁ ନାହିଁ ଏବଂ ଲାବ୍ ପ୍ରମାଣିତ ନାଚୁରାଲ୍ ଇମ୍ୟୁନିଟି ବୁଷ୍ଟର୍ ଜୋଲି ତୁଳସୀ 51 ଡ୍ରପ୍‌ସ ସେବନ କରିବା ଜାରି ରଖନ୍ତୁ ଓ ପୂରା ପରିବାରକୁ ଭାଇରାଲ୍ ସଂକ୍ରମଣ ଏବଂ ଋତୁକାଳୀନ ରୋଗର ପ୍ରକୋପରୁ ସୁରକ୍ଷିତ ରଖନ୍ତୁ।




CLINICALLY TESTED

JOLLY ତୁଳସୀ 51 ଡ୍ରପ୍‌ସ

ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ

ସବୁ ମେଡିକାଲ ଷ୍ଟୋରରେ ଉପଲବ୍ଧ। Helpline: 0161-520-1588






Simplify your ownership with the MyŠKODA App | MyŠKODA | Toll-free 1800 2700 260 | Visit www.skoda-auto.co.in for a Virtual Demo Experience. | ŠKODA Certified Pre-Owned

**Showrooms: Bhubaneswar:** Trinity Motors: 1800 1038 001; **Jamshedpur:** Imperial Vehicles: 1800 1237 499; **Kolkata** (AJC Bose Road, Mullick Bazar): Global Motocorp LLP: 1800 1230 737; **Guwahati** (VIP Road, Hengrabari Kamrup): SSB Automobiles Pvt. Ltd.: 08045810939
**Branches: Ranchi:** Imperial Vehicles: 1800 1237 499; **Kolkata** (VIP Road Baguiati): Global Motocorp LLP: 1800 1230 737; **Siliguri:** Global Motocorp LLP: 1800 1230 737
**Service Centres: Bhubaneswar:** Trinity Motors: 9937563247; **Jamshedpur:** Imperial Vehicles: 9835180208; **Kolkata:** Global Motocorp LLP: 033-24433316/17/18/19; **Guwahati** (VIP Road, Hengrabari Kamrup): SSB Automobiles Pvt. Ltd.: 6009834104

4 YEAR SERVICE MAINTENANCE ₹29 999 | ŠKODA CORPORATE BENEFIT ₹15 000 | ŠKODA EXCHANGE BONUS ₹15 000 | 6 YEAR WARRANTY#

Specifications given differ from model to model. Accessories shown may not be part of standard equipment. Always insist on genuine ŠKODA AUTO parts and accessories available at authorised sales and service centres. Information relating to colours, prices, construction, technical details and equipment was valid at the time of issuance and these are subject to changes without any prior notice. All disputes are subject to the courts in Aurangabad jurisdiction only. #Warranty – 4 years or 1 00 000 km whichever occurs first (promotional offer on 3rd and 4th year, additional 5th and 6th year extended warranty is optional); ŠKODA Assist - roadside assistance – 4 years or unlimited km (5th and 6th year roadside assistance is optional); ŠKODA SuperCare – 4 years/60 000 km (optional) four periodic maintenance services each at an interval of 15 000 km or one year (whichever occurs first from date of delivery) at an attractive price. Terms and Conditions apply. *Loan at the sole discretion of Financial Institution. All offers from dealer. *Complimentary on select VINs

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। –ଶ୍ରୀଅରବିନ୍ଦ

# ସୂକ୍ଷ୍ମ ତଫାତ୍

କରୋନା ଭୂତାଣୁର ଦ୍ୱିତୀୟ ଲହର ଦ୍ରୁତଗତିରେ ବଢୁଥିବାରୁ ତାହାକୁ ନିୟନ୍ତ୍ରଣ କରିବା ଲାଗି ଦେଶର ବିଭିନ୍ନ ପ୍ରାନ୍ତରେ ଉଦ୍ୟମ ଆରମ୍ଭ ହୋଇଛି। କେଉଁଠି ଲକ୍‌ଡାଉନ କରାଯାଉଥିବା ବେଳେ ଅନ୍ୟ କେଉଁଠି ସପ୍ତାହାନ୍ତ ଶଟ୍‌ଡାଉନ କରାଯାଉଛି। ଛତିଶଗଡ଼, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଏବଂ ଦିଲ୍ଲୀରେ ସ୍ଥିତି ଉଦ୍‌ବେଗଜନକ ହୋଇଥିବାରୁ ଜନସାଧାରଣ ଅଧିକ ଭୟଭୀତ ହୋଇପଡ଼ିଛନ୍ତି। ଏଠାରେ ଉତ୍ତରପ୍ରଦେଶ କଥା ଦେଖିଲେ ଦୈନିକ ୩୦ ହଜାରରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଲକ୍ଷ୍ନୌ, ବାରାଣସୀ, ପ୍ରୟାଗରାଜ, କାନପୁର ଓ ଗୋରଖପୁରରେ ସ୍ଥିତି ଅସମ୍ଭାଳ ହେଉଥିବା ଲକ୍ଷ୍ୟ କରିବା ପରେ ଆଲ୍ଲାହାବାଦ ହାଇକୋର୍ଟ ୧୯ ଏପ୍ରିଲରେ ଏହିସବୁ ସହରରେ ଲକ୍‌ଡାଉନ ଘୋଷଣା କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ କରିଦେଲେ। ଜନସାଧାରଣଙ୍କ ଜୀବିକା ଗୁରୁତ୍ୱ ରଖୁଥିବାରୁ ସେ ହାଇକୋର୍ଟଙ୍କ ନିର୍ଦ୍ଦେଶ ମାନି ନ ଥିଲେ। ବରଂ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ଉତ୍ତରପ୍ରଦେଶ ସରକାର ସୁପ୍ରିମକୋର୍ଟ ଯାଇଥିଲେ। ସର୍ବୋଚ୍ଚ ଅଦାଲତ ୨୦ ଏପ୍ରିଲ ଅର୍ଥାତ୍ ଆଲ୍ଲାହାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ୨୪ ଘଣ୍ଟା ନ ପୂରୁଣୁ ତା' ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେଇଛନ୍ତି।

ବାସ୍ତବରେ ଦେଖିଲେ ଏକ ଗଣତାନ୍ତ୍ରିକ ସରକାର କେଉଁ ପଦ୍ଧତିରେ ଶାସନ ପରିଚାଳନା କରିବେ ଓ ନାଗରିକଙ୍କ ପାଇଁ କେଉଁଭଳି ନିଷ୍ପତ୍ତି ନେବେ, ତାହା ସରକାରୀ ବ୍ୟବସ୍ଥା ଉପରେ ନିର୍ଭର କରେ। ଏ କ୍ଷେତ୍ରରେ ନ୍ୟାୟପାଳିକା ହସ୍ତକ୍ଷେପ କରିବା ଅର୍ଥ ବ୍ୟବସ୍ଥାପକ କାର୍ଯ୍ୟରେ ଅନାବଶ୍ୟକ ଦଖଲ ବୋଲି ଧରାଯିବ। ଭାରତୀୟ ସମ୍ବିଧାନରେ 'ଡକ୍‌ଟ୍ରିନ୍ ଅଫ୍ ସେପାରେଶନ ଅଫ୍ ପାୱାର' ବିଷୟରେ ଉଲ୍ଲେଖ କରାଯାଇଛି। ଏକ ରାଷ୍ଟ୍ରରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାକୁ ସ୍ୱତନ୍ତ୍ର କ୍ଷମତା ଓ ଦାୟିତ୍ୱ ଦିଆଯାଇଛି, ଯେଉଁଥିରେ ଗୋଟିଏ ଅନ୍ୟ ଦୁଇଟିର କାର୍ଯ୍ୟରେ ହସ୍ତକ୍ଷେପ କରିପାରିବ ନାହିଁ। ଏଥିରୁ ଖିଅଟାଣି କୁହାଯାଇପାରେ ଯେ ଯଦି କେହି ସେଭଳି କରନ୍ତି, ତେବେ ଗଣତାନ୍ତ୍ରିକ ବ୍ୟବସ୍ଥା ଅରାଜକତା କବଳିତ ହେବ। କିନ୍ତୁ ଆଜିର କୋଭିଡ୍ ଦ୍ୱିତୀୟ ଲହର ସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିଛି। ସେଥିପାଇଁ ତେଲଙ୍ଗାନା, ବମ୍ବେ ଏବଂ ଆଲ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇବାର ଚିନ୍ତା ବୁଝିହେଉଛି। ଏହାର ମୁଖ୍ୟ କାରଣ ଭାବେ ସରକାରୀ ଅପାରଗତାକୁ ଦୋଷ ଦେଇହେବ। ଭାରତର ପ୍ରଶାସନିକ ବ୍ୟବସ୍ଥାରେ ଯେକୌଣସି ଦଳ କ୍ଷମତାକୁ ନିର୍ବାଚିତ ହେଉଥିଲେ ମଧ୍ୟ ସମସ୍ତଙ୍କୁ ଅମଲାତନ୍ତ୍ର ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଏବେ ଦେଖାଯାଉଛି ଯେ, ଭାରତୀୟ ଅମଲାତନ୍ତ୍ର ବା କାର୍ଯ୍ୟପାଳିକା କୋଭିଡ୍ ମହାମାରୀକୁ ସାମ୍ନା କରିବା ଭଳି ଦକ୍ଷତା ରଖିନାହିଁ। ଲୋକଙ୍କୁ ଦମନ କରିବା, ଭୁଆଁ ବୁଲାଇବା, ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ କରିବାରେ ମାହିର ହୋଇଥିବା ଅମଲାତନ୍ତ୍ର ଏବେ ନାଗରିକଙ୍କ ହିତ ସକାଶେ କାମ କରିବାରେ ଅସଫଳ ପ୍ରମାଣିତ ହେଉଛି। ଏଥିସହିତ ଆଜିର ରାଜନୈତିକ ନେତୃତ୍ୱ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଦିଗହରା ହୋଇ ଭୋଟ୍ ରାଜନୀତିରେ ମାତିଥିବା ହେତୁ ସରକାର କିମ୍ବା ବ୍ୟବସ୍ଥା ସ୍ଥାଣୁ ପାଲଟିଯାଇଛି। ରାଜ୍ୟରେ ବସିଥିବା ହାଇକୋର୍ଟ ବିଚାରପତିମାନେ ଏଭଳି ଅସହାୟ ସ୍ଥିତି ଦେଖି ବ୍ୟସ୍ତ ହୋଇପଡ଼ିବା ସ୍ୱାଭାବିକ। ଅନ୍ୟପଟେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧି ହେଉଛନ୍ତି ସାଧାରଣ ଲୋକଙ୍କ ନିକଟରେ ଉତ୍ତରଦାୟୀ। ଏଠାରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ସୁଚିନ୍ତିତ ରାୟକୁ ଅସମ୍ମାନିତ କରିବା ଦ୍ୱାରା ରାଜ୍ୟ ସରକାର ତ୍ରୁଟିପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶର ୨୪ ଘଣ୍ଟା ନ ବିତୁଣୁ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ହାଇକୋର୍ଟଙ୍କ କଥାକୁ ନାକଚ କରାଇ ଦେଇପାରିବା ପଛରେ ସର୍ବୋଚ୍ଚ ଅଦାଲତଙ୍କର ସରକାର ସପକ୍ଷବାଦୀ ଚିନ୍ତାଧାରା ପ୍ରତିଫଳିତ ହୋଇଥାଇପାରେ। ତଥାପି ଶୀର୍ଷ ନ୍ୟାୟାଳୟକୁ ଅଗଣତାନ୍ତ୍ରିକ ବୋଲି କୁହାଯାଇପାରିବ ନାହିଁ। ସୁପ୍ରିମକୋର୍ଟଙ୍କ ରାୟ ଆପାତତଃ ଲୋକ ବିରୋଧୀ ମନେହୋଇପାରେ, କିନ୍ତୁ ଦୀର୍ଘମିଆଦୀ ଚିନ୍ତା କଲେ ହାଇକୋର୍ଟଗୁଡ଼ିକୁ ବିନା ଲଗାମରେ ଛାଡ଼ି ଦେବା ବିରାଟ ଭୁଲ ହୋଇଥାଆନ୍ତା। ସରକାରଙ୍କୁ କେବଳ ନାଗରିକ ନିର୍ଦ୍ଦେଶ ଦେଇପାରିବେ। ସେହି ନିର୍ଦ୍ଦେଶ ୫ ବର୍ଷରେ ଥରେ ଦେଇପାରିବେ। ଅବଶ୍ୟ ଆଜିର ସ୍ୱାସ୍ଥ୍ୟଜନିତ ଜରୁରିକାଳୀନ ସ୍ଥିତିରେ କେଉଁ ପଦକ୍ଷେପ ଗଣତାନ୍ତ୍ରିକ କିମ୍ବା ଅଗଣତାନ୍ତ୍ରିକ ତାହାର ସୂକ୍ଷ୍ମ ତଫାତ୍ ବୁଝିବା କଷ୍ଟକର ହୋଇପଡୁଛି। ଏହାସତ୍ତ୍ୱେ ଯାହା ଓ ଯେକୌଣସି ପଦକ୍ଷେପ ଜନକଲ୍ୟାଣକାରୀ ବିଶେଷକରି ଅଧିକ ଲୋକଙ୍କ ସ୍ୱାର୍ଥରକ୍ଷା ଦିଗରେ ଅଭିପ୍ରେତ, ତାହା ନିଶ୍ଚିତ ଭାବେ ଗଣତାନ୍ତ୍ରିକ।

## ଚିରନ୍ତନୀ

ସାଧନାର ଶ୍ରେଷ୍ଠ ସିଦ୍ଧି ଦୁନିଆର
ଉଚ୍ଚତମ ଆଶା
ମାନବର ଅଗ୍ରଚିନ୍ତା, ଶେଷ ଶିକ୍ଷା
ଶ୍ରେଷ୍ଠତମ ଭାଷା ! (ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 1 | | 7 | | | | | 4 | |
| 4 | 2 | | | | | | 6 | 9 |
| | | 3 | | | | 7 | | 1 |
| | | | | | 2 | | | |
| | | 6 | | | 5 | | | |
| | 3 | | | | | 5 | 8 | |
| | | | | | 1 | | | |
| | | 2 | 9 | | | 6 | 3 | |
| | 8 | 5 | 6 | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 1 | 4 | 6 | 3 | 2 | 5 | 8 |
| 5 | 8 | 6 | 7 | 2 | 9 | 4 | 1 | 3 |
| 3 | 4 | 2 | 8 | 1 | 5 | 9 | 6 | 7 |
| 4 | 5 | 3 | 2 | 8 | 1 | 6 | 7 | 9 |
| 1 | 2 | 9 | 5 | 7 | 6 | 3 | 8 | 4 |
| 8 | 6 | 7 | 3 | 9 | 4 | 1 | 2 | 5 |
| 7 | 3 | 4 | 1 | 5 | 2 | 8 | 9 | 6 |
| 2 | 9 | 8 | 6 | 4 | 7 | 5 | 3 | 1 |
| 6 | 1 | 5 | 9 | 3 | 8 | 7 | 4 | 2 |

ଗତକାଲିର ଉତ୍ତର

# ଭୀମା କୋରେଗାଁଓ: ପ୍ରମାଣ ଉପରେ ପ୍ରଶ୍ନ

ଶ୍ରୀଗିରିଶ ଜଲିହାଲ

ଆମେରିକାର ଏକ ଡିଜିଟାଲ ଫୋରେନସିକ୍ କମ୍ପାନୀ ତା' ରିପୋର୍ଟରେ ପ୍ରକାଶ କରିଛି ଯେ, ଜଣେ ହ୍ୟାକର ସମାଜସେବୀ ରୋନା ୱିଲ୍‌ସନଙ୍କ କମ୍ପ୍ୟୁଟରରେ ଅପରାଧର ପ୍ରମାଣ ସିଦ୍ଧ କରିବା ପାଇଁ ୨୨ଟି ଫାଇଲ ସେଟ୍ କରିଥିଲେ। ଜାନୁୟାରୀ ୨୦୧୮ରେ ମହାରାଷ୍ଟ୍ରର ଭୀମା କୋରେଗାଁଓ ସହରରେ ସଂଗଠିତ ହିଂସାର କିଛିଦିନ ପରେ ଏହା ସେ କରିଥିଲେ। ଏହି ଫାଇଲଗୁଡ଼ିକୁ ୧୫ ନଭେମ୍ବର ୨୦୧୮ରୁ ପୁଣେ ପୋଲିସ ଏବଂ ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ) ଦ୍ୱାରା କୋର୍ଟରେ ଏକ ମୁଖ୍ୟ ପ୍ରମାଣ ଭାବେ ଦର୍ଶାଯାଇଛି। ଏହା ଯୋଗୁ ୱିଲସନ ଓ ଆଇନଜୀବୀ ,ଶିକ୍ଷାବିତ ଏବଂ କଳାକାର ଆଦି ୧୫ଜଣଙ୍କୁ ଗିରଫ କରାଯାଇ ଜେଲ୍‌ରେ ରଖାଯାଇଛି (କେବଳ କବି ବାରବରା ରାଓ ଜାମିନ ପାଇଛନ୍ତି)। ସେମାନଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ଅଣାଯାଇ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ କୋର୍ଟରେ ବିଚାର ଚାଲିଛି। ଏହି ଫାଇଲଗୁଡ଼ିକ ଏମାନେ କେବେ ହେଲେ ସୃଷ୍ଟି କରିନାହାନ୍ତି କି ୱିଲସନଙ୍କ କମ୍ପ୍ୟୁଟରକୁ ହ୍ୟାଣ୍ଡେଲ କରୁଥିବା ଏମାନଙ୍କ ମଧ୍ୟରୁ କେହି ବି ଫାଇଲ୍‌ଗୁଡ଼ିକୁ ବ୍ୟବହାର କରିନାହାନ୍ତି। କିନ୍ତୁ ହ୍ୟାକର ଏଗୁଡ଼ିକୁ ସେଟ୍ କରିଛି ବୋଲି ଆର୍ସେନେଲ କନ୍‌ସଲ୍‌ଟିଂର ରିପୋର୍ଟରେ ପ୍ରକାଶ ପାଇଛି। ୱିଲସନ ଓକିଲଙ୍କ ଅନୁରୋଧ କ୍ରମେ ସେମାନେ ୱିଲସନଙ୍କ କମ୍ପ୍ୟୁଟରର ଇଲେକ୍‌ଟ୍ରୋନିକ କପିକୁ ଅନୁଧ୍ୟାନ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ସେ ନଭେମ୍ବର ୨୦୧୯ରେ ଏହାକୁ ପୋଲିସଙ୍କଠାରୁ ପାଇଥିଲେ। ଏହି ନୂଆ ରିପୋର୍ଟ ୨୦୨୧ ଫେବୃୟାରୀରେ ପ୍ରକାଶ ପାଇଥିବା ଆର୍ସେନଲର ପ୍ରଥମ ରିପୋର୍ଟର ବିକଶିତ ପରିପ୍ରକାଶ। ଉକ୍ତ ରିପୋର୍ଟର ସିଦ୍ଧାନ୍ତ ହେଲା, ୧୦ଟି ଫାଇଲକୁ ସେଟ୍ କରିବାକୁ କମ୍ପ୍ୟୁଟରକୁ ହ୍ୟାକ୍ କରାଯାଇଥିଲା। ଏହି ଫାଇଲଗୁଡ଼ିକ ଅପରାଧୀଙ୍କୁ ଦୋଷୀ ସଜାଇବା ଲାଗି ଉଦ୍ଦିଷ୍ଟ ଥିଲା। ଦ୍ୱିତୀୟ ରିପୋର୍ଟ ସାଧାରଣରେ ପ୍ରକାଶ କରାଯାଇନାହିଁ। କିନ୍ତୁ ଏହାକୁ ଆର୍ଟିକିଲ-୧୪ ଦ୍ୱାରା ନିରୀକ୍ଷଣ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ୱିଲ୍‌ସନଙ୍କ କମ୍ପ୍ୟୁଟରରେ ସ୍ଥାପିତ ୨୪ ଟି ଫାଇଲରୁ ୨୨ ଟିର ସମ୍ପର୍କ ହ୍ୟାକରଙ୍କ ସହ ସିଧାସଳଖ ରହିଛି । ୨୪ଟି ଫାଇଲରେ କଟକଣା ଲଗାଯାଇଥିବା କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ସିପିଆଇ) ସଦସ୍ୟମାନଙ୍କ ମଧ୍ୟରେ ବହୁ ପରିମାଣର ପତ୍ରାଚାର, ପାଣ୍ଠି ହସ୍ତାନ୍ତର ଉପରେ ଆଲୋଚନା, ସଂଗଠନରେ କିପରି ମହିଳାମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି କରାଯିବ, ପରସ୍ପର ମଧ୍ୟରେ ସମ୍ପର୍କ ରକ୍ଷା କରିବାରେ ପାର୍ଟି ସଦସ୍ୟମାନେ ସମ୍ମୁଖୀନ ହେଉଥିବା ସମସ୍ୟା, ଦେଶ ବିଭାଜନ ଚିନ୍ତା ଏବଂ କିଛି ମାଓ ଗେରିଲାଙ୍କ ଫଟୋ ରହିଛି।

ଆର୍ଟିକିଲ ୧୪ ଆର୍ସେନଲର ରିପୋର୍ଟକୁ ନେଇ ବହୁ ପ୍ରଶ୍ନ ଏନ୍‌ଆଇଏ ମୁଖପାତ୍ର ତଥା ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ଜୟା ରୟଙ୍କୁ ଇମେଲ କରିଛି। ଏହା ସହ ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଫୋରେନ୍‌ସିକ ଲାବୋରେଟୋରି ରିପୋର୍ଟଗୁଡ଼ିକ ପଠାଯାଇଛି। ରୟ ଇ-ମେଲର ଉତ୍ତର ଦେଲେ ନାହିଁ। କିନ୍ତୁ ଫୋନ୍ କରି କହିଲେ ଯେ, ଆମେ ଘରୋଇ ଲାବୋରେଟୋରିର ରିପୋର୍ଟକୁ ବିଚାରକୁ ନେଉ ନାହୁଁ। ଆମର ଫୋରେନ୍‌ସିକ ପରୀକ୍ଷା ପାଇଁ ରିଜିଓନାଲ ଫୋରେନ୍‌ସିକ ସାଇନ୍ସ ଲାବୋରେଟୋରି (ଆରଏଫଏସ୍‌ଏଲ) ଏବଂ ସେଣ୍ଟ୍ରାଲ ଫୋରେନ୍‌ସିକ ସାଇନ୍ସ ଲାବୋରେଟୋରି (ସିଏଫ୍‌ଏସ୍‌ଏଲ) ଭଳି ସ୍ୱୀକୃତିପ୍ରାପ୍ତ ଲାବୋରେଟୋରି ରହିଛି ବୋଲି ମଧ୍ୟ ସେ କହିଛନ୍ତି। ୧୬ ଜଣ ସାମାଜିକ କର୍ମୀଙ୍କ ବିରୋଧରେ ମାମଲା ବହୁବର୍ଷ ଧରି ଚାଲିବାର ସମ୍ଭାବନା ରହିଥିବାରୁ ସେମାନଙ୍କ ଓକିଲମାନେ ସେମାନଙ୍କୁ ଜାମିନରେ ଆଣିବା ଲାଗି ଏବେ ଗୁରୁତ୍ୱ ଦେଇଛନ୍ତି। ୱିଲସନଙ୍କ ଓକିଲ ତାଙ୍କ ଦାବିକୁ ଦୃଢ କରିବାକୁ ଦ୍ୱିତୀୟ ଆର୍ସେନଲ ରିପୋର୍ଟ ଉପଯୋଗ କରିବାର ସମ୍ଭାବନା ରହିଛି। ସରକାର ଦାଖଲ କରିଥିବା ପ୍ରଥମ ଇଲେକଟ୍ରୋନିକ ପ୍ରମାଣ ଜାଲ୍ ଥିଲା ଓ ତାଙ୍କ କମ୍ପ୍ୟୁଟରକୁ ଟ୍ୟାମ୍ପରିଂ କରାଯାଇ ଏସବୁ ଇଲେକଟ୍ରୋନିକ ପ୍ରମାଣ ପ୍ରସ୍ତୁତ କରାଯାଇଛି ବୋଲି ସେ କୋର୍ଟକୁ ଜଣାଇବେ।

ଏଲ୍‌ଗାର ପରିଷଦର ୧୬ ଜଣ କର୍ମକର୍ତ୍ତାଙ୍କ ବିରୋଧରେ ଚାଲୁଥିବା ମାମଲା ୩୧ ଡିସେମ୍ବର ୨୦୧୭ରେ ଭୀମା କୋରେଗାଁଓରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କେନ୍ଦ୍ର କରି ହୋଇଛି। ଏହି କାର୍ଯ୍ୟକ୍ରମ ପରେ ଦଳିତ ଓ ହିନ୍ଦୁ ରାଇଟ୍ ୱିଙ୍ଗ୍ ମଧ୍ୟରେ ହିଂସା ପ୍ରକାଶ ପାଇଥିଲା। ପରେ ପୁଣେ ପୋଲିସ ଏହି ହିଂସା ଉପରେ ତଦନ୍ତ କରି ତାହାକୁ ମାଓବାଦୀ ଷଡ଼ଯନ୍ତ୍ରର ରୂପ ଦେଇଥିଲା। ସେତେବେଳେ ନେତାମାନେ ବୁଦ୍ଧିଜୀବୀ ଓ କର୍ମକର୍ତ୍ତାଙ୍କୁ 'ଅର୍ବାନ ନକ୍ସଲ' କହି ଉପହାସ କରିବା ଆରମ୍ଭ କରିଦେଲେ। ପୋଲିସ୍ ଆୟୋଜକ ଏବଂ କର୍ମକର୍ତ୍ତାମାନଙ୍କ ଉପରେ ଚଢ଼ାଉ କରିବା ସହ ସେମାନଙ୍କ ଲାପ୍‌ଟପ, ହାର୍ଡଡିସ୍କ ଏବଂ ଅନ୍ୟ ଇଲେକ୍‌ଟ୍ରୋନିକ ଉପକରଣ ଜବତ କରିଥିଲା। ୱିଲସନଙ୍କ ଘରୁ ଜବତ କରାଯାଇଥିବା କମ୍ପ୍ୟୁଟର ତଥ୍ୟକୁ ତାଙ୍କ ସମେତ ସୁଧା ଭରଦ୍ୱାଜ, ବାରବାରା ରାଓ ଏବଂ ଅନ୍ୟମାନଙ୍କ ବିରୋଧରେ ପ୍ରମାଣ ଭାବେ ପ୍ରସ୍ତୁତ କରାଯାଇ କୋର୍ଟରେ ଦାଖଲ କରାଯାଇଥିଲା। ମହାରାଷ୍ଟ୍ରରେ ଭାଜପା ନେତୃତ୍ୱାଧୀନ ସରକାର ବଦଳି ମହାବିକାଶ ଅଘାଡ଼ି କ୍ଷମତାକୁ ଆସିବା ପରେ ରାଜ୍ୟ ପୋଲିସଠାରୁ ଏହି ମାମଲାକୁ ଏନ୍‌ଆଇଏ ନେଲା। ପରେ ସେମାନେ ଆଉ ଏକ ଚାର୍ଜଶିଟରେ ପ୍ରିଷ୍ଟ ଷ୍ଟାନ ସ୍ୱାମି, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗର ପ୍ରାଧ୍ୟାପକ ହନିବାବୁ ତାରାଇଲ, ଗୋଆ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟର ପ୍ରାଧ୍ୟାପକ ଆନନ୍ଦ ଟେଲ୍‌ତୁମ୍ବଡେ ଏବଂ ସାମ୍ବାଦିକ ଗୌତମ ନାଭଲଖଙ୍କ ନାମ ଯୋଡ଼ିଦେଲା। ଭାରତ ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ରରେ ଲିପ୍ତ ନିଷିଦ୍ଧ ମାଓଗ୍ରୁପ ସହ ସମ୍ପର୍କ ରହିଛି ବୋଲି ସେମାନଙ୍କ ବିରୋଧରେ ଅଭିଯୋଗ ଅଣାଯାଇଥିଲା। ସେମାନେ ସନ୍ତ୍ରାସବାଦ ନିରୋଧୀ ଆଇନ,୧୯୬୭ ୟୁଏପିଏ (ଅନ୍‌ଆୱେଫୁଲ ଆକ୍ଟିଭିଟିଜ ପ୍ରିଭେନଶନ୍ ଆକ୍ଟ)ରେ ଏମାନଙ୍କୁ ଛନ୍ଦି ଦିଆଯାଇଛି।

କମ୍ପ୍ୟୁଟରରେ ଫାଇଲ ସେଟ କରିବାକୁ ଆପଣାଯାଇଥିବା ସମସ୍ତ ଇଲେକଟ୍ରୋନିକ କାର୍ଯ୍ୟାବଳୀକୁ ନେଇ ଆର୍ସେନଲର ଏକ 'ପ୍ରୋସେସ ଟ୍ରି' ନକ୍ସା ପ୍ରସ୍ତୁତ କରିଛି। ଏହା ମାଧ୍ୟମରେ ଅନୁସନ୍ଧାନ କରି ପ୍ରଥମେ ୧୦ଟି ଫାଇଲ ସେଟ କରିଥିବା ହ୍ୟାକରର ଡିଜିଟାଲ ଫୁଟପ୍ରିଣ୍ଟକୁ ଏହା ଟ୍ରାକ କରିଛି। କେଉଁଠି ହ୍ୟାକର ଫାଇଲର ପୁନଃ ନାମକରଣ କରିଛି ତାହା ଜାଣି ପାରିଛି। ସେ ଗୋଟିଏ ଘଟଣାରେ ଭୁଲ୍ କରିବା ପରେ ତାହାକୁ ସଂଶୋଧନ କରିଥିବା ମଧ୍ୟ ଜଣାପଡ଼ିଛି। ଆର୍ସେନଲ ଅଧ୍ୟକ୍ଷ ମାର୍କ ସ୍ପିନସର ଅର୍ଟିକିଲ୧୪କୁ ନୂଆ ରିପୋର୍ଟ ସମ୍ପର୍କରେ ଜଣାଇବା ସହ ଏହି ପ୍ରୋସେସ ଟ୍ରି ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଜାନୁୟାରୀ ୨୦୨୮ରେ ଅନୁଷ୍ଠିତ ମହିଳା ମିଟିଂ ସମ୍ପର୍କିତ ବିଷୟବସ୍ତୁ ରହିଛି। ୱିଲସନଙ୍କ କମ୍ପ୍ୟୁଟରରେ ହ୍ୟାକର କେତେବେଳେ ଓ କେମିତି ଫାଇଲ ସେଟ୍ କଲା ତାହା ଟ୍ରାକ କରାଯାଇ ପ୍ରୋସେସ ଟ୍ରିରେ ଦର୍ଶାଯାଇଛି। କୁହାଯାଇଛି ଯେ, ନେଟୱ୍ୟାର, କ୍ଷତିକାରକ ସଫ୍ଟୱେର ଉପଯୋଗ କରାଯାଇ ୨୨ଟି ଫାଇଲ ରଖାଯାଇଛି। ତା'ପରେ ହ୍ୟାକର ବିଷୟବସ୍ତୁରେ ପରିବର୍ତ୍ତନ କରିଛି, ଯୋଡ଼ିଛି କିମ୍ବା ଡିଲିଟ୍ କରିଛି। ଦ୍ୱିତୀୟ ରିପୋର୍ଟ ରିମୋର୍ଟ ଆକ୍ସେସେସ ଇଲେକ୍‌ଟ୍ରୋନିକ ଟ୍ରୋଜାନ ହର୍ସ ବ୍ୟବହାର କରି କିପରି ୱିଲସନଙ୍କ କମ୍ପ୍ୟୁଟରକୁ ଫାଇଲଗୁଡ଼ିକ ଡେଲିଭର୍ କରାଯାଇଛି ତା'ର ବିବରଣୀ ପ୍ରଦାନ କରିଛି।

ଜଣେ ହ୍ୟାକର କ୍ୱଚିତ ଭୁଲ କରିଥାଏ ଓ ଏଭଳି ଭୁଲକୁ ସହଜରେ ଚିହ୍ନଟ କରାଯାଇ ପାରେ ବୋଲି କୁହନ୍ତି ସ୍ପିନସର। ୱିଲସନଙ୍କ କମ୍ପ୍ୟୁଟରରେ ନେଟ୍ ୱାୟାର ରନିଂର ଅକାଟ୍ୟ ପ୍ରମାଣ ରହିଛି। ଆମେ ପ୍ରଥମ ଓ ଦ୍ୱିତୀୟ ରିପୋର୍ଟରେ ପ୍ରକାଶ କରିଥିବା ତଥ୍ୟ କୌଣସି କାର୍ଯ୍ୟ ପାଇଁ ଆବଶ୍ୟକ କରି ନ ପାରୁ , କିନ୍ତୁ ଆମର ସିଦ୍ଧାନ୍ତକୁ ଦକ୍ଷ ଡିଜିଟାଲ ଫୋରେନସିକ ପାର୍ଟିଶନର୍‌ମାନେ ବାରମ୍ବାର ଦୋହରାଇବେ ଓ ସମାନ ପ୍ରକାର ଇଲେକଟ୍ରୋନିକ ପ୍ରମାଣ ପାଇବେ। ପ୍ରୋସେସ ଟ୍ରି ହ୍ୟାକରକୁ ଧରିବାରେ ପ୍ରଭାବୀ ହୋଇଛି ବୋଲି କହନ୍ତି ସ୍ପିନସର। ରୋନା ୱିଲସନଙ୍କ କମ୍ପ୍ୟୁଟରରେ କେମିତି ଫାଇଲ ସେଟ କରାଯାଇଛି ସ୍ପଷ୍ଟ ଭାବେ ଏହା ପ୍ରତିପାଦିତ କରିଛି। ଆନନ୍ଦ ଟେଲ୍‌ତୁମ୍ବଡେଙ୍କ ଓକିଲ ଆର୍ସେନଲର ପ୍ରଥମ ରିପୋର୍ଟ ଆଧାରରେ ଜାମିନ ପାଇଁ ଆବେଦନ କରିବା ସମୟରେ ଏନ୍‌ଆଇଏର ସ୍ୱତନ୍ତ୍ର କୋର୍ଟ କହିଲା ଯେ, ଏହାର ସତ୍ୟାସତ୍ୟ ନ ଥିବାରୁ ଭରସାଯୋଗ୍ୟ ହୋଇ ନ ପାରେ। ରାଜ୍ୟ ପୋଲିସ ଓ ଏନ୍‌ଆଇଏ ଦ୍ୱାରା ଅନେକ ଚାର୍ଜଶିଟ ଫାଇଲ୍ କରାଯାଇ ୱିଲସନ ଏବଂ ଅନ୍ୟମାନଙ୍କ ଇଲେକ୍‌ଟ୍ରୋନିକ ଡିଭାଇସରୁ ପ୍ରାପ୍ତ ପ୍ରମାଣ ଯୋଡ଼ାଚାଲିଛି। କିନ୍ତୁ ସ୍ୱତନ୍ତ୍ର ଫୋରେନସିକ ବିଶେଷଜ୍ଞମାନେ ଏହାକୁ ଏବେ ଅସ୍ୱୀକାର କରିଛନ୍ତି। ୧୦ ଫେବୃୟାରୀରେ ଏନ୍‌ଆଇଏ ପରୋକ୍ଷରେ ଆର୍ସେନଲର ପ୍ରଥମ ରିପୋର୍ଟକୁ ଅସ୍ୱୀକାର କରିଛି। ଚାର୍ଜଶିଟରେ ଭାରତର ସ୍ୱୀକୃତିପ୍ରାପ୍ତ ଫୋରେନ୍‌ସିକ ଲାବୋରେଟୋରିର ରିପୋର୍ଟକୁ ନିଆଯାଇଛି ବୋଲି କହିଛନ୍ତି ରୟ। ଆର୍ଟିକିଲ୧୪ର ପ୍ରଶ୍ନର ଉତ୍ତରରେ ଏନ୍‌ଆଇଏ ମୁଖପାତ୍ର କହିଛନ୍ତି ଯେ, ଏନଆଇଏ ଦାଖଲ କରିଥିବା ଚାର୍ଜଶିଟର ବିଚାର ଏବେ ଚାଲିଛି ଓ ଏହା ଉପରେ ମନ୍ତବ୍ୟ ଦେଇପାରିବେ ନାହିଁ । ଆର୍ଟିକିଲ ୧୪ ଉତ୍ଥାପନ କରିଥିବା ରେକର୍ଡ ଟ୍ୟାମ୍ପରିଂ ପ୍ରମାଣର ପ୍ରଶ୍ନ ଉପରେ ଆରଏଫ୍‌ଏସଏଲ୍ କିଛି ବି ପ୍ରତିକ୍ରିୟା ରଖିଲା ନାହିଁ। ଆରମ୍ଭରୁ ରାଜ୍ୟ ପୋଲିସ ପରେ ଏନ୍‌ଆଇଏ ଅଭିଯୁକ୍ତଙ୍କ ବିରୋଧରେ ବହୁ ଇଲେକ୍‌ଟ୍ରୋନିକ ପ୍ରମାଣ ଦାଖଲ କରିଛି। କିନ୍ତୁ ମାନବ ଅଧିକାର କର୍ମକର୍ତ୍ତା ଓ ଆଇନଜୀବୀମାନେ କହିଛନ୍ତି ଯେ,ସରକାର ମନଗଢା ପ୍ରମାଣ ଜୁଟାଇ କପଟରେ କର୍ମକର୍ତ୍ତାମାନଙ୍କୁ ଟାର୍ଗେଟ କରିଛନ୍ତି। କେବଳ ଏତିକି ନୁହେଁ, ମାମଲାକୁ ଦୃଢ କରିବା ପାଇଁ ପୁଣେ ପୋଲିସ ପ୍ରତ୍ୟକ୍ଷଦର୍ଶୀ ଓ ଏଲଗାର ପରିଷଦରେ ହିଂସା ଉଦ୍ରେଗକାରୀ ସଙ୍ଗୀତ ଗାନକୁ ପଛୁଆବର୍ଗଙ୍କ ମଧ୍ୟରେ ମାଓବାଦୀ ଚିନ୍ତାଧାରାର ପ୍ରଚାର ଭାବେ ଦର୍ଶାଯାଇଛି ଓ ଚାର୍ଜଶିଟରେ ଥିବା ଏହି କଥିତ ପ୍ରମାଣକୁ ମଧ୍ୟ ଏନ୍‌ଆଇଏ ୧୬ ଜଣଙ୍କ ବିରୋଧରେ ବ୍ୟବହାର କରୁଛି। ଏଲଗାର ପରିଷଦର ସାଂସ୍କୃତିକ ସଂସ୍ଥା କବିର କଳା ମଞ୍ଚର ଆୟୋଜନକୁ ନେଇ ମଧ୍ୟ ଏମାନଙ୍କ ବିରୋଧରେ କେସ୍ କରାଯାଇଛି। ଅଭିଯୁକ୍ତମାନେ ଦଳିତଙ୍କୁ ଭାଜପା ଓ ଆରଏସ୍‌ଏସ୍ ବିରୋଧରେ ଉସୁକାଇ ଅରାଜକତା ସୃଷ୍ଟି କରୁଥିବା ଏବଂ ଦେଶର ଏକତା, ଅଖଣ୍ଡତା ବିରୋଧରେ କାର୍ଯ୍ୟ କରୁଛନ୍ତି ବୋଲି ଚାର୍ଜଶିଟରେ ଉଲ୍ଲେଖ କରାଯାଇଛି। ପୋଲିସ ଚାର୍ଜଶିଟରେ ଏକ ସ୍ୱତନ୍ତ୍ର ପାରାରେ ଉଲ୍ଲେଖ କରିଛି ଯେ, ଜବତ କରାଯାଇଥିବା ତଥ୍ୟରୁ ଜାଣିବାକୁ ମିଳିଛି, ପଛୁଆବର୍ଗଙ୍କ ମାନସିକତା ଏବେ ଭାଜପା ଓ ଆରଏସ୍‌ଏସ୍ ବିରୋଧୀ ପାଲଟିଛି। ସେମାନଙ୍କ ଭାବନାକୁ ଅସ୍ଥିର କରି ତା ମାଧ୍ୟମରେ ଅଧିକ ଅରାଜକତା ସୃଷ୍ଟି କରୁଥିବାର ଉଦ୍ୟମ କରୁଛନ୍ତି ବୋଲି ଉଲ୍ଲେଖ କରାଯାଇଛି। ତେବେ ଯେତେସବୁ ପ୍ରମାଣ ଜୁଟାଯାଇଛି ତାହା ଉପରେ ଏବେ ଆର୍ସେନଲ ରିପୋର୍ଟ ପ୍ରଶ୍ନ ଉଠାଇଛି। ୧୬ ଜଣ ସାମାଜିକ କର୍ମୀଙ୍କୁ ଦୋଷୀ କରିବା ପାଇଁ ୱିଲସନଙ୍କ କମ୍ପ୍ୟୁଟରରେ ସେଟ କରାଯାଇଥିବା ଇଲେକ୍‌ଟ୍ରୋନିକ ପ୍ରମାଣ ଏବେ ସାଂଘାତକି ସଙ୍କେତ ପ୍ରଦାନ କରୁଛି।

ସଦସ୍ୟ,(The Reporters' Collective)
-www.reporters-collective.in



# ଆସ ରାସ୍ତାରୋକୋ କରିବା

ଡ. ଚିନ୍ତାମଣି ପଣ୍ଡା

ସକାଳୁ ଉଠି ଦେଖିବାବେଳକୁ ପଞ୍ଚାଏ ତଥାକଥିତ ଅତି ସଚେତନ ନାଗରିକ ମୁଖ୍ୟ ରାସ୍ତାଟିକୁ ଅବରୋଧ କରି ସର୍ବସାଧାରଣଙ୍କ ଯାତାୟାତକୁ ସମ୍ପୂର୍ଣ୍ଣ ଠପ୍ କରିଦେଇଛନ୍ତି। ଘଟଣା କ'ଣ ବୁଝୁବୁଝୁ ଜଣାପଡ଼ିଲା ଯେ, ବର୍ଷା ଠିକ୍ ଭାବରେ ନ ହୋଇ ଫସଲ ମରୁଥିବାରୁ ବାଘ ଦଳର ମୁଖିଆ ବନ୍ଦ ଡାକରା ଦେଇଛନ୍ତି। ସେଦିନ ସନ୍ଧ୍ୟାବେଳକୁ ଟାୟାର ଜଳା, ରାସ୍ତାରୋକୋ, ସର୍ବସାଧାରଣଙ୍କୁ ଆକ୍ରମଣ ଇତ୍ୟାଦିକୁ ଟିଭି ମାଧ୍ୟମରେ ପ୍ରଚାର କରାଇ ଦଳପତି ମହୋଦୟ ବୀର ଦର୍ପରେ ଗଳାଫଟାଇ ଗର୍ଜୁଥାନ୍ତି ''ଠିକ୍ ସମୟରେ ବର୍ଷା ହେଉନି। ଚାଷୀକୁଳ ହନ୍ତସନ୍ତ। ଏ ସରକାର ରହିଲା ଭ କ'ଣ ? ତେଣୁ ଶତକଡ଼ା ଅଶୀଭାଗ ଜନତା ଆମକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଜଣାଇ ଏ ବନ୍ଦ ପାଳନକୁ ସମ୍ପୂର୍ଣ୍ଣ ସଫଳ କରାଇଛନ୍ତି।

ପରଦିନ ସକାଳବେଳକୁ ପୁଣି ରାସ୍ତାବନ୍ଦ, ଶୋଭାଯାତ୍ରା, ସ୍ଲୋଗାନ ଇତ୍ୟାଦିରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ। କଥା'କଣ ବୁଝିଲାବେଳକୁ ଜଣାପଡ଼ିଲା, ଗତକାଲି ଏକ ନିର୍ଦ୍ଦିଷ୍ଟ ଦଳର ନେତାମାନେ (ବାଘଦଳ) ଆମ ଦଳର କିଛି ଆଗଧାଡ଼ିଆ ଛାମୁଆଁ କର୍ମୀଙ୍କୁ ପ୍ରଲୋଭିତ କରି ବିଷାକ୍ତ ମଦ୍ୟପାନ ଦ୍ୱାରା ହତ୍ୟା ଉଦ୍ୟମ କରିଛନ୍ତି। ତେଣୁ ଆମ୍ଭେ ସରକାରରେ ଥାଇ କି ଲାଭ ? ଅତଏବ ପ୍ରତିଶୋଧ ସ୍ୱରୂପ ଆଜି ଆମେ ଛଅ ଘଣ୍ଟିଆ ଚକାଜାମ୍ ଆନ୍ଦୋଳନ କରି ସନ୍ଧ୍ୟାବେଳକୁ ସମସ୍ତ ଆନ୍ଦୋଳନକାରୀଙ୍କୁ ଆକଣ୍ଠ ବିଶୁଦ୍ଧ ସୁରାପାନରେ ଆପ୍ୟାୟିତ କରିବୁ। କାରଣ ଆମେ ଦଳପ୍ରେମୀ।

ତହିଁ ପରଦିନ ଦେଖିବାବେଳକୁ ପୁଣି ରାସ୍ତାରୋକୋ। ଏଥର କିନ୍ତୁ ପଞ୍ଚାଏ ତେଲ ବ୍ୟବସାୟୀ ଆନ୍ଦୋଳନ କରି ରାଜରାସ୍ତାକୁ ଓଗ୍ଲାଇ ଥାଆନ୍ତି। ଚାଲିଥାଏ ରାଜପଥର ଛାତିରେ ଗଣଧାରଣା। କାରଣ ତେଲ ଦର ହୁ ହୁ ହୋଇ ବଢୁଥିବାରୁ ଜନସାଧାରଣ ଆକ୍ତା ମାକ୍ତା ହୋଇଗଲେଣି, ଆମେ ସେମାନଙ୍କୁ ସେବା ଯୋଗାଇ ପାରୁନାହୁଁ। ରନ୍ଧନ ଗ୍ୟାସ ଓ ଖାଇବା ତେଲର ଅହେତୁକ ଦରବୃଦ୍ଧି। ଗୃହିଣୀମାନେ ରୋଷେଇ ଘରେ ଏକପ୍ରକାର ସନ୍ତୁଳି ହେଉଛନ୍ତି। ତେଣୁକରି ସେମାନଙ୍କ ସମର୍ଥନରେ ଆମର ଏ ଦରଦୀ ରାସ୍ତାରୋକୋ। କହିବା ବାହୁଲ୍ୟ ଯେ, ଏହି ଅଦିନ ଦରଦୀ ବନ୍ଧୁଗଣ ଦେଶ ସେବା ପରିପ୍ରେକ୍ଷୀରେ ନିଜ ନିଜ ପେଟ୍ରୋଲ ପମ୍ପ ତରଫରୁ ଯୋଗାଇ ଦିଆଯାଉଥିବା 'ମାଗଣା ସେବା' ଯଥା ପାଣି (ପିଇବା ପାଣି), ପବନ (ଚକାହାୱା) ଓ ଶୌଚାଳୟ ସୁବିଧାସବୁ କେବେଠୁ ଅକାମୀ କରି ପକାଇଛନ୍ତି। କିନ୍ତୁ ଏବେ ଠିକଣା ବେଳକୁ ଜନସାଧାରଣଙ୍କ ସେବାର ନାଁ ନେଇ ଯେଉଁ ଆନ୍ଦୋଳନର ଡାକରା ଦେଇଛନ୍ତି ତା' ପ୍ରତି ତାଙ୍କର ଅକୁଣ୍ଠ ସମର୍ଥନ ରହିଥିବାର ବାହୁସ୍ଫୋଟ ମାରି ବନ୍ଦକୁ ସଫଳ କରାଉଛନ୍ତି। କାରଣ ଏମାନେ ଦେଶପ୍ରେମୀ।

ତା' ପରଦିନ ଦେଖିବାବେଳକୁ ପରିବେଶପ୍ରେମୀ ବୋଲାଉଥିବା ପଞ୍ଚାଏ ଉଦ୍‌ଭ୍ରାନ୍ତ ଯୁବକ ରାସ୍ତାରୋକୋ କରି ଗମନାଗମନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। କାରଣ ଓଡ଼ିଶାର ସବୁ ପ୍ରାନ୍ତରେ ବନାଗ୍ନି ଲକ୍ଷ ଲକ୍ଷ ହେକ୍ଟର ପରିମିତ ଜଙ୍ଗଲ ସମ୍ପଦକୁ ଜାଳି ପୋଡ଼ି ଭସ୍ମ କରିଦେଲାଣି। ବିଚରା ସାଧାରଣ ଜନତା ଆଉ ଯାଏ କୁଆଡେ ? ନିତିଦିନିଆ ବନ୍ଦ ପାଳନରେ ଅତିଷ୍ଠ ହୋଇ ନିଜର ଜୀବନ ଜୀବିକା ହରାଇ ଦେଶାନ୍ତର ଗମନ କରିବା ଛଡ଼ା ଆଉ ଗତି ନାହିଁ ବୋଲି ଭାବୁଥିବା ବେଳେ ସ୍ୱେଚ୍ଛାସେବୀ ବାହିନୀର ହାବୁଡ଼ରେ ପଡ଼ିଯାଏ। ସେମାନେ ମାଓବାଦୀଙ୍କ ପରି ତାକୁ ଘରୁ ଟାଣି ନେଇ ହାତୀଘୋଡ଼ା ଦେବାର ପ୍ରଲୋଭନରେ ସାଦାକାଗଜରେ ତା'ର କିଛି ଦସ୍ତଖତ ସହ ଆଧାର କାର୍ଡ କି ଭୋଟର ପରିଚୟ ପତ୍ର ନେଇ ଯା'ନ୍ତି। କିଛି ଦିନ ପରେ ସେ ଶୁଣେ ତା' ନାଁରେ କୋଟି କୋଟି ଟଙ୍କାର ଟିକସ ଫାଙ୍କି ନୋଟିସ ଆସେ। ସେ ପାନ ଦୋକାନରେ କିମ୍ବା ପରିବା ଦୋକାନରେ ବସି ଏହା କିପରି ସମ୍ଭବ ହେଲା ଭାବୁଥାଏ। ସେ ବୁଝିପାରେନି ଏତେ ସ୍ୱେଚ୍ଛାସେବୀ, ଯୁବକର୍ମୀ ପ୍ରତି ଦଳରେ ଭରି ରହିଥିବା ବେଳେ ଏମାନେ ଭୋଟ ସରିଗଲେ ଯା'ନ୍ତି କୁଆଡେ ? କରନ୍ତି କ'ଣ ? କାହିଁ କେଉଁ ବାତ୍ୟା, ବନ୍ୟା କି ଭୂକମ୍ପ ପରି ଦୈବିଦୁର୍ବିପାକ ବେଳେ ତ ଏମାନଙ୍କର ଦେଖା ନ ଥାଏ। ଏମାନେ ପରା ମାନବପ୍ରେମୀ ! ପ୍ରତି ବର୍ଷ ଆମ ରାଜ୍ୟରେ ବିଭିନ୍ନ ସାମାଜିକ ଅପରାଧ ଯଥା ଯୌତୁକ ହତ୍ୟା, ନାରୀ ନିର୍ଯାତନା, ଲିଙ୍ଗ ବୈଷମତା ଇତ୍ୟାଦି ତଥା ଭୋଟର ସଚେତନତା, ପରିବେଶ ସୁରକ୍ଷା, ବନ୍ୟପ୍ରାଣୀ ସୁରକ୍ଷା ଆଦି ବିବିଧ ଦାୟିତ୍ୱ ଓ କର୍ତ୍ତବ୍ୟର ଠିକ୍ ସମ୍ପାଦନା ନିମିତ୍ତ ଅନେକ ଶୋଭାଯାତ୍ରା, ରାସ୍ତାବନ୍ଦ, ଆନ୍ଦୋଳନ ଇତ୍ୟାଦି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଏ। ଏହାଠାରୁ ଆଉ ପାଦେ ଆଗକୁ ଯାଇ ଜନସାଧାରଣଙ୍କ ଅର୍ଥରେ ପରିପାଳିତ ସରକାରୀ ତଥା ବେସରକାରୀ ସଂସ୍ଥାମାନେ ବିଭିନ୍ନ ତାରକା ହୋଟେଲରେ କର୍ମଶାଳା, ସଚେତନତା ଶିବିର ଆୟୋଜିତ କରି ଅଜସ୍ର ସରକାରୀ ଅର୍ଥ ଶ୍ରାଦ୍ଧ କରିଥାନ୍ତି। କିନ୍ତୁ ଏହାର ସୁଫଳ କେତେ ପରିମାଣରେ ସର୍ବସାଧାରଣଙ୍କ ପାଖରେ ପହଞ୍ଚିଥାଏ। ତା'ର ହିସାବ କେହି ରଖେ ନାହିଁ। ବରଂ ପୁଣି ପରବର୍ତ୍ତୀ ବର୍ଷକୁ ଅଧିକ ଜାକଜକମରେ ସଚେତନତା ଶିବିର ଆୟୋଜନରେ ଲାଗିଯାନ୍ତି। ଯେଉଁ ରାଜ୍ୟରେ ଏବେ ବି ଡାହାଣୀ ସନ୍ଦେହରେ ନରହତ୍ୟା କରାଯାଏ, ଯେଉଁଠି ଟା'ରେ ନିଶା ଦେଇ ଲୁଟେରାମାନେ ପଥଚାରୀଟିର ସର୍ବସ୍ୱ ଲୁଟିବାକୁ ପଛାନ୍ତି ନାହିଁ, ଆଉ ଯେଉଁଠି ସମାଜର ଉଚ୍ଚସ୍ତରରେ ଥିବା ବୁଦ୍ଧିଜୀବୀଟିଏ ସାଇବର ଠକମାନଙ୍କ ଦ୍ୱାରା ନିଜର କଷ୍ଟୋପାର୍ଜିତ ସମ୍ପତ୍ତି ହରାଇ ସର୍ବସ୍ୱାନ୍ତ ହୋଇଥାଏ ସେଠି ସଚେତନତା ନାଁରେ ରାସ୍ତାରୋକୋ, ଆନ୍ଦୋଳନ ଇତ୍ୟାଦି ଏକ ପ୍ରହସନ ପରି ଲାଗେ ନାହିଁ କି? ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଟିକୁ ସହାୟତା କରିବା ବଦଳରେ ଆମେ ତା' ସହିତ ସେଲ୍ଫି ଉଠାଇ ଗର୍ବରେ ସୋସିଆଲ ମିଡ଼ିଆରେ ପ୍ରସାରିତ କରାଉ। ଖାଲଖମାରେ ଭର୍ତ୍ତି ରାସ୍ତାରେ ହମ୍ପସ ତିଆରି କରିବା ପାଇଁ ଗୋଡ଼ିବାଲି ଯୋଗାଡ଼ କରୁ ଆଉ ଜଙ୍ଗଲରେ ଲାଗିଥିବା ନିଆଁକୁ ଲିଭାଇବା ପରିବର୍ତ୍ତେ ଏଥିପାଇଁ ଆନ୍ଦୋଳନ କରୁ। ଏପ୍ରକାର ମାନସିକତା କ'ଣ ଜଣେ ସଚେତନ ନାଗରିକର କି? ଅତଏବ ନିଜର ଅସ୍ମିତାକୁ ବଜାୟ ରଖିବାକୁ ଯାଇ ଯଦି ଆମେ ଏସବୁର ପ୍ରକୃତ କାରଣକୁ ନିଜେ ସଚେତନ ହୋଇ ଖୋଜି ପାରନ୍ତେ ତେବେଯାଇ ତା'ର ନିରାକରଣ ସହଜ ସୁଗମ ହେବା ସହ ଦେଶ ଓ ଦଶର ମଙ୍ଗଳ ସାଧିତ ହୋଇପାରନ୍ତା।

ପ୍ରାଧ୍ୟାପକ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୪୩୭୧୮୫୧୭୫

## ଏଇ ଭାରତରେ

କଳାନ୍ଦର ସମ୍ପ୍ରଦାୟଙ୍କ ଭାଲୁ ନାଚ ପରମ୍ପରା ଦୂର କରିବା ସହ ଭାଲୁଙ୍କୁ ଯନ୍ତ୍ରଣାରୁ ମୁକ୍ତ କରିବା ପାଇଁ କାର୍ଯ୍ୟ କରୁଛନ୍ତି ଦିଲ୍ଲୀର ଗୀତା ଶେଷମାନି। କେବଳ ଏତିକି ନୁହେଁ ବିହାର, ଓଡ଼ିଶା, କର୍ନାଟକ, ହରିୟାଣା ଓ ରାଜସ୍ଥାନର ପ୍ରାୟ ୬୦ଟି ଗାଁରେ ରହୁଥିବା ଏହି ସମ୍ପ୍ରଦାୟର ପାଖାପାଖି ୩,୦୦୦ ପରିବାରକୁ ବିକଳ୍ପ ରୋଜଗାର ଯୋଗାଇ ଦେଇଛନ୍ତି। ଦିଲ୍ଲୀଠାରୁ ମାତ୍ର ୩୦ କି.ମି. ଦୂରରେ ମଧ୍ୟ ବହୁ ସଂଖ୍ୟାରେ ରହୁଛନ୍ତି। ପୋଷା ମନାଇବା ପାଇଁ କଳାନ୍ଦର ସମ୍ପ୍ରଦାୟର ଲୋକମାନେ ଭାଲୁ ଥୋଡ଼ିକୁ ଉତ୍ତପ୍ତ ଲୁହା ରଡ୍‌ରେ ଫୋଡ଼ିଥାନ୍ତି। ୪୦୦ ବର୍ଷର ପୁରୁଣା ଭାଲୁ ନାଚ ପରମ୍ପରା ମୋଗଲ ସାମ୍ରାଜ୍ୟ ସମୟରେ ଆରମ୍ଭ ହୋଇଥିଲା। ୧୯୭୨ରେ ଭାରତରେ ଏହି ନାଚକୁ ବେଆଇନ ଘୋଷଣା କରାଯିବା ପରେ ଲୁଚାଛପାରେ ଏହା ଚାଲୁଥିଲା। କଳାନ୍ଦାର ସମ୍ପ୍ରଦାୟକୁ ଭାଲୁ ନାଚରୁ ଦୂରେଇ ରଖିବା ଅଭିଯାନରେ ଗୀତାଙ୍କୁ ତାଙ୍କ ବନ୍ଧୁ କାର୍ତ୍ତିକ ସତ୍ୟନାରାୟଣନ ସହଯୋଗ କରୁଛନ୍ତି। ତାଙ୍କ ଟିମ୍ ଏଯାବତ ୬୨୮ଟି ଭାଲୁ ଉଦ୍ଧାର କରି ଦେଶର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଶେଷ କରି ଗୀତା ଏହି କାର୍ଯ୍ୟ କରୁଆସୁଛନ୍ତି। ୧୯୯୫ରେ ଗୀତା ଓ ତାଙ୍କ ବନ୍ଧୁ ପ୍ରତିଷ୍ଠା କରିଥିବା ୱାଇଲ୍ଡ ଲାଇଫ ଏସ୍‌ଓଏସ୍‌ର ବିଭିନ୍ନ ପ୍ରୋଜେକ୍ଟ ମାଧ୍ୟମରେ ବନ୍ୟ ଜନ୍ତୁ ସୁରକ୍ଷା ପାଇଁ କାମ କରିଆସୁଛନ୍ତି। ଡ୍ରାଇଭିଂ ସ୍କୁଲ ପ୍ରତିଷ୍ଠା କରି କଳାନ୍ଦର ସମ୍ପ୍ରଦାୟର ଯୁବକମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ଓ ୭,୬୦୦ ପିଲାଙ୍କୁ ଶିକ୍ଷା ପ୍ରଦାନ କରିବାରେ ଗୀତାଙ୍କ ଟିମ୍ ସକ୍ଷମ ହୋଇପାରିଛି।

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରଦୂଷିତ ଭାରତ

ମହାଶୟ,

ବିଶ୍ୱ ମହାମାରୀ କରୋନାକୁ ପ୍ରତିହତ କରିବା ପାଇଁ ଲାଗୁ କରାଯାଇଥିବା ଲକ୍ ଡାଉନ୍, ଶଟ୍ ଡାଉନ୍ ଓ ନାଇଟ କର୍ଫ୍ୟୁ ପ୍ରଭାବରେ ସମଗ୍ର ବିଶ୍ୱର ବାୟୁର ଗୁଣାତ୍ମକ ମାନ ବୃଦ୍ଧି ପାଇଥିଲା। ଏହା ସତ୍ତ୍ୱେ ଭାରତର ରାଜଧାନୀ ଦିଲ୍ଲୀ ଲଗାତର ଭାବେ ୩ୟ ବର୍ଷ ପାଇଁ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହରର ମାନ୍ୟତା ଲାଭ କରିଛି। ବିଶ୍ୱର ସର୍ବାଧିକ ପ୍ରଦୂଷିତ ୩୦ଟି ସହର ମଧ୍ୟରେ ଭାରତର ୨୨ଟି ସହର ସ୍ଥାନ ପାଇଛି। କେବଳ ସେତିକି ନୁହେଁ, ବିଶ୍ୱର ସର୍ବାଧିକ ପ୍ରଦୂଷିତ ୧୦ଟି ସହର ମଧ୍ୟରେ ଭାରତର ୯ଟି ରହିଛି। କେବଳ ଚାଇନାର ଜିନ୍ ଜିଆଙ୍ଗ୍ ସହର ପ୍ରଥମ ସ୍ଥାନରେ ରହିଛି। ପ୍ରାୟ ସବୁ ପ୍ରଦୂଷିତ ସହର ଉତ୍ତର ଭାରତର। ଆଶ୍ଚର୍ଯ୍ୟର କଥା, ଓଡ଼ିଶା ସମେତ ପୂର୍ବଭାରତର କୌଣସି ସହର ଏଥିରେ ସ୍ଥାନ ପାଇନାହିଁ। ବିଶ୍ୱର ୧୦୬ଟି ଦେଶର ବାୟୁରେ ରହିଥିବା ପ୍ରଦୂଷଣ ସ୍ତର ପି.ଏମ୍. ୨.୫ ତଥ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରକାଶିତ ହୋଇଛି। ଏଥିରୁ ପ୍ରମାଣିତ ହେଉଛି ଯେ, କେନ୍ଦ୍ର ଓ ରାଜ୍ୟ ସରକାରମାନେ ବାୟୁର ପ୍ରଦୂଷଣ ମାତ୍ରାକୁ ହ୍ରାସ କରିବା ପାଇଁ ଯେତେସବୁ ଯୋଜନା କରୁଛନ୍ତି, ସେଥିରୁ ଆଖିଦୃଶିଆ ସଫଳତା ମିଳୁନାହିଁ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୫୦% କର୍ମଚାରୀରେ କାର୍ଯ୍ୟ କରିବ ହାଇକୋର୍ଟ

କଟକ ଅଫିସ,୨୦।୪: କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୫୦ପ୍ରତିଶତ କର୍ମଚାରୀଙ୍କୁ ନେଇ ହାଇକୋର୍ଟ କାର୍ଯ୍ୟ ଚାଲିବ। ପ୍ରତ୍ୟେକ ଏକ ଦିନ ଅନ୍ତରରେ କର୍ମଚାରୀମାନେ ହାଇକୋର୍ଟ ଆସିବେ। ତେବେ କର୍ମଚାରୀମାନେ ମୁଖ୍ୟାଳୟ ଛାଡ଼ି ବାହାରକୁ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେକୌଣସି ସମୟରେ ସେମାନଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇ ଡକାଯାଇ ପାରିବ। ପ୍ରତ୍ୟେକ ବିଭାଗର ଅଧକ୍ଷକମାନେ ସେମାନଙ୍କ କର୍ମଚାରୀଙ୍କ ରୋଷ୍ଟର ବ୍ୟବସ୍ଥା କରିବେ। ପ୍ରତ୍ୟେକ କାର୍ଯ୍ୟ ଦିବସରେ ମାମଲା ରୁଜୁ କରିବାର ସମୟ ସକାଳ ୧୦ଟାରୁ ମାଧାହ୍ନ ସାଢେ଼ ୧ଟା ରହିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର ଜୁଡିସିଆଲଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

### ସଂକ୍ଷେପରେ

## ଓଏପିଏଫ୍ ଯବାନଙ୍କୁ ମାଡ଼ମାରିଲେ ପୋଲିସ ସର୍ଜେଣ୍ଟ, ସହଯୋଗୀ

ଭବାନୀପାଟଣା, ୨୦।୪ (ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ପୋଲିସ ରିଜର୍ଭ କାର୍ଯ୍ୟାଳୟରେ ସୋମବାର ରାତିରେ ତୁମୁଳକାଣ୍ଡ ଘଟିଛି। ରିଜର୍ଭ ଅଫିସରେ ମୁତୟନ ଓଏପିଏଫ୍ ଯବାନ ଓ ସର୍ଜେଣ୍ଟଙ୍କ ମଧ୍ୟରେ କାମ କରିବାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସର୍ଜେଣ୍ଟ ଖଗେଶ୍ୱର ବିଶ୍ୱାଳ ଓ ଦୁଇ ସହଯୋଗୀ ମିଶି ଓଏପିଏଫ୍ ଯବାନ ଜଗବନ୍ଧୁ ଜାନିଙ୍କୁ ବାଡ଼ିରେ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି ସମ୍ପୃକ୍ତ ଯବାନ। ମାଡ଼ରେ ହାତ, ପିଠି, କାନରୁ ରକ୍ତସ୍ରାବ ହୋଇଥିବା ବେଳେ ଭବାନୀପାଟଣା ମେଡିକାଲରେ ଭର୍ତ୍ତି


ଚିକିତ୍ସାଧୀନ ଓଏପିଏଫ୍ ଯବାନ ଜଗବନ୍ଧୁ ଜାନି।

କରାଯାଇଛି। ଏଭଳିକାଣ୍ଡ ଖୋଦ୍ ପୋଲିସ ଅଫିସରେ ଘଟିଥିବାରୁ ଓଏପିଏଫ୍ ଯବାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପୋଲିସ ରିଜର୍ଭ ଅଫିସରେ ପୋଲିସ ବି ସୁରକ୍ଷିତ ନ ଥିବା ଜଣାଯାଇଛି। ଏ ନେଇ ଏସ୍‌ପିଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।


ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥକୁ ମଙ୍ଗଳବାର ସେବାୟତମାନେ ଟାଣି ନେଉଛନ୍ତି।

# ବିନା ଭକ୍ତରେ ଗଡ଼ିଲା ରୁକୁଣା ରଥ

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.),୨୦।୪

ପ୍ରଥମ ଥର ପାଇଁ ଅଶୋକାଷ୍ଟମୀରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ବିନା ଭକ୍ତରେ ଗଡ଼ିଲା। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ମଙ୍ଗଳବାର ସେବାୟତ ଏବଂ ସୁରକ୍ଷା କର୍ମୀ ରଥକୁ ଟାଣିଥିଲେ। ଅପରାହ୍ନ ସାଢ଼େ ୩ଟାରେ ରଥଟଣା ହେବାକୁ ସମୟ ଧାର୍ଯ୍ୟ କରାଯାଇଥିଲେ ସୁଦ୍ଧା ସିଂହଦ୍ୱାର ଖୋଲିବାରେ ବିଳମ୍ବ ଏବଂ ସେବକମାନଙ୍କୁ ନୀତିନିର୍ଘଣ୍ଟ ଦିଆଯାଇ ନ ଥିବାରୁ ରଥ ଟଣା କାର୍ଯ୍ୟ ଅପରାହ୍ନ ୪ଟା ୧୫ରେ ହୋଇଥିଲା। ଫଳରେ ସନ୍ଧ୍ୟା ପୂର୍ବରୁ ମାଉସୀ ମା' ମନ୍ଦିର ନିକଟରେ ରଥ ପହଞ୍ଚି ପାରି ନ ଥିଲା। ସୂର୍ଯ୍ୟାସ୍ତ ହୋଇଯିବାରୁ ଗୋସାଗରେଶ୍ୱର ଉଚ୍ଚ ପ୍ରାଥମିକ ସ୍କୁଲ ନିକଟରେ ସାରଥି ବିଭୂତି ଭୂଷଣ ଖୁଣ୍ଟିଆ ରଥ ଟଣା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଅପରାହ୍ନରେ ପୁଣି କଟକଣା ମଧ୍ୟରେ ରଥଟଣା ହେବ ବୋଲି ସୂଚନା ମିଳିଛି।

ପ୍ରାତଃ ୬ଟା ୨୦ରେ ଆଳତି, ଅବକାଶ କରାଯାଇ ୭ଟା ୩୫ରେ ରୋଷ ହୋମ କରାଯାଇଥିଲା। ପରେ ଛାମୁ ପରିଷ୍କାର ମହାସ୍ନାନ ନୀତି କରାଯାଇ ଭୋଗମଣ୍ଡପ ସରିଥିଲା। ଏହା ପରେ ଶ୍ରୀଜୀଉଙ୍କ ଯାତ୍ରା ପୂଜା ନୀତି ପୁନଶ୍ଚ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା, ମାଘସ୍ନାନ ଲାଗି କରାଯାଇଥିଲା। ପରେ ଶ୍ରୀଜୀଉ(ମହାପ୍ରଭୁ

### ବିଳମ୍ବରେ ରଥ ଟଣା ଯୋଗୁ ଅଧାରେ ଅଟକିଲା

ଶ୍ରୀ ଲିଙ୍ଗରାଜ, ଭଉଣୀ ରୁକୁଣା ଏବଂ ପ୍ରଭୁ ବାସୁଦେବ)ଙ୍କୁ ଯାତ୍ରା ପୂଜା ବେଶ କରାଯାଇଥିଲା। ପରେ ଦକ୍ଷିଣ ଘରେ ପଣା ଭୋଗ କରାଯାଇ ଠାକୁରଙ୍କୁ ରଥକୁ ପହଣ୍ଡି କରାଯାଇଥିଲା। ପହଣ୍ଡି ବେଳେ ପୂଜାପଣ୍ଡା ସେବାୟତ ଶ୍ରୀଜୀଉମାନଙ୍କୁ ଆଜ୍ଞା ପ୍ରସାଦ ଲାଗି କରିଥିଲେ। ଏହା ପରେ ଶ୍ରୀଲିଙ୍ଗରାଜଙ୍କୁ ପହଣ୍ଡିରେ ଯାଇ ରଥରେ ଥିବା ସିଂହାସନ ଉପରେ ବିଜେ କରିଥିଲେ। ପରେ ପୂଜାପଣ୍ଡା ସେବାୟତ ରଥରେ ୧୪ଟି ପୂଜା ଶେଷ କରିଥିଲେ। ପୂଜା ପଣ୍ଡା ସେବକ ଲିଙ୍ଗରାଜ ପୂଜା ପଣ୍ଡା ରଥରେ ଛେରା ପହଁରା ନୀତି ସମାପନ କରିବାପରେ ଅପରାହ୍ନ ୪ଟା ୧୫ରେ ରଥଟଣା ଆରମ୍ଭ ହୋଇଥିଲା। ରଥ ବାଟରେ ଯିବା ସମୟରେ ଶିବତୀର୍ଥ ମଠ, ଗୋପାଳତୀର୍ଥ ମଠ, କପାଳୀ ମଠର ଶ୍ରୀଜୀଉଙ୍କୁ ଭୋଗ ଲଗାଇ ରଥ ଆଗକୁ ଗଡ଼ିଥିଲା। ଗୋସାଗରେଶ୍ୱର ନିକଟରେ ରଥ ଅଟକିବା ପରେ ମନ୍ଦିରରେ ଅନ୍ୟାନ୍ୟ ନୀତିକାନ୍ତି ହୋଇ ରଥରେ ଶ୍ରୀଜୀଉଙ୍କୁ ଭୋଗଲାଗି ହୋଇଥିଲା। ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୋଲିସ ଗୋଟିଏ ଦିନରେ ରାମେଶ୍ୱର ମନ୍ଦିର ତଥା ମାଉସୀ ମା' ମନ୍ଦିରରେ ପହଞ୍ଚାଇବାରେ ସକ୍ଷମ ହୋଇପାରି ନ ଥିଲା।

# ତାଳଚେର ଫର୍ଟିଲାଇଜର ୟୁରିଆ ପାଇଁ ସବ୍‌ସିଡି ନୀତି

ନୂଆଦିଲ୍ଲୀ/ଭୁବନେଶ୍ୱର, (ବ୍ୟୁରୋ)୨୦।୪

ତାଳଚେର ସାର କାରଖାନା (ଟିଏଫ୍ଏଲ୍) ଦ୍ୱାରା କୋଇଲା ବାଷ୍ପୀକରଣ ବ୍ୟବସ୍ଥାରେ ଉତ୍ପାଦିତ


ଧର୍ମେନ୍ଦ୍ର ପ୍ରଧାନ

ୟୁରିଆ ନିମନ୍ତେ ସ୍ୱତନ୍ତ୍ର ସବ୍‌ସିଡି ନୀତି କାର୍ଯ୍ୟକାରୀ କରିବାକୁ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ମଞ୍ଜୁରୀ ମିଳିଛି। କେନ୍ଦ୍ର ସାର ମନ୍ତ୍ରଣାଳୟ ଯେଉଁ ପ୍ରସ୍ତାବ ଉପସ୍ଥାପିତ କରିଥିଲା ତାହା ବର୍ତ୍ତମାନ ଅନୁମୋଦନ ଲାଭ କରିଥିବା ଜଣାପଡିଛି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ଏହି ଐତିହାସିକ ନିଷ୍ପତ୍ତି ଆମର ଘରୋଇ ୟୁରିଆ କ୍ଷେତ୍ରରେ ବୈଶ୍ୱିକ ପ୍ରତିଯୋଗିତାକୁ ଅଧିକ ପ୍ରୋତ୍ସାହନ ଦେବ। ଏହାସହ ପରିବେଶ ସହଯୋଗୀ ସ୍ୱଦେଶୀ ୟୁରିଆ

### ପ୍ରଧାନମନ୍ତ୍ରୀଙ୍କୁ ଟୁଇଟ୍ କରି ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର

ଉତ୍ପାଦନକୁ ଗତି ଦେବ।

ଦେଶରେ ରଣକୌଶଳାତ୍ମକ ଶକ୍ତି ନିରାପତ୍ତା ନୀତି ୟୁରିଆ ସାର କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଓ ଦେଶରେ ଗଚ୍ଛିତ ଥିବା ବିପୁଳ କୋଇଲା ସମ୍ପଦକୁ ବିଚାରକୁ ନେଇ କେନ୍ଦ୍ର ସରକାର କୋଲ୍ ଗ୍ୟାସିଫିକେଶନ ବ୍ୟବସ୍ଥାରେ ତାଳଚେର ସାର କାରଖାନାକୁ ଅନୁମତି ଦେଇଥିଲେ। ଏହାଦ୍ୱାରା ଦେଶର ଚାଷୀଙ୍କ ୟୁରିଆ ଆବଶ୍ୟକତା ଅନେକାଂଶରେ ପୂରଣ ହୋଇପାରିବ। ସେହିଭଳି ଦେଶର ପୂର୍ବାଞ୍ଚଳରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ପୂର୍ବ ଭାରତକୁ ପଠାଯାଉଥିବା ସାର ପରିବହନ ବାବଦ ସବ୍‌ସିଡି ଯଥେଷ୍ଟ ହ୍ରାସ ପାଇବ। ୟୁରିଆ ଆମଦାନୀ ପରିମାଣ ୧୨.୭ ଲକ୍ଷ ମେଟ୍ରିକ ଟନ୍ ହ୍ରାସ ହେବ। ୟୁରିଆ ଆମଦାନୀ କମିବା ଦ୍ୱାରା ସରକାର ବିପୁଳ ପରିମାଣର ବୈଦେଶିକ ମୁଦ୍ରା ସଞ୍ଚୟ କରିପାରିବେ।

ତାଳଚେର ସାର ପ୍ରକଳ୍ପ ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହିତ କରିବ। ଏହାଦ୍ୱାରା ପୂର୍ବ ଭାରତର ସଡ଼କ, ରେଳପଥ, ଜଳଯୋଗାଣ ବ୍ୟବସ୍ଥା ଭଳି ଭିତ୍ତିଭୂମି କ୍ଷେତ୍ର ଲାଭବାନ ହୋଇପାରିବ। ଅନେକ ଅନୁସାରୀ ଶିଳ୍ପସଂସ୍ଥା ଗଢ଼ିଉଠିବ। ଉକ୍ତ ପ୍ରକଳ୍ପ ଦ୍ୱାରା ତାଳଚେର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନୂଆ ଉଦ୍ୟୋଗ ଏବଂ ବ୍ୟବସାୟକୁ ପ୍ରୋତ୍ସାହିତ କରିବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ହାର୍ଡକୋର ମାଓବାଦୀ କୋସା ନିହତ

ମାଲକାନଗିରି,୨୦।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲାରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ନାମ କୋସା। ପୋଲିସ ଘଟଣା ସ୍ଥଳରୁ ବ୍ୟାପକ ପରିମାଣରେ ମାଓବାଦୀ ସାମଗ୍ରୀ ଜବତ କରିଛି। ଖବରରୁ ଜଣାପଡ଼ିଛି ଦାନ୍ତେୱାଡା ଜିଲାର ନିଲାବାୟା ଜଙ୍ଗଲରେ ମାଓବାଦୀମାନେ ଏକ କ୍ୟାମ୍ପ କରିଥିବା ଗୋଇନ୍ଦା ସୂତ୍ରରୁ ଖବର ପାଇ ମଙ୍ଗଳବାର ଡିଷ୍ଟ୍ରିକ୍ ରିଜର୍ଭ ଗାର୍ଡ (ଡିଆର୍‌ଜି) ପକ୍ଷରୁ ସମ୍ପୃକ୍ତ ଜଙ୍ଗଲରେ କୋମ୍ବିଂ ଅପରେଶନ କରାଯାଇଥିଲା। ତେବେ ପୋଲିସ ଆସିଥିବା ଜାଣିବା ପରେ ମାଓବାଦୀମାନେ ସେମାନଙ୍କ ଉପରକୁ ଗୁଳିଚାଳନା ଆରମ୍ଭ କରିଦେଇଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଶେଷରେ ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ତଲାସୀ ସମୟରେ ମାଓବାଦୀ କୋସାଙ୍କ

### ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ

- ଅନେକ ହିଂସାରେ ଜଡ଼ିତ ଥିଲେ
- ଜବତ ହୋଇଛି ବନ୍ଧୁକ, ଲ୍ୟାଣ୍ଡମାଇନ ସହ ଅନ୍ୟ ସାମଗ୍ରୀ
- ଛତିଶଗଡ଼ ସରକାର ଘୋଷଣା କରିଥିଲେ ୫ଲକ୍ଷ

ମୃତଦେହ ମିଳିଥିଲା। ଏଥିସହ ଜଙ୍ଗଲରୁ ମାଓବାଦୀ ବ୍ୟବହୃତ ଗୋଟିଏ ବନ୍ଧୁକ, ଲ୍ୟାଣ୍ଡମାଇନ ସହ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା। ପୋଲିସ ଏସବୁକୁ ଜବତ କରିଛି। କୋସା ୧୫ ବର୍ଷ ଧରି ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରି ଆସୁଥିଲେ। ସେ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିଲେ। ଛତିଶଗଡ଼ ସରକାର ତାଙ୍କ ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ବୋଲି ଦାନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲବ ସୂଚନା ଦେଇଛନ୍ତି।

# ନିଲମ୍ବିତ କନଷ୍ଟେବଲ, ଜେଲ ୱାର୍ଡର ଗିରଫ

କଟକ ଅଫିସ/ସମ୍ବଲପୁର (ବ୍ୟୁରୋ) ୨୦।୪

କଟକ ଏସ୍‌ସିବି ମେଡିକାଲରୁ ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ଫେରାର ହେବା ଘଟଣାରେ ମଙ୍ଗଳବାର ପୋଲିସ ୨ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ହାଇଦର ଫେରାର ଦିନ ସୁରକ୍ଷା ଦାୟିତ୍ୱରେ ଥିବା କନଷ୍ଟେବଲ ମହମ୍ମଦ ମୌସିମ ଓ ସମ୍ବଲପୁର ଜେଲର ୱାର୍ଡର ଶିବନାରାୟଣ ନନ୍ଦ। ଏ ସମ୍ପର୍କରେ କଟକ ଡିସିପି ପ୍ରତୀକ୍ ସିଂ କହିଛନ୍ତି, ଶିବନାରାୟଣଙ୍କ ଫୋନରୁ ହାଇଦର ବିଭିନ୍ନ ବ୍ୟକ୍ତିଙ୍କ ସହ କଥା ହେଉଥିବା ତଦନ୍ତ ସମୟରେ ଜଣାପଡିଛି। ଏଥିସହିତ ମୌସିମ ନିଜ ଡ୍ୟୁଟିରେ ଅବହେଳା କରିଥିଲେ। ହାଇଦରଙ୍କୁ ଢିଲାରେ ଛାଡି ଦେଇଥିବାରୁ ସେ ଏହାର ସୁଯୋଗନେଇ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୦୧/୨୧) ରୁଜୁ ହୋଇଥିଲା। ସେହିପରି ମୌସିମ୍‌ଙ୍କୁ ନିଶା ସ୍ପ୍ରେ କରାଯିବା ସମ୍ପର୍କରେ ଡିସିପି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ହାଇଦର ଫେରାର ହେବା ଦିନ ଏସ୍‌ସିବି ସର୍ଜରୀ ବିଭାଗର ୫

### ହାଇଦର ଫେରାର ଘଟଣା


ମହମ୍ମଦ ମୌସିମ


ଶିବନାରାୟଣ ନନ୍ଦ

- ଖାଦ୍ୟ ସାମ୍ପୁଲ ପରୀକ୍ଷା ପାଇଁ ପଠାଯାଇଛି
- ସମ୍ବଲପୁର ଜେଲରେ ମଙ୍ଗଳାବାଗ ପୋଲିସର ଖୋଳତାଡ

ନମ୍ବର କ୍ୟାବିନରୁ ମିଳିଥିବା ଖାଦ୍ୟ ସାମ୍ପୁଲ ପରୀକ୍ଷା ପାଇଁ ଲାବକୁ ପଠାଯାଇଛି। ରିପୋର୍ଟ ଆସିଲେ ତାହା ସ୍ପଷ୍ଟ ହେବ। ହାଇଦର ଫେରାର ହେବା ସମ୍ପର୍କରେ ମୌସୀମ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ଏଥିରେ ଦର୍ଶାଇଯାଇଛି, ଗତ ୧୦ ତାରିଖ ଅପରାହ୍ନରେ ମୌସିମ ଏସ୍‌ସିବି ସର୍ଜରି ବିଭାଗ ୫ନଂ. କ୍ୟାବିନରେ ଡ୍ୟୁଟି କରୁଥିବାବେଳେ ତାଙ୍କ ଉପରକୁ ନିଶାଦ୍ରବ୍ୟ ଫିଙ୍ଗାଯାଇଥିଲା। ସେ ଅଚେତ ହୋଇଯିବା ପରେ ଏହାର ସୁଯୋଗ ନେଇ ହାଇଦର ଫେରାର ହୋଇଯାଇଥିଲେ। ପରେ ହାଇଦରଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ମୌସୀମଙ୍କ ସମେତ ୬ ଜଣ ପୋଲିସ କର୍ମଚାରୀଙ୍କୁ ସମ୍ବଲପୁର ଏସ୍‌ପି ନିଲମ୍ବନ କରିଥିଲେ। ଉକ୍ତ ଘଟଣାରେ ହାଇଦରଙ୍କୁ ମିଶାଇ ଏପର୍ଯ୍ୟନ୍ତ ୯ ଜଣଙ୍କୁ ପୋଲିସ ଗିରଫ କରିଛି। ମଙ୍ଗଳାବାଗ ପୋଲିସ ମଙ୍ଗଳବାର ସମ୍ବଲପୁର ଜେଲ୍‌ରେ ପହଞ୍ଚି ଖୋଳତାଡ କରିଥିଲା। ସେଠାରେ ହାଇଦର କିଭଳି ରହୁଥିଲେ, କେଉଁ ତାରିଖରେ ଡାକ୍ତରଙ୍କ ପାଖକୁ ଯାଉଥିଲେ ଓ କେଉଁମାନେ ତାଙ୍କୁ ଭେଟିବାକୁ ଆସୁଥିଲେ ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିବା ଜେଲର ଆଲୋକ କର କହିଛନ୍ତି।

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ପଞ୍ଚାୟତ ଏବଂ ବ୍ଲକ୍‌ରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
8895029591

ଏୟାରପୋର୍ଟ ରେ ଚାକିରୀ
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
ଏୟାର ହୋଷ୍ଟେସ୍, ଗ୍ରାଉଣ୍ଡ ଷ୍ଟାଫ୍, ସୁପରଭାଇଜର, ଚେକର, ଲୋଡର, ହେଲ୍‌ପର
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
CONTACT : 8448123162

APPOINTMENT
SMS JOB & DATA ENTRY OPERATOR WORK
(ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ)
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile + Laptop + Printer ଉପହାର Free
ଇଚ୍ଛୁକ ପ୍ରାର୍ଥୀ ତୁରନ୍ତ ଆବେଦନ କରନ୍ତୁ।
09667693638, 09667693639

ନିଯୁକ୍ତି
କୌଶଳ ବିକାଶ ଯୋଜନା (PMMKVY) ଅଧିନରେ (SMS JOB) କାର୍ଯ୍ୟ କରିବା ନିମନ୍ତେ ୧୫୨୧ ଯୁବକ/ଯୁବତୀ ଆବଶ୍ୟକ। ଘରେ ରହି ପାର୍ଟ/ଫୁଲ୍ ଟାଇମ୍ କାର୍ଯ୍ୟ କରି ମାସିକ ୨୦,୦୦୦ ରୁ ୬୦,୦୦୦ ସହିତ ମୋବାଇଲ୍ + ଲ୍ୟାପଟପ୍ ମାଗଣା
ହେଲ୍ପଲାଇନ୍: ୯୫୪୨୩୩୯୯୧୯
ହ୍ୱାଟ୍ସଆପ୍: ୭୫୭୯୦୫୦୨୪୭

See Career Appointment on every Wednesday & Saturday

OFFICE OF THE PRINCIPAL
TENTULIA SASANDEBASTHAN COLLEGE
At/P.O.- Bijaya Dhanurjaya Pur, Dist.- Ganjam
Odisha (PIN - 761120)
Corrigendum Notice No. TSD/OHEPEE/02/2021 Date: 20.04.2021
CORRIGENDUM NOTICE
In continuation to the Tender Notice No. TSD/OHEPEE/01/2021 Date: 31.03.2021, it is for information to all concerned that, the last date of the receipt of the bids has been extended to 05.05.2021. Bidders are requested to visit the College website: tsdcollege.in for further information.
Sd./- Principal
T.S.D. College, B.D. Pur Gm)

# ମାଓବାଦୀ ନେତା କ୍ରିଷ୍ଣାଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୦।୪ (ଡି.ଏନ୍.ଏ.)

ଆନ୍ଧ୍ର- ଓଡ଼ିଶା ବର୍ଡର ଜୋନାଲ କମିଟିର ମାଓବାଦୀ ନେତା ତଥା ସ୍ୱାଭିମାନ ଅଞ୍ଚଳରେ ସଙ୍ଗଠନର ମୁଖ୍ୟ ଥିବା ଜଳନ୍ଧର ରେଡ୍ଡି ଓରଫ ଭେଙ୍କାଟା କ୍ରିଷ୍ଣା ଓରଫ କ୍ରିଷ୍ଣା ମଙ୍ଗଳବାର ବିଜୟୱାଡାଠାରେ ଆତ୍ମସମର୍ପଣ କରିଛନ୍ତି। ଏନେଇ ଆନ୍ଧ୍ର ଡିଜିପି ଗୌତମ ସ୍ପଷ୍ଟ କରିଛନ୍ତି। ୨୫ ବର୍ଷରୁ ଊର୍ଦ୍ଧ୍ୱ ଧରି ଉଭୟ ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଆଧିପତ୍ୟ ବିସ୍ତାର କରିଥିବା କ୍ରିଷ୍ଣା ୨୦୦୮ରେ ସ୍ୱାଭିମାନ ଅଞ୍ଚଳ ଦାୟିତ୍ୱରେ ଥିବା ବେଳେ ମାଲକାନଗିରିର ପୂର୍ବତନ ଜିଲାପାଳ ଆର୍. ଭିନିଲ କ୍ରିଷ୍ଣାଙ୍କ ଅପହରଣର ମାଷ୍ଟର ମାଇଣ୍ଡ ଥିଲେ। ତାଙ୍କୁ ସେତେବେଳେ ୯ ଦିନ ଧରି ପଣବନ୍ଦୀ କରି ରଖିଥିଲା ଲାଲବାହିନୀ। ପରେ ବିଭିନ୍ନ ସର୍ତ୍ତ ରଖି କ୍ରିଷ୍ଣା ତାଙ୍କୁ ଛାଡ଼ିଥିଲା। ୨୦୦୮ରେ ଚିତ୍ରକୋଣ୍ଡାର ଆଲାମପାକାଠାରେ ଲଞ୍ଚ ଆକ୍ରମଣରେ ୩୪ ଯବାନଙ୍କୁ ହତ୍ୟା ଘଟଣା ସହ ସ୍ୱାଭିମାନ ଅଞ୍ଚଳରେ ଅନେକ ମାଓବାଦୀ ହିଂସାକାଣ୍ଡରେ ମୁଖ୍ୟ ଥିଲେ କ୍ରିଷ୍ଣା। ତାଙ୍କ ନାମରେ ଆନ୍ଧ୍ର


ଭେଙ୍କାଟା କ୍ରିଷ୍ଣା

ସରକାର ୨୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଅନ୍ୟପକ୍ଷରେ ପୂର୍ବଭଳି ମାଓବାଦୀ ସଙ୍ଗଠନରେ ଆଉ ନୀତି ଆଦର୍ଶ ନାହିଁ। ସ୍ଥାନୀୟ ଲୋକଙ୍କ ଆଉ ସହଯୋଗ

### ଭିନିଲ କ୍ରିଷ୍ଣା ଅପହରଣ ଘଟଣାର ମାଷ୍ଟରମାଇଣ୍ଡ ଥିଲେ

- ଆଲାମପାକା ଲଞ୍ଚ ଆକ୍ରମଣ ଘଟଣାରେ ସମ୍ପୃକ୍ତ
- ଆନ୍ଧ୍ର ସରକାର ଘୋଷଣା କରିଥିଲେ ୨୦ ଲକ୍ଷ ଟଙ୍କା ପୁରସ୍କାର

ମିଳୁନାହିଁ। ଲୋକମାନେ ବିକାଶ ପ୍ରକ୍ରିୟାରେ ସାମିଲ ହୋଇ ମାଓବାଦୀ ସଙ୍ଗଠନର ବିପ୍ଳବ ପ୍ରତି ମୁହଁ ଫେରାଇ ନେଉଛନ୍ତି। ଫଳରେ ସେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସମାଜ ସେବା କରିବା ଲକ୍ଷ୍ୟରେ ସଙ୍ଗଠନ ଛାଡ଼ିଥିବା କ୍ରିଷ୍ଣା କହିଛନ୍ତି।

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office, Burla-768017
NOTICE INVITING TENDER
TP Western Odisha Distribution Limited invites tenders (2part bidding) from eligible vendors for the following packages:
1) TPWODL/MK/SER/003 – Rate Contract for 11 KV & 1.1KV associated work (Construction/ augmentation).
2) TPWODL/MK/SER/005 – Rate Contract for 33 KV associated work (Construction/augmentation)
3) TPWODL/PN/SU/006 – SCADA/ADMS system at TPWODL.
Interested bidders to submit Tender Participation Fee and Authorization Letter through email before 30th April 2021, 1500Hrs, after which link from e-Tender system shall be shared.
Corrigendum to Following Tenders is being issued:
4) Tender No. TPCODM/AO/O/W051 - Maintenance of LT & HT Network, FCC, DTR, Installation, Replacement and shifting of single phase meter, New connection up to 5 KW, recovery and disconnection in Tata Power Western Odisha Distribution Ltd.
Date for submission of Tender Participation Fee and Authorization Letter, for tender TPCODM/AO/O/W051 is extended till 24th April 2021, 1500 Hrs.
For detailed tender documents of all tenders mentioned above, please visit Tender section on website www.tpwesternodisha.com.Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.
Sd/- Chief Contracts & Stores

CUTTACK DEVELOPMENT AUTHORITY
CDA
ARUNODAYA BHAWAN, LINK ROAD, CUTTACK-12
Email: cda.cuttack@ori.nic.in
No.4864 CDA / Date: 19.4.2021
EXPRESSION OF INTEREST
No. CAD-144:- Sealed applications are intended to be received from PSU (Public Sector Undertaking) Oil Marketing Companies (OMC) for setting up of a petrol pump with, CNG facilities, over a plot area of approx 8350 sft. located in Sector-9, CDA area of Cuttack. The plot is to be leased out to the selected company for a period of 30 years and may further extend with all terms and condition prevails at that time. The application should be on a plain paper (Preferably on the letter pad of the company) quoting their officer on the monthly rent (Calculated per square feet) for the land. The company who offered / quote the maximum rent per sft. shall be selected accordingly. The operation of the proposed petrol pump is through COCO model (Company owned and company operated) only, as per decision taken n its 121st Authority meeting of CDA.
The last date of received of the application is 29.04.2021 by 3.00 P.M. The application should be received either through Speed Post/ Courier / Regd. Post to be reached by the above date and time. The application should be accompanied with a draft of Rs.10,000/- drawn in favour of Cuttack Development Authority, payable at Cuttack towards the participation fee and document preparation.
For futher queries please contact: Shri Narad Chandra Rath, Engineer, Member, CDA, Cuttack, Phone No.9437180346.
Sd./- Secretary, C.D.A.
OIPR-13037/11/0030/2122

## ୭୧୦ ଲିଟର ଦେଶୀ ମଦ, ୨ କାର୍ ଜବତ

ଆଠଗଡ଼,(ସ୍ୱ.ପ୍ର.): ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ବଡ଼ମ୍ବା ଥାନା ଅନ୍ତର୍ଗତ ବେଲିଆପାଳ ଗ୍ରାମରେ ଚଢ଼ାଉ କରାଯାଇ ୭୧୦ ଲିଟର ଦେଶୀ ମଦ ସହ ୨ଟି କାର ଜବତ କରାଯାଇଛି। ବେଲିଆପାଳରେ ଉକ୍ତ ମଦ ରକ୍ଷା ଯାଇ ନରସିଂହପୁର ବାଟ ଦେଇ ଅନୁଗୋଳ ଏବଂ ନୟାଗଡ଼ ଜିଲ୍ଲାକୁ ଚାଲାଣ କରିବାକୁ ଯୋଜନା କରାଯାଇଥିଲା। କୌଣସିସୂତ୍ରରୁ ଖବରପାଇ ଅବକାରୀ ବିଭାଗ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଗାଡ଼ି ପାଖରେ ଥିବା ୨ ଜଣ ବ୍ୟକ୍ତି ଫେରାର ହୋଇଯାଇଛନ୍ତି। ଏନେଇ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଚଢ଼ାଉ ସମୟରେ ଅବକାରୀ ଉପ ଅଧୀକ୍ଷକ ଦେବାଶିଷ ପଟେଲ, ଅବକାରୀ ନିରୀକ୍ଷକ ପ୍ରଭାସ ଚୌଧୁରୀଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

### ଆଜି କ'ଣ କେଉଁଠି

ବାଲିଅନ୍ତା

- ସାଇ ବାବାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବର କଳସ ଯାତ୍ରା ଓ ହୋମ ଯଜ୍ଞ, ପାଣ୍ଡରା, ସକାଳ ୮ଟା।

ଓଏଲ୍‌ଏକ୍ସ ଠକେଇ ମାମଲା

## ସରିଲା ସାତଦିନିଆ ରିମାଣ୍ଡ: ରହିଛି ୬୧ ମାମଲା

**ଭୁବନେଶ୍ୱର,୨୦।୪(ବ୍ୟୁରୋ):** ବାଲିଅନ୍ତା ଥାନା ରଙ୍ଗବଜାରର ଗତିକୃଷ୍ଣ ଗ୍ରୀନରେ ରହୁଥିବା ଗାଡ଼ି ଠକ ତୃପ୍ତି ରଞ୍ଜନ ଦାସଙ୍କ ୭ଦିନିଆ ପୋଲିସ ରିମାଣ୍ଡ ମଙ୍ଗଳବାର ସରିଛି। ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ପୁରୁଣା ଗାଡ଼ି ବିକ୍ରି ନାମରେ ସେ ବିଭିନ୍ନ ଅଟୋ ମୋବାଇଲସ୍‌ଗୁଡ଼ିକରେ ପାର୍ଟନର ରହିଥିଲେ। ୨୦୧୪ରୁ ୨୦୨୧ ମସିହା ମଧ୍ୟରେ ତାଙ୍କ ନାମରେ ଭୁବନେଶ୍ୱରର ୭ଟି ଥାନାରେ ୬୧ଟି ଠକେଇ ମାମଲା ରହିଛି। ୯ଟି ଅଟୋ ମୋବାଇଲସ୍ ସହ ପାର୍ଟନର ରହି ତୃପ୍ତି ଲୋକଙ୍କୁ ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି।

## କିନ୍ନରଙ୍କୁ ପୋଡ଼ି ମାରିବା ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୦।୪:** କିନ୍ନରଙ୍କୁ ପୋଡ଼ି ମାରିବା ଘଟଣାରେ ମାଲଗୋଦାମ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ବାଂଶଦା ଥାନା ଅନ୍ତର୍ଗତ ମାଣିକପୁରର ପ୍ରତାପ ଦାସ। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଯୋବ୍ରା ସାମଲ ସାହିର ତାରା ସାହୁ ଓରଫ ଚଗୁ ଜଣେ କିନ୍ନର। ସେ ମାଲଗୋଦାମ କୋଇଲା ଡିପୋ ବସ୍ତିରେ ରହୁଥିବାବେଳେ ପ୍ରତାପ ତାଙ୍କ ସହ ୩ବର୍ଷ ଧରି ଲିଭଇନ୍ ରିଲେସନଶିପ୍‌ରେ ରହୁଥିଲେ। ମାର୍ଚ୍ଚ ୩୧ ତାରିଖ ରାତିରେ ପ୍ରତାପ ତାରାଙ୍କୁ ଟଙ୍କା ମାଗିଥିଲେ। ତାରା ମନା କରିବାରୁ ପ୍ରତାପ ତାଙ୍କୁ ମାଡ଼ ମାରିବା ସହ କିରୋସିନ ଢାଳି ନିଆଁ ଲଗାଇ ଦେଇ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସାମଲସାହିର ମଞ୍ଜୁ ସାହୁଙ୍କ ଅଭିଯୋଗ କ୍ରମେ ମାଲଗୋଦାମ ପୋଲିସ ଏକ ମାମଲା(ନଂ.୮୨/୨୧) ରୁଜୁ କରିଥିଲା। ଘଟଣା ପରେ ପ୍ରତାପ ଭଦ୍ରକରେ ଲୁଚି ରହିଥିଲେ। ମଙ୍ଗଳବାର ସେ କଟକ ଆସିଥିବା ସୂଚନା ପାଇ ଜଗତପୁରରୁ ତାଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କ ବିରୋଧରେ ମାଲଗୋଦାମ ଥାନାରେ ୫ଟି ଓ ଚାଉଳିଆଗଞ୍ଜ ଥାନାରେ ଗୋଟିଏ ମାମଲା ରହିଛି।

## ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ବାଲିପାଟଣା,୨୦।୪(ଡି.ଏନ୍.ଏ.):** ଇନ୍ଦଲକୁସିଆରୀ ଓ ସାନମାଛପୁରଠାରେ ମଙ୍ଗଳବାର ଦୁଇଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଇନ୍ଦୋଲକୁସିଆରୀ ପ୍ରକଳ୍ପ ପାଇଁ ୬୩ ଲକ୍ଷ ୧୪ ହଜାର ଟଙ୍କା ମଞ୍ଜୁର ହୋଇଛି। ଏଥିରେ ୬୦୦ରୁ ଊର୍ଦ୍ଧ୍ୱ ଲୋକେ ଉପକୃତ ହେବେ। ସେହିପରି ସାନମାଛପୁର ପ୍ରକଳ୍ପ ପାଇଁ ୬୧ ଲକ୍ଷ ୭୭ ହଜାର ଟଙ୍କା ମଞ୍ଜୁର ହୋଇଛି। ଏହି ଯୋଜନାରେ ୭୦୦ରୁ ଊର୍ଦ୍ଧ୍ୱ ଲୋକେ ପାନୀୟଜଳ ପାଇପାରିବେ।

## ପୋଲିସକୁ ଛୁରାମାଡ଼ କରି ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୦।୪(ବ୍ୟୁରୋ):** ଏକ ଚୋରି ମାମଲାରେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବାବେଳେ ପୋଲିସ କର୍ମଚାରୀ ଛୁରାମାଡ଼ର ଶିକାର ହୋଇଛନ୍ତି। ଅଭିଯୁକ୍ତ ଜଣକ ପୋଲିସ କର୍ମଚାରୀଙ୍କୁ ଏକ ଛୁରିରେ ଆକ୍ରମଣ କରି ଚମ୍ପଟ ମାରିଥିଲେ। ଉକ୍ତ ଅଭିଯୁକ୍ତ ସୁନ୍ଦରପଦା ଭୋଇ ସାହିର ବିକୁ ଭୋଇ ଓରଫ୍ ଢୋଲାଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ମଙ୍ଗଳବାର ଗିରଫ୍ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ବିକୁଙ୍କ ନାମରେ ଏକ ଚୋରି ମାମଲା ଥିବାରୁ ଏୟାରଫିଲ୍ଡ ଥାନାର ୪ଜଣିଆ ଟିମ୍ ଶନିବାର ସକାଳୁ ତାଙ୍କୁ ଧରିବାକୁ ଯାଇଥିଲେ। ସେତିକି ବେଳେ ଅଭିଯୁକ୍ତ ଜଣକ ଗୁଣ୍ଡ୍ରା ମାଝି ନାମକ ପୋଲିସ କର୍ମଚାରୀଙ୍କୁ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ବିକୁଙ୍କ ନାମରେ ପୂର୍ବରୁ ନଂ- ୧୨୯/୨୧ରେ ଏକ ମାମଲା ଥିବାବେଳେ ଛୁରାମାଡ଼ ଘଟଣାରେ ୧୩୬/୨୧ରେ ମାମଲା ରୁଜୁ କରାଯାଇଛି।

# ଔଷଧ ଡିପୋ, ହସ୍ପିଟାଲରେ ଚଢ଼ାଉ

ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୨୦।୪

କୋଭିଡ ମହାମାରୀ ସମୟରେ ଔଷଧ ଓ ଚିକିତ୍ସା ଉପକରଣ ବେଆଇନ ଭାବେ ଗଚ୍ଛିତ ଓ କଳାବଜାର ରୋକିବା ନେଇ ଗଠିତ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଛି। ମଙ୍ଗଳବାର ଟୁଇନ୍ ସିଟି କଟକ ଓ ଭୁବନେଶ୍ୱରର ବିଭିନ୍ନ ଔଷଧ ଡିପୋ, ଡାକ୍ତରଖାନାରେ ଚଢ଼ାଉ କରାଯାଇଛି। କଟକର କାଠଗଡ଼ାସାହି, ଭାଣପୁର, ପ୍ରତାପନଗରୀ ଏବଂ ଭୁବନେଶ୍ୱରର ପାହାଳ ଓ ୟୁନିଟ୍-୩ ସ୍ଥିତ ଔଷଧ ଡିପୋରେ ଚଢ଼ାଉ କରାଯାଇଛି। ଏଥିସହିତ କଳିଙ୍ଗ ହସ୍ପିଟାଲରେ ସ୍କ୍ୱାଡ୍ ପହଞ୍ଚି ଔଷଧ ଗଚ୍ଛିତ ସମ୍ପର୍କରେ ଯାଞ୍ଚ କରିଛି। ଡିପୋର ସମସ୍ତ ରେକର୍ଡ ଅନୁଧ୍ୟାନ କରିବା ସହ ବିଭିନ୍ନ ହସ୍ପିଟାଲ ଏବଂ ଅନ୍ୟାନ୍ୟ ସଂସ୍ଥାକୁ ବଣ୍ଟନ କରାଯାଉଥିବା ଔଷଧ ଓ ଷ୍ଟକ୍


ସ୍କ୍ୱାଡ୍ ପକ୍ଷରୁ ଏକ ଔଷଧ ଡିପୋରେ ଷ୍ଟକ୍ ଯାଞ୍ଚ କରାଯାଉଛି।

ସମ୍ପର୍କରେ ଯାଞ୍ଚ କରାଯାଇଛି। କୋଭିଡ୍-୧୯ ଔଷଧ ବଣ୍ଟନ ବ୍ୟବସ୍ଥା, ଔଷଧ ବିତରକ ଏବଂ ମେଡିକାଲ ଡିପୋର ସମସ୍ତ ତଥ୍ୟ ସଂକ୍ରାନ୍ତରେ ପ୍ରତିଦିନ ଅପ୍‌ଡେଟ୍ କରିବାକୁ ସ୍କ୍ୱାଡ୍ ନିର୍ଦ୍ଦେଶ ଦେଇଛି। ଏହି ଟିମ୍‌ରେ ଡ୍ରଗ୍ସ ଇନ୍ସପେକ୍ଟର, ସ୍ପେଶାଲ ଟାସ୍କ ଫୋର୍ସ, କ୍ରାଇମବ୍ରାଞ୍ଚର ଅଧିକାରୀ ଏବଂ ସ୍ଥାନୀୟ ପୋଲିସ ସାମିଲ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ କରୋନା ଔଷଧ ବେଆଇନ ଭାବେ ବିକ୍ରି ହେଉଥିବା ଗୋଇନ୍ଦା ବିଭାଗ ହାତରେ ସୁରାକ ଲାଗିଛି। ଏହାକୁ ରୋକିବା ପାଇଁ ରାଜ୍ୟ

### କଳାବଜାର ରୋକିବାକୁ ଫ୍ଲାଇଂ ସ୍କ୍ୱାଡ୍‌ର ପଦକ୍ଷେପ

ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ଏନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ୨୨ଟି ରାଜ୍ୟସ୍ତରୀୟ ଫ୍ଲାଇଂସ୍କ୍ୱାଡ୍ ଗଠନ ହୋଇଛି। କଟକ ଓ ଭୁବନେଶ୍ୱରରେ କଳାବଜାର ରୋକିବାକୁ ୭ଟି ଫ୍ଲାଇଂସ୍କ୍ୱାଡ୍ ଟିମ୍ ଗଠନ କରାଯାଇଥିବାବେଳେ ରାଜ୍ୟର ଅନ୍ୟ ସ୍ଥାନ ପାଇଁ ୧୫ଟି ଟିମ୍ ଗଠିତ ହୋଇଛି। ସୋମବାର ଭୁବନେଶ୍ୱର ଡିଜି କ୍ୟାମ୍ପ ଅଫିସରେ କ୍ରାଇମବ୍ରାଞ୍ଚ ଏଡିଜି ଯଶୋବନ୍ତ ଜେଠୱାଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଔଷଧ କଳାବଜାରକୁ ରୋକିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# 'ପୂଜ୍ୟପୂଜା ପରମ୍ପରା ଲୋପ ପାଉଛି'


ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୦ତମ ଶ୍ରାଦ୍ଧୋତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାମାନେ।

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

### ୩ଜଣଙ୍କୁ ଏକାମ୍ର ସମ୍ମାନ

ପ୍ରତ୍ନତତ୍ତ୍ୱବିତ୍ ତଥା ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୦ତମ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଭା ସଦସ୍ୟ ତଥା ଅଭିନେତା ପ୍ରଶାନ୍ତ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜ୍ୟପୂଜା ପରମ୍ପରା କ୍ରମଶଃ ଲୋପ ପାଇଯାଉଥିବା କହିଥିଲେ। ପରବର୍ତ୍ତୀ ପିଢ଼ି କିଭଳି ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଦିଗରେ କାର୍ଯ୍ୟ କରିବେ, ସେଥିଲାଗି ସମସ୍ତେ ଯତ୍ନବାନ୍ ହେବା ଉଚିତ୍ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଫେସର ସଦାଶିବ ପ୍ରଧାନ (ଇତିହାସ), ପ୍ରଫେସର ହରିହର ହୋତା (ସଂସ୍କୃତ) ଓ ଡାକ୍ତର ଶୈଳେଶ୍ୱର ନନ୍ଦ (ସାହିତ୍ୟ)ଙ୍କୁ 'ଏକାମ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ସେମାନଙ୍କ ଉଦ୍ଦେଶ୍ୟରେ ତନୟା ଦାସ ଗୋସ୍ୱାମୀ ଓ ଡ. ଜେନାମଣି ସଞ୍ଜୀବ କୁମାର ମାନପତ୍ର ପାଠ କରିଥିଲେ। ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ଧନ୍ୟବାଦ ଦେଇଥିଲେ। ଡ. ମନ୍ମଥ କୁମାର ଶତପଥୀ, ଡ. ବିବେକାନନ୍ଦ ପାଣିଗ୍ରାହୀ, ଶଙ୍କର୍ଷଣ ପଣ୍ଡା, ବିନୋଦିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏଣିକି ଅଟୋରେ ୩ କି.ମି. ପାଇଁ ୨୦ଟଙ୍କା

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ଏଣିକି ରାଜଧାନୀରେ ସର୍ବନିମ୍ନ ୩କି.ମି. ପାଇଁ ଯାତ୍ରୀଙ୍କୁ ମୁଣ୍ଡପିଛା ୨୦ଟଙ୍କା ଭଡ଼ା ଦେବାକୁ ପଡ଼ିବ। ଏଭଳି ନିଷ୍ପତ୍ତି ନେଇଛି ରାଜଧାନୀ ଅଟୋରିକ୍ସା ମହାସଂଘ। ଅଟୋରେ ମାତ୍ର ୨ଜଣ ଯାତ୍ରୀ ଯାଇପାରିବେ ବୋଲି ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ତେଣୁ ରାଜଧାନୀ ଅଟୋରିକ୍ସା ମହାସଂଘ ପକ୍ଷରୁ ଭଡ଼ା ବୃଦ୍ଧି ଲାଗି ମଙ୍ଗଳବାର ନିଷ୍ପତ୍ତି ନିଆଯାଇଛି। ମହାସଂଘର ସାଧାରଣ ସମ୍ପାଦକ ବିଜୟ ପଟ୍ଟନାୟକ କହିଛନ୍ତି, ତୈଳ ଦର ଆକାଶ ଛୁଆଁ ହୋଇଥିବା ବେଳେ ଏବେ କୋଭିଡ୍ ପାଇଁ ଏପରି ନିୟମରେ ପୁରୁଣା ଦରରେ ଗାଡ଼ି ଚଳାଇବା ଅସମ୍ଭବ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଭଡ଼ାରେ ବୃଦ୍ଧି କରାଯାଇଛି। ଯାତ୍ରୀଙ୍କୁ ସର୍ବନିମ୍ନ ୩କିମି ପାଇଁ ୨୦ଟଙ୍କା ଦେବାକୁ ପଡ଼ିବ। ତା'ଠୁ ଅଧିକ ହେଲେ ୧କିମି ପିଛା ୧୦ଟଙ୍କା ଦେବାକୁ ପଡ଼ିବ। ଯଦି ଅଟୋ ରିଜର୍ଭ କରିବେ ତା'ହେଲେ ୩କିମି ପାଇଁ ଯାତ୍ରୀଙ୍କୁ ୫୦ଟଙ୍କା ଓ ତା'ଠୁ ଅଧିକ ହେଲେ ୧କିମି ପିଛା ଅତିରିକ୍ତ ୧୫ଟଙ୍କା ଦେବାକୁ ପଡ଼ିବ।


କଟକ ଚୌଧୁରୀ ବଜାର ମାରୁତି ମଣ୍ଡପରେ ନିଖିଳ ଲୋକ ହିତକାରୀ ରାମାୟଣ ପ୍ରଚାରିଣୀ ସଭା ପକ୍ଷରୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା।

## ରାସ୍ତାରେ ଡିଜେଲ ଟ୍ୟାଙ୍କର ଓଲଟିଲା

ଖୁଣ୍ଟୁଣୀ, ୨୦।୪ (ଡି.ଏନ.ଏ.)

### ୬ ଘଣ୍ଟା ଗାଡ଼ି ଚଳାଚଳ ଠପ୍

୫୫ ନମ୍ବର ଜାତୀୟ ରାଜପଥର କପୁରସିଂଠାରେ ସୋମବାର ରାତି ପ୍ରାୟ ୩ଟାରେ ଏକ ଡିଜେଲ ବୋଝେଇ ଟ୍ୟାଙ୍କର ଓଲଟି ପଡ଼ିଥିଲା। ଏଥିଯୋଗୁ ପ୍ରାୟ ୬ ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଫଳରେ ଢେଙ୍କାନାଳ, ଅନୁଗୋଳ, ତାଳଚେର, ସମ୍ବଲପୁର, ରାଉରକେଲା, ରାୟପୁର ଯାଉଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗୁରୁଡ଼ିଝାଟିଆ ପୋଲିସ ପହଞ୍ଚି କ୍ରେନ୍ ସହାୟତାରେ ଉକ୍ତ ଟ୍ୟାଙ୍କରକୁ ରାସ୍ତାରୁ ହଟାଇବା ପରେ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଟ୍ୟାଙ୍କରଟି ନୂଆ କଂକ୍ରିଟ୍ ରାସ୍ତାରେ ଯାଉଥିଲା। ପ୍ରାୟ ୧ କି.ମି. ଗଲା ପରେ ଆଗକୁ ଆଉ ରାସ୍ତା ନ ଥିବା ଦେଖି ଚାଳକ ହତବତେଇ ଯାଇଥିଲେ। ଫଳରେ ଡାହାଣ ପଟକୁ କାଟି ଦେବାରୁ ରାସ୍ତା ଉପରେ ଟ୍ୟାଙ୍କରଟି ଓଲଟି



ପଡିଥିଲା। ଫଳରେ ଟ୍ୟାଙ୍କରରେ ଥିବା ପ୍ରାୟ ୩୦୦ ଲିଟର ତେଲ ରାସ୍ତାରେ ଢାଳି ଯାଇଥିଲା। ସୂଚନାଯୋଗ୍ୟ, ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଠିକାଦାର ନିଜ ଇଚ୍ଛା ମୁତାବକ ଉଭୟପଟୁ ରାସ୍ତାକୁ କାମ କରୁଥିବାବେଳେ ଗତି ନିୟନ୍ତ୍ରକ ଫଳକ ମାରି ନ ଥିବା ଅଭିଯୋଗ ହୋଇଛି। ଫଳରେ ଗାଡ଼ି ଚାଳକମାନେ ରାସ୍ତାର ଦିଗ ବାରି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

### ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅନିମା


@ ବିଭୁ ପ୍ରସାଦ


@ ଧାରାଶ୍ରୀ


@ ନିଜାମ


@ ପ୍ରଦୀପ


@ ଜଗନ୍ନାଥ


@ ସରୋଜ

# ନିରାଡ଼ମ୍ବର ଭାବେ ପାଳନ ହେବ ରାମନବମୀ

ଭୁବନେଶ୍ୱର, ୨୦।୪ (ବ୍ୟୁରୋ)

କରୋନା ଚେନ୍‌ରେ ବ୍ରେକ୍ ଲଗାଇବା ପାଇଁ ବୁଧବାର ଠାରୁ ବିଭିନ୍ନ ଧର୍ମାନୁଷ୍ଠାନକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଛି। ଏଭଳିସ୍ଥଳେ ବୁଧବାର ପବିତ୍ର ରାମନବମୀ ପଡୁଛି। ସର୍ବସାଧାରଣଙ୍କ ପାଇଁ ସମସ୍ତ ମନ୍ଦିର ଦ୍ୱାର ବନ୍ଦ ରହିଥିବାବେଳେ କେବଳ ପୂଜକ ଓ ସେବାୟତଙ୍କ ଦ୍ୱାରା ଠାକୁରଙ୍କ ନୀତିକାନ୍ତି କରାଯିବ। ଗତବର୍ଷ ଏହି ସମୟରେ କରୋନା ଲାଗି ସମସ୍ତ ମନ୍ଦିର ବନ୍ଦ ରହିବା ଯୋଗୁ କେବଳ ବିଧି ପାଳନ ହୋଇଥିଲା। ଚଳିତ ବର୍ଷ ଧୁମ୍‌ଧାମ୍‌ରେ ରାମନବମୀ ପାଳନ କରିବା ପାଇଁ ସମସ୍ତେ ଆଶା ବାନ୍ଧିଥିଲେ। ମାତ୍ର ପୁଣି ଭକ୍ତ ଓ ଭଗବାନ୍‌ଙ୍କ ମଝିରେ ବାଧକ ସାଜିଛି କରୋନା। ତେଣୁ ଏଥର ମଧ୍ୟ ବିନା ଭକ୍ତରେ ନିରାଡ଼ମ୍ବର ଭାବେ ରାମନବମୀ ପାଳନ କରାଯିବ।


ରଙ୍ଗିନ ଆଲୋକମାଳାରେ ରାମମନ୍ଦିରକୁ ସଜ୍ଜିତ କରାଯାଇଛି।

ସୂଚନା ଅନୁଯାୟୀ, ବୁଧବାର ଭୋର ୫ଟା ୩୦ରେ ରାମମନ୍ଦିର ଖୋଲାଯିବା ପରେ ଆଳତି କରାଯିବ। ପରେ ଅନ୍ୟାନ୍ୟ ନୀତିକାନ୍ତି କରାଯାଇ ୬ଟା ୩୦ରେ ଆଳତି ହୋଇ ଭୋଗ ଲଗାଯିବ। ସକାଳ ୮ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପାରାୟଣ

### ଭକ୍ତ-ଭଗବାନଙ୍କ ମଧ୍ୟରେ ବାଧକ କରୋନା

ପାଠ କରାଯିବ। ଏହାପରେ ଠାକୁରଙ୍କ ପାଖରେ ଭୋଗ ଲାଗି କରାଯିବ। ମଧ୍ୟାହ୍ନ ୧୨ଟାରେ ଶ୍ରୀରାମ ଜନ୍ମୋତ୍ସବ, ରାଜାଭିଷେକ ଆଦି ନୀତି ହେବ। ଅପରାହ୍ନ ୪ଟା ୩୦ରେ ଅନ୍ୟାନ୍ୟ ରୀତିନୀତି ଓ ସନ୍ଧ୍ୟା ୬ଟା ୩୦ରେ ଭୋଗ ଲାଗି ପରେ ୭ଟାରେ ଆଳତି ଓ ରାତି ୧୦ଟାରେ ଭୋଗ ଆରତି କରାଯିବ ବୋଲି ମନ୍ଦିରର ପୂଜକ ଅଭିମନ୍ୟୁ ଆଚାର୍ଯ୍ୟ କହିଛନ୍ତି।

ସେହିପରି ଇସ୍କନ ମନ୍ଦିରରେ ମଧ୍ୟ ଶ୍ରୀରାମ ଜୟନ୍ତୀ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମନ୍ଦିର ମୁଖ୍ୟ ଗେଟ୍‌ରେ ତାଲା ପକାଇବା ସହ ବିନା ଭକ୍ତରେ ଅତି ସାଧାରଣ ଭାବେ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଜଗନ୍ନାଥ ମହାପ୍ରଭୁଙ୍କୁ ରାମ ବେଶରେ ସଜାଇ ପୂଜା କରାଯିବ। ଏଥିସହ ଇସ୍କନ ମନ୍ଦିର ପରିସରସ୍ଥ ରାଧା ଗୋପୀନାଥ ମନ୍ଦିରର ବାର୍ଷିକ ଉତ୍ସବ ପାଳନ ହେବ। ଭୋର ୪ଟା ୧୫ରେ ମଙ୍ଗଳ ଆରତି ପରେ ୪.୪୫ ପର୍ଯ୍ୟନ୍ତ ମଙ୍ଗଳ ଆରତି ଦର୍ଶନ ହେବ। ଏହାପରେ ମନ୍ଦିର ବନ୍ଦ ହୋଇ ପ୍ରଭୁଙ୍କର ଅଭଚନ, ଶୃଙ୍ଗାର କରାଯିବ। ପୁଣି ସକାଳ ୭ଟାରେ ରଘୁନାଥ ବେଶରେ ଠାକୁର ଦର୍ଶନ ଦେବେ। ୮ଟାରେ ବାଳଭୋଗ ଲାଗି କରାଯିବ। ମଧ୍ୟାହ୍ନ ୧୨ଟା ଯାଏ ରାମଚନ୍ଦ୍ରଙ୍କ କଥା କୀର୍ତ୍ତନ କରାଯିବ। ମଧ୍ୟାହ୍ନ ୧୨ଟାରେ ରାଧା ଗୋପୀନାଥଙ୍କ ଅଭିଷେକ ହେବା ସହ ମନ୍ଦିର ପ୍ରତିଷ୍ଠାତା ଗୌର ଗୋବିନ୍ଦ ସ୍ୱାମୀ ମହାରାଜଙ୍କ ଅଭିଷେକ କରାଯିବ। ଠାକୁରଙ୍କ ଶୃଙ୍ଗାର ଲାଗି ପରେ ମଧ୍ୟାହ୍ନ ଭୋଗ ଲାଗି କରାଯାଇ ଆରତି ହେବ। ସନ୍ଧ୍ୟାରେ ଭଜନ କୀର୍ତ୍ତନ କରାଯିବ ବୋଲି ଇସ୍କନ ମନ୍ଦିରର ସହ ସଭାପତି ଉପେନ୍ଦ୍ର ମିଶ୍ର ଦାସ ସୂଚନା ଦେଇଛନ୍ତି।

**ବଧୂହତ୍ୟା ଘଟଣା: ଜେଲ ଗଲେ ଅଭିଯୁକ୍ତ ସ୍ୱାମୀ**

ବଡ଼ମ୍ବା,୨୦।୪(ଡି.ଏନ୍.ଏ.)-ବଡ଼ମ୍ବା ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ଘଟିଥିବା ବଧୂହତ୍ୟା ଘଟଣାରେ ଅଟକ ରଖାଯାଇଥିବା ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନରସିଂହପୁରସ୍ଥିତ ଉପକାରାଗାରକୁ ପଠାଇ ଦିଆଯାଇଛି। ସେ ହେଲେ ଏହି ଗ୍ରାମର ନବଘନ ମହାନ୍ତି ଓରଫ ବାବୁ। ସେ ଇଚ୍ଛାପୁର ଗ୍ରାମର ଶୈଳବାଳା ମହାନ୍ତିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ବାବୁ ଅଧିକ ଯୌତୁକ ଦାବି କରି ଶୈଳବାଳାଙ୍କୁ ନିର୍ଯାତନା ଦେବା ସହ ସୋମବାର ତାଙ୍କୁ ମାରି ଦେଇଥିଲେ ବୋଲି ମୃତକଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୮୪/୨୧) ରୁଜୁ ହୋଇଥିଲା।

# ଅଧାରେ ଅଟକିଲା ରୁକୁଣା ରଥ

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.), ୨୦।୪

କୋଭିଡ୍ କଟକଣା ମଧ୍ୟରେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଧାର୍ଯ୍ୟ ସମୟଠାରୁ ୪୫ମିନିଟD ବିଳମ୍ବରେ ରଥ ଟଣା ହେବାରୁ ମାଉସୀ ମା' ମନ୍ଦିର ନିକଟରେ ରଥ ପହଞ୍ଚି ପାରିଲା ନାହିଁ। ସନ୍ଧ୍ୟା ହେବାରୁ ରଥକୁ ଗୋସାଗରେଶ୍ୱର ଉପ୍ରା ସ୍କୁଲଛକ ନିକଟରେ ରହିବାକୁ ପଡ଼ିଛି। ବୁଧବାର ଅପରାହ୍ନ ୨ଟାରେ ପୁଣି ରଥ ଟଣା ହେବ। ରଥଯାତ୍ରାକୁ ସୁରକ୍ଷିତ ଭାବେ ସମ୍ପନ୍ନ କରିବାକୁ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଥିବାବେଳେ କିଛି କିଛି ଅବ୍ୟବସ୍ଥା ମଧ୍ୟ ପରିଲକ୍ଷିତ ହୋଇଥିଲା।

### ତଦାରଖ କଲେ ମନ୍ତ୍ରୀ ଅଶୋକ

ପୂର୍ବପ୍ରସ୍ତୁତି ଅନୁସାରେ ରଥଯାତ୍ରାରେ ସେବାୟତଙ୍କ ବିନା କେହି ରହିପାରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ ରଥଯାତ୍ରାରେ ଦେଖିବାକୁ ମିଳିଥିଲା। ସେ ସେବାୟତ ହିସାବରେ ଉପସ୍ଥିତ ରହି ସୁରୁଖୁରୁରେ ରଥଯାତ୍ରା ସମାପନ ପାଇଁ ତଦାରଖ କରୁଥିଲେ।

### ୨୦ ମିନିଟ୍ ରଥ ଅଟକିଲା, ଅଣଲେଉଟା ହେଲା

ତିନିମୁଣ୍ଡିଆ ଛକ ପରେ ପରେ ରଥର ଚକ ଡ୍ରେନ ଉପରଦେଇ ଯୋଗେନ୍ଦ୍ର ଗରାବଡୁଙ୍କ ଘରେ ପଶିଯାଇଥିଲା। ଫଳରେ ୨୦ ମିନିଟ୍ କାଳ ରଥ ଅଟକିଥିଲା। ନିୟମ ମୁତାବକ, ରଥ ଅଣଲେଉଟା ହେବା କଥା ନୁହେଁ। ରାସ୍ତା ସଙ୍କୁଚିତ ଯୋଗୁ ଏପରି ଘଟୁଛି। ରଥଯାତ୍ରା ପୂର୍ବରୁ ରାସ୍ତା ଜବରଦଖଲ ହଟାଇବା ଆବଶ୍ୟକତା ଥିଲା। କିନ୍ତୁ ତାହା କରାଯାଇନାହିଁ। ଫଳରେ ଗତ ୧୫ବର୍ଷ ଧରି ଏହିପରିଭାବେ ରଥ ଅଣଲେଉଟା ହେଉଥିବା ଦ୍ୱାରିକାନାଥ ଗରାବଡୁ ମତ ପ୍ରକାଶ କରିଛନ୍ତି। ଏହାପୂର୍ବରୁ ଡ୍ରେନ ଉପରେ ରଖାଯାଇଥିବା ଏକ ବୁଲେଟ ଉପରେ ମଧ୍ୟ ରଥ ଚଢ଼ିଯାଇଥିଲା। ପୂର୍ବରୁ ଡ୍ରେନରେ କେହି ଗାଡ଼ି ରଖିବାକୁ ବାରଣ କରାଯାଇଥିଲେ ମଧ୍ୟ ଏପରି ଘଟିଥିଲା।

### ୫ଦିନ ବଦଳରେ ୭ଦିନ

ଗତବର୍ଷ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ରଥଯାତ୍ରା ବନ୍ଦ ରହିଥିଲା। କିନ୍ତୁ ଚଳିତବର୍ଷ ପରମ୍ପରା ରକ୍ଷା କରିବାକୁ ଯାଇ କୋଭିଡ ଗାଇଡ୍‌ଲାଇନ ଅନୁସାରେ ରଥଯାତ୍ରା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ରଥଯାତ୍ରାର ୫ଦିନ ପରେ ବାହୁଡ଼ା ଯାତ୍ରା ହୋଇଥାଏ। କିନ୍ତୁ ରଥ ଅଧାରେ ଅଟକିବାରୁ ପୁଣି ଦିନଟିଏ ବିଳମ୍ବ ହେଲା। ପୁଣି ବାହୁଡା ଯାତ୍ରାରେ ବିଳମ୍ବ କରାଯାଇ ପ୍ରତିବର୍ଷ ୭ଦିନ ପର୍ଯ୍ୟନ୍ତ ଏହି ଯାତ୍ରାକୁ ଘୁଞ୍ଚାଯାଉଛି। ଚଳିତ ବର୍ଷ ୫ଦିନ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସେବାୟତଙ୍କ ଆନ୍ତରିକତା ଅଭାବ ହେଉ ଅବା ପୋଲିସ ଓ ମନ୍ଦିର ପ୍ରଶାସନର ଅବହେଳା ହେଉ, ପୁନଃ ବ୍ୟତିକ୍ରମ ଦେଖାଯାଇଛି।

### ବୁଧବାର ବି ଲାଗିବ ୧୪୪ଧାରା, ଟ୍ରାଫିକ କଟକଣା ଜାରି

ରଥଟଣାକୁ ସୁରକ୍ଷିତ ଭାବେ କରିବାକୁ ମଙ୍ଗଳବାର ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ କମିଶନରେଟ ପୋଲିସ ତରଫରୁ ୧୪୪ ଧାରା ଲାଗୁ ହୋଇଥିଲା। ତେବେ ରଥ ଅଧାବାଟରେ ଅଟକି ରହିଥିବାରୁ ବୁଧବାର ଅପରାହ୍ନରେ ପୁଣି ରଥଟଣା ହେବ। ତେଣୁ ପୂର୍ବପରି ରଥଟଣାବେଳେ ୧୪୪ ଧାରା ବଳବତ୍ତର ରହିବ ବୋଲି ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ସେହିପରି ଅପରାହ୍ନ ୨ଟାରୁ ରଥଟଣା ହେବାକୁ ସ୍ଥିର କରାଯାଇଥିବାରୁ ଏହା ଶେଷ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ନେଇ କମିଶନରେଟ ପୋଲିସ ତରଫରୁ ଟ୍ରାଫିକ କଟକଣା ଜାରି କରାଯାଇଛି। ମାଉସୀ ମା' ଛକରୁ ରଥ ରୋଡକୁ ଯାନବାହନ ଯିବା ମନା କରାଯାଇଛି। ଏହି ଗାଡ଼ିଗୁଡ଼ିକ ମ୍ୟୁଜିୟମ ଛକ ବା ବିବେକାନନ୍ଦ ମାର୍ଗଦେଇ ଯାଇପାରିବେ। ସେହିପରି ଲିଙ୍ଗରାଜ ମନ୍ଦିରରୁ ରଥଦାଣ୍ଡ ଆଡେ ଆସୁଥିଲେ, ଗାଡିଗୁଡିକ ତିନିମୁଣ୍ଡିଆ ଛକ ପର୍ଯ୍ୟନ୍ତ ଯାଇ ଡାହାଣପଟଦେଇ ଗନ୍ତବ୍ୟସ୍ଥଳକୁ ଯାଇପାରିବେ। ତିନିମୁଣ୍ଡିଆ ଛକରୁ ମାଉସୀ ମା ଛକ ମଧ୍ୟରେ ଥିବା ଗଳିଗୁଡିକରୁ ରଥରୋଡକୁ ଗାଡି ପ୍ରବେଶ ନିଷେଧ କରାଯାଇଛି। ଏହାକୁ ଅମାନ୍ୟ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ।



ଶ୍ରୀଜୀଉଙ୍କୁ ରଥ ଉପରକୁ ନିଆଯାଉଛି।

### ଝରକା ଖୋଲିଦେଲେ, ଠାକୁର ଦର୍ଶନ କଲେ

ଶ୍ରୀଲିଙ୍ଗରାଜ ମନ୍ଦିରଠାରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ୧୪୪ଧାରା ଲାଗୁ କରାଯାଇଥିଲା। ଏପରି ରଥଦାଣ୍ଡର ଦୁଇ ପାର୍ଶ୍ୱରେ ଥିବା କୋଠାରେ ମଧ୍ୟ କେହି ଲୋକ ରହିବାକୁ ମନା କରାଯାଇଥିଲା। କିନ୍ତୁ ଅପରାହ୍ନ ୪ଟା ୧୫ରେ ରଥଟଣା ଆରମ୍ଭ ହେବାପରେ ଭକ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ। କିଏ ଘରର ଝରକା ଖୋଲି ଦେଇଥିଲା ତ ଆଉ କିଏ ଛାତ ଉପରେ ଛିଡ଼ା ହୋଇ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିଥିଲେ।

### ଅମାନିଆ ଯୁବକ ରଥ ଟାଣିଲେ, ମାଡ଼ ଖାଇଲେ

କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ମଙ୍ଗଳବାର ରଥଦାଣ୍ଡରେ କମିଶନରେଟ ପୋଲିସ ତରଫରୁ ୧୪୪ ଧାରା ଲାଗୁ ହୋଇଥିଲା। କିନ୍ତୁ ଏହାକୁ ଭୃକ୍ଷେପ ନ କରି କିଛି ଅମାନିଆ ଯୁବକ ରଥ ଟାଣିଥିଲେ। ଏହାଦେଖି ପୋଲିସ ସମସ୍ତଙ୍କୁ ଲାଠି ଚାର୍ଜ କରିଥିଲା। ପରେ ସମସ୍ତେ ଦୌଡିବାରେ ଲାଗିଥିଲେ।



ରଥ ଦାଣ୍ଡରେ ୧୪୪ଧାରା ଲାଗୁ ହୋଇଥିବାରୁ ଲୋକମାନେ ନିଜ ଝରକା ଏବଂ କୋଠା ଉପରୁ ରଥଟଣା ଦେଖୁଛନ୍ତି।



ପୋଲିସ ବିଭିନ୍ନ ଗଳି ରାସ୍ତାକୁ ବନ୍ଦ କରିଛି।

## ପିଡିଏସ୍ ଚାଉଳକୁ ନେଇ ଉତ୍ତେଜନା

ପୁରୁଣା ଭୁବନେଶ୍ୱର,୨୦।୪(ଡି.ଏନ୍.ଏ)

ଉତ୍ତରା ଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ମିଳୁଥିବା ଚାଉଳକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଛି। ପିଡିଏସ୍ ଚାଉଳ ବୋଝେଇ ଏକ ଗାଡ଼ିକୁ ଗୋଟିଏ ଗୋଷ୍ଠୀ ନିଜର ଲାଇସେନ୍ସ ଥିବା ଜଣାଇ ଡିଗିରିଆ ଗାଁକୁ ନେଇଯାଇଥିଲେ। ମାତ୍ର ଅନ୍ୟ ଏକ ଗୋଷ୍ଠୀ ସେଠାରେ ପହଞ୍ଚି ଗାଡ଼ିଟିକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆଣିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଉଦ୍ଧାର କରିଥିବା ଜଣାପଡ଼ିଛି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

(୧) ଟେଣ୍ଡର ବିଜ୍ଞପ୍ତି ନଂ. ଟିଆର୍‌ଡି-ଆର୍-୨୦୨୧-ଇ୨
ତାରିଖ: ୧୫।୦୪।୨୦୨୧

କାର୍ଯ୍ୟର ନାମ: ଅମ୍ବୁଜା ସିମେଣ୍ଟ ଲିମିଟେଡ୍ ସାଇଡିଂ ନିମନ୍ତେ ବିଓ୍ୱାଇଟି/ଟିଏସ୍‌ଏସ୍‌ରେ ସମର୍ପିତ ସିବିର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୯,୧୭,୬୩୦.୬୦/-। ଇଏମ୍‌ଡି: ଶୂନ୍ୟ, ଟେଣ୍ଡର ଦାଖଲ: ତା୨୧।୦୫।୨୦୨୧ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବ: ତା୨୧।୦୫।୨୦୨୧ରିଖ ୧୨.୩୦ ଘଟିକା ।

ଟେଣ୍ଡର କାଗଜପତ୍ରର ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ, ଦୟାକରି ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଡି)/ଏସ୍‌ଇସିଆର୍, ରାୟପୁରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ ।

ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଡି)
PR/R/TRD/AN/08 ଏସ୍.ଇ.ସି.ଆର୍, ରାୟପୁର
South East Central Railway @secrail

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୨୪୭-ଜିଆର୍‌ସି-ସିଇ-ସି-ଏସ୍‌ଓ-୫୨-୨୦୨୦, ତାରିଖ: ୨୦।୦୪।୨୦୨୧। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଦକ୍ଷିଣ, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି। ଇ-ଟେଣ୍ଡର ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ ହେବ। **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ବଣ୍ଡମୁଣ୍ଡା-ହଟିଆ ଦୋହରୀକରଣ କାର୍ଯ୍ୟର ଡୁମେତ୍ରା – ଓର୍ଗା ସେକ୍ସନ ଏବଂ ରାଉରକେଲା ୟାର୍ଡ ପାଇଁ ବରହରଓ୍ୱା/ ବାକୁଡିହ/ତାଳଝରୀ/ ସାହିବଗଞ୍ଜ/ପିନାରଗରିଆ କ୍ୱାରି (ବରହରଓ୍ୱା/ ବାକୁଡିହ/ତାଳଝରୀ/ସାହିବଗଞ୍ଜ/ପିନାରଗରିଆ ପାଇଁ) ଠାରେ ଯେକୌଣସି ପ୍ରକାର ରେକ ୱାଗନ/ହପର୍‌ରେ ୫୦ ମିମି ମେଶିନ କ୍ରସ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ଲୋଡିଂ (ମାପ ଗନ୍ତବ୍ୟସ୍ଥଳୀରେ କରାଯିବ)। ଆନୁମାନିକ ମୂଲ୍ୟ: ₹୩.୪୯ କୋଟି। ସମାପ୍ତି ଅବଧି: ୧୨ ମାସ। ବନ୍ଦ ହେବା ତାରିଖ: ୧୧।୦୫।୨୦୨୧। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ ସ୍ୱତନ୍ତ୍ରତା ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-27)

**NCC DIRECTORATE ODISHA**
**LEWIS ROAD, BHUBANESWAR-751002**
**WITHDRAWL OF TENDER NOTICE**

1. Notice Inviting Tender (NIT) as published in the following Newspapers on 31 Mar 2021 regarding hiring of Civil Hired Transport (Light & Heavy Vehs) for the period from 01 June 2021 to 31 Mar 2022 in respect of NCC Directorate Odisha is hereby withdrawn:-
   (a) The Times of India (English)
   (b) The Dharitri (Odia)
   (c) The Sambad (Odia)
2. Fresh tender will be published later.

Sd./- SK Prasad
Col., Addl Dir (Adm) for DY DG

## ୫ ଦଫା ଦାବିରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ବଡ଼ମ୍ବା ୨୦।୪ (ଡି.ଏନ୍.ଏ)

ବଡ଼ମ୍ବା ନାଗରିକ ମଞ୍ଚ ତରଫରୁ ୫ ଦଫା ଦାବି ନେଇ ମଙ୍ଗଳବାର ତହସିଲଦାର ଦେବଦତ୍ତ ମହନ୍ତଙ୍କୁ ଦାବିପତ୍ର ଦିଆଯାଇଛି। ବନ ବିଭାଗ, କୃଷି ବିଭାଗ, ଉଦ୍ୟାନ ଓ କୃଷି ବିଭାଗ ପାଇଁ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଦାବି କରାଯାଇଛି। ଏହି ରାସ୍ତା ନ ଥିବାରୁ ସ୍ଥାନୀୟ ଲୋକେ ଏସବୁ କାର୍ଯ୍ୟାଳୟକୁ ଯିବା ପାଇଁ ବିଭିନ୍ନ ଅସୁବିଧା ଭୋଗୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି କଚେରି ନିକଟ ସୌରୁଣୀ ପାହାଡ଼ ଉପରେ ହାଇଟେକ ପାର୍କ କରିବା ପାଇଁ ମଞ୍ଚ ତରଫରୁ ଦାବି ହୋଇଛି। ଏଥିପାଇଁ ଜମି ଚିହ୍ନଟ କରିବା ନିମନ୍ତେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ନାଗରିକ ମଞ୍ଚ ସଭାପତି ଦାମୋଦର ରଣା, ସମ୍ପାଦକ ଲିଙ୍ଗରାଜ ରଣା, କୋଷାଧ୍ୟକ୍ଷ ଜଳଧର ରଣା ଓ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

## ରଙ୍ଗ ଗୋଦାମ କର୍ମଚାରୀଙ୍କୁ ଆକ୍ରମଣ

ଟାଙ୍ଗୀ, (କଟକ)୨୦।୪(ଡି.ଏନ୍.ଏ.)

ମାଲ୍ ପରିବହନକୁ କେନ୍ଦ୍ରକରି ଟାଙ୍ଗୀ ଥାନା ଅନ୍ତର୍ଗତ ମଗୁଲି ଅଞ୍ଚଳରେ ଅଟୋ ସଂଘ ଓ ଏକ ପ୍ରତିଷ୍ଠିତ ରଙ୍ଗ କମ୍ପାନୀର ଗୋଦାମ କର୍ମଚାରୀଙ୍କ ମଧ୍ୟରେ ବିବାଦ ମଙ୍ଗଳବାର ଉଗ୍ରରୂପ ଧାରଣ କରିଥିଲା। ସଂଘର କେତେଜଣ କର୍ମକର୍ତ୍ତା ଗୋଦାମରେ ପଶି କାର୍ଯ୍ୟରତ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ମଗୁଲି ଅଞ୍ଚଳରେ ଅନେକ ପ୍ରତିଷ୍ଠିତ କମ୍ପାନୀର ଗୋଦାମ ଗୃହ ରହିଛି। କମ୍ପାନୀମାନେ ନିଜ ଏଜେନ୍ସି ମାଧ୍ୟମରେ ମାଲ ପରିବହନ କରୁଛନ୍ତି। କିଛି ଦିନ ହେବ ଏହି ମଗୁଲି ଅଞ୍ଚଳରେ ଏକ ଅଟୋ ସଂଘ ଗଠିତ ହୋଇଛି। ସଂଘରେ ପଞ୍ଜୀକୃତ ଗାଡ଼ିରେ ମାଲ ପରିବହନ ଦାବିରେ କିଛିଦିନ ହେଲା ରଙ୍ଗ ଗୋଦାମ ସମ୍ମୁଖରେ ସଂଘ କର୍ମକର୍ତ୍ତା ଧାରଣା ଦେଇଥିଲେ । ପରିବହନ ପ୍ରଭାବିତ ହେବାରୁ ଗୋଦାମ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଥିଲେ। ପରେ ଟାଙ୍ଗୀ ଥାନା ପରିସରରେ ସୋମବାର ଉଭୟ ପକ୍ଷ ମଧ୍ୟରେ ବୈଠକ ହୋଇଥିଲା। ଏଥିରେ ଅଟୋ ସଂଘ ସଭାପତି ରଙ୍ଗ କମ୍ପାନୀ କର୍ତ୍ତୃପକ୍ଷ ସଂଘର ସର୍ତ୍ତ ମାନିବାକୁ ରାଜି ହୋଇ ନ ଥିଲେ । ପରେ ଟାଙ୍ଗୀ ଥାନା ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ରଙ୍ଗ ଗୋଦାମ ଫାଟକ ସମ୍ମୁଖରୁ ଅଟୋ ସଂଘର ଟେଣ୍ଟ ହଟାଇ ଦିଆଯାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉକ୍ତ ସଂଘର କେତେକ କର୍ମକର୍ତ୍ତା ରଙ୍ଗ ଗୋଦାମ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହିତ ଅଟୋ ସଂଘର କେତେକ କର୍ମକର୍ତ୍ତାଙ୍କୁ ଥାନାରେ ଅଟକ ରଖିଥିବା ଥାନା ଅଧିକାରୀ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି ।

### ୨ ସଂଘ ମଧ୍ୟରେ ବିବାଦ

## ଶ୍ରୀରାମ ନବମୀ, ଦାଣ୍ଡ ଯାତ୍ରା ପାଇଁ କଟକଣା

ନିଶ୍ଚିନ୍ତକୋଇଲି,୨୦।୪(ସ୍ୱ.ପ୍ର.)

ଓଡ଼ିଶା ପ୍ରସିଦ୍ଧ ଦାଣ୍ଡ ଯାତ୍ରା ଉପରେ କଟକଣା ଲାଗିଲା । ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଡାଳ ପଞ୍ଚାୟତ ଅଧୀନ ମାଲିପୁର ଗ୍ରାମର ଆସୁରେଶ୍ୱରସ୍ଥିତ ରଘୁନାଥ ମନ୍ଦିରରେ ପ୍ରତିବର୍ଷ ଶ୍ରୀରାମ ନବମୀ ଓ ଦାଣ୍ଡ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ କରୋନା କଟକଣା ପାଇଁ କେବଳ ପରମ୍ପରା ରକ୍ଷା ପାଇଁ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର କରାଯାଇଛି। ରଘୁନାଥ ମନ୍ଦିର ୧୦୦ମିଟର ପରିଧିରେ ୧୪୪ ଧାରା ଜାରି କରାଯାଇଛି। ଏନେଇ ଥାନା ଅଧିକାରୀଙ୍କୁ ସୂଚନା ଦିଆଯାଇଥିବା ତହସିଲଦାର ମନୋରଞ୍ଜନ ତରାସିଆ ସୂଚନା ଦେଇଛନ୍ତି। ଆସନ୍ତା ୨୦ରୁ ୨୨ ଓ ୨୪ରୁ ୨୮ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ ହେବ।

## ସ୍ଥିତି ଅନୁଧ୍ୟାନ କଲେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ

ନିଶ୍ଚିନ୍ତକୋଇଲି, ୨୦।୪(ସ୍ୱ.ପ୍ର.)

କରୋନା ସଂକ୍ରମଣ ଓ ପ୍ରବାସୀଙ୍କ ଘର ବାହୁଡ଼ାକୁ ଦୃଷ୍ଟିରେ ରଖି ନିଶ୍ଚିନ୍ତକୋଇଲି ବ୍ଲକରେ ୫୦ ଶଯ୍ୟା ବିଶିଷ୍ଟ ଗୋଟିଏ କୋଭିଡ୍ କେୟାର ସେଣ୍ଟର ଖୋଲାଯିବା ସହ ୨ଟି କ୍ଲଷ୍ଟର ଟିଏମସି ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ଟିଏମସିକୁ କୋଭିଡ୍ କେୟାର ସେଣ୍ଟର କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଏନେଇ ମଙ୍ଗଳବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ବ୍ଲକରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। କୋଭିଡ୍ କେୟାର ସେଣ୍ଟରରେ ସାମାନ୍ୟ ଲକ୍ଷଣ ଦେଖାଯାଉଥିବା ରୋଗୀ ରଖାଯାଇ ଚିକିତ୍ସା କରାଯିବ। ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସିଡିଏମ୍‌ଓ ଅଫିସରୁ କିଛି ଅଭିଜ୍ଞ ସ୍ୱାସ୍ଥ୍ୟକର୍ମଚାରୀଙ୍କ ସହାୟତାରେ ଏହି କୋଭିଡ କେୟାର ସେଣ୍ଟରରେ କାର୍ଯ୍ୟ କରିବେ। ତେବେ ପ୍ରବାସୀଙ୍କୁ କ୍ଲଷ୍ଟର ଟିଏମସି ରଖାଯିବ ବୋଲି ବିଡିଓ କର୍ଣ୍ଣଦେବ ସମାଦ୍ଦାର କହିଛନ୍ତି। ସମ୍ପ୍ରତି ନିଶ୍ଚିନ୍ତକୋଇଲି ବ୍ଲକରେ ୨୩ ଆକ୍ଟିଭ୍ କେଶ ରହିଛି। ସେଥିମଧ୍ୟରୁ ୧୩ ଜଣ ଗୃହ ସଙ୍ଗରୋଧରେ ଥିବାବେଳେ ଆଉ ୧୦ଜଣ ବିଭିନ୍ନ କୋଭିଡ୍ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରକଳ୍ପ ନିର୍ଦ୍ଦେଶକ କର ନିଶ୍ଚିନ୍ତକୋଇଲି ଆସିବା ପୂର୍ବରୁ ମାହାଙ୍ଗା ଓ ସାଲେପୁର ଗସ୍ତ କରି ବିଭିନ୍ନ ସ୍ଥାନରେ ଥିବା କ୍ଲଷ୍ଟର ଟିଏମ୍‌ସି ଓ କୋଭିଡ କେୟାର ସେଣ୍ଟର ଭିତ୍ତିଭୂମି ଅନୁଧ୍ୟାନ କରିଥିବା ସୂଚନା ମିଳିଛି। ଏନେଇ ଜିଲାପାଳଙ୍କୁ ସବିଶେଷ ରିପୋର୍ଟ ଦେବା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି କର କହିଛନ୍ତି। ପିଡିଙ୍କ ଏହି ଗସ୍ତ ସମୟରେ ଏବିଡିଓ ଶ୍ରୁଶାନ୍ତ ରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ନାୟକ, ଜିପିଓ ଜନ୍ମେଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ପିଡି ବ୍ଲକ ନିକଟରେ ଥିବା ଟିଏମ୍‌ସି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

### ନିଶ୍ଚିନ୍ତକୋଇଲିରେ ଖୋଲିବ ୫୦ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର

**ଜାତୀୟ ରାଜପଥ ଏବଂ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍**
**(ଭାରତ ସରକାରଙ୍କ ଏକ ଉଦ୍ୟୋଗ)**
NHIDCL BUILDING INFRASTRUCTURE - BUILDING THE NATION
BHARATMALA ROAD TO PROSPERITY

**କର୍ପୋରେଟ କାର୍ଯ୍ୟାଳୟ: ୩ୟ ମହଲା, ପିଟିଆଇ ବିଲ୍‌ଡିଂ, ୪-ପାର୍ଲାମେଣ୍ଟ ଷ୍ଟ୍ରିଟ୍, ନୂଆଦିଲ୍ଲୀ-୧୧୦୦୦୧**

ଏଫ୍.ନଂ. ଏନ୍‌ଏଚ୍‌ଆଇଡିସିଏଲ୍/୨(୮)/ଆର୍‌ଇସିଟିଟି ଏଫ୍‌ଆଇଏନ୍ ଆଣ୍ଡ ଏଚ୍‌ଆର୍/୨୦୨୧/ଏଚ୍‌ଆର୍

ଜାତୀୟ ରାଜପଥ ଏବଂ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍ ଭାରତ ସରକାରଙ୍କ ଦ୍ୱାରା ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଅଧୀନରେ ଏକ ନିଗମ ଭାବେ ଉତ୍ତର-ପୂର୍ବାଞ୍ଚଳ ତଥା ପଡ଼ୋଶୀ ଦେଶଗୁଡ଼ିକ ସହିତ ସୀମା ଭାଗ କରୁଥିବା ଅଞ୍ଚଳଗୁଡ଼ିକରେ ଜାତୀୟ ରାଜପଥଗୁଡ଼ିକର ନିର୍ମାଣକୁ ତ୍ୱରାନ୍ୱିତ କରିବା/ ଉନ୍ନତୀକରଣ/ ପ୍ରଶସ୍ତୀକରଣ କରିବା ଉଦ୍ଦେଶ୍ୟରେ ସ୍ଥାପିତ ହୋଇଥିଲା ।

ନିମ୍ନଦର୍ଶିତ ନିୟମ ଓ ସର୍ତ୍ତାବଳୀରେ ଠିକା ଭିତ୍ତିରେ ନିୟୋଜିତ ହେବା ପାଇଁ କେନ୍ଦ୍ର ସରକାରୀ ମନ୍ତ୍ରଣାଳୟ/ ବିଭାଗ, ସେନା, ନୌସେନା, ବାୟୁସେନା, ବିଆରଓ (ଜିଆର୍‌ଇଏଫ୍), ସ୍ୱୟଂଶାସିତ ନିକାଶ, ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ରାଜ୍ୟ ସରକାରୀ ବିଭାଗ ଏବଂ ରାଜ୍ୟ ସରକାରୀ ସର୍ବସାଧାରଣ ଉଦ୍ୟୋଗରୁ ଅବସରପ୍ରାପ୍ତ କର୍ମଠ, ପ୍ରଭାବୀ ଏବଂ ଅଭିଜ୍ଞ ଯୋଗ୍ୟ ଅବସରପ୍ରାପ୍ତ ଅଧିକାରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:-

| କ୍ର. ସଂ. | ପଦବୀର ନାମ | ଖାଲିସ୍ଥାନ ସଂଖ୍ୟା* | ସିଡିଏ ଢାଞ୍ଚାରେ ପେ' ମାଟ୍ରିକ୍ସ ସ୍ତର |
|---|---|---|---|
| ୧. | ଜେନେରାଲ ମ୍ୟାନେଜର (ଟି/ପି) [ଉତ୍ତର ପୂର୍ବାଞ୍ଚଳ ରାଜ୍ୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ** | ପେ' ମାଟ୍ରିକ୍ସ ସ୍ତର-୧୩, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପିବି- ୪, ଟ.୩୭,୪୦୦ - ୬୭,୦୦୦/- ତଥା ଗ୍ରେଡ୍ ପେ' ଟ.୮,୭୦୦/-] |
| ୨. | ଡେପୁଟି ଜେନେରାଲ ମ୍ୟାନେଜର (ଟି/ପି) [ଉତ୍ତର ପୂର୍ବାଞ୍ଚଳ ରାଜ୍ୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୨୦ | ପେ' ମାଟ୍ରିକ୍ସ ସ୍ତର-୧୨, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପିବି- ୩, ଟ.୧୫,୬୦୦ - ୩୯,୧୦୦/- ତଥା ଗ୍ରେଡ୍ ପେ' ଟ.୭,୬୦୦/-] |
| ୩. | ଡେପୁଟି ଜେନେରାଲ ମ୍ୟାନେଜର (ଫାଇନାନ୍ସ) [ଲେହ (ଲଦାଖ), ଜାମ୍ମୁ ଓ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏଚ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୦୫ | ପେ' ମାଟ୍ରିକ୍ସ ସ୍ତର-୧୨, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପିବି- ୩, ଟ.୧୫,୬୦୦ - ୩୯,୧୦୦/- ତଥା ଗ୍ରେଡ୍ ପେ' ଟ.୭,୬୦୦/-] |
| ୪. | ମ୍ୟାନେଜର (ଟି/ପି) [ଉତ୍ତର ପୂର୍ବାଞ୍ଚଳ ରାଜ୍ୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୨୦ | ପେ' ମାଟ୍ରିକ୍ସ ସ୍ତର-୧୧, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୩, ଟ.୧୫,୬୦୦ - ୩୯,୧୦୦/- ତଥା ଗ୍ରେଡ୍ ପେ' ଟ.୬,୬୦୦/- ସିଡିଏ ଢାଞ୍ଚାରେ] |
| ୫. | ମ୍ୟାନେଜର (ଫାଇନାନ୍ସ) [ଲେହ (ଲଦାଖ), ଜାମ୍ମୁ ଓ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୦୫ | ପେ' ମାଟ୍ରିକ୍ସ ସ୍ତର-୧୧, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୩, ଟ.୧୫,୬୦୦ - ୩୯,୧୦୦/- ତଥା ଗ୍ରେଡ୍ ପେ' ଟ.୬,୬୦୦/- ସିଡିଏ ଢାଞ୍ଚାରେ] |
| ୬. | ମ୍ୟାନେଜର (ଲିଗାଲ୍) [ଏନ୍‌ଏଚ୍‌ଆଇଡିସିଏଲ୍ ମୁଖ୍ୟାଳୟ/ ଲେହ (ଲଦାଖ), ଜାମ୍ମୁ ଓ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୦୧ | ପେ' ମାଟ୍ରିକ୍ସ ସ୍ତର-୧୧, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୩, ଟ.୧୫,୬୦୦ - ୩୯,୧୦୦/- ତଥା ଗ୍ରେଡ୍ ପେ' ଟ.୬,୬୦୦/- ସିଡିଏ ଢାଞ୍ଚାରେ] |
| ୭. | ଆସିଷ୍ଟାଣ୍ଟ ମ୍ୟାନେଜର (ଏଚ୍‌ଆର୍) [ଏନ୍‌ଏଚ୍‌ଆଇଡିସିଏଲ୍ ମୁଖ୍ୟାଳୟ/ ଲେହ (ଲଦାଖ), ଜାମ୍ମୁ ଓ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୦୨ | ପେ' ମାଟ୍ରିକ୍ସ ସ୍ତର-୮, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୨, ଟ.୯,୩୦୦ - ୩୪,୮୦୦/- ତଥା ଗ୍ରେଡ୍ ପେ' ଟ.୪,୮୦୦/- ସିଡିଏ ଢାଞ୍ଚାରେ] |
| ୮. | ଜୁନିୟର ମ୍ୟାନେଜର (ଏଚ୍‌ଆର୍) [ଏନ୍‌ଏଚ୍‌ଆଇଡିସିଏଲ୍ ମୁଖ୍ୟାଳୟ/ ଲେହ (ଲଦାଖ), ଜାମ୍ମୁ ଓ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୦୬ | ପେ' ମାଟ୍ରିକ୍ସ ସ୍ତର-୬, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୨, ଟ.୯,୩୦୦ - ୩୪,୮୦୦/- ତଥା ଗ୍ରେଡ୍ ପେ' ଟ.୪,୨୦୦/- ସିଡିଏ ଢାଞ୍ଚାରେ] |
| ୯. | ଜୁନିୟର ମ୍ୟାନେଜର (ଲିଗାଲ୍) [ଏନ୍‌ଏଚ୍‌ଆଇଡିସିଏଲ୍ ମୁଖ୍ୟାଳୟ/ ଲେହ (ଲଦାଖ), ଜାମ୍ମୁ ଓ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୦୧ | ପେ' ମାଟ୍ରିକ୍ସ ସ୍ତର-୬, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୨, ଟ.୯,୩୦୦ - ୩୪,୮୦୦/- ତଥା ଗ୍ରେଡ୍ ପେ' ଟ.୪,୨୦୦/- ସିଡିଏ ଢାଞ୍ଚାରେ] |
| ୧୦. | ଜୁନିୟର ମ୍ୟାନେଜର (ରାଜଭାଷା) [ମୁଖ୍ୟାଳୟ, ଏନ୍‌ଏଚ୍‌ଆଇଡିସିଏଲ୍] | ୦୧ | ପେ' ମାଟ୍ରିକ୍ସ ସ୍ତର-୬, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୨, ଟ.୯,୩୦୦ - ୩୪,୮୦୦/- ତଥା ଗ୍ରେଡ୍ ପେ' ଟ.୪,୨୦୦/- ସିଡିଏ ଢାଞ୍ଚାରେ] |

*ଅଧିକନ୍ତୁ, ଏନ୍‌ଏଚ୍‌ଆଇଡିସିଏଲ୍‌ରେ ସୂଚିତ ଏବଂ ଭବିଷ୍ୟତରେ ଉପୁଜିବାକୁ ଥିବା ଖାଲିସ୍ଥାନଗୁଡ଼ିକୁ ପୂରଣ କରିବା ପାଇଁ ମନୋନୀତ ପ୍ରାର୍ଥୀମାନଙ୍କର ଏକ ପ୍ୟାନେଲ ପ୍ରସ୍ତୁତ କରିବାର ଅଧିକାର ଏନ୍‌ଏଚ୍‌ଆଇଡିସିଏଲ୍ ସଂରକ୍ଷିତ ରଖାଯାଉଛି । ପଦବୀର ସଂଖ୍ୟା ଆବଶ୍ୟକତା ଅନୁସାରେ ପରିବର୍ତ୍ତିତ ହୋଇପାରେ ।

**ଦରଖାସ୍ତ ଦାଖଲର ଶେଷ ତାରିଖ: ୩୧।୦୫।୨୦୨୧ (ସୋମବାର) ୧୮.୦୦ ଘଟିକା ପର୍ଯ୍ୟନ୍ତ**

**ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ପରିଦର୍ଶନ କରନ୍ତୁ - www.nhidcl.com**

**ଦ୍ରଷ୍ଟବ୍ୟ ୧:** ବର୍ତ୍ତମାନ କେନ୍ଦ୍ର ସରକାରୀ ମନ୍ତ୍ରଣାଳୟ/ ବିଭାଗ, ସେନା, ନୌସେନା, ବାୟୁସେନା, ସ୍ୱୟଂଶାସିତ ନିକାଶ, ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ରାଜ୍ୟ ସରକାରୀ ବିଭାଗ ଏବଂ ରାଜ୍ୟ ସରକାରୀ ସର୍ବସାଧାରଣ ଉଦ୍ୟୋଗରେ ସେବାରତ ରହିଥିବା ଏବଂ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡକୁ ପୂରଣ କରୁଥିବା ଅଧିକାରୀମାନେ ମଧ୍ୟ ବିଗତ ପାଞ୍ଚ ବର୍ଷର ଏସିଆର୍/ଏପିଏଆର୍, ନୋ ଅବଜେକ୍ସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ଏବଂ ଭିଜିଲାନ୍ସ କ୍ଲିୟରାନ୍ସ (ଭିସି)ର ପ୍ରତିଲିପି ସହିତ ନିର୍ଦ୍ଧାରିତ ପ୍ରୋଫର୍ମାରେ ଡେପୁଟେଶନ ଭିତ୍ତିରେ ପଦବୀ ଲାଗି ଆବେଦନ କରିବାକୁ ଯୋଗ୍ୟ । *ଡେପୁଟେଶନ ଭିତ୍ତିରେ ନିଯୁକ୍ତି ଲାଗି ଆବେଦନ କରୁଥିବା ପ୍ରାର୍ଥୀମାନେ ଯେକୌଣସି ବୟସର ହୋଇପାରନ୍ତି । ସେମାନଙ୍କର ଅବସରଗ୍ରହଣ ପରେ ସେମାନଙ୍କୁ ଏନ୍‌ଏଚ୍‌ଆଇଡିସିଏଲ୍‌ରେ ଠିକା ଭିତ୍ତିରେ ନିଯୁକ୍ତିକୁ ଜାରି ରଖିବା ପାଇଁ ଅନୁମତି ଦିଆଯାଇପାରେ, ଯାହା ଉଭୟ ପକ୍ଷଙ୍କ ସମ୍ମତି ଉପରେ ନିର୍ଭର କରିବ । ଯଦି ସେମାନଙ୍କର ମୂଳ ସଂଗଠନ ସେମାନଙ୍କୁ ଅବସରକାଳୀନ ଔପଚାରିକତା ପାଇଁ ମୂଳ ପଦବୀକୁ ଫେରିବା ଆବଶ୍ୟକ କରେ, ତେବେ ତାଙ୍କୁ ଏକସପ୍ତାହ ଅବଧି ପର୍ଯ୍ୟନ୍ତ ଏହା କରିବା ଲାଗି ଅନୁମତି ଦିଆଯିବ । ତତ୍‌ପଶ୍ଚାତ୍, ସେମାନେ ଠିକାଭିତ୍ତିକ କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ ନିୟମ ଓ ସର୍ତ୍ତାବଳୀରେ ଠିକା ଭିତ୍ତିରେ ନିଯୁକ୍ତିକୁ ଜାରି ରଖିପାରିବେ ।*

**ଦ୍ରଷ୍ଟବ୍ୟ ୨:** ଏହି ଖାଲିସ୍ଥାନ ସର୍କୁଲାରରେ କୌଣସି ପରିବର୍ତ୍ତନ କିମ୍ବା ସଂଶୋଧନକୁ କେବଳ ଏନ୍‌ଏଚ୍‌ଆଇଡିସିଏଲ୍ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ ।

**ଦ୍ରଷ୍ଟବ୍ୟ ୩:** ଅସମ୍ପୂର୍ଣ୍ଣ ଦରଖାସ୍ତ କିମ୍ବା ନିର୍ଦ୍ଧାରିତ ତାରିଖ ପରେ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ବିଧିବଦ୍ଧ ଭାବେ ଖାରଜ କରିଦିଆଯିବ ।

ଡେପୁଟି ଜେନେରାଲ ମ୍ୟାନେଜର (ଏଚ୍‌ଆର୍)

**ଗଢ଼ୁଛୁ ଭିତ୍ତିଭୂମି, ଗଢ଼ୁଛୁ ରାଷ୍ଟ୍ର**

**ଶ୍ରୀମନ୍ଦିରରେ ପଡ଼ି ଭକ୍ତ ଆହତ**

**ପୁରୀ ଅଫିସ:** ଶ୍ରୀମନ୍ଦିରରେ ପଡ଼ି ଜଣେ ଭକ୍ତ ଆହତ ହୋଇ ମଙ୍ଗଳବାର ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେ ହେଲେ ପୁରୀ ପଥୁରିଆ ସାହିର ସୌମ୍ୟ ରଞ୍ଜନ ସାହୁ। ସୌମ୍ୟ ମହାପ୍ରଭୁଙ୍କ ଦର୍ଶନ କରିବା ନିମନ୍ତେ ମଙ୍ଗଳବାର ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ଉତ୍ତର ଦ୍ୱାର ଦେଇ ଫେରୁଥିବା ବେଳେ ଦ୍ୱାର ନିକଟରେ ହଠାତ୍ ମୁଣ୍ଡ ବୁଲାଇ ତଳେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ସେବାୟତ ଏବଂ ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କର ଚିକିତ୍ସା କରି ଗ୍ରୀଷ୍ମ ଏବଂ ଗହଳି କାରଣରୁ ତାଙ୍କ ମୁଣ୍ଡ ବୁଲାଇଥିବା ସୂଚନା ଦେଇଥିଲେ ।

## ସଂକ୍ଷେପରେ

### ବିନା ଭକ୍ତରେ ମା' ମଙ୍ଗଳାଙ୍କ ନୀତି ସମ୍ପନ୍ନ



**କାକଟପୁର,୨୦।୪(ଡି.ଏନ୍.ଏ.):** ଚୈତ୍ର ମାସର ଚତୁର୍ଥ ପାଲିଯାତ୍ରାରେ ମା' ମଙ୍ଗଳାଙ୍କ ବିନା ଭକ୍ତରେ ନୀତିକାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ଅବସରରେ ସୋମବାରଠାରୁ ଆରମ୍ଭ ହୋଇଥିବା ତ୍ରି ଦିନାତ୍ମକ ବାସନ୍ତିକ ପୂଜା କାର୍ଯ୍ୟ ହୋଇଛି। ରାତ୍ର ୩ଟାରୁ ମା' ଙ୍କର ମଙ୍ଗଳ ଆଳତି, ସ୍ନାନ ଓ ମା'ଙ୍କୁ କାତ୍ୟାୟିନୀ ବେଶରେ ସଜ୍ଜିତ କରାଯିବା ପରେ ବେଶ କବାଟ ଖୋଲିଥିଲା। ଯେହେତୁ କରୋନା ସକାଶେ ଶ୍ରଦ୍ଧାଳୁଙ୍କୁ ମନ୍ଦିରକୁ ବାରଣ କରାଯାଇଛି ତେଣୁ ମନ୍ଦିର ଖାଁ ଖାଁ ରହିଥିଲା। ସକାଳୁ ଚଣ୍ଡୀ ପାଠ ପରେ ମଧାହ୍ନରେ ସୂର୍ଯ୍ୟପୂଜା, ବଲ୍ଲଭ ଧୂପ ପରେ ଘଣ୍ଟ ପାଟୁଆମାନେ ନଦୀରୁ ପାଣି ତୋଳି ମା'ଙ୍କ ନିକଟରେ ଢାଳିବା ପରେ ଘଣ୍ଟ ପାଟୁଆ ନୃତ୍ୟ ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୨ଟାରେ ମା'ଙ୍କର ପ୍ରଥମ ଧୂପ, ଦ୍ୱିପ୍ରହର ଧୂପ, ତା'ପରେ ଭଅଣ୍ଡ ପରେ ସନ୍ଧ୍ୟାରେ ମନ୍ଦିର ବନ୍ଦ ହୋଇଥିଲା। ମନ୍ଦିର ପହୁଡ଼ ଖୋଲି ସନ୍ଧ୍ୟା ଆଳତି, ସ୍ନାନ, ବେଶ ପରେ କାଳିକା ନାଚ ତା'ପରେ ପରେ ଧୂପ, ବଡ଼ସିଂହାର କରାଯାଇ ରାତି ୩ ଟାରେ ପହୁଡ଼ ପଡିଥିଲା।

### କୁଆଖାଇରେ ବୁଡ଼ିଗଲେ ଯୁବକ

ଦେଢ଼ ମାସରେ ୩ଜଣଙ୍କ ଜୀବନ ଗଲାଣି

**ବାଲକାଟୀ,୨୦।୪(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ କୁଆଖାଇ ନଦୀ ଏବେ ଜନସାଧାରଣଙ୍କ ପାଇଁ କାଳ ସଦୃଶ ହୋଇଛି। ଗତ ମାସରେ ୨ଜଣ ଛାତ୍ରଙ୍କ ଏହି କୁଆଖାଇରେ ବୁଡ଼ି ପ୍ରାଣ ହରାଇବା ଘଟଣା ମନରୁ ନ ଲିଭୁଣୁ ମଙ୍ଗଳବାର ସ୍ଥାନୀୟ ବ୍ରହ୍ମେଶ୍ୱର ଅଞ୍ଚଳର ବିଶ୍ୱଜିତ ସ୍ୱାଇ(୨୨) ଗାଧୋଇବାକୁ ଆସି ପ୍ରାଣ ହରାଇବା ଚର୍ଚ୍ଚାର ବିଷୟ ହୋଇଛି। ଗତ ଦେଢ଼ ମାସ ମଧ୍ୟରେ ଏହି ନଦୀରେ ୩ଜଣଙ୍କ ଜୀବନ ଚାଲିଯିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଅନ୍ୟପଟେ ଏଭଳି ଘଟଣା ଘଟିବା ପରେ ବି ପ୍ରଶାସନର ନିଦ ଭାଙ୍ଗି ନ ଥିବାବେଳେ ବାଲି ଉତ୍ତୋଳନକାରୀ ଭାକ୍ୟୁମ ଲଗାଇ ନଦୀ ମଧ୍ୟରେ ବେଧଡ଼କ ବାଲି ଉତ୍ତୋଳନ କରି ନଦୀ ମଧ୍ୟରେ ମୃତ୍ୟୁର ଯନ୍ତା ତିଆରି କରି ଚାଲିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ମଙ୍ଗଳବାର ମଧାହ୍ନ ସାଢ଼େ ୧ଟା ସମୟରେ ବିଶ୍ୱଜିତ ତାଙ୍କ ୨ ବନ୍ଧୁଙ୍କ ସହ ବାସୁଆଘାଟି ପଟେ ପ୍ରବାହିତ କୁଆଖାଇ ନଦୀକୁ ଗାଧୋଇବାକୁ ଆସିଥିଲେ। ସମସ୍ତେ ମିଶି ଗାଧୋଉଥିବା ବେଳେ ହଠାତ୍ ବିଶ୍ୱଜିତ ଗଣ୍ଡରେ ପଡ଼ି ନିଖୋଜ ହୋଇଯାଇଥିଲେ। ଖବରପାଇ ଭୁବନେଶ୍ୱର ଓ ବାଲିଅନ୍ତା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନଦୀ ଗର୍ଭକୁ ଯାଇ ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ଶହୀଦ ନଗର ପୋଲିସ ଓ ପରିବାର ଲୋକେ ପହଞ୍ଚିଥିଲେ। ପ୍ରାୟ ଅପରାହ୍ଣ ୪ଟାରେ ଅଗ୍ନିଶମ କର୍ମଚାରୀ ବିଶ୍ୱଜିତଙ୍କୁ ଗଣ୍ଡରୁ ଉଦ୍ଧାର କରି ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗି ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ପ୍ରଶାସନକୁ ଦାୟୀ କରି ତୁରନ୍ତ ବାଲିଘାଟକୁ ଏଠାରେ ବନ୍ଦ କରିବା ସହ ଦୋଷୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରୁଛନ୍ତି।

# ରାଜଧାନୀରେ ସ୍ଥିତି ସଙ୍ଗିନ


- ଦୈନିକ ସଂକ୍ରମଣ ୫୦୦ ଟପିଲା
- ପଟିଆରୁ ସର୍ବାଧିକ ୩୮ ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର, ୨୦।୪(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି। ଫଳରେ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ପ୍ରତିଦିନ ରେକର୍ଡ ଭାଙ୍ଗୁଛି ଦୈନିକ ସଂକ୍ରମଣ। ଗତ କିଛିଦିନ ହେବ ସଂକ୍ରମିତଙ୍କ ସଂଖ୍ୟା ୩ଶହ ମଧ୍ୟରେ ରହୁଥିବାବେଳେ ସୋମବାର ୪ଶହ ଅତିକ୍ରମ କରିଥିଲା। ତେବେ ଗତ ୨୪ଘଣ୍ଟାରେ ଏହି ସଂଖ୍ୟା ୫ଶହ ଅତିକ୍ରମ କରି ୫୮୧ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୧୧ଜଣ କ୍ୱାରାଣ୍ଟାଇନ୍ ଓ ୪୭୦ଜଣ ଲୋକାଲ କେସ୍। ଏହି ସଂକ୍ରମିତଙ୍କୁ ମିଶାଇ କେବଳ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୬ହଜାର ୭୨୮କୁ ବୃଦ୍ଧି ପାଇଛି। ପଟିଆ ଅଞ୍ଚଳରୁ ସର୍ବାଧିକ ୩୮ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ପୁରୁଣା ଭୁବନେଶ୍ୱରରୁ ୩୫ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଟଙ୍କପାଣି ରୋଡ୍‌ରୁ ୨୬, ଖଣ୍ଡଗିରିରୁ ୨୯, ଚନ୍ଦ୍ରଶେଖରପୁରରୁ ୨୨, ନୟାପଲ୍ଲୀରୁ ୨୪, ରସୁଲଗଡରୁ ୧୫, ମଞ୍ଚେଶ୍ୱରରୁ ୧୧, ଶହୀଦ ନଗରରୁ ୬, ଲକ୍ଷ୍ମୀସାଗରରୁ ୧୯, ଆଇଗିଣିଆରୁ ୪, ନିଳାଦ୍ରୀବିହାରରୁ ୮, ବଡଗଡରୁ ୮, ବରମୁଣ୍ଡାରୁ ୯, ଜୟଦେବ ବିହାରରୁ ୫, ଝାରପଡାରୁ ୧୦, ବିଜେବି ନଗରରୁ ୫, ପଳାଶୁଣିରୁ ୪, ସୁନ୍ଦରପଦାରୁ ୬, ବମିଖାଲରୁ ୫, କଳ୍ପନାରୁ ୭, ବୁଦ୍ଧେଶ୍ୱରୀ କଲୋନୀରୁ ୩, କଳିଙ୍ଗ ବିହାରରୁ ୪, ୟୁନିଟ-୬ରୁ ୮, ଆଚାର୍ଯ୍ୟ ବିହାରରୁ ୯, ଶୈଳଶ୍ରୀ ବିହାରରୁ ୬ ଏବଂ ଗଙ୍ଗନଗରରୁ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଏହି ମହାମାରୀ କବଳରୁ ଗତ ୨୪ଘଣ୍ଟାରେ ୨୦୪ଜଣ ଲୋକ ସୁସ୍ଥ ହୋଇଛନ୍ତି। ଏଥିସହ କରୋନା ସଂକ୍ରମଣରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୩୩ହଜାର ୨୦୮ରେ ପହଞ୍ଚିଛି। ସେହିପରି ୨୫୦ଜଣ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବାବେଳେ ୩ହଜାର ୨୪୯ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି।

## ସିଲ୍ ହେଲା ୩ ଘରୋଇ ଶିକ୍ଷାନୁଷ୍ଠାନ

**ଭୁବନେଶ୍ୱର, ୨୦।୪(ବ୍ୟୁରୋ)**



ନୟାପଲ୍ଲୀ ଅଞ୍ଚଳରେ ଥିବା ଅଦ୍ୱିତୀୟ ଏକାଡେମୀକୁ ସିଲ୍ କରାଯାଉଛି।

ରାଜଧାନୀର ନୟାପଲ୍ଲୀ ଅଞ୍ଚଳରେ ଥିବା ଅଦ୍ୱିତୀୟ ଏକାଡେମୀ, କଳିଙ୍ଗ ଏକାଡେମୀ ଏବଂ ଖାରବେଳ ନଗରସ୍ଥିତ ଭାରତୀୟ ବିଦ୍ୟାଭବନକୁ ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସିଲ୍ କରାଯାଇଛି। କୋଭିଡ୍ ଗାଇଡ୍ ଲାଇନ୍ ଉଲ୍ଲଂଘନ ଅଭିଯୋଗରେ ଏହି ସବୁ ଅନୁଷ୍ଠାନକୁ ସିଲ୍ କରାଯାଇଥିବା ବିଏମ୍‌ସି ସୂଚନା ଦେଇଛି। ସୂଚନାଯୋଗ୍ୟ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ତଥା ସମସ୍ତଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ଗତ ୧୯ ତାରିଖରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ହଷ୍ଟେଲଗୁଡ଼ିକୁ ଖାଲି କରିବାକୁ ମଧ କହିଥିଲେ। ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନ ଏହି ନିୟମର ପାଳନ କରି ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ରଖିଥିବାବେଳେ ରାଜଧାନୀର କେତେକ ଘରୋଇ ଶିକ୍ଷାନୁଷ୍ଠାନ ଏହାର ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଛି। ଅନ୍‌ଲାଇନ୍ କ୍ଲାସ ପାଇଁ ଅନୁମତି ମିଳିଥିବାବେଳେ କେତେକ ଘରୋଇ ଅନୁଷ୍ଠାନରେ ଏଯାବତ୍ ଅଫ୍‌ଲାଇନରେ କ୍ଲାସ କରାଯାଉଛି। ମଙ୍ଗଳବାର ଏନେଇ ସୂଚନା ପାଇବା ପରେ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା।



ଅଶୋକାଷ୍ଟମୀ ନୀତି ନିମନ୍ତେ ମଙ୍ଗଳବାର ପୁରୀର ପ୍ରଭୁ ଶ୍ରୀଲୋକନାଥଙ୍କୁ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଯାଉଛି।

## ଶ୍ରୀମନ୍ଦିରରେ ଅଶୋକାଷ୍ଟମୀ ନୀତି

**ପୁରୀ ଅଫିସ,୨୦।୪**

ପବିତ୍ର ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ବା ଅଶୋକାଷ୍ଟମୀ ମଙ୍ଗଳବାର ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଉକ୍ତ ଦିନ ଶ୍ରୀମନ୍ଦିରରୁ ଲୋକନାଥ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରି ସେଠାରେ ବିଭିନ୍ନ ନୀତି ସମ୍ପନ୍ନ କରିଥାନ୍ତି। ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ସମ୍ପନ୍ନ ହେବା ପରେ ଭଣ୍ଡାରଘରୁ ଶ୍ରୀଲୋକନାଥ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଆଣି ଲୋକନାଥଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକମାନେ ହାତରେ ଶ୍ରୀଲୋକନାଥଙ୍କୁ ଆଣି ପାଲିଙ୍କିରେ ବିଜେ କରିଥିଲେ। ଘଣ୍ଟି, ଛତା, କାହାଳୀ ଏବଂ ସେବାୟତଙ୍କ ଗହଣରେ ବିମାନବଡୁ ସେବକମାନେ ପ୍ରଥମେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଥିବା ଈଶାନେଶ୍ୱର ବା ଐଶାନେଶ୍ୱର ମହାଦେବ ମନ୍ଦିରକୁ ବିଜେ କରାଇଥିଲେ। ସେଠାରେ ପାଳିଆଖୁଣ୍ଟିଆ ଏକ ଖଣ୍ଡ ଅମୁଣିଆ ମାଳ ନେଇ ଭିତରଚ୍ଛ ସେବକଙ୍କୁ ପ୍ରଦାନ କରିଥିଲେ। ପରେ ଉକ୍ତ ଅମୁଣିଆ ମାଳଟିକୁ ଭିତରଚ୍ଛ ସେବକ ଈଶାନେଶ୍ୱରଙ୍କୁ ଲାଗି କରାଇ ମାଳଟି ଲୋକନାଥ ଠାକୁରଙ୍କୁ ପ୍ରଦାନ କରିଥାନ୍ତି। ପରେ ଶୀତଳ ଭୋଗ ମଣୋହି ହେବା ସହ କର୍ପୁର ଆଳତି ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବାପରେ ବିମାନବଡୁ ସେବକମାନେ ଲୋକନାଥଙ୍କୁ ପାଲିଙ୍କିରେ ସିଂହଦ୍ୱାର ଦେଇ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ ମଇଲମ, ଅବକାଶ କରି ଶୀତଳ ଭୋଗ ମଣୋହି କରାଯାଇଥିଲା। ପରେ ଭିତରଚ୍ଛଙ୍କ ଦ୍ୱାରା ବନ୍ଦାପନା ଅନୁଷ୍ଠିତ ହେବା ପରେ ଶ୍ରୀଲୋକନାଥଙ୍କୁ ଅଶୋକ କଢ଼ି ଲାଗି କରାଯାଇଥିଲା। ପରେ ଶ୍ରୀଲୋକନାଥ ସେବାୟତଙ୍କ ଗହଣରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସେହିପରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ଗର୍ଭଉଦକ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଧୂପ ସାରି ଧୋପଖାଳ ହେବା ପରେ ମହାପ୍ରଭୁଙ୍କ ନିକଟରେ ଜେଉଟ ଭୋଗ କରାଯାଇଥିଲା। ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଶ୍ରୀଜୀଉମାନଙ୍କୁ ଭୋଗ ମଣୋହି କରିଥିଲେ। ପରେ ବଡ଼ ବାଡ଼ରେ ପୂଜାପଣ୍ଡା, ମଝିବାଡ଼ରେ ପତି ମହାପାତ୍ର ଏବଂ ମହାପ୍ରଭୁଙ୍କ ମୁଦିରସ୍ତ ବନ୍ଦାପନା କରିଥିଲେ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅଧିକ ଗୋଟିଏ ବନ୍ଦାପନା କରାଯାଇଥିଲା। ଏହି ବନ୍ଦାପନାକୁ ଗର୍ଭ ଉଦକ ବନ୍ଦାପନା କୁହାଯାଏ। ନୀତି ସମ୍ପନ୍ନ ହେବା ପରେ ଅନ୍ୟାନ୍ୟ ନୀତି ବଢ଼ି ପହୁଡ଼ ନୀତି ଅନୁଷ୍ଠିତ ହୋଇଥିଲା। ବୁଧବାର ରାମନବମୀ ଅବସରରେ ଶ୍ରୀମନ୍ଦିରରେ ରାମ ଜନ୍ମ ନୀତି ଅନୁଷ୍ଠିତ ହେବା ସହ ପାରମ୍ପରିକ ସାହିଯାତ ଶ୍ରୀକ୍ଷେତ୍ରରେ ଆରମ୍ଭ ହେବ।

## ଇନ୍ଦୋର ଗଲେ ୧୩ ପଶୁପକ୍ଷୀ

**ବାରଙ୍ଗ,୨୦।୪(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରୁ ୧୩ଟି ପଶୁପକ୍ଷୀ ମଙ୍ଗଳବାର ମଧ୍ୟପ୍ରଦେଶର ଇନ୍ଦୋର ଚିଡ଼ିଆଖାନାକୁ ଯାଇଛନ୍ତି। ସେମାନଙ୍କ ମଧ୍ୟରେ ଧଳା ବାଘୁଣୀ ରାଗିଣୀ ଓ କଳାଲୋମଯୁକ୍ତ ବାଘ ଭିକି, ୩ଟି ଘଡ଼ିଆଳ କୁମ୍ଭୀର, ୪ ଗୋଲ୍‌ଡେନ୍ ଫିଜାଣ୍ଟ ଓ ୪ ସିଲଭର ଫିଜାଣ୍ଟ ଅଛନ୍ତି। ଅଦଳବଦଳ ପ୍ରକ୍ରିୟାରେ ଏହି ୧୩ଟି ପଶୁପକ୍ଷୀ ଇନ୍ଦୋର କମଲାନେହେରୁ ପ୍ରାଣୀ ସଂଗ୍ରହାଳୟକୁ ଯାଇଥିବାବେଳେ ଗତ ଡିସେମ୍ବର ୨୦ରେ ନନ୍ଦନକାନନର ଏକ ଟିମ୍ ସେଠାକୁ ଯାଇ ୯ଟି ପଶୁପକ୍ଷୀ ଆଣିଥିଲେ। ଏହି ନୂଆ ଅତିଥିଙ୍କ ମଧ୍ୟରେ ୨ ମାଈ ଏସିଆନ ସିଂହୀ, ୩ ଘଡ଼ିଆଳ କୁମ୍ଭୀର, ୩ ଭାରତୀୟ ଧୂସର ଗଧିଆ, ଗୋଟିଏ ମାଈ କୋକିଶିଆଳି ରହିଥିଲେ। ସୋମବାର ଇନ୍ଦୋରରୁ ୨ଜଣିଆ ଟିମ୍ ଆସି ନନ୍ଦନକାନନରେ ପହଞ୍ଚିଥିବା ବେଳେ ମଙ୍ଗଳବାର ୧୩ ପଶୁପକ୍ଷୀଙ୍କୁ ସାଙ୍ଗରେ ନେଇ ଇନ୍ଦୋର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଇନ୍ଦୋର ଯାଇଥିବା ୧୩ପଶୁପକ୍ଷୀଙ୍କ ମଧ୍ୟରେ ପର୍ଯ୍ୟଟକଙ୍କ ପାଇଁ ବିଶେଷଭାବେ ଆକର୍ଷଣ ସାଜିଥିଲା କଳାଲୋମଯୁକ୍ତ ବାଘ ଭିକି ଓ ଧଳାବାଘୁଣୀ ରାଗିଣୀ। ସ୍ନେହା ଓ ମନିସର ମିଳନରୁ ୫ ଅଗଷ୍ଟ ୨୦୧୬ରେ ସ୍ନେହାର ଦ୍ୱିତୀୟ ଗର୍ଭସ୍ଥ ସନ୍ତାନ ତିନୋଟି ହେଉଛି ଭିକି, ଚିନୁ ଓ ମୌସୁମୀ। ଏମାନଙ୍କ ମଧ୍ୟରୁ କେବଳ ଭିକି ରହିଥିଲା କଳାଲୋମଯୁକ୍ତ। ସେହିଭଳି ଭାବେ ରାଗିଣୀର ବାପା ନିଶାନ ଓ ମାଆ କୁସୁମ। ୨୦୧୧ ଜୁଲାଇ ୧୩ରେ ଜନ୍ମଗ୍ରହଣ କରିଥିବା ରାଗିଣୀ ପାଖାପାଖି ୧୦ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ନନ୍ଦନକାନନରେ ମାଆ ହୋଇପାରି ନ ଥିଲା।

## ଚକା ଫାଟି ଓଲଟିଲା କାର୍

### ପୁଅ ମୃତ, ବାପା ଓ ଭିଣୋଇ ଗୁରୁତର

**ବାଲୁଗାଁ,୨୦।୪(ଡ.ଏନ୍.ଏ.)**



୧୬ ନମ୍ବର ଜାତୀୟ ରାଜପଥ ବାଲୁଗାଁ ଥାନା ଅଧୀନ ନାଭାଲ ଫାଣ୍ଡି ନିକଟ ସୁବୁଦ୍ଧିପାଟଣା ଛକଠାରେ ମଙ୍ଗଳବାର ଅପରାହ୍ଣରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାରର ଚକ ଫାଟି ଓଲଟି ପଡ଼ିବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୋରାପୁଟ ଜିଲା ଜୟପୁରର ଅନିଲ କୁମାର ପାତ୍ର(୩୭)। ଗୁରୁତର ହେଲେ ଅନିଲଙ୍କ ବାପା ପଦ୍ମଚରଣ ଏବଂ ଭିଣୋଇ ବୋରିଗୁମ୍ମା ଅଞ୍ଚଳର ଦେବୀ ପ୍ରସାଦ ପଟ୍ଟନାୟକ(୪୨)। ସୂଚନା ମୁତାବକ, କୋରାପୁଟ ଜିଲାର ଗୋଟିଏ ପରିବାରର ବାପ, ପୁଅ ଓ ଜ୍ୱାଇଁ ଭୁବନେଶ୍ୱରକୁ ଚିକିତ୍ସା ପାଇଁ ଆସିଥିଲେ। ଅପରାହ୍ଣ ୪ଟା ୩୦ରେ କାର (ଓଆର ୨୪ବି ୫୨୯୩)ରେ ନିଜ ଗ୍ରାମ ଅଭିମୁଖେ ଫେରୁଥିଲେ। ବାଲୁଗାଁ ନିକଟ ସୁବୁଦ୍ଧିପାଟଣା ଛକଠାରେ ହଠାତ୍ କାରର ପଛ ପାର୍ଶ୍ୱ ଚକ ଫାଟିଯିବା ଫଳରେ ଭାରସାମ୍ୟ ହରାଇ କାର ରାସ୍ତା ଉପରେ ଓଲଟି ପଡ଼ିଥିଲା। ଅନିଲ କାରକୁ ଚଳାଉଥିବା ବେଳେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ବାଲୁଗାଁ ଅଗ୍ନିଶମ ବିଭାଗ ଅଧିକାରୀ ନିତ୍ୟାନନ୍ଦ ଜେନା ସଦଳବଳ ପହଞ୍ଚି ୩ ଗୁରୁତରଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅନିଲଙ୍କୁ ମୃତ ଘୋଷଣା କରିଥିଲେ। ବାଲୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଜନ୍ତାଳ ଭୋଗକୁ ନେଇ ବୋମାମାଡ଼

**ବ୍ରହ୍ମଗିରି,୨୦।୪(ଡି.ଏନ୍.ଏ.)**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ବଡ଼ବନ୍ଧକେରା ଗ୍ରାମରେ ଜନ୍ତାଳ ଭୋଗକୁ କେନ୍ଦ୍ର କରି ମଙ୍ଗଳବାର ସନ୍ଧ୍ୟାରେ ବୋମା ମାଡ଼ ହୋଇଛି। ଏଥିରେ ୨ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ବୋମାମାଡ଼କୁ ନେଇ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ସୂଚନା ଅନୁଯାୟୀ, ରାଜନୈତିକ ବିବାଦକୁ କେନ୍ଦ୍ର କରି ଏହି ଗାଁରେ ଦୀର୍ଘଦିନରୁ ୨ଗୋଷ୍ଠୀ ହୋଇ ରହିଛନ୍ତି। ଛୋଟ ବଡ଼ ଘଟଣାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଅନେକଥର ମୁହାଁମୁହିଁ ପରିସ୍ଥିତ ମଧ ସୃଷ୍ଟି ହୋଇଛି। ଏବେ ଚୈତ୍ର ମାସ ମଙ୍ଗଳବାର ଥିବାରୁ ଉକ୍ତ ଗାଁରେ ଗ୍ରାମ ଦେବତୀଙ୍କ ନିକଟରେ ଜନ୍ତାଳ ଭୋଗ ଅନୁଷ୍ଠିତ ହୋଇଥାଏ। ଏହି ଭୋଗ ପାଇଁ ଗ୍ରାମ ପୋଖରୀରୁ ଏକ ଗୋଷ୍ଠୀ ମାଛ ମାରି ଭୋଗ କରୁଥିବା ସମୟରେ ଅପର ଗୋଷ୍ଠୀ ଏହି ଭୋଗରେ ସାମିଲ ହେବା ପାଇଁ ଜିଦ୍ ଧରିଥିଲେ। ଭୋଗ କରୁଥିବା ଗୋଷ୍ଠୀ ଏଥିନିମନ୍ତେ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ହୋଇ ଅନ୍ୟ ଏକ ଗୋଷ୍ଠୀ ବୋମା ମାଡ଼ କରିଥିଲେ। ଏହି ବୋମା ମାଡ଼ରେ ଗୋଟିଏ ଗୋଷ୍ଠୀର ଉକ୍ତ ଗ୍ରାମର ମନୋଜ ପାଣିଙ୍କ ଏକ ହାତ କଟିଯାଇ ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିଭଳି ଅନ୍ୟ ଗୋଷ୍ଠୀର ଭାଗୀରଥି ପରିଡ଼ା ଗୁରୁତର ହୋଇ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତ ନିୟନ୍ତ୍ରଣ କରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ମାମଲା ହୋଇ ନାହିଁ।

## ଚୌଦ୍ୱାର ଜେଲ୍‌ରୁ ମୁକୁଳିଲେ ନାଗାସାଧୁ

**ଚୌଦ୍ୱାର,୨୦।୪(ଡି.ଏନ୍.ଏ.)**

### ଏସସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ



ଚୌଦ୍ୱାର ଜେଲ୍‌ରେ ୧ ମାସରୁ ଉର୍ଦ୍ଧ୍ୱ ସମୟ ରହିବା ପରେ ମଙ୍ଗଳବାର ମୁକୁଳିଛନ୍ତି ପୁରୀ ଲଙ୍ଗୁଳି ମଠର ବାବା ବୈଷ୍ଣବ ପୁରୀ ଓରଫ ନାଗାସାଧୁ। ତାଙ୍କୁ ପାଛୋଟି ନେବା ପାଇଁ ଜେଲ ସମ୍ମୁଖରେ ବହୁ ସଂଗଠନ, ଦେବସେନା ଓ ମାରୁତି ସେନାର କର୍ମକର୍ତ୍ତା ସକାଳ ୮ଟାରୁ ଅପେକ୍ଷା କରିଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୧ଟାରେ ନାଗାସାଧୁ ଜେଲରୁ ବାହାରିବା ପରେ ଗଣମାଧ୍ୟମକୁ କହିଥିଲେ, ଜେଲ୍ ଭିତରେ ବହୁ ଅବ୍ୟବସ୍ଥା ମଧ୍ୟରେ ଅନ୍ତେବାସୀ ରହୁଛନ୍ତି। ସରକାର ଯେଉଁଭଳି ଭାବେ ମୋତେ ଅନ୍ୟାୟରେ ଦଣ୍ଡ ଦେଇଛନ୍ତି ତାହା ଠିକ୍ ନୁହେଁ। ଅନ୍ୟପକ୍ଷରେ ନାଗାସାଧୁଙ୍କ ବାପା ନରସିଂହ ସୁବୁଦ୍ଧି କହିଛନ୍ତି, ତାଙ୍କ ପୁଅ ପ୍ରତି ହୋଇଥିବା ଅନ୍ୟାୟ ଆଉ କୌଣସି ଲୋକଙ୍କ କ୍ଷେତ୍ରରେ ନ ହେଉ। ପରେ ନାଗାସାଧୁ ସମର୍ଥକଙ୍କୁ ସାଙ୍ଗରେ ଧରି ପୁରୀ ଅଭିମୁଖେ ଯାଇଥିଲେ।

ସୂଚନାଯୋଗ୍ୟ, ପୁରୀ ଶ୍ରୀମନ୍ଦିର ପରିସରସ୍ଥ ରୋହିଣୀକୁଣ୍ଡ ଘୋଡ଼ଣି ପଟା ଖୋଲିବା ଘଟଣାରେ ନାଗାସାଧୁଙ୍କୁ ପୋଲିସ ଗିରଫ କରି ପୁରୀ ଜେଲ ପଠାଇଥିଲା। ତାଙ୍କର ପୁରୀ ମେଡିକାଲରେ ଚିକିତ୍ସା କରାଯାଇଥିଲା। ପରେ ତାଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଥିଲା। ଜେଲର ୫୨ନଂ. ସେଲ୍‌ରେ ତାଙ୍କୁ ରଖାଯାଇଥିବାବେଳେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସା କରାଯାଇଥିଲା। ସୋମବାର ପୁରୀ ଦୌରାଜଜ୍ ୫୦ହଜାର ଟଙ୍କାର ବେଲ୍‌ବଣ୍ଡ ସହ ଶ୍ରୀମନ୍ଦିରରେ ପଶି ନୀତି ବିଭ୍ରାଟ ନ କରିବା ପାଇଁ ନାଗାସାଧୁଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ମଙ୍ଗଳବାର ନାଗାସାଧୁ ଚୌଦ୍ୱାର ଜେଲରୁ ଜାମିନରେ ମୁକୁଳିଥିଲେ।

## ଜବତ ଚୋରି ସାମଗ୍ରୀ ଫେରାଇଲା ପୋଲିସ





ପୋଲିସ ଫେରାଇଥିବା ବାଇକ୍ ଓ ମୋବାଇଲ୍ ଫୋନ୍।

**କଟକ ଅଫିସ ୨୦।୪**

କଟକର ୧୨ଟି ଥାନା ଅଞ୍ଚଳରୁ ଚୋରି ଓ ଲୁଟ୍ ହୋଇଥିବା ସାମଗ୍ରୀକୁ କମିଶନରେଟ୍ ପୋଲିସ ଜବତ କରିଥିଲା। କଟକ ଡିସିପିଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ଜବତ ସାମଗ୍ରୀଗୁଡିକୁ ସେମାନଙ୍କ ମାଲିକଙ୍କୁ ଡିସିପି ପ୍ରତୀକ୍ ସିଂ ହସ୍ତାନ୍ତର କରିଥିଲେ। ତେବେ ହସ୍ତାନ୍ତର ହୋଇଥିବା ସାମଗ୍ରୀ ମଧ୍ୟରେ ୬୯ ମୋବାଇଲ, ୧୮ଟି ବାଇକ୍, ଦୁଇଟି ଲାପ୍‌ଟପ୍, ତିନୋଟି ଟିଭି, ଗୋଟିଏ ଡିଜିଟାଲ କ୍ୟାମେରା, ଦୁଇଟି ହାତଘଣ୍ଟା ରହିଥିବା ଜଣାପଡିଛି। ଏହି ହସ୍ତାନ୍ତର କାର୍ଯ୍ୟକ୍ରମରେ ଏଡିସିପି ତ୍ରିନାଥ ମିଶ୍ର, ଏସିପି ଅମରେନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଭିନ୍ନ ଥାନା ଅଞ୍ଚଳରୁ ବିଭିନ୍ନ ସାମଗ୍ରୀ ଚୋରି ଓ ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ପୋଲିସ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ବିଭିନ୍ନ ସାମଗ୍ରୀ ଜବତ କରିଥିଲା।

## ବସ୍‌ରୁ ୧୨ କେଜି ଗଞ୍ଜେଇ ଜବତ, ୨ ଗିରଫ

**ବାଲୁଗାଁ,୨୦।୪(ଡି.ଏନ୍.ଏ.)**

### ଆନ୍ତଃରାଜ୍ୟ ଚାଲାଣକାରୀ ସକ୍ରିୟ



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

ମାଲକାନଗିରି ଓ ଜୟପୁରରୁ ଖୋର୍ଦ୍ଧା ଜିଲାକୁ ବସ୍‌ରେ ଗଞ୍ଜେଇ ଚାଲାଣ ବେଳେ ମଙ୍ଗଳବାର ସକାଳେ ବାଲୁଗାଁ ଅବକାରୀ ବିଭାଗ ଚଢ଼ାଉ କରି ପୃଥକ୍ ଭାବେ ଦୁଇଟି ବସ୍‌ରୁ ୧୨କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଦୁଇ ଆନ୍ତଃରାଜ୍ୟ ଚାଲାଣକାରୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଉତ୍ତରପ୍ରଦେଶ ହାଥରସ୍ ଜିଲାର ବୁଲ୍‌ବୁଲ୍ ବେଗମ୍(୩୮) ଏବଂ ବିହାର ପଶ୍ଚିମ ଚମ୍ପାରନ୍ ଜିଲାର ସୀତାବଜାରର ନଜିର ଅହମ୍ମଦ(୩୦)। ବେଗମ୍‌ଙ୍କ ନିକଟରୁ ୭ କେଜି ୧୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଅହମ୍ମଦଙ୍କ ନିକଟରୁ ୫ କେଜି ୧୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ସୂଚନା ମୁତାବକ, ମାଲକାନଗିରି ଅଞ୍ଚଳରୁ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣକାରୀ ବସ୍ ଯୋଗେ ରାଜ୍ୟର ବିଭିନ୍ନ ଜିଲା ଏବଂ ରାଜ୍ୟ ବାହାରକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅବକାରୀ ବିଭାଗକୁ ସୁରାକ ମିଳିଥିଲା। ଏହି ପରିପ୍ରେକ୍ଷୀରେ ସୋମବାର ରାତ୍ରିରେ ମାଲକାନଗିରିରୁ ଦୁଇଟି ବସରେ ଗଞ୍ଜେଇ ଚାଲାଣ ହୋଇ ଖୋର୍ଦ୍ଧା ଜିଲା ଅଭିମୁଖେ ଆସୁଥିବା ଖବରପାଇ ବାଲୁଗାଁ ଅବକାରୀ ଅଧିକାରୀ ମନୋଜ ବାରିକ ଏବଂ ଟାଙ୍ଗୀ ଅବକାରୀ ନିରୀକ୍ଷକ ଆଲୋକ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ଭୋରରୁ ବାଲୁଗାଁ ନିକଟ ନାଭାଲ ଛକଠାରେ ଜଗି ରହିଥିଲେ। ମାଲକାନଗିରିରୁ ଆସୁଥିବା ଏକ ବସ୍‌କୁ ଅଟକାଇ ଚଢ଼ାଉ କରିବାରୁ ବେଗମ୍‌ଙ୍କ ନିକଟରୁ ଗଞ୍ଜେଇ ଜବତ ହୋଇଥିଲା। ସେହିପରି ଟାଙ୍ଗୀ ଥାନା କୁହୁଡ଼ି ବସ୍‌ଷ୍ଟାଣ୍ଡ ନିକଟରୁ ଜୟପୁରରୁ ଆସୁଥିବା ବସ୍‌ରେ ଚଢ଼ାଉ କରି ଅହମ୍ମଦଙ୍କଠାରୁ ଗଞ୍ଜେଇ ଜବତ ହୋଇଥିଲା। ଏମାନେ ପୂର୍ବରୁ ବସ୍ ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ଅବକାରୀ ଅଧିକାରୀଙ୍କ ନିକଟରେ ସ୍ୱୀକାର କରିଛନ୍ତି। ବାଲୁଗାଁ ଅବକାରୀ ବିଭାଗରେ ମାମଲା (ନଂ.୯/୨୧) ଏବଂ ଟାଙ୍ଗୀ ବିଭାଗରେ ମାମଲା (ନଂ.୫/୨୧) ରୁଜୁ ହୋଇଛି।

ଧରିତ୍ରୀ
DHARITRI
Bhubaneswar, Wednesday, April 21 , 2021



## ସଂକ୍ଷେପରେ

### ୭୦ କୋଟି କୋଭିଡ୍ ଟିକା ପ୍ରସ୍ତୁତ କରିବ ଭାରତ ବାୟୋଟେକ୍

ନୂଆଦିଲ୍ଲୀ,୨୦।୪: ଦେଶର ଅଗ୍ରଣୀ ଟିକା ପ୍ରସ୍ତୁତକାରୀ କମ୍ପାନୀ 'ଭାରତ ବାୟୋଟେକ' ପକ୍ଷରୁ ଅଧିକ ଟିକା ଉତ୍ପାଦନ କରିବା ଲାଗି ମଙ୍ଗଳବାର ଘୋଷଣା କରାଯାଇଛି। କମ୍ପାନୀ କହିଛି, ଉତ୍ପାଦନ କ୍ଷମତା ବୃଦ୍ଧି ସହ ବାର୍ଷିକ ୭୦୦ ନିୟୁତ (୭୦ କୋଟି) ଡୋଜ୍ କୋଭାକ୍ସିନ ଟିକା ପ୍ରସ୍ତୁତ ନେଇ ଯୋଜନା ରହିଛି। ବଜାରର ଆବଶ୍ୟକତା ଅନୁସାରେ ଏହାକୁ ବୃଦ୍ଧି କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ତା'ର ହାଇଦ୍ରାବାଦ ଓ ବାଙ୍ଗାଲୋର ୟୁନିଟ୍‌ର କ୍ଷମତା ବଢ଼ାଇ ଅଧିକ ଟିକା ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। କରୋନା ମହାମାରୀର ପ୍ରଥମ ଲହରରୁ କମ୍ପାନୀ ପ୍ରାଥମିକ ଭାବରେ ୨୦୦ ମିଲିୟନ ଡୋଜ ଟିକା ପ୍ରସ୍ତୁତ ପାଇଁ ଭିତ୍ତିଭୂମି ନିର୍ମାଣ କରିଥିଲା। ବର୍ତ୍ତମାନ ସମୟରେ ଏହାର ଚାହିଦାକୁ ଆଖି ଆଗରେ ରଖି କମ୍ପାନୀ ୟୁନିଟ୍‌ଗୁଡିକୁ ସମ୍ପ୍ରସାରଣ କରିବ ବୋଲି ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

### ବୋଇଂ ୭୭୩ -ମାକ୍ସ ବିମାନକୁ ସର୍ତ୍ତମୂଳକ ଅନୁମତି

ନୂଆଦିଲ୍ଲୀ,୨୦।୪: ବୋଇଂର ୭୭୩-ମାକ୍ସ ବିମାନକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି। ଫଳରେ ଏହି ବିମାନ ଭାରତ ଉପର ଦେଇ ଉଡ଼ିପାରିବ। ଭାରତରୁ ଏହି ବିମାନର ସେବା ନେଇ ବର୍ତ୍ତମାନ କଟକଣା ବଳବତ୍ତର ରହିଛି। ଅର୍ଥାତ୍ ଭାରତରେ କୌଣସି ବିମାନ ସେବା କମ୍ପାନୀ ଏହି ବିମାନ ଦ୍ୱାରା ଯାତ୍ରୀଙ୍କୁ ସେବା ଯୋଗାଣ କରିପାରିବେ ନାହିଁ। ଭାରତରେ ରହିଥିବା ଏହି ବିମାନଗୁଡ଼ିକୁ ବିଦେଶୀ ଲିଜ୍‌ଧାରୀମାନେ ଏଠାରୁ ବିଦେଶକୁ ନେଇପାରିବେ। ଏଥିଲାଗି ଡିଜିସିଏର ଅନୁମତି ନେବାକୁ ପଡ଼ିବ ବୋଲି ସୂଚନା ମିଳିଛି।

### କୃଷି ଶ୍ରମିକଙ୍କ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି

ନୂଆଦିଲ୍ଲୀ,୨୦।୪: ଚଳିତ ବର୍ଷ ମାର୍ଚ୍ଚରେ ଦେଶର କୃଷି ଏବଂ ଗ୍ରାମୀଣ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଏହି ୨ ବର୍ଗରେ ମୁଦ୍ରାସ୍ଫୀତି ଯଥାକ୍ରମେ ୨.୭୮% ଏବଂ ୨.୯୬% ସ୍ତରରେ ରହିଛି। କେତେକ ଖାଦ୍ୟ ସାମଗ୍ରୀ ବର୍ଗରେ ଦରଦାମ ବଢ଼ିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। କୃଷି ଶ୍ରମିକଙ୍କ ଲାଗି ଖାଉଟି ମୂଲ୍ୟସୂଚୀ(ସିପିଆଇ-ଏଏଲ୍) ଏବଂ ଗ୍ରାମାଞ୍ଚଳ ଶ୍ରମିକଙ୍କ ଲାଗି ଖାଉଟି ମୂଲ୍ୟ ସୂଚୀ(ସିପିଆଇ-ଆର୍‌ଏଲ୍) ଚଳିତ ବର୍ଷ ଫେବୃୟାରୀରେ ଯଥାକ୍ରମେ-୨.୬୭% ଏବଂ ୨.୭୬% ସ୍ତରରେ ଥିଲା। ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଡାଟାରୁ ଏହା ସାମ୍ନାକୁ ଆସିଛି। ଗତ ବର୍ଷ ମାର୍ଚ୍ଚରେ ସିପିଆଇ-ଏଏଲ୍ ଏବଂ ସିପିଆଇ-ଆର୍‌ଏଲ୍ ଯଥାକ୍ରମେ ୮.୯୪% ଏବଂ ୮.୬୯% ସ୍ତରରେ ରହିଥିଲା।

### ଇପିଏଫ୍‌ଓରେ ନୂଆ ୧୨.୩୭ ଲକ୍ଷ ସଦସ୍ୟ

ନୂଆଦିଲ୍ଲୀ,୨୦।୪: ଚଳିତ ବର୍ଷ ଫେବୃୟାରୀରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍‌ଓ)ରେ ନୂଆ ୧୨.୩୭ ସଦସ୍ୟ ଯୋଡ଼ିହୋଇଛନ୍ତି। ନୂଆ ଏନ୍‌ରୋଲ କ୍ଷେତ୍ରରେ ୨୦% ବୃଦ୍ଧି ହୋଇଥିବା ସୂଚନା ମିଳିଛି। ଚଳିତ ବର୍ଷ ଜାନୁୟାରୀ ତୁଳନାରେ ନେଟ୍ ସଦସ୍ୟ ଯୋଗଦାନ ୩% ବୃଦ୍ଧି ହୋଇଛି। ଗତ ବର୍ଷ ଫେବୃୟାରୀ ତୁଳନାରେ ଏଥିରେ ୧୯.୭୩% ବୃଦ୍ଧି ହୋଇଥିବା ନଜରକୁ ଆସିଛି। ୨୦୨୧ ଫେବୃୟାରୀ ଯାଏ ଇପିଏଫ୍‌ଓ ଅଧିକ ୬୯.୫୮ ଲକ୍ଷ ସଦସ୍ୟ ଯୋଡ଼ିଛି। ମହାମାରୀ ସତ୍ତ୍ୱେ ଏହି ସଦସ୍ୟ ଯୋଡ଼ିବାରେ ଅନୁଷ୍ଠାନ ସକ୍ଷମ ହୋଇଛି। ୨୦୧୯-୨୦ରେ ୭୮.୫୮ ଏବଂ ୨୦୧୮-୧ରେ ୬୧.୧୨ ଲକ୍ଷ ନୂଆ ସଦସ୍ୟ ଯୋଡ଼ିବାକୁ ଏହା ସକ୍ଷମ ହୋଇଥିଲା।

### ରେଳପଥରେ ମାରୁତିର ୭.୨ଲକ୍ଷ ୟୁନିଟ ଯାନ ପରିବହନ

ନୂଆଦିଲ୍ଲୀ,୨୦।୪: ଦେଶର ଅଗ୍ରଣୀ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ (ଏମ୍‌ଏସ୍‌ଆଇ) ପକ୍ଷରୁ ରେଳପଥରେ ୭.୨ ଲକ୍ଷ ୟୁନିଟ ଯାନ ପରିବହନ କରାଯାଇଛି। କମ୍ପାନୀ ପକ୍ଷରୁ ମଙ୍ଗଳବାର କୁହାଯାଇଛି ଯେ, ଗତ ୫ ବର୍ଷରେ ଏହି ଯାନ ଭାରତୀୟ ରେଳପଥ ଜରିଆରେ ପରିବହନ ହୋଇଛି। ଗତ ଆର୍ଥିକ ବର୍ଷରେ କମ୍ପାନୀ ୧.୮ ଲକ୍ଷ ୟୁନିଟ ଯାନ ରେଳପଥରେ ପଠାଇଥିବା ଜଣାପଡ଼ିଛି। ଦେଶର ଏକ ପ୍ରମୁଖ କାର ଉତ୍ପାଦନକାରୀ ଭାବେ ୨୦୧୬-୧୭ରେ କମ୍ପାନୀ ସର୍ବାଧିକ ୮୮ହଜାର ୟୁନିଟ ଯାନ ରେଳଦ୍ୱାରା ପଠାଇଥିଲା। ୨୦୧୬ରୁ ୨୦୨୧ ମଧ୍ୟରେ ଗତ ୫ବର୍ଷ ହେବ କ୍ରମାଗତ ଭାବେ ଏହି ସେବା ଓ ପରିବହନ ସୁବିଧାର ଲାଭ କମ୍ପାନୀ ଉଠାଇଛି। ସେହିଭଳି କମ୍ପାନୀ ମଧ୍ୟ ରେଳପଥରେ ପରିବହନ ଯୋଗୁ ୩୨୦୦ ମେଟ୍ରିକ ଟନ ଅଙ୍ଗାରକାମ୍ଳ ହ୍ରାସ କରିବାରେ ସକ୍ଷମ ହୋଇଥିବା ଏମ୍‌ଏସ୍‌ଆଇର ଏମ୍‌ଡି ତଥା ସିଇଓ କେନିଚି ଆୟୁକାୱା କହିଛନ୍ତି।

# ଟିକା ଆମଦାନୀ ଟିକସ କମିବ

- ବିଚାର କରୁଛନ୍ତି କେନ୍ଦ୍ର ସରକାର
- ଭ୍ୟାକ୍ସିନ୍ ଉପଲବ୍ଧତା ବଢ଼ାଇବା ଲକ୍ଷ୍ୟ

ନୂଆଦିଲ୍ଲୀ,୨୦।୪





ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିକୁ ନଜରରେ ରଖି ସରକାର ବିଦେଶରୁ ଆମଦାନୀ ହେଉଥିବା କୋଭିଡ୍-୧୯ ଭାକ୍ସିନର ଆମଦାନୀ ଟିକସ ପ୍ରାୟ ୧୦% ଛାଡ଼ କରିପାରନ୍ତି। ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା ଯୋଗାଣ ପୂର୍ବରୁ ସରକାର ଏଭଳି ପଦକ୍ଷେପ ନେଇପାରନ୍ତି। ଟିକା ଆମଦାନୀ ଉପରେ ସରକାର ୧୦% ଟିକସ ଛାଡ଼ କରିପାରନ୍ତି ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୋମବାର କହିଛନ୍ତି।

ଟିକା ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ଏଭଳି ପଦକ୍ଷେପ ନିଆଯିବ ବୋଲି କୁହାଯାଉଛି। ରୁଷିଆର ସ୍ପୁଟନିକ ଭି ଟିକା ଶୀଘ୍ର ଭାରତରେ ଉପଲବ୍ଧ ହୋଇପାରେ। ସେହିଭଳି ଫାଇଜର, ମଡର୍ନା ଏବଂ ଜନ୍‌ସନ ଆଣ୍ଡ ଜନ୍‌ସନ ଭଳି କମ୍ପାନୀ ଦେଶ ମଧ୍ୟରେ ସେମାନଙ୍କ ଟିକା ଉପଲବ୍ଧ କରାଇବା ଲାଗି ସରକାର ନିବେଦନ କରିଥିଲେ। ନାମ ଗୋପନ ରଖି ଅଧିକାରୀ ଜଣକ କହିଛନ୍ତି, ଘରୋଇ ସଂସ୍ଥାଗୁଡିକ ଟିକା ଆମଦାନୀ କରିବା ଲାଗି ଅନୁମତି ଦେବାକୁ ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ଫଳରେ ସରକାରଙ୍କ ବିନା କୌଣସି ହସ୍ତକ୍ଷେପରେ ଏଗୁଡିକ ଖୋଲା ବଜାରରେ ଉପଲବ୍ଧ କରାଯାଇପାରିବ। ସେହିଭଳି ଟିକା ମୂଲ୍ୟ ନିର୍ଦ୍ଧାରଣ କରିବା ଲାଗି ମଧ୍ୟ ସଂସ୍ଥାଗୁଡିକ ସ୍ୱାଧୀନତା ପାଇବେ।

ଦେଶ ମଧ୍ୟରେ କୋଭିଡ୍-୧୯ ସତ୍ୱର କ୍ରୟ ଏବଂ ବିକ୍ରୟକୁ ଭାରତ ସରକାର ବର୍ତ୍ତମାନ ନିୟନ୍ତ୍ରଣ କରୁଛନ୍ତି। ବର୍ତ୍ତମାନର ନୂଆ ପ୍ରସ୍ତାବ ଉପରେ ସରକାରଙ୍କ ଆଭିମୁଖ୍ୟ ନେଇ ଅର୍ଥ ମନ୍ତ୍ରଣାଳୟ ମୁଖପାତ୍ରଙ୍କର ମତାମତ ଇ-ମେଲ୍ ମାଧ୍ୟମରେ ଲୋଡ଼ାଯାଇଥିଲେ ମଧ୍ୟ ଏହା ମିଳିପାରିନାହିଁ। ନେପାଳ, ପାକିସ୍ତାନ ସମେତ ଏସିଆର ଅନ୍ୟ ଦେଶ, ଆର୍ଜେଣ୍ଟିନା ଏବଂ ବ୍ରାଜିଲ ଭଳି ଲାଟିନ ଆମେରିକୀୟ ଦେଶଗୁଡିକ ଟିକା ଆମଦାନୀ ଟିକସ ୧୦ରୁ ୨୦% କମ୍ କରିଛନ୍ତି। ଭାରତରେ ସଂକ୍ରମଣ ବଢ଼ିବା ଯୋଗୁ ହସ୍ପିଟାଲଗୁଡ଼ିକରେ ବେଡ୍, ଅକ୍ସିଜେନ ଏବଂ ଦରକାରୀ ଔଷଧପତ୍ର ଅଭାବ ଦେଖାଯାଉଛି। ଟିକାକରଣ ତ୍ୱରାନ୍ୱିତ କରିବା ଲାଗି ବିଶେଷଜ୍ଞମାନେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

# ପୂର୍ବତନ ଆର୍‌ବିଆଇ ଗଭର୍ନର ଏମ୍. ନରସୀମାଙ୍କ ପରଲୋକ

ନୂଆଦିଲ୍ଲୀ,୨୦।୪



ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ଏମ୍. ନରସୀମା(୯୪)ଙ୍କର ମଙ୍ଗଳବାର କରୋନାରେ ପରଲୋକ ଘଟିଛି। ସେ ଦେଶ ମଧ୍ୟରେ ବ୍ୟାଙ୍କିଙ୍ଗ୍ ସଂସ୍କାରର ଜନକ ଭାବେ ପରିଚିତ। ୧୯୨୭ରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲା ମାଡ଼ିଆଭଲୁ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ। ଜଣେ ମେଧାବୀ ଓ ପ୍ରତିଭାବାନ ଛାତ୍ର ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ନାମ କରିଥିଲେ। ଆର୍‌ବିଆଇର ୧୩ତମ ଗଭର୍ନର ଭାବେ ସେ କାର୍ଯ୍ୟ କରିଥିଲେ। ୨ ମେ ୧୯୭୭ରୁ ୩୦ ନଭେମ୍ବର ୧୯୭୭ ପର୍ଯ୍ୟନ୍ତ ମୋଟ ୭ ମାସ କେନ୍ଦ୍ରୀୟ ବ୍ୟାଙ୍କର ମୁଖ୍ୟ ଭାବେ ନରସୀମା ଦାୟିତ୍ୱ ତୁଲାଇ ଥିଲେ। ଆର୍‌ବିଆଇ ଗଭର୍ନର ପଦବୀରେ ଅବସ୍ଥାପିତ ହେବା ପୂର୍ବରୁ ଆଇଏମ୍ଏଫ୍ ଏବଂ ୱାର୍ଲଡ ବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ଅନୁଷ୍ଠାନର ବରିଷ୍ଠ ପଦପଦବୀରେ ମଧ୍ୟ ସେ କାମ କରିଛନ୍ତି। ସେହିଭଳି ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟରେ ସଚିବ ଭାବେ ତାଙ୍କର କାର୍ଯ୍ୟ ଅଭିଜ୍ଞତା ରହିଥିଲା। ଦେଶରେ ମାନ୍ଦାବସ୍ଥା ଜାରି ରହିଥିବା ବେଳେ ୧୯୯୧ରେ ଫାଇନାନସିଆଲ ସିଷ୍ଟମ ଏବଂ ୧୯୯୮ରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ସଂସ୍କାର ଭଳି ଗୁରୁତ୍ୱପୂର୍ଣ୍ଣ କମିଟିରେ ସେ କାର୍ଯ୍ୟ କରିଛନ୍ତି। ବ୍ୟାଙ୍କିଙ୍ଗ୍ ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିଥିବାରୁ ନରସୀମାଙ୍କୁ ୨୦୦୦ ମସିହାରେ ପଦ୍ମ ବିଭୂଷଣ ଉପାଧିରେ ସମ୍ମାନିତ କରାଯାଇଥିଲା।

# ସେଭେନ୍ ହର୍ସ ଲୁବ୍ରିକାଣ୍ଟର ନୂଆ ପ୍ରଡକ୍ଟ




କଟକ,୨୦।୪

ପ୍ରମୁଖ କମ୍ପାନୀ ସେଭେନ୍ ହର୍ସ ଲୁବ୍ରିକାଣ୍ଟସ ପକ୍ଷରୁ ଓଡ଼ିଶା ବଜାରରେ ଏହାର ବିଶ୍ୱସ୍ତରୀୟ ପ୍ରଡକ୍ଟ ଶୁଭାରମ୍ଭ ଘୋଷଣା କରାଯାଇଛି। କଟକର ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ପ୍ରଡକ୍ଟଗୁଡିକୁ ବଜାର ପ୍ରବେଶ କରାଯାଇଛି। ଏମ୍ଆଇଡିସି ମହାରାଷ୍ଟ୍ରଠାରେ ଷ୍ଟେଟ୍ ଅଫ୍ ଆର୍ଟ ମାନୁଫାକଚରିଂ ଫାସିଲିଟି ସହ କମ୍ପାନୀ ଉତ୍ପାଦନ କରୁଛି। ଓଡ଼ିଶା ବଜାରରେ ଉପଲବ୍ଧ ପ୍ରଡକ୍ଟ ମଧ୍ୟରେ ୪ ଲୁବ୍ରିକାଣ୍ଟ ରହିଛି। ୨ ଚକିଆ ଯାନ, ୪ ଚକିଆ ଏବଂ ଭାରିଯାନ ଲାଗି ଏହି ପ୍ରଡକ୍ଟ ସବୁ ଉଦ୍ଦିଷ୍ଟ। ୨୦୦୫ରୁ କମ୍ପାନୀ ସବୁ ବ୍ରାଣ୍ଡକୁ ବେସ୍ ଅଏଲ ଏବଂ ସପ୍ଲାଇ ଯୋଗାଣ କରୁଛି। ଚଳିତ ଆର୍ଥିକ ବର୍ଷରେ ଓଡ଼ିଶାରେ ୧୦ କୋଟି ଏବଂ ସାରା ଦେଶରେ ୧୫୦ କୋଟି ଟଙ୍କା କାରବାର କରିବା ନେଇ କମ୍ପାନୀ ଲକ୍ଷ୍ୟ ରଖିଛି। ପ୍ରତିଦ୍ୱନ୍ଦ୍ୱିତାମୂଳକ ମୂଲ୍ୟ, ସର୍ବୋତ୍ତମ ଗୁଣବତ୍ତା ଏବଂ ଉନ୍ନତ ବିକ୍ରି ପରବର୍ତ୍ତୀ ସେବା ଯୋଗାଣ ଲକ୍ଷ୍ୟ ଦିଗରେ କମ୍ପାନୀ କାର୍ଯ୍ୟ କରୁଥିବା କହିଛି। କାର୍ଯ୍ୟକ୍ରମ ଅବସରରେ କମ୍ପାନୀର ଏମ୍‌ଡି ରଞ୍ଜିତ କୁମାର, ସିଇଓ ରଞ୍ଜିତ କୁମାର ମହାନ୍ତି ଏବଂ ଜେଡ୍‌ଏସ୍‌ଏମ୍ ପରମେଶ୍ୱର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟୁଟିକୋରିନ ପ୍ଲାଣ୍ଟରୁ ଅକ୍ସିଜେନ ଯୋଗାଇବ ବେଦାନ୍ତ

ନୂଆଦିଲ୍ଲୀ,୨୦।୪

ଦେଶର ବିଭିନ୍ନ ରାଜ୍ୟକୁ ଅକ୍ସିଜେନ ଯୋଗାଣ ଦିଗରେ ବେଦାନ୍ତ ଲିମିଟେଡ୍ କାମ କରିବ। ତାମିଲନାଡୁର ଟୁଟିକୋରିନଠାରେ ବନ୍ଦ ହୋଇପଡ଼ିଥିବା କମ୍ପାନୀର ୟୁନିଟରୁ ଏହି ଅକ୍ସିଜେନ ଯୋଗାଣ ହେବ ବୋଲି ଏହା ଘୋଷଣା କରିଛି। ଉଲ୍ଲେଖଯୋଗ୍ୟ, ସାରା ଦେଶରେ ରୋଗୀଙ୍କ ଲାଗି ହସ୍ପିଟାଲଗୁଡିକରେ ଅକ୍ସିଜେନ ଅଭାବ ଦେଖାଯାଉଛି। ଦେଶର ଶିଳ୍ପଜଗତ ଏ କ୍ଷେତ୍ରରେ ସରକାରଙ୍କୁ ସହାୟତା କରିବା ଲାଗି ସୋମବାର କେନ୍ଦ୍ର ସରକାର ନିବେଦନ କରିଥିଲେ। ଇଫ୍‌କୋ ନୂଆ କରି ୪ ୟୁନିଟ ସ୍ଥାପନ ଦ୍ୱାରା ଅକ୍ସିଜେନ ମାଗଣାରେ ଯୋଗାଇବ ବୋଲି ଘୋଷଣା କରିବ ଏହି କ୍ରମରେ ବେଦାନ୍ତ ଯୋଡ଼ିହୋଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ମୁମ୍ବାଇରେ ଏଭଳି କାମରେ ନିଜର ଯୋଗଦାନ ରଖିଛି। ବେଦାନ୍ତ ନିକଟରେ ୨ ଅକ୍ସିଜେନ ପ୍ଲାଣ୍ଟ ରହିଥିବା ବେଳେ ଏହାର କ୍ଷମତା ଦୈନିକ ୧ ହଜାର ଟନ୍ ରହିଛି।


**OFFICE OF THE COLLECTOR & DISTRICT MAGISTRATE, DHENKANAL**
**(SOCIAL WELFARE SECTION)**
e-mail Id: dswodhenkanal@nic.in, Tel. No.: 06762-224481
No. 992/SW Dt.19.04.2021

**TENDER CALL NOTICE**

Sealed tenders are invited from the intending registered Transport Contractors/Tansporting Agents having valid agent licence for appointment of Transporting Agent for undertaking transportation of rice/wheat under S.N.P. feeding programme in Dhenkanal District for the year 2021-2022. The tender papers for the above purpose containing the terms and conditions, E.M.D. and statutory requirement can be obtained from the Office of the D.S.W.O., Dhenkanal on a non-refundable payment of Rs.5000/- (Rupees five thousand) only during office hour on any working day between 19.04.21 to dated 03.05.21 till 10 A.M. The tender document can be seen only in website **http://dhenkanal.nic.in**. The tender complete in all respect should reach the office of the D.S.W.O., Dhenkanal on Dt.03.05.21 by 01.00 P.M. through Regd. Post/Speed Post and no tenders shall be received by hand in the Office of the D.S.W.O., Dhenkanal. The tenders will be opened on Dt.04.05.21 at 10.30 A.M. in the office Chamber of Collector, Dhenkanal in the presence of the tender committee members and the tenderer or their authorized representatives. The tender received beyond the date and time mentioned above shall not be taken in to consideration. The Collector, Dhenkanal reserves the right to reject/cancel/withdraw any or all the tenders without assigning any reason thereof and shall bear no liability what so ever consequent upon such decision.

**Sd./- Collector, Dhenkanal**

# ଏଲ୍‌ପିୟୁରେ ଅନ୍ତର୍ଜାତୀୟ ସମ୍ମିଳନୀ



ନୂଆଦିଲ୍ଲୀ,୨୦।୪

ଲଭ୍‌ଲୀ ପ୍ରଫେଶନାଲ ୟୁନିଭର୍ସିଟି (ଏଲ୍‌ପିୟୁ)ରେ ଭର୍ଚୁଆଲ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୋଭିଡ୍ ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ରହିଥିବା ଚ୍ୟାଲେଞ୍ଜ ଏବଂ ସୁଯୋଗ ଶୀର୍ଷକ ଏହି ସମ୍ମିଳନୀରେ ଶିକ୍ଷାମନ୍ତ୍ରୀ ନିଜର ମତ ରଖିଥିଲେ। ଦେଶ ବିଦେଶର ୧୨ ବରିଷ୍ଠ ଏକାଡେମିସିଆନ ଏହି ଅବସରରେ ଉପସ୍ଥିତ ରହି ଉଚ୍ଚଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେହିଭଳି ୯ ବିଶ୍ୱବିଦ୍ୟାଳୟର ବରିଷ୍ଠ ମ୍ୟାନେଜମେଣ୍ଟ ସଦସ୍ୟ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏଲ୍‌ପିୟୁ ପକ୍ଷରୁ ଆୟୋଜିତ ଏଭଳି ଏକ କାର୍ଯ୍ୟକ୍ରମକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ଉଚ୍ଚଶିକ୍ଷାର ବିକାଶ ଦିଗରେ ସମସ୍ତ ଅଂଶୀଦାର ମିଳିତ ହୋଇ କାମ କରିବାକୁ ସେ ଏହି ଅବସରରେ ଆହ୍ୱାନ ଜଣାଇଛନ୍ତି। ଭାରତୀୟ ଶିକ୍ଷା ବ୍ୟବସ୍ଥାର ବିକାଶ ଲାଗି ସରକାର ନୂଆ ଶିକ୍ଷାନୀତି ଆଣିବା ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରିଥିବା ସେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଏଲ୍‌ପିୟୁ ଚାନ୍‌ସେଲର ଅଶୋକ ମିତ୍ତଲଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗଦେଇଥିଲେ।

## ଅର୍ଥନୈତିକ କାର୍ଯ୍ୟକଳାପ ପ୍ରଭାବିତ

ମୁମ୍ବାଇ,୨୦।୪

କୋଭିଡ୍ ସଂକ୍ରମଣ ବର୍ତ୍ତମାନ ବଢ଼ିଚାଲିଛି। ଲୋକଙ୍କ ଚଳପ୍ରଚଳ ଏବଂ କେତେକ ବିଜ୍‌ନେସ ଉପରେ କଟକଣା ଲାଗୁ ହୋଇଥିବା ଦେଖାଯାଇଛି। ବର୍ତ୍ତମାନ ସାରା ଦେଶରେ ଲକ୍‌ଡାଉନ ହୋଇ ନ ଥିଲେ ମଧ୍ୟ ରାଜ୍ୟ ସ୍ତରରେ କଟକଣା ଜାରି କରାଯାଇଛି। ଫଳରେ ଦେଶ ମଧ୍ୟରେ ଏହା ଅର୍ଥନୈତିକ କାର୍ଯ୍ୟକଳାପକୁ ଝଟକା ଦେଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଶକ୍ତି ଚାହିଦା ଏବଂ ଜିଏସ୍‌ଟି ଇ-ୱେ ବିଲ୍ ସଂଗ୍ରହ ଉପରେ ପ୍ରଭାବ ପଡିବା ଯୋଗୁ ଏହା ହ୍ରାସ ହେଉଥିବା ଦେଖାଯାଉଛି।

ଭାକ୍ସିନ ପ୍ରଦାନକୁ ତ୍ୱରାନ୍ୱିତ କରିବା ଲାଗି ବଜାର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଆଞ୍ଚଳିକ ସ୍ତରରେ ଲାଗୁ ହୋଇଥିବା ଲକ୍‌ଡାଉନ ଆର୍ଥିକ କାର୍ଯ୍ୟକଳାପକୁ ଆହୁରି ପ୍ରଭାବିତ କରିବା ଆଶଙ୍କା ରହିଛି ବୋଲି ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ମହାରାଷ୍ଟ୍ର ଏବଂ ଦିଲ୍ଲୀ ଭଳି ସ୍ଥାନରେ ଲାଗୁ ହୋଇଥିବା କଟକଣା ସେହି ସ୍ଥାନର ଜିଡିପି ଉପରେ ପ୍ରଭାବ ପକାଇବ। ଦୈନିକ ହେଉଥିବା ଟିକାକରଣକୁ ବୃଦ୍ଧି କରିବା ସହ ସ୍ଥିତି ସୁଧାର କରିବା ଉପରେ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି।

# ଶିଳ୍ପ-ସରକାର ମଧ୍ୟରେ ବିଶ୍ୱାସ ଜରୁରୀ

**ମିଳିତ ହୋଇ ଲଢ଼ିବାର ଆବଶ୍ୟକତା ରହିଛି:ସୀତାରାମନ**

କୋଲକାତା,୨୦।୪

ଦେଶ ମଧ୍ୟରେ କୋଭିଡ୍‌ର ଦ୍ୱିତୀୟ ଲହରଜନିତ ସଂକ୍ରମଣ ବର୍ତ୍ତମାନ ନିୟନ୍ତ୍ରଣକୁ ଆସୁନାହିଁ। ଏଭଳି ଚ୍ୟାଲେଞ୍ଜିଂ ସ୍ଥିତିରେ ଶିଳ୍ପ ଏବଂ ସରକାରଙ୍କ ମଧ୍ୟରେ ବିଶ୍ୱାସ ରହିବା ଜରୁରୀ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର କୋଲକାତା ଚାମ୍ବର ଅଫ୍ କମର୍ସ ପକ୍ଷରୁ ଅନୁଷ୍ଠିତ ଏକ ଭର୍ଚୁଆଲ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଏହା କହିଛନ୍ତି।

ସୀତାରାମନ କହିଛନ୍ତି, ଦ୍ୱିତୀୟ ଲହର ଅର୍ଥ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଉଥିଲେ ମଧ୍ୟ ସରକାର ନିରନ୍ତର ଭାବେ ଦେଶର ଅଭିବୃଦ୍ଧିକୁ ବଜାୟ ରଖିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଅଭିବୃଦ୍ଧି ବଜାୟ ରଖିବା ପାଇଁ ହେଲେ ଉଭୟ ସରକାର ଏବଂ ଶିଳ୍ପଜଗତ ମଧ୍ୟରେ ପୂର୍ଣ୍ଣ ବିଶ୍ୱାସ ଜରୁରୀ। ଏ କ୍ଷେତ୍ରରେ କୌଣସି ଅସୁବିଧା ନ ଆସିବା ଉଚିତ। ପଶ୍ଚିମବଙ୍ଗର ଶିଳ୍ପ ପୁଣି ଥରେ ବଢ଼ିବା ଲାଗି ଅମ୍ଳଜାନ ଆବଶ୍ୟକ କରୁଥିବା ସେ ମତ ପ୍ରକାଶ କରିଛନ୍ତି। ଏ ଦିଗରେ ବିଶ୍ୱସ୍ତରୀୟ ପ୍ରାକ୍ଟିସର ଆବଶ୍ୟକ ଲୋଡ଼ା। ଭାରତ ଇତିହାସରେ ପଶ୍ଚିମବଙ୍ଗ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଗୋଟିଏ ସମୟରେ ପଶ୍ଚିମବଙ୍ଗର ଶିଳ୍ପ ଝଟକୁ ଥିବା ବେଳେ ଏହା ବର୍ତ୍ତମାନ ଦେଖିବାକୁ ମିଳୁନାହିଁ। ଏହି ଗୌରବକୁ ପୁଣି ଥରେ ଫେରାଇ ଆଣିବାର ଆବଶ୍ୟକତା ରହିଛି। ରାଜ୍ୟର ପରମ୍ପରାକୁ ସଂରକ୍ଷିତ କରି ରଖିବା ଏବଂ ଏହାର ସୁରକ୍ଷା ଦେବା ଉପରେ ସୀତାରାମନ ଗୁରୁତ୍ୱାରୋପ କରିଛନ୍ତି।



Government of Odisha
**OFFICE OF THE SUPERINTENDING ENGINEER, RURAL WORKS CIRCLE, SAMBALPUR**
Tel-0663-2548268, E-mail Id serwcirclesbp@yahoo.com
**Bid Identification No. Road tender Online - RWCSBP- 03 No:953 Dated:12.04.2021**

No. O-65: The Superintending Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 32 (Thirty two) group of road works under Periodical renewal of Post DLP roads for the year 2021-22, such as renewal coat with laying SDBC in the districts of Bargarh,Deogarh & Sambalpur.

1. Name of work : Periodical renewal of Post DLP roads for the year 2021- 22 , such as renewal coat with laying SDBC under R.W Division, Bargarh,Padampur, Deogarh,Sambalpur & Kuchinda.
2. No of works : 32(Thirty two) groups details as per DTCN.
3. Estimated cost : Approximately varies from Rs 116.75 lakhs to 278.70 lakhs.
4. Class of Contractor : B and A
5. Cost of tender paper and mode of deposit : Rs. 10,000/- per set.( to be deposited On-line) in favour of concerned Executive Engineer.
6. Mode of submission of tender : Tender should be submitted only Online in website **www.tendersorissa.gov.in.(https//tendersodisha.gov.in)**
7. EMD and mode of deposit : No.EMD is required but Bid Security declaration should be furnished by the bidders as mentioned in DTCN.
8. Summary of key dates are provided below :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sambalpur | Road Tender Online - RWCSBP - 03 | 22.04.2021 at 11.00 A.M. | 06.05.2021 upto 4.00 P.M. | 05.05.2021 upto 4.00 P.M. | 07.05.2021 11.00 A.M. | To be intimated later |

*Further details can be seen from the e-procurement portal **www.tendersorissa.gov.in. (https//tendersodisha.gov.in)**
* Subsequent modification/ corrigendum/Addendum if required shall appear in website only.
* The amount put to bid is exclusive of GST.
*Bidder should inspect the road before bidding and quote his rate accordingly.
**OIPR-25091/11/0004/2122** **Superintending Engineer, Rural,Works Circle, Sambalpur**

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାରକୋଟ**

ପତ୍ର ସଂଖ୍ୟା: ୧୦୨୦ ତାରିଖ: ୧୯।୦୪।୨୦୨୧

ଏତଦ୍ୱାରା ପଞ୍ଚାୟତ ସମିତି, ବାରକୋଟ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS)ର ଅନ୍ତର୍ଗତ ୨୦୨୦-୨୧ ଆର୍ଥିକ ବର୍ଷର ପ୍ରକଳ୍ପଗୁଡ଼ିକର ଏବଂ **ଜାତୀୟ ଖାଦ୍ୟ ସୁରକ୍ଷା ଆଇନ - ୨୦୧୩ (NFSA)ର (୧ ଏପ୍ରିଲ ୨୦୨୦ ତାରିଖଠାରୁ ୩୧ ମାର୍ଚ୍ଚ ୨୦୨୧) ପର୍ଯ୍ୟନ୍ତ ସାମାଜିକ ସମୀକ୍ଷା** ନିମ୍ନ ସାରଣୀ ଅନୁସାରେ ଅନୁଷ୍ଠିତ ହେବ।

ଏଣୁ ଉକ୍ତ ପ୍ରକଳ୍ପ ଗୁଡ଼ିକର ସାମାଜିକ ସମୀକ୍ଷାରେ ଗ୍ରାମ ପଞ୍ଚାୟତର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି (MGNREGS) ଯୋଜନାରେ କାର୍ଯ୍ୟ କରିଥିବା ସମସ୍ତ ଜବ୍‌କାର୍ଡ଼ଧାରୀ ଏବଂ **ଜାତୀୟ ଖାଦ୍ୟ ସୁରକ୍ଷା ଆଇନ - ୨୦୧୩ (NFSA) ଅନ୍ତର୍ଗତ ସମସ୍ତ ରାସନକାର୍ଡ଼ଧାରୀ** ଉପଭୋକ୍ତା ଓ ସାଧାରଣ ଜନତା ଉକ୍ତ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ଉପାଦୟତା ଓ ଗୁଣବତ୍ତା ନିମନ୍ତେ ଉଦ୍ଦିଷ୍ଟ ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା, ମଷ୍ଟର ରୋଲ ଯାଞ୍ଚ କରାଇବାରେ ଏବଂ **ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଅନ୍ତର୍ଗତ ସମସ୍ତ ନଥିପତ୍ର ପାଉଥିବା ରାସନ ସାମଗ୍ରୀର ଗୁଣବତ୍ତା ଓ ପାଉଥିବା ରାସନ ସାମଗ୍ରୀର ପରିମାଣ ଯାଞ୍ଚ କରିବାରେ** ସହଯୋଗ କରିବାକୁ ଅନୁରୋଧ।

ଏଥିରେ ସହାୟକ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ/ଜିପିଟିଏ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ, ଯୋଗାଣ ସହାୟକ ତଥା ପଞ୍ଚାୟତ ସମିତିର ଅନ୍ୟ ଅଧିକାରୀ ଉପସ୍ଥିତ ରହିବେ। ଏଥିରେ ଉକ୍ତ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସମସ୍ତ ସଭ୍ୟ/ସଭ୍ୟା, ସ୍ୱୟଂ ସହାୟିକା ଗୋଷ୍ଠୀ/ସ୍ୱେଚ୍ଛାସେବୀ ଅନୁଷ୍ଠାନ/ପଞ୍ଚାୟତ ପ୍ରତିନିଧି ଏବଂ ଉପରୋକ୍ତ ଯୋଜନାରେ ସମ୍ପୃକ୍ତ ଥିବା ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହିବେ।

| କ୍ର.ନଂ. | ଗ୍ରାମପଞ୍ଚାୟତ ଗୁଡ଼ିକର ନାମ | ଜାତୀୟ ଖାଦ୍ୟ ସୁରକ୍ଷା | | ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା | | ଗ୍ରାମସଭା ତାରିଖ | ବ୍ଲକ ପର୍ଯ୍ୟବେକ୍ଷକ |
|---|---|---|---|---|---|---|---|
| | | ସମୀକ୍ଷା ଆରମ୍ଭ ତାରିଖ | ସମୀକ୍ଷା ଶେଷ ତାରିଖ | ସମୀକ୍ଷା ଆରମ୍ଭ ତାରିଖ | ସମୀକ୍ଷା ଶେଷ ତାରିଖ | | |
| ୧ | ଗୁରୁସଙ୍ଗ | ୨୬।୦୪।୨୦୨୧ | ୩୦।୦୪।୨୦୨୧ | | | ୩୦।୦୪।୨୦୨୧ | GPEO |
| ୨ | ସରୁଆଳି | ୨୬।୦୪।୨୦୨୧ | ୩୦।୦୪।୨୦୨୧ | | | ୩୦।୦୪।୨୦୨୧ | MI |
| ୩ | ଗୋଳାବନ୍ଧ | ୦୭।୦୫।୨୦୨୧ | ୧୦।୦୫।୨୦୨୧ | ୧୧।୦୫।୨୦୨୧ | ୧୮।୦୫।୨୦୨୧ | ୧୮।୦୫।୨୦୨୧ | AEE |
| ୪ | ବମ୍ପରଡ଼ା | ୦୭।୦୫।୨୦୨୧ | ୧୦।୦୫।୨୦୨୧ | ୧୧।୦୫।୨୦୨୧ | ୧୮।୦୫।୨୦୨୧ | ୧୮।୦୫।୨୦୨୧ | BPM |
| ୫ | ରାଇତାବାହାଳ | ୧୦।୦୫।୨୦୨୧ | ୧୩।୦୫।୨୦୨୧ | ୧୪।୦୫।୨୦୨୧ | ୨୧।୦୫।୨୦୨୧ | ୨୧।୦୫।୨୦୨୧ | BSSO |
| ୬ | ମଧୁପୁର | ୧୦।୦୫।୨୦୨୧ | ୧୩।୦୫।୨୦୨୧ | ୧୪।୦୫।୨୦୨୧ | ୨୧।୦୫।୨୦୨୧ | ୨୧।୦୫।୨୦୨୧ | ABDO |
| ୭ | କଲା | ୨୧।୦୫।୨୦୨୧ | ୨୪।୦୫।୨୦୨୧ | ୨୫।୦୫।୨୦୨୧ | ୩୧।୦୫।୨୦୨୧ | ୩୧।୦୫।୨୦୨୧ | APO |
| ୮ | ସଇଡ଼ା | ୨୧।୦୫।୨୦୨୧ | ୨୪।୦୫।୨୦୨୧ | ୨୫।୦୫।୨୦୨୧ | ୩୧।୦୫।୨୦୨୧ | ୩୧।୦୫।୨୦୨୧ | WEO |
| ୯ | କଲିଆପାଳି | ୦୩।୦୬।୨୦୨୧ | ୦୬।୦୬।୨୦୨୧ | | | ୦୬।୦୬।୨୦୨୧ | AFO |
| ୧୦ | ବଲଣ୍ଡା | ୦୩।୦୬।୨୦୨୧ | ୦୬।୦୬।୨୦୨୧ | | | ୦୬।୦୬।୨୦୨୧ | BPM |
| ୧୧ | ଶିହଶାଳ | ୧୭।୦୬।୨୦୨୧ | ୨୧।୦୬।୨୦୨୧ | | | ୨୧।୦୬।୨୦୨୧ | GPEO |
| ୧୨ | କେଲଡା | ୨୪।୦୬।୨୦୨୧ | ୨୮।୦୬।୨୦୨୧ | | | ୨୮।୦୬।୨୦୨୧ | MI |
| ୧୩ | ଝରାକଣ୍ଡଳ | ୦୨।୦୭।୨୦୨୧ | ୦୫।୦୭।୨୦୨୧ | ୦୬।୦୭।୨୦୨୧ | ୧୩।୦୭।୨୦୨୧ | ୧୩।୦୭।୨୦୨୧ | AEE |
| ୧୪ | କାଦୋପଡ଼ା | ୦୨।୦୭।୨୦୨୧ | ୦୫।୦୭।୨୦୨୧ | ୦୬।୦୭।୨୦୨୧ | ୧୩।୦୭।୨୦୨୧ | ୧୩।୦୭।୨୦୨୧ | ABDO |
| ୧୫ | ଦଣ୍ଡାସିଙ୍ଗା | ୧୯।୦୭।୨୦୨୧ | ୨୨।୦୭।୨୦୨୧ | ୨୩।୦୭।୨୦୨୧ | ୩୦।୦୭।୨୦୨୧ | ୩୦।୦୭।୨୦୨୧ | AFO |
| ୧୬ | କାଉଁଶିବାହାଳ | ୧୯।୦୭।୨୦୨୧ | ୨୨।୦୭।୨୦୨୧ | ୨୩।୦୭।୨୦୨୧ | ୩୦।୦୭।୨୦୨୧ | ୩୦।୦୭।୨୦୨୧ | GPEO |
| ୧୭ | ବସାଲଇ | ୦୨।୦୮।୨୦୨୧ | ୦୬।୦୮।୨୦୨୧ | | | ୦୬।୦୮।୨୦୨୧ | ABDO |
| ୧୮ | ବଳମ | ୦୨।୦୮।୨୦୨୧ | ୦୬।୦୮।୨୦୨୧ | | | ୦୬।୦୮।୨୦୨୧ | APO |
| ୧୯ | କଣ୍ଟାପାଲି | ୦୯।୦୮।୨୦୨୧ | ୧୩।୦୮।୨୦୨୧ | | | ୧୩।୦୮।୨୦୨୧ | WEO |
| ୨୦ | ଦନ୍ତାରିବାହଲ | ୧୯।୦୮।୨୦୨୧ | ୨୪।୦୮।୨୦୨୧ | | | ୨୪।୦୮।୨୦୨୧ | MI |
| ୨୧ | ରଙ୍ଗେଇ | ୦୩।୦୯।୨୦୨୧ | ୦୬।୦୯।୨୦୨୧ | ୦୭।୦୯।୨୦୨୧ | ୧୪।୦୯।୨୦୨୧ | ୧୪।୦୯।୨୦୨୧ | BSSO |
| ୨୨ | କଣ୍ଡଲ | ୦୩।୦୯।୨୦୨୧ | ୦୬।୦୯।୨୦୨୧ | ୦୭।୦୯।୨୦୨୧ | ୧୪।୦୯।୨୦୨୧ | ୧୪।୦୯।୨୦୨୧ | AEE |
| ୨୩ | ବିଜୟନଗର | ୧୭।୦୯।୨୦୨୧ | ୨୦।୦୯।୨୦୨୧ | ୨୧।୦୯।୨୦୨୧ | ୨୭।୦୯।୨୦୨୧ | ୨୭।୦୯।୨୦୨୧ | BPM |
| ୨୪ | ଡଅଁରା | ୧୭।୦୯।୨୦୨୧ | ୨୦।୦୯।୨୦୨୧ | ୨୧।୦୯।୨୦୨୧ | ୨୭।୦୯।୨୦୨୧ | ୨୭।୦୯।୨୦୨୧ | APO |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରକୋଟ

# କୋଲକାତା ବିପକ୍ଷରେ ଚେନ୍ନାଇ ଫେଭରାଇଟ୍

ମୁମ୍ବାଇ,୨୦।୪(ପି.ଟି.)

ପ୍ରଥମ ମ୍ୟାଚ୍‌ର ପରାଜୟ ପରେ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ କ୍ରମାଗତ ଦୁଇଟି ବିଜୟ ହାସଲ କରି ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ସଂଘର୍ଷ କରୁଥିବା କୋଲକାତା ନାଇଟ ରାଇଡର୍ସଙ୍କୁ ଭେଟିବ। ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ଜିତିଲେ ବିଜୟରେ ହ୍ୟାଟ୍ରିକ କରିବ।

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଗତ ସଂସ୍କରଣରେ ଚେନ୍ନାଇ ନିହାତି ମାମୁଲି ପ୍ରଦର୍ଶନ କରି ପ୍ରଥମଥର ପାଇଁ ପ୍ଲେ-ଅଫ୍‌ରେ ପ୍ରବେଶ କରିବାରେ ବିଫଳ ହୋଇଥିଲା। ଏଥର କିନ୍ତୁ ଚେନ୍ନାଇ ତା'ର ପ୍ରଥମ ମ୍ୟାଚ୍‌ରେ ଗତ ଥରର ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ୍ସଠାରୁ ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚ୍‌ରେ ୭ ଉଇକେଟରେ ପରାସ୍ତ ହୋଇଥିଲା। ତେବେ ଏହାପରେ ନିଜ ସମ୍ବଳର ସଦ୍‌ଉପଯୋଗ କରି ବ୍ୟାଟିଂ ଫ୍ରେଣ୍ଡଲି ୱାଙ୍ଖଡେ ଷ୍ଟାଡିୟମରେ ଦମ୍‌ଦାର ପ୍ରଦର୍ଶନ କରି କ୍ରମାଗତ ଦୁଇଟି ମ୍ୟାଚରେ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ୨୬ଟି ବଲ୍ ବାକି ରଖି ୬ ଉଇକେଟରେ ୧୦୭ ରନର ବିଜୟ ଲକ୍ଷ୍ୟକୁ ଚେଜ୍ କରିବା ସହ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ବିଜୟୀ ହୋଇଥିଲା। ସେହିପରି ତୃତୀୟ ମୁକାବିଲାରେ ଚେନ୍ନାଇ ୪୫ ରନରେ ରାଜସ୍ଥାନକୁ ହରାଇଥିଲା। ଡାହାଣହାତୀ ଦ୍ରୁତ ବୋଲର ଦୀପକ ଚହର କଞ୍ଜୁସ ବୋଲିଂ କରି ୧୩ ରନ ଦେଇ ୪ ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ମୋଇନ ଅଲି ଓ ଫାଫ୍ ଡୁପ୍ଲେସି ଦମ୍‌ଦାର ବ୍ୟାଟିଂ କରି ଚେନ୍ନାଇକୁ ଜିତାଇଥିଲେ। ମୋଇନ ଗତ ୩ଟି ମ୍ୟାଚ୍‌ରେ ବ୍ୟାଟିଂରେ ଉପଯୋଗୀ ପ୍ରଦର୍ଶନ କରିଛନ୍ତି। ଦିଲ୍ଲୀ ବିପକ୍ଷରେ ୨୪ ବଲରୁ ୩୬, ପଞ୍ଜାବ ବିପକ୍ଷରେ ୩୧ ବଲରୁ ୪୬ ଓ ରାଜସ୍ଥାନ ବିପକ୍ଷରେ ୨୦ ବଲରୁ ୨୬ ରନକରି ମୋଇନ ଦଳକୁ ସହାୟତା ପ୍ରଦାନ କରିଛନ୍ତି। ନିଜ ଅଫ୍ ସ୍ପିନ୍‌ରେ ମଧ୍ୟ ସେ ପ୍ରତିପକ୍ଷ ଦଳକୁ ସମସ୍ୟାରେ ପକାଇ ଧୋନୀଙ୍କ ବିଶ୍ୱାସଭାଜନ ହୋଇଛନ୍ତି। ପ୍ରତିକୂଳ ପରିସ୍ଥିତିରେ ଧୋନୀ ଚତୁରତାର ସହ ମୋଇନଙ୍କୁ ବ୍ୟବହାର କରିଛନ୍ତି। ଯୁବ ଅଲରାଉଣ୍ଡର ସାମ କୁରାନ ଉଭୟ ବ୍ୟାଟ୍ ଓ ବଲ୍‌ରେ ନିର୍ଣ୍ଣାୟକ ପ୍ରଦର୍ଶନ କରି ଚେନ୍ନାଇ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି।

ଅପରପକ୍ଷରେ ଇଅନ ମୋର୍ଗାନଙ୍କ ନେତୃତ୍ୱାଧୀନ କୋଲକାତା କ୍ରମାଗତ ଦୁଇଟି ପରାଜୟ ପରେ ୱାଙ୍ଖଡେରେ ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଛି। ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ବିଜୟ ଅଭିଯାନ ଆରମ୍ଭ କରିଥିବା କୋଲକାତା ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରଠାରୁ ପରାସ୍ତ ହୋଇଥିଲା। ଏହି ଦୁଇଟି ପରାଜୟ ଅପ୍ରତ୍ୟାଶିତ ଥିଲା। ସୁବିଧାଜନକ ସ୍ଥିତିରେ ରହି ବିଜୟର ହକ୍‌ଦାର ଥିଲେ ମଧ୍ୟ କୋଲକାତା ଭଲ ଆରମ୍ଭକୁ ବିଜୟରେ ପରିଣତ କରିବାରେ ବିଫଳ ହୋଇଥିଲା। ବାଙ୍ଗାଲୋର ବିପକ୍ଷରେ ସ୍ପିନର ବରୁଣ ଚକ୍ରବର୍ତ୍ତୀ ବିରାଟ କୋହଲି ଓ ରଜତ ପଟଦାରଙ୍କୁ ଆଉଟ କରି ୯ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ ମଧ୍ୟ ମୋର୍ଗାନ ତାଙ୍କୁ ସୁଯୋଗ ନ ଦେଇ ଶକିବ ଅଲ ହାସନଙ୍କୁ ବୋଲିଂ ଦେଇଥିଲେ। ଫଳରେ ଗ୍ଲେନ୍ ମ୍ୟାକ୍ସୱେଲ ଓ ଏବି ଡିଭିଲର୍ସ ବିସ୍ଫୋରକ ବ୍ୟାଟିଂ କରି କୋଲକାତାକୁ ହରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବୋଲିଂ ପରିବର୍ତ୍ତନରେ ମୋର୍ଗାନ ପରିପକ୍ୱତା ଦେଖାଇପାରି ନ ଥିଲେ। ବାଙ୍ଗାଲୋରଠାରୁ ୩୮ ରନର ପରାଜୟ ପରେ ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକୁଲମ ଏବେ କୋଲକାତା ଦଳରେ ବଡ଼ ଧରଣର ପରିବର୍ତ୍ତନ କରିବେ ବୋଲି ସୂଚନା ଦେଇଛନ୍ତି। ଚେନ୍ନାଇ ଓପନର ଋତୁରାଜ ଗାଏକ୍ୱାଡ ୩ଟି ମ୍ୟାଚ୍‌ରେ ଯଥାକ୍ରମେ ୫,୫ ଓ ୧୦ ରନ ସଂଗ୍ରହ କରି ଆଉଟ ହୋଇଛନ୍ତି। ଏବେ ଧୋନୀ ତାଙ୍କୁ ଆଉ ଅଧିକ ସୁଯୋଗ ଦେଉଛନ୍ତି କି ନାହିଁ ତାହା ଏହି ମ୍ୟାଚ୍‌ରେ ଜଣାପଡିବ। ଅବଶ୍ୟ ଧୋନୀ ତାଙ୍କ ଦଳରେ ପରିବର୍ତ୍ତନ କରିବାକୁ ପସନ୍ଦ କରନ୍ତି ନାହିଁ। ସମସ୍ୟାରେ ଥିବା କୋଲକାତା ବିପକ୍ଷରେ ଚେନ୍ନାଇ ଫେଭରାଇଟ୍ ମନେହେଉଛି।



ଅଭ୍ୟାସ ସେସନରେ ମନ୍ତ୍ରଣାରତ କୋଲ୍‌କାତା ନାଇଟ୍ ରାଇଡର୍ସ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।



ଅଭ୍ୟାସ ଅବସରରେ ଚେନ୍ନାଇର ଦୁଇ ବୋଲର ଡ୍ୱେନ୍ ବ୍ରାଭୋ ଓ ଦୀପକ ଚହର।

**ଆଜିର ମ୍ୟାଚ**

| ପଞ୍ଜାବ କିଙ୍ଗ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ | ନାଇଟ ରାଇଡର୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ |
|---|---|
| ସ୍ଥାନ : ଚେନ୍ନାଇ | ସ୍ଥାନ : ମୁମ୍ବାଇ |
| ସମୟ: ଅପରାହ୍ଣ ୩.୩୦ | ସମୟ: ସନ୍ଧ୍ୟା ୭.୩୦ |

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଚେନ୍ନାଇ ସୁପର କିଙ୍ଗ୍ସ ଦଳ**

ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ), ସୁରେଶ ରାଇନା, ଅମ୍ବାଟି ରାୟୁଡୁ, କେ.ଏମ୍. ଆସିଫ୍, ଦୀପକ ଚହର, ଡ୍ୱେନ ବ୍ରାଭୋ, ଫାଫ ଡୁପ୍ଲେସି, ଇମ୍ରାନ ତାହିର, ଏନ୍. ଜଗଦୀଶନ, କର୍ଣ ଶର୍ମା, ଲୁନ୍‌ଗି ଏନ୍‌ଗିଡି, ମିଚେଲ ସାଣ୍ଟନର, ରବୀନ୍ଦ୍ର ଜାଡେଜା, ଋତୁରାଜ ଗାଏକ୍ୱାଡ, ଶାର୍ଦ୍ଦୁଳ ଠାକୁର, ସାମ କୁରାନ, ଆର. ସାଇ କିଶୋର, ମୋଇନ ଅଲି, କେ. ଗୋଥାମ, ଚେତେଶ୍ୱର ପୂଜାରା, ହରିଶଙ୍କର ରେଡ୍ଡୀ, ଭଗତ ବର୍ମା, ସି. ହାରି ନିଶାନ୍ତ।

**କୋଲକାତା ନାଇଟ୍ ରାଇଡର୍ସ ଦଳ**

ଇଅନ ମୋର୍ଗାନ (ଅଧିନାୟକ), ଦୀନେଶ କାର୍ତ୍ତିକ, ଶୁବମନ ଗିଲ, ନୀତୀଶ ରାଣା, ଟିମ୍ ସିଫର୍ଟ, ରିଙ୍କୁ ସିଂ, ଆନ୍ଦ୍ରେ ରସେଲ, ସୁନୀଲ ନାରିନ, କୁଲଦୀପ ଯାଦବ, ଶିବମ ମାଭି, ଲୋକି ଫର୍ଗୁଶନ, ପ୍ୟାଟ୍ କୁମିନ୍ସ, କମଲେଶ ନାଗରକୋଟି, ସନ୍ଦୀପ ୱାରିୟର, ପ୍ରସିଦ୍ଧ କ୍ରିଷ୍ଣା, ରାହୁଲ ତ୍ରିପାଠୀ, ବରୁଣ ଚକ୍ରବର୍ତ୍ତୀ, ସାକିବ ଅଲ ହାସନ, ଶେଲଡନ ଜ୍ୟାକଶନ, ବୈଭବ ଆରୋରା, ହରଭଜନ ସିଂ, କରୁନା ନାୟାର, ବେନ୍ କଟିଂ, ଭେଙ୍କଟେଶ ଆୟାର ଓ ପବନ ନେଗୀ।

# ଡବ୍ଲ୍ୟୁଟିସି ଫାଇନାଲ ଯଥାରୀତି ହେବ: ଆଇସିସି

**ଦୁବାଇ, ୨୦।୪ (ପି.ଟି.):** କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ହାରରେ ବୃଦ୍ଧି ପାଉଥିବାରୁ ବ୍ରିଟେନ ଭାରତକୁ ଏହାର ଟ୍ରାଭେଲ 'ରେଡ୍ ଲିଷ୍ଟ'ରେ ସ୍ଥାନ ଦେଇଥିଲେ ମଧ୍ୟ ଜୁନ୍ ୧୮ରୁ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଯଥାରୀତି ଅନୁଷ୍ଠିତ ହେବ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିର୍ଭର ପ୍ରତିଶ୍ରୁତି ଦେଇଛି। 'ରେଡ୍ ଲିଷ୍ଟ' ସ୍ଥାନ ପାଇଥିବାରୁ ବର୍ତ୍ତମାନ ବ୍ରିଟେନକୁ ଭାରତୀୟଙ୍କ ଗସ୍ତ ଉପରେ କଟକଣା ରହିବ। ଯଦି କୌଣସି ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ବାସିନ୍ଦା ସ୍ୱଦେଶ ଉପରେ ଆଲୋଚନା ହୋଇସାରିଛି। ଅନ୍ୟପକ୍ଷରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି, ଦେଶରେ ବର୍ତ୍ତମାନ ଯେଉଁ ପରିସ୍ଥିତି ଉପୁଜିଛି, ସେତେବେଳେ ହୁଏତ ତାହା ନ ଥିବ। ଜୁନ୍ ପ୍ରଥମ ଭାଗରେ ଟିମ୍‌ର ଗସ୍ତ ବେଳକୁ ଭାରତର ନାମ ହୁଏତ 'ରେଡ୍ ଲିଷ୍ଟ'ରେ ନ ଥିବ। ଯଦି ଅବା ସମାନ ପରିସ୍ଥିତି ଥାଏ ତେବେ ୧୦ଦିନ କଠିନ କ୍ୱାରାଣ୍ଟାଇନ୍‌ର ଆବଶ୍ୟକତା ପଡ଼ିବ। ଭାରତୀୟ ମହିଳା କ୍ରିକେଟ ଦଳ ଜୁନ୍‌ରେ ଏବଂ ପୁରୁଷ ଦଳ ଅଗଷ୍ଟ ୪ରେ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ



ଫେରନ୍ତି ତେବେ ହୋଟେଲରେ ୧୦ ଦିନ କ୍ୱାରାଣ୍ଟାଇନ୍ ବାଧ୍ୟତାମୂଳକ। ହେଲେ ଏକ ଜୈବ-ସୁରକ୍ଷିତ ପରିବେଶରେ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ ହୋଇପାରିବ ବୋଲି ଆଇସିସି ଦୃଢତାର ସହିତ କହିଛି। ମହାମାରୀ ସମୟରେ କିପରି ସୁରକ୍ଷିତ ଭାବେ ଅନ୍ତର୍ଜାତୀୟ କ୍ରିକେଟ ଆୟୋଜନ କରିହେବ ତାହା ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସମେତ ଅନ୍ୟ ସଦସ୍ୟ ଦେଶ ତାହା କାର୍ଯ୍ୟରେ କରି ଦେଖାଇ ଦେଇଛନ୍ତି। ତେଣୁ ଯୋଜନା ମୁତାବକ ଜୁନ୍‌ରେ ଡବ୍ଲ୍ୟୁଟିସି ଫାଇନାଲ ଖେଳାଯିବ ବୋଲି ଆଇସିସି ପକ୍ଷରୁ ସୋମବାର ରାତିରେ ସ୍ପଷ୍ଟ କରିଦିଆଯାଇଛି। ଆଇସିସି ତରଫରୁ ଇତିମଧ୍ୟରେ ୟୁକେ ସରକାରଙ୍କ ସହ 'ରେଡ୍ ଲିଷ୍ଟ'ରେ ସ୍ଥାନ ପାଇଥିବା ଦେଶମାନଙ୍କ ଲାଗି କରାଯାଇଥିବା ନିୟମ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି ୟୁନାଇଟେଡ୍ କିଙ୍ଗଡମ୍ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଲର୍ଡ୍ସଠାରେ ଜୁନ୍୨ରୁ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ। ଭାରତ 'ରେଡ୍ ଲିଷ୍ଟ'ରେ ସ୍ଥାନ ପାଇବା ଦ୍ୱାରା ବର୍ତ୍ତମାନ ଆଇପିଏଲ୍ ଖେଳୁଥିବା ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଖେଳାଳିଙ୍କ ଉପରେ ଏହାର କି ପ୍ରଭାବ ରହିବ ତାହା ଏକ ବଡ଼ ପ୍ରଶ୍ନ। ଆଇପିଏଲ୍ ମେ' ୩୦ରେ ଶେଷ ହେବ। ଟାଇଟଲ ମୁକାବିଲା ଅହମଦାବାଦରେ ହେବ। ଖବର ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ନୂଆ ପଜିଟିଭ୍‌ଙ୍କ ସଂଖ୍ୟା ୨,୫୯, ୧୭୦ରେ ପହଞ୍ଚିଛି। ଦିନକରେ ଏହା ହେଉଛି ସର୍ବାଧିକ। ଦେଶରେ ମୋଟ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୧.୫ କୋଟିରେ ପହଞ୍ଚିଛି।

# ଭାରତରେ ପ୍ରଥମ ଥର ଡବ୍ଲ୍ୟୁବିସି ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୨୦।୪ (ପି.ଟି.):** ଭାରତରେ ପ୍ରଥମ ଥର ୱାର୍ଲ୍ଡ ବକ୍ସିଂ କାଉନ୍‌ସିଲ (ଡବ୍ଲ୍ୟୁବିସି) ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଦେଶର ପ୍ରଫେସନାଲ ବକ୍ସିଂ ପାଇଁ ଏହାକୁ ଏକ ଗେମ୍ ଚେଞ୍ଜର ବୋଲି କୁହାଯାଉଛି। । ମେ' ମାସ ୧ ତାରିଖରେ ଜଳନ୍ଧରରେ ଚାନ୍ଦନୀ ମେହେରା ଓ ସୁମନ କୁମାରୀଙ୍କ ମଧ୍ୟରେ ଇଣ୍ଡିଆନ ଚାମ୍ପିୟନଶିପ୍ ଫାଇଟ୍ ଅନୁଷ୍ଠିତ ହେବ। ଦେଶ ପ୍ରଥମ ଥର ୟୁଏସଏ ପ୍ରଫେସନାଲ ବକ୍ସିଂ ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ଲାଇଟ୍‌ୱେଟ୍ ୧୪୦ ଏଲ୍‌ବି ବେଲ୍ଟ ପାଇଁ ଏହି ମୁକାବିଲା ହେବ। ଚାନ୍ଦନୀ ଓ ସୁମନ ଯଥାକ୍ରମେ ହେଉଛନ୍ତି ଲାଇଟ୍‌ୱେଟ୍ ଓ ଫିଦରୱେଟ୍ କାଟେଗୋରିରେ ଭାରତର ନମ୍ବର ୱାନ ଫାଇଟର। ବର୍ତ୍ତମାନ ଉଭୟେ ମାଇଲଖୁଣ୍ଟ ବାଉଟ୍‌ରେ ପରସ୍ପରକୁ ଭେଟିବେ। କାରଣ ଦୁହେଁ ପୁରୁଷ ଓ ମହିଳା କାଟେଗୋରିରେ ପ୍ରଥମ ଥର ଡବ୍ଲ୍ୟୁବିସି ଇଣ୍ଡିଆ ଚାମ୍ପିନଶିପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ସୂଚନାଯୋଗ୍ୟ, ସମଗ୍ର ବିଶ୍ୱରେ ଯେଉଁ ୪ଟି ପ୍ରମୁଖ ସଂଗଠନ ପ୍ରଫେସନାଲ ବକ୍ସିଂ ବାଉଟ୍ ଆୟୋଜନ କରିଥାନ୍ତି ତନ୍ମଧ୍ୟରେ ଡବ୍ଲ୍ୟୁବିସି ଅନ୍ୟତମ। ଭାରତର ପାୱନ ଗୋୟାତ୍, ପୱନ ମାନ୍ ଓ ଆଶା ରୋକା ବଡ଼ ବଡ଼ ପ୍ରତିଯୋଗିତରେ ଭାଗ ନେଇଥାନ୍ତି।

# ଅଲିମ୍ପିକ୍ ପୂର୍ବରୁ ଟିକାକରଣ ନେଇ ଆଥଲେଟ୍ ଅନୁରୋଧ କରିନାହାନ୍ତି

ଟୋକିଓ,୨୦।୪

ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ୩ ମାସ ବାକି ରହିଛି । ତେବେ ଏହି ମେଗା ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ଟିକାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଆଥ୍‌ଲେଟ ଅନୁରୋଧ କରିନାହାନ୍ତି ବୋଲି ଆୟୋଜକ କମିଟି ତରଫରୁ କୁହାଯାଇଛି। ଜାପାନରେ କିନ୍ତୁ ଟିକାକରଣ ପ୍ରକ୍ରିୟା ଅତ୍ୟନ୍ତ ଧିମା ଗତିରେ ଚାଲିଛି। ଜାପାନରେ ଏ ପର୍ଯ୍ୟନ୍ତ ମାତ୍ର ୧ ପ୍ରତିଶତ ଲୋକ ଟିକା ନେଇଛନ୍ତି। ତେଣୁ ଏବେ ଅଲିମ୍ପିକ ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଟିକାକରଣ ପାଇଁ କୌଣସି ଆଥ୍‌ଲେଟ ଆନୁଷ୍ଠାନିକ ଭାବେ ଅନୁରୋଧ କରିନାହାନ୍ତି ବୋଲି ଆଥ୍‌ଲେଟିକ କମିଟି ନାଓକା ଟାକାହାସୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଯଦି ଅଲିମ୍ପିକ ଆୟୋଜନ ହୁଏ ତେବେ ଏହା ମଝିର ଟିକାକରଣ ପ୍ରକ୍ରିୟା ପାଇଁ ଖାଲି ଷ୍ଟାଡିୟମ ତଥା ଭେନ୍ୟୁରେ ଆୟୋଜିତ ହେବ। ବିଦେଶୀ ପ୍ରଶଂସକଙ୍କୁ ପୂର୍ବରୁ ଜାପାନରେ ପ୍ରବେଶ କରିବା ନେଇ ବାରଣ କରାଯାଇଛି। ତେଣୁ ଟିକା ନେଇ ନ ଥିବା ପ୍ରଶଂସକଙ୍କୁ ନେଇ ଅଲିମ୍ପିକ ଆୟୋଜନ କରିବା ଅବାସ୍ତବ ମନେହେଉଛି। ଜାପାନରେ ପ୍ରବେଶ କରୁଥିବା କେତେକ ଅଣଜାପାନୀଙ୍କୁ ଟିକାକରଣରେ ସାମିଲ କରାଯିବ। ଆଥ୍‌ଲେଟମାନଙ୍କୁ ଟିକାକରଣରେ ସାମିଲ କରାଯିବାର କୌଣସି ଯୋଜନା ନାହିଁ ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ତେବେ ସବୁ ଆଥ୍‌ଲେଟଙ୍କୁ ପ୍ରତିଦିନ ପରୀକ୍ଷା କରାଯିବ। ଅନ୍ୟପଟେ ଆଥ୍‌ଲେଟମାନଙ୍କୁ ଟିକା ଦିଆଯିବାକୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଅଧ୍ୟକ୍ଷ ଥୋମାସ ବାକ୍ ଉତ୍ସାହିତ କରିଛନ୍ତି।




# ଆହୁରି ୭ ବକ୍ସର ସେମିଫାଇନାଲରେ

ନୂଆଦିଲ୍ଲୀ, ୨୦।୪ (ପି.ଟି.)

ବେବିରୋଜିସାନା ଚାନୁ ୟୁରୋପିଆନ ଚାମ୍ପିୟନ ଆଲେକ୍ସାସ କୁବିକାଙ୍କୁ ହରାଇଦେବା ଫଳରେ ପୋଲାଣ୍ଡର କିଲ୍‌ସିଠାରେ ଚାଲିଥିବା ପୁରୁଷ ଓ ମହିଳା ୟୁଥ୍ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ଭାରତର ଆଉ ୭ ବକ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ୭ମ ଦିବସରେ ବେବିରୋଜିସାନା (୫୧କେଜି)ଙ୍କ ବ୍ୟତୀତ, ଅରୁନ୍ଧତି ଚୌଧାରୀ (୬୯କେଜି), ସାନାମାଚା ଚାନୁ (୭୫କେଜି), ଅଙ୍କିତ ନରୱାଲ (୬୪କେଜି), ବିଶାଲ ଗୁପ୍ତା (୯୧କେଜି), ବିଶ୍ୱାମିତ୍ର ଚୋଙ୍ଗଥାମ୍ (୪୯କେଜି) ଏବଂ ସଚିନ୍ (୫୬କେଜି) ପ୍ରମୁଖ ସେମିଫାଇନାଲରେ ପ୍ରବେଶ କରିବା ଦ୍ୱାରା ଅତିକମ୍‌ରେ ଏକ ବ୍ରୋଞ୍ଜ ପଦକ ନିଶ୍ଚିତ କରିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଭାରତର ୨୦ ଜଣିଆ ଦଳ ଭାଗ ନେଇଛନ୍ତି। ପୂର୍ବରୁ ୬ଷ୍ଠ ଦିବସରେ ଭିନ୍‌କା, ଅଲ୍‌ଫିୟା, ଗୀତିକା ଓ ପୁନମ୍ ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଫଳରେ ଭାରତ ୧୧ଟି ପଦକ ନିଶ୍ଚିତ କରିଛି।



ଆଲେକ୍ସାସ କୁବିକାଙ୍କୁ ହରାଇବା ପରେ ବେବିରୋଜିସାନା ଚାନୁ।

# ପ୍ରଥମ ବିଜୟ ଲକ୍ଷ୍ୟରେ ହାଇଦ୍ରାବାଦ

ଚେନ୍ନାଇ,୨୦।୪ (ପି.ଟି.)

କ୍ରମାଗତ ୩ଟି ମ୍ୟାଚ୍‌ରେ ପରାଜୟ ବରଣ କରିବା ପରେ ସନରାଇଜର୍ସ ହାଇଦ୍ରାବାଦ ଏବେ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ବୁଧବାର ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଡେଭିଡ୍ ୱାର୍ନରଙ୍କ ହାଇଦ୍ରାବାଦ ଓ ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗ୍ସ ପରସ୍ପରକୁ ଭେଟିବେ। ଏଥର ହାଇଦ୍ରାବାଦର ଆରମ୍ଭ ନିହାତି ନୈରାଶ୍ୟଜନକ ରହିଛି। ହ୍ୟାଟ୍ରିକ ପରାଜୟ ହାଇଦ୍ରାବାଦ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ କୋଲକାତା ନାଇଟ ରାଇଡର୍ସଠାରୁ ୧୦, ଦ୍ୱିତୀୟ ମ୍ୟାଚ୍‌ରେ ବାଙ୍ଗାଲୋରଠାରୁ ୬ ଓ ତୃତୀୟ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍ସଠାରୁ ୧୩ ରନରେ ପରାସ୍ତ ହୋଇଛି। ୩ଟି ମ୍ୟାଚ୍‌ରେ ରନ୍ ଚେଜ୍ କରିବାରେ ହାଇଦ୍ରାବାଦ ବିଫଳ ହୋଇଛି।

ଅପରପକ୍ଷରେ ପଞ୍ଜାବ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି କେବଳ ଗୋଟିଏ ବିଜୟ ହାସଲ କରି ପଏଣ୍ଟ ତାଲିକାର ସପ୍ତମ ସ୍ଥାନରେ ରହିଛି। ଅନ୍ୟପଟେ ହାଇଦ୍ରାବାଦ ଖାତା ଖୋଲି ନ ପାରି ଅନ୍ତିମ ଅର୍ଥାତ୍ ଅଷ୍ଟମ ସ୍ଥାନରେ ରହିଛି। ପଞ୍ଜାବ ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ୪ ରନରେ ପରାସ୍ତ କରିଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ୨୬ଟି ବଲ ବାକି ରଖି ୬ ଉଇକେଟରେ ପଞ୍ଜାବକୁ ହରାଇଥିଲା। ସେହିପରି ତୃତୀୟ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସଠାରୁ ୬ ଉଇକେଟରେ ପରାସ୍ତ ହୋଇଥିଲା। ହାଇଦ୍ରାବାଦ ଦଳରେ ସେତେଟା ଗଭୀରତା ନାହିଁ। ଦଳରେ ଭାରତୀୟ ଖେଳାଳିଙ୍କ ବେଞ୍ଚ୍ ଷ୍ଟ୍ରେନ୍ଥ ସେତେଟା ଦୃଢ ମଧ୍ୟ ନାହିଁ। ଏପରିସ୍ଥଳେ ଅଧିନାୟକ ୱାର୍ନରଙ୍କ ଗୁରୁତ୍ୱ ଆହୁରି ବଢିଯାଇଛି। ଆଗରେ ରହି ନେତୃତ୍ୱ ନେବା ସହ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରି ସାଥୀ ଖେଳାଳିଙ୍କୁ ସେ ଭଲ ଖେଳିବାକୁ ପ୍ରେରଣା ଦେବେ ବୋଲି ଆଶା କରାଯାଉଛି। ୩ଟି ମ୍ୟାଚ୍ ଖେଳି ୱାର୍ନର ମାତ୍ର ୯୩ ରନ ସଂଗ୍ରହ କରିଛନ୍ତି। ବାଙ୍ଗାଲୋର ବିପକ୍ଷରେ ସେ ସର୍ବାଧିକ ୫୪ ରନ ସଂଗ୍ରହ କରିଛନ୍ତି। ତେଣୁ ୱାର୍ନରଙ୍କୁ ପଞ୍ଜାବ ବିପକ୍ଷରେ ଏକ ବଡ଼ ଇନିଂସ ଖେଳିବାର ଆବଶ୍ୟକତା ରହିଛି। କେବଳ ସେତିକୁ ନୁହେଁ ଅନ୍ତିମ ଏକାଦଶ ଚୟନ କରିବା ପୂର୍ବରୁ ୱାର୍ନର ଭଲ ଭାବେ ଆଗପଛ ଚିନ୍ତା କରିବାର ଆବଶ୍ୟକତା ରହିଛି। ବିଦେଶୀ ଖେଳାଳିଭାବେ ୱାର୍ନର ଓ ସ୍ପିନର ରସିଦ ଖାଁ ଖେଳିବା ନିଶ୍ଚିତ। ପୁଣି ନିର୍ଭରଯୋଗ୍ୟ କେନ୍ ୱିଲିୟମସନଙ୍କ ଅନୁପସ୍ଥିତି ଦଳ ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛି। ଦଳର ମିଡଲ୍ ଅର୍ଡର ନିହାତି ଦୁର୍ବଳ ମନେହେଉଛି। ଫଳରେ ଦଳ କ୍ରମାଗତ ଭାବେ ୩ଟି ଚେଜ୍‌ରେ ବିଫଳ ହୋଇଛି। ଋିଦ୍ଧିମାନ ଶାହା ଦୁର୍ବଳ ଫର୍ମ ଦେଇ ଗତିକରୁଛନ୍ତି। ଉଇକେଟକିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି। ବ୍ୟାଟିଂରେ ଭାରତୀୟ ଖେଳାଳିଙ୍କ ବିଫଳତା ୱାର୍ନରଙ୍କ ଚିନ୍ତା ବଢାଇଛି। ମନୀଷ ପାଣ୍ଡେ, ବିଜୟ ଶଙ୍କର, ଅଭିଷେକ ଶର୍ମା ଓ ଅବଦୁଲ ସମାଦ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ଅଭିଜ୍ଞ କେଦାର ଯାଦବ ଓ ପ୍ରିୟମ ଗର୍ଗଙ୍କୁ ଏ ପର୍ଯ୍ୟନ୍ତ ସୁଯୋଗ ମିଳିନାହିଁ। ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଓ ଟି. ନଟରାଜନ ମଧ୍ୟ ଦୁର୍ବଳ ପ୍ରଦର୍ଶନ ଜାରି ରଖିଛନ୍ତି। ଗତ ମ୍ୟାଚ୍‌ରେ ନଟରାଜନଙ୍କ ବଦଳରେ ଖଲିଲ ଅହମ୍ମଦଙ୍କୁ ସୁଯୋଗ ମିଳିଥିଲା ଓ ସେ ଭଲ ପ୍ରଦର୍ଶନ କରିଥିଲେ ଓ ମୁମ୍ବାଇକୁ ରୋକିବାରେ ବିଫଳ ହୋଇଥିଲେ। ରସିଦ୍ ସ୍ୱଳ୍ପ ରନ ବ୍ୟୟ କରିଥିଲେ ମଧ୍ୟ ପୁରୁଣା ପ୍ରଦର୍ଶନକୁ ଦୋହରାଇବାରେ ବିଫଳ ହୋଇଛନ୍ତି।

ଅପରପକ୍ଷରେ ପଞ୍ଜାବ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ପରବର୍ତ୍ତୀ ୨ଟି ମ୍ୟାଚ୍‌ରେ ପରାସ୍ତ ହୋଇଛି। ଚେନ୍ନାଇ ବିପକ୍ଷରେ ପଞ୍ଜାବ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଦିଲ୍ଲୀ ବିପକ୍ଷରେ ରାହୁଲ ୬୧ ଓ ମୟଙ୍କ ଅଗ୍ରୱାଲ ୬୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ୧୯୫ ରନର ବଡ଼ ସ୍କୋର ହାସଲ କରିଥିଲେ। ତେବେ ବୋଲରଙ୍କ ଦୁର୍ବଳ ପ୍ରଦର୍ଶନ ପାଇଁ ଦଳ ପରାଜୟ ବରଣ କରିଥିଲା। ମହମ୍ମଦ ସାମି ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଦୁଇ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ଝେ ରିଚାର୍ଡସନ ଓ ରିଲେ ମେରେଡିଥ୍ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ସବୁ ମ୍ୟାଚ୍‌ରେ ଏହି ଦୁଇ ବୋଲର ବହୁ ରନ ବ୍ୟୟ କରିଛନ୍ତି। ତେଣୁ କ୍ରିସ୍ ଜୋର୍ଡାନଙ୍କୁ ଦଳରେ ସାମିଲ କରିବାକୁ ରାହୁଲ ନିଷ୍ପତ୍ତି ନେବା ଉଚିତ ହେବ। ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂ ପଞ୍ଜାବ ପାଇଁ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ପଞ୍ଜାବ ଅପେକ୍ଷା ହାଇଦ୍ରାବାଦ ଅଧିକ ସମସ୍ୟାରେ ରହିଛି। ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ହାଇଦ୍ରାବାଦ ଦଳ**

ଡେଭିଡ ୱାର୍ନର (ଅଧିନାୟକ), କେନ୍ ୱିଲିୟମସନ, ବିରାଟ ସିଂ, ମନୀଷ ପାଣ୍ଡେ, ପ୍ରିୟମ ଗର୍ଗ, ରିଦ୍ଧିମାନ ଶାହ, ଜନି ବେୟାରଷ୍ଟୋ, ଜାସନ ରୟ, ଅବଦୁଲ୍ ସମଦ, ଶ୍ରୀବତ୍ସ ଗୋସ୍ୱାମୀ, ବିଜୟ ଶଙ୍କର, ମହମ୍ମଦ ନବି, କେଦାର ଯାଦବ, ଜେ. ସୁଚିତ, ଜାସନ ହୋଲ୍ଡର, ଅଭିଷେକ ଶର୍ମା, ରସିଦ ଖାଁ, ଟି. ନଟରାଜନ, ସନ୍ଦୀପ ଶର୍ମା, ଖଲିଲ ଅହମ୍ମଦ, ସିଦ୍ଧାର୍ଥ କାଉଲ, ବାସିଲ ଥମ୍ପି, ଶାହାବାଜ ନଦିମ ଓ ମୁଜିବ- ଉର ରହମାନ।

**ପଞ୍ଜାବ କିଙ୍ଗ୍ସ ଦଳ**

କେ.ଏଲ୍. ରାହୁଲ (ଅଧିନାୟକ), ମୟଙ୍କ ଅଗ୍ରୱାଲ, କ୍ରିସ୍ ଗେଲ୍, ମନଦୀପ ସିଂ, ପ୍ରଭ୍ସିମରନ ସିଂ, ନିକୋଲାସ ପୁରାନ (ଉଇକେଟକିପର), ସର୍ଫରାଜ ଖାନ୍, ଦୀପକ ହୁଦା, ମୁରୁଗାନ ଅଶ୍ୱିନ, ରବି ବିଷ୍ଣୋଇ, ହରପ୍ରୀତ ବ୍ରାର୍, ମହମ୍ମଦ ସାମି, ଆକାଶଦୀପ ସିଂ, ଇଶାନ ପୋରେଲ, ଦର୍ଶନ ନାଲକାଣ୍ଡେ, କ୍ରିସ୍ ଜୋର୍ଡାନ, ଡାୱିଡ ମାଲାନ, ଝେ ରିଚାର୍ଡସନ, ଶାହରୁଖ ଖାନ୍, ରିଲେ ମର୍ଡିଥ୍, ମୋଇସେସ୍ ହେନେରିକ୍, ଜଲଜ ସାକ୍ସେନା, ଉତ୍କର୍ଷ ସିଂ, ଫାବିଏନ୍ ଆଲେନ୍ ଓ ସୌରଭ କୁମାର।





ନେଟ୍ସରେ ପଞ୍ଜାବ କିଙ୍ଗ୍ସ ଅଧିନାୟକ ଲୋକେଶ ରାହୁଲ ଓ ସନ୍‌ରାଇଜର୍ସ ହାଇଦ୍ରାବାଦର ଅବଦୁଲ ସମଦ।

## ବାପାଙ୍କ ଶ୍ରାଦ୍ଧ ସାରି ଫେରୁଥିବା ପୁଅ ମୃତ

ଅନୁଗୋଳ ଅଫିସ, ୨୦।୪: ଢେଙ୍କାନାଳ ଜିଲା ଭୁବନ ଥାନା ନିମେଇଁପୁରର ଲକ୍ଷ୍ମଣ କୁମାର ସାହୁ(୫୯) ବାପାଙ୍କ ଶ୍ରାଦ୍ଧ ସାରି ମଙ୍ଗଳବାର ସ୍ତ୍ରୀ ଝରଣା ସାହୁ(୪୬) ଓ ଝିଅ ପାୟଲ ସାହୁ(୧୯)ଙ୍କ ସହ ଏକ କାର୍ ଯୋଗେ କର୍ମକ୍ଷେତ୍ର ସମ୍ବଲପୁର ଫେରୁଥିଲେ। ଅନୁଗୋଳ ସଦର ଥାନା ସାରଙ୍ଗପୁରଠାରେ ଏକ ବିଦ୍ୟୁତ୍ ଖୁଣ୍ଟ ଓ ଗଛକୁ ତାଙ୍କ କାର୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଲକ୍ଷ୍ମଣଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ସ୍ତ୍ରୀ ଓ ଝିଅଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

**ସଂକ୍ଷେପରେ**

## ୩ ଦିନ ଝଡ଼ବର୍ଷା ଆଭ୍ୟନ୍ତରୀଣ ଜିଲାରେ ତାତି

ଭୁବନେଶ୍ୱର,୨୦।୪(ବ୍ୟୁରୋ): ରାଜ୍ୟର ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ତାତି ବଢ଼ିଯାଇଛି। ଅଧିକାଂଶ ସ୍ଥାନରେ ତାତି ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ୪୨.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ୪୨, ଅନୁଗୋଳ ୪୧.୯, ବାରିପଦା ୪୦, ଝାରସୁଗୁଡ଼ା ୪୦.୪, ସମ୍ବଲପୁର ୪୧, ସୁନ୍ଦରଗଡ଼ ୪୧, ଭବାନୀପାଟଣା ୪୦.୬, ଫୁଲବାଣୀ ୪୦, ଟିଟିଲାଗଡ଼ ୪୧, ମାଲକାନଗିରି ୪୦.୫ ଏବଂ ନୟାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୩ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ସମ୍ଭାବନା ରହିଛି। ୨୧ ତାରିଖରେ ମାଲକାନଗିରି, କୋରାପୁଟ, ନୂଆପଡ଼ା,କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, ଗଜପତି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଘଣ୍ଟାକୁ ୩୦ରୁ ୪୦ କି.ମି. ବେଗରେ ପବନ ବହିବ । ସେହିପରି ୨୨ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼ ଏବଂ ୨୩ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟାକୁ ୩୦ରୁ ୪୦ କି.ମି. ହେବ । ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି।

# ଅନାସ୍ଥା ଭୋଟରେ ହାରିଲେ ଲକ୍ଷ୍ମୀପ୍ରସାଦ ସରପଞ୍ଚ

ନୟାଗଡ଼ ଅଫିସ,୨୦।୪


ସୌମ୍ୟ ରଞ୍ଜନ ପ୍ରଧାନ

ଅନାସ୍ଥା ଭୋଟରେ ନୟାଗଡ଼ ଜିଲା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନ ପରାସ୍ତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ମଙ୍ଗଳବାର ପଦ ହରାଇବାକୁ ପଡ଼ିଛି। ୧୬ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ଉପସ୍ଥିତ ୧୫ଜଣ ତାଙ୍କ ବିପକ୍ଷରେ ଭୋଟ ଦେବାରୁ ସେ ପରାସ୍ତ ହେବା ସହ ପଦ ହରାଇଛନ୍ତି ବୋଲି ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନିର୍ବାହୀ ଅଧିକାରୀ ନାରାୟଣ ଭୋଇ କହିଛନ୍ତି। ଗତ ମାସ ୨୬ ତାରିଖରେ ପଞ୍ଚାୟତର ଏକତୃତୀୟାଂଶ ଅର୍ଥାତ୍ ୧୩ ୱାର୍ଡସଭ୍ୟ ଉପଜିଲାପାଳଙ୍କୁ ଭେଟି ସରପଞ୍ଚ ପ୍ରଧାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏନେଇ ଉପଜିଲାପାଳଙ୍କ ପକ୍ଷରୁ ଗତ ୩୦ ତାରିଖରେ ସରପଞ୍ଚ ପ୍ରଧାନଙ୍କୁ ନୋଟିସ୍ କରାଯାଇଥିଲା। ପଞ୍ଚାୟତ ଆଇନ ୧୯୬୪ ଧାରା ୨୪ ଅନୁସାରେ ଅନାସ୍ଥା ପ୍ରସ୍ତାବ ନେଇ ଏକ ସ୍ୱତନ୍ତ୍ର ବୈଠକ ମଙ୍ଗଳବାର ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା। ପରୀ ହତ୍ୟା ପ୍ରସଙ୍ଗରେ ମନ୍ତ୍ରୀ ଅରୁଣ ସାହୁଙ୍କ ସମ୍ପୃକ୍ତି ଓ ଅଙ୍ଗ ତସ୍କରି ବିଷୟରେ ମୁହଁ ଖୋଲି ସରପଞ୍ଚ ପ୍ରଧାନ ଚର୍ଚ୍ଚାରେ ଥିଲେ। ଏନେଇ ସୌମ୍ୟ ରଞ୍ଜନ କୁହନ୍ତି, ସାଢ଼େ ୪ବର୍ଷ କ୍ଷମତାରେ ରହିଲି। କେହି ବିରୋଧ କଲେନାହିଁ। ମନ୍ତ୍ରୀ ବି ମୋତେ ଭଲ କହୁଥିଲେ। ହେଲେ ପରୀ ପ୍ରସଙ୍ଗରେ ସତ୍ୟକୁ ସାମ୍ନାକୁ ଆଣିବାରୁ ମୁଁ ଟାର୍ଗେଟ ହୋଇଗଲି। ମୋ ବିରୋଧରେ ଅନାସ୍ଥାପ୍ରସ୍ତାବ ଅଣାଗଲା। ମନ୍ତ୍ରୀଙ୍କ ସମେତ ପୂରା ପ୍ରଶାସନ ମୋ ପଛରେ ପଡ଼ିଗଲେ। ଅନାସ୍ଥା ପୂର୍ବରୁ ୧୫ଜଣ ୱାର୍ଡସଭ୍ୟଙ୍କୁ ଗାଁରୁ ଗାଏବ କରି ନିଆଗଲା। ସେମାନଙ୍କୁ ନେଇ ଲଜ୍‌ରେ ରଖାଯାଇ ଲକ୍ଷାଧିକ ଟଙ୍କା ବ୍ୟୟ କରାଗଲା। ମୋତେ ବିଦା କରିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଗଲା। ମୋତେ ସିନା ସରପଞ୍ଚ ପଦବୀରୁ ହଟାଇ ଦେଲେ, ହେଲେ ପରୀ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ମୁଁ ଆନ୍ଦୋଳନ ଜାରିରଖିବି ବୋଲି ସୌମ୍ୟ କହିଛନ୍ତି। ତେବେ ସୌମ୍ୟଙ୍କ ଅଭିଯୋଗ ସମ୍ପର୍କରେ ମନ୍ତ୍ରୀ ଅରୁଣ ସାହୁ କିଛି ବି କହିନାହାନ୍ତି।

# ବିଷ ପିଆଇ ସାବତଶାଶୁଙ୍କୁ ହତ୍ୟା

ଖଣ୍ଡପଡ଼ା,୨୦।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ବନମାଳୀପୁର ପଞ୍ଚାୟତ ଅଧୀନ ପୁରୁଷୋତ୍ତମପୁର ଗ୍ରାମର ଜଣେ ମହିଳାଙ୍କୁ ବିଷ ପିଆଇ ହତ୍ୟା କରାଯାଇଛି । ମୃତ ମହିଳାଙ୍କ ଭାଇ ବସନ୍ତ କୁମାର ପଣ୍ଡା ଏ ନେଇ ଫତେଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏହି ଘଟଣାର ୩୨ ଘଣ୍ଟା ପରେ ପୋଲିସ ମୃତଦେହ ଜବତ କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ସୂଚନା ଅନୁଯାୟୀ, ପୁରୁଷୋତ୍ତମପୁର ଗ୍ରାମର ଶଶିଭୂଷଣ ତ୍ରିପାଠୀଙ୍କ ପ୍ରଥମ ସ୍ତ୍ରୀଙ୍କ ପରଲୋକ ପରେ ସେ କଟକ ଜିଲା ନରସିଂହପୁର ଥାନା ଅଧୀନ ବସନ୍ତପୁର ଗ୍ରାମର ଶୋଭାସିନୀ ପଣ୍ଡାଙ୍କୁ ବିବାହ କରିଥିଲେ । ଇତିମଧ୍ୟରେ ୧୬ ବର୍ଷ ବିତିଛି । ଶଶିଭୂଷଣଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ବିବାହ କରିସାରିଛନ୍ତି । ହେଲେ ବୋହୂ ରଶ୍ମିରେଖା ଶୋଭାସିନୀଙ୍କୁ ସାବତମା'ର ଆଖ୍ୟା ଦେଇ ବିଭିନ୍ନ ସମୟରେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ ହୋଇଛି । ବୋହୂର ନିର୍ଯାତନା ସହି ନ ପାରି ଶୋଭାସିନୀ ତାଙ୍କ ବାପଘରକୁ ଚାଲି ଯାଇଥିଲେ । ସେଠାରେ ବହୁ ଦିନ ରହିବା ପରେ ଗତ ୧୫ ତାରିଖରେ ଶାଶୁଘରକୁ ଫେରିଥିଲେ । ହେଲେ ରଶ୍ମିରେଖା ନିଜ ମା'ବାପାଙ୍କ କଥାରେ ପରିଚାଳିତ ହୋଇ ଶୋଭାସିନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଗତ ରବିବାର ସନ୍ଧ୍ୟାରେ ବିଷ ପିଆଇ ହତ୍ୟା କରିଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି । ପୋଲିସ ବୋହୂ ରଶ୍ମିରେଖା ଓ ତାଙ୍କ ମା'ବାପାଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଙ୍ଗୁଠି ସନ୍ଧିରେ ମଳି,
ଭିତରେ ଭିତରେ ସଲାସୁତୁରା,
ଉପରେ ଲାଗିଛି କଳି।**
ଲୋକେ ଜାଣିବାକୁ ଦୁହିଁଙ୍କ ଭିତରେ ପ୍ରବଳ ଶତ୍ରୁତା ଅଥଚ ନିଜ ନିଜ ଭିତରେ ବୁଝାମଣା ଏକଦମ ଠିକ୍। ସ୍ୱାମୀ-ସ୍ତ୍ରୀଙ୍କ ପରି ଘନିଷ୍ଠ ସମ୍ବନ୍ଧ। କପଟୀ ବ୍ୟକ୍ତିଙ୍କର ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯିବା ଅବସରରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ସୁନା ତ ଭେଣ୍ଡି
ପର ସଙ୍ଗେ କିଆଁ ବାଳ ଧରାଧରି।**
ନିଜ ଲୋକ ଯଦି ବିଶ୍ୱସ୍ତ ନ ହେଲା ତା'ହେଲେ ଅଯଥାରେ ଅନ୍ୟକୁ ଦୋଷ ଦେଇ ଲାଭ ବା କ'ଣ। ନିଜ ଲୋକ ଯଦି ନିଜର ଦୁଃଖ କଷ୍ଟ ବୁଝି ନ ପାରିଲା, ନିଜର ହୋଇ ନ ପାରିଲା ସେତେବେଳେ ଅନ୍ୟ ଉପରେ ରାଗ ରୋଷ ନ ରଖି ନିଜ ଭାଗ୍ୟକୁ ଆଦରି ପଡିରହିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ଅଜିତଙ୍କ ସ୍ତ୍ରୀଙ୍କୁ ପ୍ରାର୍ଥୀ କରିବାକୁ ପ୍ରାଥମିକତା

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

**କଂଗ୍ରେସର ବୈଠକରେ ଆଲୋଚନା**

ପିପିଲି ଉପନିର୍ବାଚନରେ କଂଗ୍ରେସରୁ କିଏ ପ୍ରାର୍ଥୀ ହେବେ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ତା' ଭିତରେ ପ୍ରାର୍ଥୀ ଚୟନ କରିବା ଲାଗି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ କମିଟି ଗଠନ ହୋଇଥିଲା। ଉକ୍ତ କମିଟି ପକ୍ଷରୁ ମଙ୍ଗଳବାର ପ୍ରଥମ ବୈଠକ ହୋଇଛି। ଉପନିର୍ବାଚନ କମିଟି ଅଧ୍ୟକ୍ଷ ପ୍ରଦୀପ ମାଝିଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ସ୍ୱର୍ଗତ ଅଜିତ ମଙ୍ଗରାଜଙ୍କ ପରିବାରବର୍ଗଙ୍କୁ ଭେଟିଥିବା ଜଣାପଡିଛି। ଏନେଇ ପ୍ରଦୀପ କହିଛନ୍ତି, ଅଜିତଙ୍କ ପରିବାରବର୍ଗ ଏ ପର୍ଯ୍ୟନ୍ତ ଶୋକାଭିଭୂତରେ ଅଛନ୍ତି। ତଥାପି ଅଜିତଙ୍କ ସ୍ତ୍ରୀ ଏବଂ ବଡ଼ଭାଇଙ୍କ ସହ ଆଲୋଚନା କରିଛୁ। ସେମାନେ ଏକ ପ୍ରକାର ରାଜି ଥିଲେ ମଧ୍ୟ ସ୍ପଷ୍ଟଭାବେ ଜଣାଇନାହାନ୍ତି। ତାଙ୍କ ପରିବାରରୁ ଜଣେ ପ୍ରାର୍ଥୀ ହେଲେ ଦଳ ସମସ୍ତ ଦାୟିତ୍ୱ ବହନ କରିବା ଲାଗି ପ୍ରତିଶ୍ରୁତି ଦିଆଯାଇଛି।

ସେହିପରି ବୈଠକ ହେବାପରେ ପ୍ରଦୀପ ଆହୁରି କହିଛନ୍ତି, ଆଉ କେତେଜଣଙ୍କ ନାଁ ତାଲିକାରେ ରହିଛି। ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମାନସ ଆଚାର୍ଯ୍ୟ ମଧ୍ୟ ପ୍ରାର୍ଥୀ ଦୌଡ଼ରେ ଅଛନ୍ତି। ଦିନେରୁ ଦୁଇ ଦିନ ମଧ୍ୟରେ ନାମ ଘୋଷଣା କରାଯିବ। ଉପନିର୍ବାଚନରେ କଂଗ୍ରେସ ପାଇଁ ସହାନୁଭୂତି କଥା ଆଦୌ ନାହିଁ। ଯେହେତୁ ଅଜିତ ଉପନିର୍ବାଚନରେ ପ୍ରାର୍ଥୀ ଥିଲେ, ତେଣୁ ତାଙ୍କ ସ୍ତ୍ରୀ ଟିକେଟ ପାଇଲେ ଅଜିତଙ୍କ ଆତ୍ମା ଶାନ୍ତି ପାଇବ। କାରଣ ଅଜିତଙ୍କ ଏହି ଉପନିର୍ବାଚନରେ ପ୍ରାର୍ଥୀ ହେବାକୁ ଇଚ୍ଛା ଥିଲା। ସହାନୁଭୂତି ଲୋକଙ୍କ ଉପରେ ନିର୍ଭର କରୁଛି। ଲୋକମାନେ କ'ଣ ନିଷ୍ପତ୍ତି ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ପ୍ରଦୀପ କହିଛନ୍ତି।

ସୂଚନାଯୋଗ୍ୟ, ପିପିଲି ଉପନିର୍ବାଚନ ଲାଗି ଏପ୍ରିଲ ୧୭ ତାରିଖରେ ଭୋଟ ଗ୍ରହଣ ହେବାର ଥିଲା। ମାତ୍ର ଗତ ୧୪ ତାରିଖରେ ପିପିଲିରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଅଜିତ ମଙ୍ଗରାଜଙ୍କ ଦେହାନ୍ତ ପରେ ଏହି ଭୋଟଗ୍ରହଣ ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା।


କଟକ ରେଲୱେ ଷ୍ଟେଶନରେ ଗନ୍ତବ୍ୟସ୍ଥଳକୁ ଯିବାପାଇଁ ଅପେକ୍ଷାରତ ଯାତ୍ରୀଙ୍କ ଭିଡ଼।

# ସୂଚନା ଅଧିକାର କର୍ମୀ ସର୍ବେଶ୍ୱରଙ୍କୁ ବୋମାମାଡ଼ ଘଟଣାରେ ଆଉ ଜଣେ ଗିରଫ

ଯାଜପୁର ଅଫିସ/ଧର୍ମଶାଳା (ଡି.ଏନ୍.ଏ.),୨୦।୪

ସୂଚନା ଅଧିକାର କର୍ମୀ ତଥା ଭାଜପା ନେତା ସର୍ବେଶ୍ୱର ବେହୁରାଙ୍କ ଉପରକୁ ବୋମାମାଡ଼ ଘଟଣାରେ ଯାଜପୁର ପୋଲିସ ମଙ୍ଗଳବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ଜିଲା ଗଁନ୍ଦିଆ ଥାନା ଅଧୀନ ଷଣ୍ଢପୋଷିପାଟଣା ଗ୍ରାମର ଦେବେନ୍ଦ୍ର ରାଉତ(ରିଣ୍ଟୁ)। ରିଣ୍ଟୁଙ୍କୁ ପୋଲିସ ଚଣ୍ଡିଖୋଲ ଜେଏମ୍ଏଫ୍‌ସି କୋର୍ଟରେ ହାଜର କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି।

୨୭।୩।୨୦୨୧ ତାରିଖ ରାତି ପ୍ରାୟ ୯ଟାରେ ଧର୍ମଶାଳା ଥାନା ଇମାମନଗର ଛକ ନିକଟରେ ସର୍ବେଶ୍ୱରଙ୍କ କାର ଉପରକୁ ରିଣ୍ଟୁ ୪ଟି ବୋମା ଫିଙ୍ଗି ତାଙ୍କୁ ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିବା ପୋଲିସ ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ଏହାପୂର୍ବରୁ ଯାଜପୁର ପୋଲିସ କଟକ ଜିଲା ଆଠଗଡ଼ ଥାନା ଅଧୀନ ପୁରୁଷୋତ୍ତମପୁର ଗ୍ରାମର ଶିବାନୀ ବେହେରା(୧୯), ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ କୁଆଁରପୁର ଗ୍ରାମର ଶମ୍ଭୁନାଥ ନାୟକ(୩୨) ଓ ଢେଙ୍କାନାଳ ଜିଲା ଗଁନ୍ଦିଆ ଥାନା ଅଧୀନ ଷଣ୍ଢପଷିପାଟଣା ଗ୍ରାମର କାଳିଆ ଦାସ(୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି। ତେବେ ବୋମାମାଡ଼ ଘଟଣାର ଷଡ଼ଯନ୍ତ୍ରକାରୀ କଳାପଥର ବ୍ୟବସାୟୀ ରବି ଦାସ ଫେରାର ଥିବା ସୂଚନା ମିଳିଛି। ଲଘୁ ଖଣିଜ ସମ୍ପଦ ଲୁଟ୍ କାରବାର ଚଳାଇଥିବା ଏକାଧିକ ମାଫିଆ ଏହି ବୋମାମାଡ଼ ଘଟଣାରେ ସଂପୃକ୍ତ ଥିବା ଅଭିଯୋଗ ହୋଇଛି। ପୋଲିସ ଓ ତହସିଲର କେତେଜଣ ଅଧିକାରୀ କର୍ମଚାରୀ ଗତ ୨ ଦଶନ୍ଧି ହେଲା ଏହି ମାଫିଆମାନଙ୍କୁ ସୁରକ୍ଷା ଦେଇ ଆସୁଥିଲେ। ତେଣୁ ଏହି ଘଟଣାରେ ପୋଲିସ ଅସଲ ଅଭିଯୁକ୍ତମାନଙ୍କୁ ଗିରଫ କରିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ଉପୁଜିଛି। ଯାଜପୁର ଏସ୍‌ପି ରାହୁଲ ପି.ଆର. ଏକ ଭିଡିଓ କ୍ଲିପ୍‌ରେ କହିଛନ୍ତି, ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଘଟଣାର ଆହୁରି ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି ।

# ଗାଁରେ ପହଞ୍ଚିଲା ୩ ଦାଦନ ଶ୍ରମିକଙ୍କ ମୃତଦେହ

ଡାବୁଗାଁ, ୨୦।୪ (ଡି.ଏନ୍.ଏ.)

- ତେଲଙ୍ଗାନାରେ ଟ୍ରକ୍ ଓଲଟି ମୃତ୍ୟୁ ହୋଇଛି
- ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ

ତେଲଙ୍ଗାନାରେ ଟ୍ରକ୍ ଓଲଟି ରବିବାର ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଟିଙ୍କିଲି ଗ୍ରାମର ୩ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସେମାନଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ସେମାନେ ହେଲେ ଅସ୍ତୁ ଭତ୍ରା (୬୨), ପରମାନନ୍ଦ ଗୌଡ଼ (୬୦) ଓ ବୁଦନ ଗୌଡ଼ (୩୫)। ଶୋକାକୁଳ ପରିବେଶ ମଧ୍ୟରେ ଗାଁରେ ସେମାନଙ୍କ ମୃତଦେହ ସତ୍କାର କରାଯାଇଥିଲା।

ସୂଚନା ଅନୁଯାୟୀ, ତେଲଙ୍ଗାନା ରାଜ୍ୟ ହାଇଦ୍ରାବାଦ ସହର ସାନ୍ତାନପାଲି ଅଞ୍ଚଳର ଏକ ଇଟାଭାଟିରେ ଅସ୍ତୁ, ପରମାନନ୍ଦ ଓ ବୁଦନ କାମ କରନ୍ତି। ରବିବାର ସେମାନେ କାମ ସାରି ସ୍ଥାନୀୟ ସାପ୍ତାହିକ ହାଟକୁ ଅନ୍ୟ ଶ୍ରମିକଙ୍କ ସହ ମିଶି କିଛି ରାଶନ ଓ ପରିବାପତ୍ର କିଣିବାକୁ ଯାଇଥିଲେ। ସେଠାରୁ ସେମାନେ ରହୁଥିବା ଜାଗାକୁ ଏକ ଟ୍ରକ୍‌ରେ ଫେରୁଥିଲେ। ବାଟରେ ଟ୍ରକ୍‌ଟି ଏକ କାର୍ ସହ ଧକ୍କାହୋଇ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ଅସ୍ତୁ ଓ ପରମାନନ୍ଦଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବୁଦନଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ନବରଙ୍ଗପୁର ଜିଲା ପ୍ରଶାସନ ସହଯୋଗରେ ମୃତଦେହ ମଙ୍ଗଳବାର ଟିଙ୍କିଲି ଗ୍ରାମରେ ପହଞ୍ଚିଥିଲା। ଗାଁ ଶ୍ମଶାନରେ ୩ ଜଣଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଇଟାଭାଟି ମାଲିକ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି ତେଲଙ୍ଗାନା ସରକାର ପ୍ରତି ପରିବାରକୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଡାବୁଗାଁବିଡିଓ ରଞ୍ଜିତାମେରୀ ନାୟକ ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ୨ ହଜାର ଟଙ୍କା ଲେଖାଏ ସହାୟତା ଦେଇଛନ୍ତି। ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗାଈପାଇ ଟିଙ୍କିଲି ଗ୍ରାମରେ ପହଞ୍ଚି ତଦନ୍ତ କରିଛନ୍ତି। ଉକ୍ତ ଶ୍ରମିକମାନେ କେଉଁ ସ୍ଥାନରେ କାମ କରୁଥିଲେ, ସେମାନଙ୍କର ଲେବର କାର୍ଡ ଅଛି କି ନାହିଁ ସେସବୁ ତଥ୍ୟ ସଂଗ୍ରହ କରିଥିଲେ।

# ଜମି କମିଲେ ବି ଉତ୍ପାଦନ ବଢୁଛି: ମନ୍ତ୍ରୀ

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

- ବୃକ୍ଷରୋପଣ କାର୍ଯ୍ୟକୁ ତ୍ୱରାନ୍ୱିତ
- କୃଷି ଦ୍ୱାରା କୃଷକଙ୍କ ଆୟ ବୃଦ୍ଧି ହୋଇପାରିବ

ମାଟି ସମୃଦ୍ଧ ରହିଲେ ହିଁ କୃଷି ଉତ୍ପାଦନ ବଢ଼ିପାରିବ। ତେଣୁ ମୃତ୍ତିକାକୁ ସଂରକ୍ଷିତ ରଖିବା ଦିଗରେ ବିଭାଗୀୟ ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରନ୍ତୁ। ଉଭୟ ଜଳ ଏବଂ ମୃତ୍ତିକା କୃଷି କାର୍ଯ୍ୟର ପ୍ରମୁଖ ଉପାଦାନ ହୋଇଥିବାରୁ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶାଳୟର ଅଧିକାରୀ ଏବଂ କ୍ଷେତ୍ର କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ମଙ୍ଗଳବାର ଭର୍ଚୁଆଲ ମୋଡ଼ରେ ଆୟୋଜିତ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକାର ସମ୍ପ୍ରସାରଣ ଅଧିକାରୀ, ଓଭରସିଅର ଓ ଅନ୍ୟ ଅଧିକାରୀମାନଙ୍କ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ସାହୁ କହିଛନ୍ତି, ଦ୍ରୁତ ଶିଳ୍ପାୟନ, ସହରୀକରଣ ଆଦି କାରଣରୁ ଚାଷ ଜମି କମୁଥିବା ସତ୍ତ୍ୱେ ମୃତ୍ତିକାର ଉତ୍ତମ ପରିଚାଳନା, ଉନ୍ନତ ବିହନ ଓ କୃଷି ପଦ୍ଧତିର ବ୍ୟବହାର ଦ୍ୱାରା କୃଷି ଉତ୍ପାଦନ କ୍ରମାଗତ ବୃଦ୍ଧି ପାଉଛି। ରାଜ୍ୟ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର କବଳିତ ହେବା ସତ୍ତ୍ୱେ ରାଜ୍ୟରେ ପ୍ରତିବର୍ଷ ରେକର୍ଡ ପରିମାଣର ଧାନ ଉତ୍ପାଦନ ହେଉଛି। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ପକ୍ଷରୁ ୫ ବର୍ଷରେ ୫ ଲକ୍ଷ ଫାର୍ମ ପଣ୍ଡ ଖନନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମୋ ପୋଖରୀ ଖନନ କରି ଜଳସେଚନର ସୁଯୋଗ ସୃଷ୍ଟି କରିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଅସମ୍ପୂର୍ଣ୍ଣ ଫାର୍ମ ପଣ୍ଡଗୁଡ଼ିକର ଖନନ କାର୍ଯ୍ୟ ତୁରନ୍ତ ଶେଷ କରିବା ଦରକାର। ଯେଉଁସବୁ ଜିଲାଗୁଡ଼ିକରେ ଫାର୍ମପଣ୍ଡ ଖନନ କାର୍ଯ୍ୟ ଆଶାନୁରୂପ ହୋଇନାହିଁ ସେଠାରେ ସମ୍ପୃକ୍ତ ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରିବା ଜରୁରୀ। ନିର୍ଦ୍ଦେଶାଳୟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଏହାର ଫଟୋଚିତ୍ର ଏବଂ ଭିଡ଼ିଓଗ୍ରାଫି କରାଯାଉ। ଜଳବାୟୁରେ ପରିବର୍ତ୍ତନ ଯୋଗୁ ସମନ୍ୱିତ କୃଷି ଦ୍ୱାରା କୃଷକଙ୍କ ଆୟ ବୃଦ୍ଧି ହୋଇପାରିବ। ବିଭାଗ ଦ୍ୱାରା କରାଯାଉଥିବା ଜଳ ବିଭାଜିକା ପ୍ରକଳ୍ପଗୁଡ଼ିକ ନିର୍ମାଣ କାର୍ଯ୍ୟ ଠିକ୍ ସମୟରେ କରିବା ନେଇ ତଦାରଖ କାର୍ଯ୍ୟ ବ୍ୟାପକ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମୃତ୍ତିକା ପରୀକ୍ଷଣ ଓ ବାୟୋଫର୍ଟିଲାଇଜର ଏବଂ ଭର୍ମିକମ୍ପୋଷ୍ଟର ମାନ ପରୀକ୍ଷଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୃଷି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଉପଲବ୍ଧ ସମ୍ବଳର ଶତପ୍ରତିଶତ ବିନିଯୋଗ ହେବା ଆବଶ୍ୟକ ବୋଲି କହିଥିଲେ।

# ଜଣେ ଅଭିଯୁକ୍ତଙ୍କୁ ଆଜୀବନ, ନାବାଳକଙ୍କୁ ୨୦ବର୍ଷ ଜେଲ୍

କେନ୍ଦୁଝର, ୨୦।୪ (ସ୍ୱ.ପ୍ର./ଡି.ଏନ୍.ଏ.)

**ନାବାଳିକାଙ୍କୁ ବଳାତ୍କାର ମାମଲା**

କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ଜଜ୍ ଲୋକନାଥ ସାହୁ ମଙ୍ଗଳବାର ନାବାଳିକା ବଳାତ୍କାର ମାମଲାର ଶୁଣାଣି ଅଭିଯୁକ୍ତ ଈଶ୍ୱର ଲୋହାରଙ୍କୁ ଆଜୀବନ ଜେଲ୍ ସହ ୫୧ହଜାର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟଜଣେ ନାବାଳକଙ୍କୁ ୨୦ବର୍ଷ ଜେଲ୍ ସହ ୫୦ ହଜାର ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ନାବାଳକଙ୍କୁ ଏବେ ୧୭ ବର୍ଷ ହୋଇଥିବାବେଳେ ୨୧ବର୍ଷ ହେବା ପର୍ଯ୍ୟନ୍ତ ସେ ରାଉରକେଲା ରିମାଣ୍ଡ ହୋମ୍‌ରେ ରହିବେ। ଏଥିସହିତ ପୀଡ଼ିତାଙ୍କୁ ପାଞ୍ଚ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ସରକାରଙ୍କୁ ଆଦେଶ ଦେଇଥିବା ସ୍ୱତନ୍ତ୍ର ସରକାରୀ ଓକିଲ ଗଣେଶ ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି। ୨୦୧୯ ଜାନୁୟାରୀ ୧୨ରେ ଘଷିପୁରା ଥାନା ଅନ୍ତର୍ଗତ ଯୁଗଳକିଶୋରପୁର ଗ୍ରାମରେ ଟୁର୍ନାମେଣ୍ଟ ଚାଲିଥିଲା। ପୀଡ଼ିତାଙ୍କ ବାପା ସେଠାରେ ଏକ ଅସ୍ଥାୟୀ ଦୋକାନଟିଏ କରିଥିଲେ। ସନ୍ଧ୍ୟାରେ ଖେଳ ସରିବା ପରେ ଦୋକାନ ସାମଗ୍ରୀ ଧରି ବାପା ଓ ଝିଅ ଘରକୁ ଯାଇଥିଲେ। ବାକି ସାମଗ୍ରୀ ରହିଯାଇଥିବାରୁ ତାକୁ ନେବାକୁ ନାବାଳିକା ଆସିଥିବାବେଳେ ୨ଅଭିଯୁକ୍ତ ତାଙ୍କୁ ଉଠାଇ ନେଇ ପାଖ ହୁଡ଼ିରେ ବଳାତ୍କାର କରିଥିଲେ। ଝିଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଉକ୍ତ ହୁଡ଼ିକୁ ଯାଇ ଖୋଜାଖୋଜି ବେଳେ ଟର୍ଚ୍ଚ ଲାଇଟ ପକାଇବାରୁ ଅଭିଯୁକ୍ତଦ୍ୱୟ ଦୌଡ଼ି ପଳାଇଯାଇଥିଲେ। ପରେ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକେ ଘଷିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା (୧୯୨/୨୦୧୯) ରୁଜୁ କରିଥିଲା। ୨୬ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତିକରି ଅଦାଲତ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି।

# ଓଡ଼ିଆ ଖାଦ୍ୟ ପ୍ରେମରେ ଇଞ୍ଜିନିୟର ପ୍ରୀତିଶା

ଭୁବନେଶ୍ୱର, ୨୦।୪ (ବ୍ୟୁରୋ)

**ବ୍ଲଗ୍ ରାଇଟିଂରେ କରୁଛନ୍ତି ପ୍ରଚାର**





ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଏବଂ ଓଡ଼ିଆ ଖାଦ୍ୟ ପ୍ରେମରେ ପଡ଼ିଛନ୍ତି ସଫ୍ଟୱେୟାର ଇଞ୍ଜିନିୟର ପ୍ରୀତିଶା ଦାଶ। ଓଡ଼ିଶାର ପାରମ୍ପରିକ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସେ ଆରମ୍ଭ କରିଛନ୍ତି ବ୍ଲଗ୍ ରାଇଟିଂ। ଇନ୍‌ଷ୍ଟାଗ୍ରାମ୍ ସାଇଟରେ 'ଦ ଆର୍ଟ ଅଫ୍ କମ୍ଫର୍ଟ ଇଟିଂ' ଶୀର୍ଷକ ବିଭିନ୍ନ ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀ ବର୍ଣ୍ଣନା କରି ପ୍ରଶଂସା ସାଉଁଟୁଛନ୍ତି। ଆମିଷ, ନିରାମିଷ ସମସ୍ତ ପ୍ରକାରର ଓଡ଼ିଆ ଖାଦ୍ୟକୁ ସେ ନିଜେ ଘରେ ପ୍ରସ୍ତୁତ କରି ଏହାର ଫଟୋ ଉଠାଇ ନିଜ ବ୍ଲଗରେ ସ୍ଥାନିତ କରନ୍ତି। ପରେ ଏହି ଖାଦ୍ୟର ଆବଶ୍ୟକୀୟ ସାମଗ୍ରୀ ଓ ପ୍ରସ୍ତୁତି ପ୍ରଣାଳୀକୁ ବିସ୍ତୃତ ଭାବେ ବ୍ଲଗ୍‌ରେ ଲେଖି ଜଣାଇଥାନ୍ତି। ଯେପରି ଜଣେ ବ୍ୟକ୍ତି ଏହାକୁ ପଢି ନିଜେ ସ୍ୱାଦିଷ୍ଟ ଖାଦ୍ୟ ତିଆରି କରିପାରିବେ। ଓଡ଼ିଆ ପର୍ବ ପର୍ବାଣୀର ସ୍ୱତନ୍ତ୍ର ଖାଦ୍ୟ ଅବା ଋତୁ ଅନୁଯାୟୀ ଘରେ ପ୍ରସ୍ତୁତ ହେଉଥିବା ଖାଦ୍ୟ, ଏପରିକି ଓଡ଼ିଶାର ବିଭିନ୍ନ ମନ୍ଦିରରେ ପ୍ରସ୍ତୁତ ହେଉଥିବା ପ୍ରସାଦ ବିଷୟରେ ମଧ୍ୟ ସେ ପ୍ରଚାର କରୁଛନ୍ତି।

ଏ ନେଇ ପ୍ରୀତିଶା କହିଛନ୍ତି, ବର୍ତ୍ତମାନ ଓଡ଼ିଶାର ଅନେକ ବ୍ୟକ୍ତି ବିଶେଷକରି ଯୁବପୀଢ଼ି ଓଡ଼ିଆ ଘରର ସ୍ୱାଦିଷ୍ଟ ଖାଦ୍ୟକୁ ପର କରି ବିଦେଶୀ ଖାଦ୍ୟ ପ୍ରତି ରୁଚି ଦେଖାଉଛନ୍ତି। ତେଣୁ ଯୁବପିଢୀଙ୍କୁ ଓଡ଼ିଆ ଖାଦ୍ୟର ସ୍ୱାଦ ଓ ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇବା ପାଇଁ ଏହି ପ୍ରୟାସ କରୁଛି। ମୋ ପରିବାର ଓ ମା'ଙ୍କ ଠାରୁ ମୁଁ ଏଥିପାଇଁ ପ୍ରେରଣା ପାଇଛି। ପ୍ରତ୍ୟେକ ଭୋଜନର ନିଜର ସ୍ୱତନ୍ତ୍ରତା ରହିଛି। ଆମ ରୁଚି ଅନୁଯାୟୀ ଅନ୍ୟ ରାଜ୍ୟ ବା ଦେଶର ଖାଦ୍ୟ ଖାଇବାରେ କୌଣସି ଅସୁବିଧା ନାହିଁ, ମାତ୍ର ନିଜ ରାଜ୍ୟର ଖାଦ୍ୟକୁ ଅଣଦେଖା କରିବା ଅନୁଚିତ୍। ଆଗକୁ ଓଡ଼ିଆ ଖାଦ୍ୟର ଅଧିକ ପ୍ରଚାର ପ୍ରସାର କରିବାକୁ ଯୋଜନା ରଖିଛି। ପ୍ରଥମେ ରାଜ୍ୟ ଓ ପରେ ଜାତୀୟ ସ୍ତରରେ ରେଷ୍ଟୁରାଣ୍ଟ ଖୋଲିବାକୁ ଲକ୍ଷ୍ୟ ରଖିଛି। ଏହି ସବୁ ରେଷ୍ଟୁରାଣ୍ଟରେ କେବଳ ଓଡ଼ିଆ ଖାଦ୍ୟ ପରିବେଷଣ କରାଯିବ।

# ରବିଧାନ ସଂଗ୍ରହ ବେଳେ କଡ଼ାକଡ଼ି ପାଳନ ହେବ କୋଭିଡ୍ ନିୟମ

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

କରୋନା ସଂକ୍ରମଣର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ମେ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବାକୁ ଥିବା ରବିଧାନ ସଂଗ୍ରହ ବେଳେ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରାଯିବ। ଏହାକୁ ବ୍ୟବସ୍ଥିତ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏନେଇ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇ ସମ୍ପୃକ୍ତ ଜିଲାପାଳଙ୍କ ନିକଟକୁ ପଠାଯାଇଥିବା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଉକ୍ତ ମାର୍ଗଦର୍ଶିକା ମୁତାବକ, ଭିଡ଼ ଏଡ଼ାଇବା ପାଇଁ ଗୋଟିଏ କେନ୍ଦ୍ରରେ ଦିନକୁ ୩୦ରୁ ୩୫ ପର୍ଯ୍ୟନ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ। ୧୦ରୁ ୧୨ ଜଣ ଚାଷୀଙ୍କୁ ଦିନର ନିର୍ଦ୍ଦିଷ୍ଟ ସମୟରେ ଧାନ ବିକ୍ରି କରିବା ପାଇଁ ଆସିବାକୁ ସୂଚନା ଦିଆଯିବ । ଆବଶ୍ୟକ ପଡ଼ିଲେ ଅଧିକ ସଂଖ୍ୟକ ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବ । ସମ୍ପୃକ୍ତ ଜିଲାପାଳମାନେ ଏଥିଲାଗି ତୁରନ୍ତ ପ୍ରସ୍ତାବ ଦେବା ପାଇଁ କୁହାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସାନିଟାଇଜର ଉପଲବ୍ଧ କରାଯିବ। ପ୍ରତିଦିନ ସକାଳ ୭ଟାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯିବ। ଅପରାହ୍ନରେ କଷ୍ଟମ ମିଲରଙ୍କ ଦ୍ୱାରା ଧାନ ଉଠାଣ କାର୍ଯ୍ୟ କରାଯିବ । ଧାନ ସଂଗ୍ରହ କେନ୍ଦ୍ରକୁ କେବଳ ସୋସାଇଟିର କର୍ମକର୍ତ୍ତା, ମିଲରଙ୍କ ପ୍ରତିନିଧି, ଶ୍ରମିକ, ସେହିଦିନ ଧାନ ବିକିବା ନିମନ୍ତେ ନିର୍ଦ୍ଧାରିତ ଚାଷୀ ଏବଂ ଗାଡ଼ିର ଡ୍ରାଇଭର ଓ ହେଲ୍‌ପରଙ୍କ ବ୍ୟତୀତ ଆଉ କାହାକୁ ପ୍ରବେଶ ଅନୁମତି ପ୍ରଦାନ କରାଯିବ ନାହିଁ। କେନ୍ଦ୍ରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଚାଷୀଙ୍କୁ ସେମାନଙ୍କ ଧାନ ବିକିବା ପାଳି ଓ ସମୟ ସମ୍ପର୍କରେ ସୂଚିତ କରାଯିବ। ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ହେବ ଯେପରି ପଡ଼ୋଶୀ ରାଜ୍ୟର ଧାନ ଓଡ଼ିଶାକୁ ପ୍ରବେଶ କରିପାରିବ ନାହିଁ ବୋଲି ସୂଚିତ କରାଯାଇଛି।



ନିକଟରେ ଭାରତୀୟ କ୍ରିକେଟର୍ ତଥା କିଙ୍ଗ୍ସ ଏକାଦଶ ପଞ୍ଜାବ ଅଧିନାୟକ କେ.ଏଲ ରାହୁଲ ୨୯ତମ ଜନ୍ମଦିନ ପାଳନ କରିଛନ୍ତି। ରାହୁଲଙ୍କ ଜନ୍ମଦିନରେ ସବୁଠୁ ଖାସ୍ ମେସେଜ୍ ଦେଇଥିଲେ ତାଙ୍କ ଗର୍ଲଫ୍ରେଣ୍ଡ ତଥା ଅଭିନେତ୍ରୀ ଆଥିୟା ସେଟ୍ଟୀ। ସେ ଇନ୍‌ଷ୍ଟାଗ୍ରାମରେ ରାହୁଲଙ୍କ ସହ ଏକ ଫଟୋ ଶେୟାର କରି କହିଥିଲେ, ମୁଁ ତୁମ ପାଖରେ କୃତଜ୍ଞ, ଜନ୍ମଦିନର ଶୁଭେଚ୍ଛା। ଆଥିଆଙ୍କ ଏହି ପୋଷ୍ଟ ଏବେ ଭାଇରାଲ ହୋଇଥିଲା। ଏହି ପୋଷ୍ଟରେ ତାଙ୍କ ପିତା ତଥା ବଲିଉଡ୍ ଅଭିନେତା ସୁନୀଲ ସେଟ୍ଟୀ କମେଣ୍ଟ ଦେଇ ଲେଖିଥିଲେ ଏହା ସତ୍ୟ। କେ.ଏଲ ରାହୁଲ ଏବଂ ଆଥିୟାଙ୍କ ପ୍ରେମ ସମ୍ପର୍କକୁ ନେଇ ବେଶ୍ ଚର୍ଚ୍ଚା ହେଉଛି।



# କ୍ୟୁବା ଦେଖାଉଛି କରାମତି

**କାରବିୟାନ ସାଗର ମଧ୍ୟରେ ଅବସ୍ଥିତ କ୍ଷୁଦ୍ର ଦେଶ କ୍ୟୁବା। ଦୀର୍ଘଦିନ ଧରି ରାଜନୈତିକ ଅସ୍ଥିରତାକୁ ସାମ୍ନା କରି ଆସୁଥିବା ଏହି ଦ୍ୱୀପ ଦେଶ ସେତେଟା ସମୃଦ୍ଧିଶାଳୀ ନୁହେଁ। ହେଲେ ସ୍ୱାସ୍ଥ୍ୟସେବାକୁ ଅନୁଶୀଳନ କଲେ ଏହା ଇଟାଲୀ, ଆମେରିକାକୁ ମଧ୍ୟ ପଛରେ ପକାଇଦେବ। ତେଣୁ କରୋନା ସମୟରେ ଏବେ ସାରା ବିଶ୍ୱର ନଜର ଅଟକିଛି କ୍ୟୁବା ଉପରେ। ଏଠାରେ ଏକକାଳୀନ ୫ ଭାକ୍ସିନର ପରୀକ୍ଷଣ ଚାଲିଛି। ସେଥିରୁ ୨ଟି ଅନ୍ତିମ ଚରଣରେ ପହଞ୍ଚି ସାରିଛି। ତୃତୀୟ ପରୀକ୍ଷା ସଫଳ ହେଲେ ସ୍ୱଦେଶୀ ଟିକା ପ୍ରସ୍ତୁତ କରିଥିବା ପ୍ରଥମ ଲାଟିନ ଆମେରିକୀୟ ରାଷ୍ଟ୍ର ହୋଇଯିବ କ୍ୟୁବା।**



**ନୂଆଦିଲ୍ଲୀ:** ଲାଟିନ ଆମେରିକୀୟ ଦେଶ କ୍ୟୁବା ସେତେଟା ସମୃଦ୍ଧିଶାଳୀ ନୁହେଁ। ଦୀର୍ଘଦିନ ଧରି ଲାଗି ରହିଥିବା ରାଜନୈତିକ ଅସ୍ଥିରତା ଦେଶବାସୀଙ୍କୁ ନାକେଦମ କରି ରଖିଛି। ଏ ତ' ଗଲା କାରବିୟାନ ସାଗରରେ ଅବସ୍ଥିତ ଏହି କ୍ଷୁଦ୍ର ରାଷ୍ଟ୍ର ବିଷୟରେ କେତେକ ନକାରାତ୍ମକ କଥା। ହେଲେ ଯେତେବେଳେ ସ୍ୱାସ୍ଥ୍ୟସେବା କଥା ଉଠେ, ସାରା ବିଶ୍ୱର ନଜର ଅଟକେ କ୍ୟୁବା ଉପରେ। କ୍ୟୁବାରେ ଥିବା ଲାଟିନ ଆମେରିକୀୟ ସ୍କୁଲ ଅଫ୍ ମେଡିସିନ୍ (ଇଏଲ୍ଏଏମ୍) ପୃଥିବୀର ସର୍ବୋତ୍ତମ ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନ ଭିତରୁ ଗୋଟିଏ। ଆୟତନ ଦୃଷ୍ଟିରୁ ଛୋଟ ହେଲେ ବି ମେଡିକାଲ ଭିତ୍ତିଭୂମି ଦୃଷ୍ଟିକୋଣରୁ କ୍ୟୁବା ଅନ୍ୟ ସମୃଦ୍ଧିଶାଳୀ ବୋଲାଉଥିବା ଦେଶ ତୁଳନାରେ ପାଦେ ଆଗରେ।

୨୦୨୦ ମାର୍ଚ୍ଚରୁ ସମଗ୍ର ୟୁରୋପୀୟ ରାଷ୍ଟ୍ର କୋଭିଡ୍-୧୯ ସହ ଲଢ଼େଇ କରୁଛନ୍ତି। କରୋନା ମୁକାବିଲା ଲାଗି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପ୍ରଭାବିତ ଦେଶକୁ ଯିବାକୁ ଭୟ କରୁଛନ୍ତି। ତେବେ କ୍ୟୁବାର ଡାକ୍ତରୀଦଳ ନିଜ ତରଫରୁ କରୋନା ଲଢେଇରେ ସାମିଲ ହୋଇ ଭିନ୍ନ ଉଦାହରଣ ସୃଷ୍ଟି କରିଛନ୍ତି। ଏଠାକାର ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ କରୋନା ତାଣ୍ଡବ ରଚିଥିବା ଭେନେଜୁଏଲ, ନିକାରାଗୁଆ, ଜାମାଇକା, ସୁରିନାମ୍ ଭଳି ଅନେକ ଦେଶରେ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଅଛନ୍ତି।

## ୧୫୫ ଜଣଙ୍କ ପାଇଁ ଜଣେ ଡାକ୍ତର

କ୍ୟୁବାର ମୋଟ ଜନସଂଖ୍ୟା ୧.୧୫ କୋଟି। ହେଲେ ସ୍ୱାସ୍ଥ୍ୟସେବା ମାମଲାରେ ଏହି ଦେଶରୁ ଅନ୍ୟମାନଙ୍କୁ ଅନେକ କଥା ଶିଖିବାର ଅଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ଅନେକ ଥର ପରାମର୍ଶ ଦିଆଯାଇଛି। ଏଠାରେ ପ୍ରତି ୧୫୫ଜଣଙ୍କ ସ୍ୱାସ୍ଥ୍ୟସେବା ଲାଗି ଜଣେ ଡାକ୍ତର ନିୟୋଜିତ। ଏବେ ବିଶ୍ୱର ୬୦ ଦେଶରେ କ୍ୟୁବାର ୩୦ ହଜାର ଡାକ୍ତର ସେବା ଯୋଗାଉଛନ୍ତି। ଉଚ୍ଚ ପ୍ରଶିକ୍ଷିତ ବିଶେଷଜ୍ଞଙ୍କ ପାଇଁ କ୍ୟୁବା ଦୀର୍ଘଦିନ ଧରି ସାରା ପୃଥିବୀର ଡାକ୍ତରଙ୍କୁ ତାଲିମ ଦେଇ ଆସୁଛି। ଇଏଲ୍ଏଏମ୍‌ରେ ଫିଜିସିଆନମାନଙ୍କୁ ପ୍ରଶିକ୍ଷଣ ଦିଆଯାଏ। ୧୯୯୮ରୁ ଅଦ୍ୟାବଧି ଏହି ଶିକ୍ଷାନୁଷ୍ଠାନରେ ୧୨୩ ଦେଶର ଡାକ୍ତର ତାଲିମ ନେଇ ସାରିଲେଣି।

## ପ୍ରଥମରୁ ସ୍ୱତନ୍ତ୍ର ପ୍ରଶିକ୍ଷଣ

କ୍ୟୁବାର ଡାକ୍ତରୀ ଛାତ୍ରଙ୍କୁ ପ୍ରଥମରୁ ସ୍ୱତନ୍ତ୍ର ଶୈଳୀରେ ପ୍ରଶିକ୍ଷଣ ଦିଆଯାଇଥାଏ। ସ୍ନାତକ ଉତ୍ତୀର୍ଣ୍ଣ ହେବା ପରେ ସେମାନଙ୍କୁ ସଂକ୍ରାମକ ରୋଗ ବ୍ୟାପୁଥିବା ଅଞ୍ଚଳକୁ ପଠାଇ ଦିଆଯାଏ। ସେଠାରେ ସେମାନଙ୍କୁ ଅନ୍ୟୂନ ୧ରୁ ୨ବର୍ଷ ଯାଏ କାମ କରିବାକୁ ପଡ଼ିଥାଏ। ନିଜକୁ ସୁରକ୍ଷିତ ରଖି ରୋଗୀଙ୍କ ଜୀବନ ବଞ୍ଚାଇବା ଲାଗି ଉକ୍ତ ଡାକ୍ତରମାନେ ଦିନରାତି ଏକ୍ କରି ଦିଅନ୍ତି। କେବଳ ଏତିକି ନୁହେଁ, ରୋଗୀମାନଙ୍କ ସହିତ ଅଧିକ ନିକଟତର ହେବାକୁ ଉକ୍ତ ସ୍ଥାନର ଭାଷା, ଖାଦ୍ୟପେୟ, ସଂସ୍କୃତି, ଚାଲିଚଳଣି ବିଷୟରେ ସେମାନଙ୍କୁ ଅଳ୍ପବହୁତ ଜ୍ଞାନ ଆହରଣ କରିବାକୁ ପଡ଼ିଥାଏ।

## ଭେନେଜୁଏଲା ସହାୟତାର ସୁଫଳ

କ୍ୟୁବାର ଆର୍ଥିକ ସ୍ଥିତି ଭଲ ନାହିଁ। ଦଶନ୍ଧିରୁ ଅଧିକ ସମୟ ହେଲା ଦେଶ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଆସୁଛି। ଅନ୍ୟ ଦେଶକୁ ଡାକ୍ତରୀ ଦଳ ପଠାଇବା ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଦେଶକୁ ପୁଞ୍ଜି ପ୍ରବାହ ହେଉଛି, ଯାହା କ୍ୟୁବାର ଅର୍ଥନୀତିକୁ ରସାତଳଗାମୀ ହେବାରୁ ଅନେକ ସମୟରେ ବଞ୍ଚାଇଛି। ସେହିପରି କ୍ୟୁବାର ଡାକ୍ତରୀ ସେବା ବଦଳରେ ଭେନେଜୁଏଲା ଆର୍ଥିକ ସହାୟତା ସମେତ ତୈଳ ଯୋଗାଉଛି। ଏହାଦ୍ୱାରା ଦେଶ ପରୋକ୍ଷରେ ଲାଭବାନ ହେଉଛି।

## ଆମେରିକା ଆକ୍ରୋଶର ଶିକାର

ସ୍ୱଦେଶୀ କରୋନା ଭାକ୍ସିନ ପ୍ରସ୍ତୁତ କରିବା ଲାଗି କ୍ୟୁବାର ତତ୍ପରତା, ଆମେରିକା ଏବଂ ଏହାର ମିତ୍ରରାଷ୍ଟ୍ରଙ୍କଠାରୁ ଟିକା ଖରିଦ କରିବା ଲାଗି ଆଗ୍ରହ ନ ଦେଖାଇବା ଆମେରିକା ତଣ୍ଟିରେ କଣ୍ଟା ହୋଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖଟା ହୋଇଛି। ଏହା ପଛରେ ରହିଛି ରାଜନୈତିକ କାରଣ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସାରା ପୃଥିବୀ ଦୁଇ ଭାଗରେ ବିଭକ୍ତ ହୋଇଥିଲା। ଏହି ସମୟରେ କ୍ୟୁବା ରୁଷିଆର ପକ୍ଷ ନେଇ ଆମେରିକା ଆକ୍ରୋଶର ଶିକାର ହୋଇଥିଲା। ସେବେଠାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ହୋଇନାହିଁ। ଏବେ କରୋନା ଟିକା ଉତ୍ପାଦନକୁ ନେଇ ପୁଣି ରାଜନୈତିକ ଚକ୍ରାନ୍ତର ଶିକାର ହେଉଛି କ୍ୟୁବା।

## ୧୦୦ ମିଲିୟନ ଡୋଜ୍ ଉତ୍ପାଦନ ଲକ୍ଷ୍ୟ

ଆଗାମୀ ଦିନରେ କ୍ୟୁବା ସରକାର ୧୦୦ ମିଲିଟନ ଡୋଜ୍ ଟିକା ଉତ୍ପାଦନ କରିବାକୁ ଯୋଜନା କରୁଛନ୍ତି। ଭେନେଜୁଏଲା ଏବଂ ଇରାନ ଭଳି ଦେଶ କ୍ୟୁବା ଟିକା ପାଇଁ ଆଗ୍ରହ ବ୍ୟକ୍ତ କରିସାରିଲେଣି। ଉକ୍ତ ଦୁଇଦେଶର ଟିକାର ଟ୍ରାଏଲ କାର୍ଯ୍ୟ ଜାରି ରହିଛି। ମହଙ୍ଗା ଟିକା କିଣିପାରୁ ନ ଥିବା ଗରିବ ଦେଶ ମଧ୍ୟ କ୍ୟୁବାର ମାଗଣା ଟିକା ଆଶାରେ ରହିଛନ୍ତି।

# ପ୍ରଡକ୍ସନ ହାଉସ୍ ଖୋଲିଲେ ଜମାଲ




ବିଦ୍ୟୁତ ଜମାଲ

**ନୂଆଦିଲ୍ଲୀ:** ଆକ୍ସନ ହିରୋ ବିଦ୍ୟୁତ୍ ଜମାଲ ଅଭିନେତାରୁ ପ୍ରଯୋଜକ ପାଲଟିଛନ୍ତି। ସେ ସୋମବାର ତାଙ୍କର ଏକ ନୂଆ ପ୍ରଡକ୍ସନ ହାଉସ୍ 'ଆକ୍ସନ ହିରୋ ଫିଲ୍ମସ୍' ଲଞ୍ଚ କରିଛନ୍ତି। ବଲିଉଡ୍‌ରେ ୧୦ ବର୍ଷ ସମ୍ପୂର୍ଣ୍ଣ କରିବା ଅବସରରେ ସେ ଏହି ପ୍ରଡକ୍ସନ ହାଉସ୍ ଲଞ୍ଚ ପାଇଁ ଘୋଷଣା କରିଥିଲେ। ସହ-ପ୍ରଯୋଜକ ଆବ୍ବାସ ସୟଦଙ୍କ ସହ ମିଶି 'ଆକ୍ସନ ହିରୋ ଫିଲ୍ମସ' ଖୋଲିଥିବା ବାବଦରେ ଜମାଲ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ୨୦୧୧ରେ ଫିଲ୍ମ 'ଫୋର୍ସ' ମାଧ୍ୟମରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଇଣ୍ଡଷ୍ଟ୍ରିର ମୋଷ୍ଟ ୱାଣ୍ଟେଡ୍ ଆକ୍ସନ ହିରୋଙ୍କ ମଧ୍ୟରେ ବିଦ୍ୟୁତ୍ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଫିଲ୍ମ କ୍ୟାରିଅର ବାବଦରେ ଜମାଲ କୁହନ୍ତି, ଆର୍ମୀ ପରିବାରରୁ ଆସିଥିବାରୁ ଅଭିନୟ ଜୀବନ ପାଇଁ କୌଣସି ଯୋଜନା ନ ଥିଲା। କିନ୍ତୁ ଆକ୍ସନ, ଷ୍ଟଣ୍ଟ ଭଳି କାମ ମୋର ବେଶ ପସନ୍ଦ। ଶେଷଥର ପାଇଁ ବିଦ୍ୟୁତ୍ ଜମାଲଙ୍କୁ ଡିସ୍‌ନି ପ୍ଲସ୍ ହଟ୍‌ଷ୍ଟାରରେ 'ଖୁଦା ହାଫିଜ୍'ରେ ଦେଖିବାକୁ ମିଳିଥିଲା। ଜିପ୍ଲେକ୍ସରେ ମୁକ୍ତିଲାଭ କରିବାକୁ ଥିବା ଦି ପାୱାରରେ ଜମାଲ ଅଭିନୟ କରିଛନ୍ତି। ଏହା ସହ ଫିଲ୍ମ 'ସନକ'ରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ବୌଦ୍ଧ, ଅନୁଗୋଳ, କେନ୍ଦୁଝର, ମୟୁରଭଞ୍ଜ, ଢେଙ୍କାନାଳ, କଟକ ଆଦି ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ପରିବର୍ତ୍ତନ ଆସି ନ ପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। ବୁଧବାର ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୬ ଡିଗ୍ରୀ ସେଲସିୟସ୍ ରହିପାରେ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରେକର୍ଡ କରାଯାଇଥିବା ବିଭିନ୍ନ ଅଞ୍ଚଳର ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୦ | ୨୬.୧ |
| ଚାନ୍ଦବାଲି | ୩୭.୫ | ୨୫.୫ |
| କଟକ | ୩୭.୪ | ୨୫.୪ |
| ପାରାଦୀପ | ୩୨.୧ | ୨୭.୯ |
| ଭୁବନେଶ୍ୱର | ୩୯.୭ | ୨୬.୫ |
| ଗୋପାଳପୁର | ୩୨.୪ | ୨୫.୯ |
| ପୁରୀ | ୩୩.୪ | ୨୮.୦ |
| ଅନୁଗୋଳ | ୪୧.୯ | ୨୫.୦ |
| ବାରିପଦା | ୪୦.୦ | ୨୫.୬ |
| ଝାରସୁଗୁଡ଼ା | ୪୦.୪ | ୨୪.୨ |
| କେନ୍ଦୁଝର | ୩୭.୮ | ୨୩.୦ |
| ସମ୍ବଲପୁର | ୪୧.୦ | ୨୫.୩ |
| ସୁନ୍ଦରଗଡ଼ | ୪୧.୦ | ୨୩.୦ |
| ହୀରାକୁଦ | ୩୯.୭ | ୨୪.୫ |
| ତାଳଚେର | – | ୨୫.୦ |
| ଭବାନୀପାଟଣା | ୪୦.୬ | ୨୩.୨ |
| ବଲାଙ୍ଗୀର | – | ୨୪.୫ |
| କୋରାପୁଟ | ୩୫.୬ | ୧୯.୦ |
| ଫୁଲବାଣୀ | ୪୦.୦ | – |
| ଟିଟିଲାଗଡ଼ | ୪୧.୦ | ୨୫.୮ |
| ମାଲକାନଗିରି | ୪୦.୫ | ୨୪.୦ |
| ସୋନପୁର | ୪୨.୧ | ୨୪.୫ |
| ଦାରିଙ୍ଗିବାଡ଼ି | ୩୫.୦ | ୨୦.୫ |
| ନୟାଗଡ଼ | ୪୦.୦ | ୨୩.୫ |
| ବୌଦ୍ଧ | ୪୨.୦ | ୨୫.୦ |
| ଛତ୍ରପୁର | ୩୪.୫ | ୨୬.୦ |
| ପାରଳାଖେମୁଣ୍ଡି | ୩୪.୫ | ୨୧.୫ |
| ରାୟଗଡ଼ା | ୩୪.୨ | – |

ଡିଗ୍ରୀ ସେଲ୍‌ସିୟସ୍

# ପ୍ରକୃତ ହିରୋ

**ନୂଆଦିଲ୍ଲୀ:** ଅନ୍ୟକୁ ଦେବା ପାଇଁ ହେଲେ ପାଖରେ ଧନ ନୁହେଁ ବରଂ ମନଟିଏ ଲୋଡ଼ା। ଆଜିର ସମୟରେ ବି ଏ କଥାକୁ ପ୍ରମାଣ କରିବା ପାଇଁ ଅନେକ ଉଦାହରଣ ରହିଛି। ଠିକ୍ ଏମିତି ଜଣେ ବ୍ୟକ୍ତିଙ୍କ କାହାଣୀ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜଣେ ପରିବା ବିକାଳିଙ୍କ ପୁଅ ହୋଇ ନିଜର ମାସିକ ଦରମାକୁ କରୋନା ରୋଗୀଙ୍କ ନିମନ୍ତେ ଖର୍ଚ୍ଚ କରିବାକୁ ବି ପ୍ରସ୍ତୁତ ହୋଇଛନ୍ତି। ସେ ତାଙ୍କର ଏକ ବାର୍ତ୍ତାରେ କହିଛନ୍ତି କି ଯଦି କୌଣସି ସ୍ଥାନରେ କେହି ଗରିବ ଶ୍ରେଣୀର କରୋନା ରୋଗୀ ଡାକ୍ତରଖାନାରେ ଭେଣ୍ଟିଲେଟର ଏବଂ ମେଡିସିନ୍ ଖର୍ଚ୍ଚ ଦେବାକୁ ସମର୍ଥ ହେଉ ନ ଥାନ୍ତି ତେବେ ତାଙ୍କ ସହିତ ଯୋଗାଯୋଗ କଲେ ସେ ତାଙ୍କ ଦରମା ଦାନ କରି ଜୀବନ ରକ୍ଷା କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ତେଣୁ ଏଭଳି ଗରିବ ଲୋକଙ୍କ ସମ୍ପର୍କରେ ଖବର ଦେବାକୁ ସେ ଅନୁରୋଧ କରିଛନ୍ତି। ତାଙ୍କର ଏପରି କାମକୁ ବେଶ୍ ପ୍ରଶଂସା ମିଳୁଛି।



# ଡ୍ୟୁଟି କରୁଛନ୍ତି ଗର୍ଭବତୀ ଅଫିସର



**ରାୟପୁର:** ନିଜ କର୍ତ୍ତବ୍ୟ ପାଳନକୁ ପ୍ରାଥମିକତା ଦେଇ ଢେର ପ୍ରଶଂସିତ ହୋଇଛନ୍ତି ଛତିଶଗଡ଼ ଦାନ୍ତେୱାଡାର ବସ୍ତର ଡିଭିଜନର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶିଳ୍ପା ସାହୁ। ଗର୍ଭବତୀ ଥିବା ସମୟରେ ବି କରୋନାରୁ ସୁରକ୍ଷିତ ରହିବା ପାଇଁ ସେ ଖରା ତରାରେ ବୁଲି ଲୋକଙ୍କୁ ସଚେତନ କରାଉଛନ୍ତି। ଶିଳ୍ପାଙ୍କର ଏଭଳି କର୍ତ୍ତବ୍ୟପରାୟଣତାକୁ ଏବେ ଚାରିଆଡୁ ପ୍ରଶଂସା ମିଳିପାରିଛି। ଦାନ୍ତେୱାଡା ଭଳି ମାଓ ଅଞ୍ଚଳରେ ପୋଷ୍ଟିଂ ହୋଇ ବି ଶିଳ୍ପା ଆଦୌ ଭୟଭୀତ ହୋଇ ନାହାନ୍ତି କିମ୍ବା ନିଜର ଏପରି ଅବସ୍ଥାରେ ବି କର୍ତ୍ତବ୍ୟରେ ଆଦୌ ଅବହେଳା କରିନାହାନ୍ତି। ରାସ୍ତା ମଝିରେ ସେ କାମ କରୁଥିବାବେଳର ଏକ ଭିଜୁଆଲ ଏବେ ସୋସିଆଲ ମିଡିଆରେ ମଧ୍ୟ ଶେୟାର ହୋଇଛି। ଭିଡିଓରେ ସେ ଏକ ଲାଠି ଧରି ଲୋକଙ୍କୁ ଟ୍ରାଫିକ ପୋଷ୍ଟ ନିକଟରେ କୋଭିଡ ଗାଇଡଲାଇନ୍ ମାନିବା ନିମନ୍ତେ ପରାମର୍ଶ ଦେଉଛନ୍ତି। କୋଭିଡ୍ ଯୋଦ୍ଧାମାନେ ଅନେକ ସମୟରେ ନିଜ ଜୀବନକୁ ବିପନ୍ନ କରି ଲୋକଙ୍କୁ ସାହାଯ୍ୟ କରୁଛନ୍ତି ବୋଲି ଶିଳ୍ପାଙ୍କ କାମକୁ ଦେଖିଲେ ଯେ କେହି ବି ଏକଥା କହିବ।

ଜନ୍ମଦିନ ଶୁଭେଚ୍ଛା



ସାଇକ୍ରୀଷ୍ଣା ଦାସ (କାହ୍ନା)
ଗ୍ରାମ: ଭଁରାଜ, ପୋଷ୍ଟ: ମାହାଙ୍ଗା, ଜିଲ୍ଲା: କଟକ
ପ୍ରଭୁ ସୀତାରାମଙ୍କ କୃପାରୁ ଏତିକି କାମନା ତୋର ଚଲାପଥ କୁସୁମିତ ରଖନ୍ତୁ।
-:ଶୁଭେଚ୍ଛା ସହ:-
ମାତା ଓ ପିତା: କଳ୍ପନା-ପ୍ରମୋଦ, ଜେଜେମାଆ: ବେଙ୍ଗ, ଜେଜେ ଓ ମାଆ: ଶ୍ୟାମ, ଆଇନା, ଦାମ, ରୁନା, ଝୁନା, ଦିଲ୍ଲୀପ, ମାମୁ: ମୁନା, ଚନ୍ଦନ, ଅର୍ଚ୍ଚନା, ଅଜା- ଆଇ: ଜଟିଆ, ମାତା ଓ ସେଠୀ ପରିବାରବର୍ଗ ।
ଧ-୨୦୫୪୭

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳୀ



୰ସୁବାଷ ଚନ୍ଦ୍ର ପ୍ରଧାନ
ଗଜପତି ନଗର, ଭୁବନେଶ୍ୱର
ଆବିର୍ଭାବ - ୧୫.୩.୧୯୫୬
ତିରୋଧାନ - ୧୧.୪.୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂର୍ଣ୍ଣ ପ୍ରାର୍ଥନା । ଆପଣଙ୍କ ଆଦର୍ଶ ଆମମାନଙ୍କର ପାଥେୟ ହୋଇ ରହିଥାଉ।
ଶୋକସନ୍ତପ୍ତ - ବୋଉ, ପତ୍ନୀ, ପୁଅ-ବୋହୂ- ନାତି, ଝିଅ-ଜ୍ୱାଇଁ ଏବଂ ବନ୍ଧୁ ଓ ପରିବାର ବର୍ଗ।
ଧ-୨୦୫୬୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶାନ୍ତିଲତା ଜେନା
ସ୍ୱାମୀ: ପିତବାସ ଜେନା
ଏଲ୍‌ଆଇଜି-୩୬, ଫେଜ୍-୪, ଦୁମୁଦୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୧୩.୦୬.୧୯୪୯
ତିରୋଧାନ: ୧୯.୦୪.୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପୁଅ- ଡଃ. ପରେଶ ଜେନା, ପ୍ରଭାସ ଜେନା, ଝିଅ- ରୋଜି ସାମନ୍ତରାୟ, ଜ୍ୱାଇଁ- ପ୍ରଦୀପ ସାମନ୍ତରାୟ, ବୋହୂ- ସୁଜାତା ସ୍ୱାଇଁ, ଜୁଲି ଜେନା, ନାତି ଓ ନାତୁଣୀ
ଧ-୨୦୫୬୪

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ରାଉତ
ଭାରତୀୟ ଷ୍ଟେଟ ବ୍ୟାଙ୍କ (ଅବସରପ୍ରାପ୍ତ)
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର
ଆବିର୍ଭାବ: ୦୪।୦୧।୧୯୫୨
ତିରୋଧାନ: ୦୨।୦୪।୨୦୨୦ (ଶ୍ରୀରାମ ନବମୀ)
କକା, ଏତେ ଜଲ୍‌ଦି ତୁମ ପାଇଁ ଏମିତି ଲେଖିବାକୁ ପଡ଼ିବ କେବେ ଭାବି ନ ଥିଲୁ। ସବୁବେଳେ 'ଶ୍ରୀରାମ' କହିକହି ଶ୍ରୀରାମ ନବମୀରେ ଆମକୁ ଲୁହର ସାଗରରେ ଭସାଇ ଦେଇ ଚିରନିଦ୍ରାରେ ଚାଲିଗଲ। ଲୁହଭିଜା ଆଖିରେ ଆଜିର ଏହି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ବନ୍ଧୁ ଏବଂ ପରିବାରବର୍ଗ ।
ଧ-୨୦୫୬୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଚୌଧୁରୀ ରାଜକିଶୋର ଦାଶ
ପିତା: ଚୌଧୁରୀ ଯଦୁମଣି ଦାଶ
୮୦୨, ମହାବୀର ନଗର, ଝାରପଡ଼ା, ଭୁବନେଶ୍ୱର
ତିରୋଧାନ: ୧୬.୪.୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
:: ଶୋକସନ୍ତପ୍ତ ::
ପୁତ୍ର: ଲଲାଟେନ୍ଦୁ, ବିଶ୍ୱଜିତ, ଜ୍ୱାଇଁ: ଡକ୍ଟର ବିଜୟ ଦେବଶ୍ରୀ, ଅମିତା, ସଙ୍ଘମିତ୍ରା, ସୁଶ୍ରୀ ଏବଂ ଅମୀୟ ରତ୍ନପର୍ଣ୍ଣା, ବିଭାବସୁ, ସେବା, ଶ୍ରୀପର୍ଣ୍ଣା ପରିବାର ଏବଂ ବନ୍ଧୁବର୍ଗ
MY OPTICS
RETAIL CHAIN OPTICAL STORES
Bhubaneswar
ଧ-୨୦୫୬୫

# ମସ୍‌ଜିଦ୍‌ରେ କୋଭିଡ୍ ସେଣ୍ଟର

**ଅହମଦାବାଦ:** ଗୁଜରାଟରେ କରୋନା ସଂକ୍ରମଣ ବେଲଗାମ ହେବାରେ ଲାଗିଛି। ଦିନକୁ ଦିନ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ହସ୍ପିଟାଲରେ ଆଉ ବେଡ୍ ଖାଲି ନାହିଁ। ଏହାକୁ ଦୃଷ୍ଟିରେ ରଖି ବଡ଼ୋଦରାର ଜାହାଙ୍ଗୀରପୁରା ଠାରେ ଥିବା ଏକ ମସଜିଦ୍‌ରେ କୋଭିଡ ସେଣ୍ଟର କରାଯାଇଛି। ସେଠାରେ ୫୦ରୁ ଅଧିକ ବେଡ୍‌ରେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଛି। ମହାମାରୀ ସଙ୍କଟ ସମୟରେ ମେଡିକାଲ ବେଡ୍ ଅଭାବ ପୂରଣ କରିବା ଲାଗି ଏଭଳି କରାଯାଇଥିବା ମସଜିଦ୍ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

Pratichi
ଏକ ପ୍ରଗତିଶୀଳ ଦୁଗ୍ଧ କାରଖାନା ପାଇଁ ଓଡ଼ିଶାର ପ୍ରତି ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ଯୋଗାଯୋଗ : ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲିଃ., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ
ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

Indus Digilat Tower
ପ୍ରଥମ ଥର ଓଡିଶାରେ ଏମିତି ଅଫର୍ ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 30,000,00/- ପାଆନ୍ତୁ ଓ ମାସକୁ ଭଡା 18,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
R-102, Cyber Building, Bangalore , Karnataka-400021.
6396901850
7505488038

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
BALAJI FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

ଖର୍ଚ୍ଚ ଋଣରୁ କଟିବ
KUBER FINANCE
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
T&C
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ବାଇଗଣରେ ରୋଗ ପୋକ ଦମନ

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ମଲ୍ଲୀଫୁଲ ଚାଷ କରୁଥିଲେ...



ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମୀଗୁଡ଼ିକୁ ପୋତିଦେଲେ ଦୁଇତିନିମାସ ମଧ୍ୟରେ ଚେର ହୋଇଯାଏ। ଅଧିକ ତଥା- ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି ଲମ୍ବ, ୬୦ସେ.ମି ଓସାର ଏବଂ ୬୦ସେ.ମି ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା ରୁ ୧୦କି.ଗ୍ରା ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ।

# ମାଟିର ଖରାଟିଆ ଚାଷ



ପ୍ର. ସୁବୋଧ କୁମାର ସାହୁ



ବୈଶାଖ ମାସ ଆରମ୍ଭରୁ ଖରାର ପ୍ରକୋପ କ୍ରମଶଃ ଜଣାପଡ଼େ। ବାୟୁମଣ୍ଡଳର ଉତ୍ତାପ ବଢ଼ିଚାଲେ। ସର୍ବତ୍ର ଜଳକଷ୍ଟ ଅନୁଭବ ହୁଏ। ଜ୍ୟେଷ୍ଠ ମାସ ଶେଷ ପର୍ଯ୍ୟନ୍ତ ଏହାର ପ୍ରଭାବ ଅନୁଭବ ହୋଇଥାଏ। କିନ୍ତୁ ଚାଷୀ ଏହାକୁ ଭ୍ରୂକ୍ଷେପ ନ କରି ତାହାର ଦୈନନ୍ଦିନ କାମରେ ବ୍ୟସ୍ତ ରହେ। ଅକ୍ଷୟତୃତୀୟା ଦିନ ସେ ଚାଷ କାମର ଶୁଭ ଆରମ୍ଭ କରେ। ସେହିଦିନ ଅକ୍ଷିମୁଠି ଧରି କ୍ଷେତକୁ ଯାଏ। ମାଟି ମା'କୁ ଆରାଧନା କରି ଜମି ଚଷେ। ଗ୍ରୀଷ୍ମ ଋତୁରେ ଜମି ହଳ କରି ମାଟିକୁ ଚାଷୋପଯୋଗୀ କରିବା ଖରାଟିଆ ଚାଷର ମୂଳ ଉଦ୍ଦେଶ୍ୟ।

ମାଟିରେ କେବଳ ମଞ୍ଜିଟିଏ ବୁଣିଦେଲେ ଗଛ ହୁଏ ନାହିଁ। ଅନୁକୂଳ ପାରିପାର୍ଶ୍ୱିକ ଅବସ୍ଥାରେ ମଞ୍ଜି ଗଜା ହୁଏ। ଗଜା ହେବା ପାଇଁ ମାଟିରେ କେତେକ ଉପାଦାନ ଉପଯୁକ୍ତ ଅନୁପାତରେ ରହିବା ଉଚିତ। ଏହି ଉପାଦାନଗୁଡ଼ିକ ମଧ୍ୟରୁ ଖଣିଜ ଲବଣ, ବାୟୁ, ଜଳ, ଉତ୍ତାପ, ମାଟିର ବୟନ ଏବଂ ସାଜସଜ୍ଜା ଆଦି ମୁଖ୍ୟ। ମଞ୍ଜି ବୁଣାଠାରୁ ଗଜା ହୋଇ ଗଛରେ ଫଳ ଧରିବା ପର୍ଯ୍ୟନ୍ତ ଉକ୍ତ ଉପାଦାନଗୁଡ଼ିକ ସାହାଯ୍ୟ କରିଥାନ୍ତି। ଖରାଟିଆ ଚାଷ ଉକ୍ତ ଉପାଦାନଗୁଡ଼ିକ ସହ ଓତପ୍ରୋତ ଭାବେ ଜଡ଼ିତ।

ମାଟିକୁ ନିରୀକ୍ଷଣ କଲେ ଆମେ କିଛି ନିଦା ବସ୍ତୁ ଏବଂ ଅନେକ ରନ୍ଧ୍ର ଦେଖୁ। ଏହି ନିଦା ବସ୍ତୁ ମଧ୍ୟରେ ଶତକଡ଼ା ୪୫ ଭାଗ ଅଜୈବ ପଦାର୍ଥ ଏବଂ ୫ ଭାଗ ଜୈବ ଅଙ୍ଗାର ଥାଏ। ରନ୍ଧ୍ରଗୁଡ଼ିକ ମଧ୍ୟରୁ କେତେକ ବୃହତ୍ ଏବଂ କିଛି ସୂକ୍ଷ୍ମରନ୍ଧ୍ର ଥାଏ। ଉକ୍ତ ରନ୍ଧ୍ର ମଧ୍ୟ ଦେଇ ଉଭୟେ ବାୟୁ ଏବଂ ଜଳ ଚଳାଚଳ କରିଥାନ୍ତି। ରନ୍ଧ୍ରରେ ବାୟୁର ପରିମାଣ ବଢ଼ିଲେ ଜଳର ପରିମାଣ କମେ ଏବଂ ବିପରୀତ ମଧ୍ୟ ହୋଇପାରେ। ଅଜୈବ ପଦାର୍ଥ ମଧ୍ୟରେ ବାଲି, କର୍ଦ୍ଦମ ଏବଂ ପଟୁ ମୁଖ୍ୟ। ଉକ୍ତ ତିନିଗୋଟି ଅଜୈବ ପଦାର୍ଥ ମାଟିରେ ବିଭିନ୍ନ ଅନୁପାତରେ ରହି ମାଟିର ବୟନ ନିର୍ଣ୍ଣୟ କରନ୍ତି। ମୁଖ୍ୟ ବୟନ ମଧ୍ୟରୁ ବାଲିଆ, ବାଲିଆ ଦୋରସା, ଦୋରସା, କାଦୁଆ, କାଦୁଆ ଦୋରସା ଆଦି ମୁଖ୍ୟ।

ମାଟି ଫସଲ ପାଇଁ ଖାଦ୍ୟ, ଜଳ ଏବଂ ବାୟୁ ଆଦିର ଗନ୍ତାଘର। ଫସଲର ୧୭ ପ୍ରକାର ଖାଦ୍ୟ ଉପାଦାନ ମାଟିରୁ ମିଳେ। ଖରାଟିଆ ଜମି ଚାଷ ପରେ ମାଟିରେ ଥିବା ଖାଦ୍ୟଉପାଦାନ କ୍ଷୁଦ୍ର ଅଣୁରେ ବିଭାଜିତ ହୋଇ ଫସଲକୁ ଗ୍ରହଣଯୋଗ୍ୟ ହୁଏ। ଖରାଦିନେ ମାଟିର ଉତ୍ତାପ ବଢ଼ିଲେ ଖଣିଜ ଲବଣର ବିଭାଜନ ଅଧିକ ହୁଏ। ମାଟିରେ ଆବଶ୍ୟକ ଅନୁପାତରେ ଜଳ ରହିଲେ ଖଣିଜ ଲବଣ ଦ୍ରବୀଭୂତ ହୋଇ ଚେର ଦ୍ୱାରା ଗ୍ରହଣଯୋଗ୍ୟ ହୁଏ।

ଖରିଫ୍ ଏବଂ ରବି ଋତୁ ଫସଲ ଅମଳ ପରେ ଜମିର ମାଟି ଟାଣ ହୁଏ। ମୁଖ୍ୟତଃ ଧାନ ପରେ ଧାନ ଚାଷ କଲେ ଜମିର ମାଟି ଅଧିକ ଟାଣ ହୁଏ। ରାସାୟନିକ ସାର ପ୍ରୟୋଗ ଦ୍ୱାରା ଉପର ମାଟି ଅଧିକ ଟାଣ ହୁଏ। ଜମି କାଦୁଅ ବେଳେ ସୂକ୍ଷ୍ମ କର୍ଦ୍ଦମ ଏବଂ ପଟୁ ପାଣିରେ ମଣ୍ଡ ପ୍ରସ୍ତୁତ କରି ଓଜନିଆ ବାଲିଠାରୁ ଦୂରରେ ରହନ୍ତି। କର୍ଦ୍ଦମ ଏବଂ ପଟୁ ମାଟିରେ ଏକ ତରଳ ନରମ ସ୍ତର ସୃଷ୍ଟି କରନ୍ତି। ମାଟି ଶୁଖିଗଲେ ନରମ ସ୍ତରଟି ଟାଣ ହୋଇଯାଏ। ମାଟି ଟାଣ ହେଲେ ଏଥିରେ ଥିବା ସୂକ୍ଷ୍ମ ଏବଂ ବୃହତ୍ ରନ୍ଧ୍ରଗୁଡ଼ିକ ବନ୍ଦ ହୋଇଯାଆନ୍ତି। ଏହାଦ୍ୱାରା ବାୟୁ ଏବଂ ଜଳ ଚଳାଚଳରେ ବାଧା ଘଟେ। ଏହାଦ୍ୱାରା ମାଟି ଅଣନିଃଶ୍ୱାସୀ ହୁଏ। ମାଟିରେ ଥିବା ଫସଲର ଚେର ଏବଂ ଉପକାରୀ ଜୀବାଣୁଙ୍କର ଶ୍ୱାସକ୍ରିୟାରେ ବାଧା ଘଟେ। ମାଟିରେ ଅମ୍ଳଜାନ ବ୍ୟତୀତ ଅନ୍ୟାନ୍ୟ ଗ୍ୟାସ୍ ଯଥା ଅଙ୍ଗାରକାମ୍ଳ, ମିଥେନ୍, ଆମୋନିଆ ଆଦି ବିଭିନ୍ନ ଅନୁପାତରେ ରନ୍ଧ୍ରଗୁଡ଼ିକରେ ଥାଆନ୍ତି। ମଞ୍ଜି ଗଜା ହେବା ଏବଂ ଚାରା ଗଛର ଶ୍ୱାସକ୍ରିୟା ପାଇଁ ଅମ୍ଳଜାନର ଆବଶ୍ୟକତା ବହୁତ। ମାଟିର ରନ୍ଧ୍ରରେ ଅମ୍ଳଜାନ ପରିମାଣ ଶତକଡ଼ା ୧୦ ଭାଗରୁ କମ୍ ରହିଲେ ଫସଲର ଶ୍ୱାସ ରୁଦ୍ଧ ହୁଏ। ସେହିପରି ଅଙ୍ଗାରକାମ୍ଳଜାନ ପରିମାଣ ୦.୩୦ ଭାଗରୁ ଅଧିକ ହେଲେ ଏବଂ ମିଥେନ୍ ଏବଂ ଆମୋନିଆ ଗ୍ୟାସ ବଢ଼ିଲେ ମାଟି ବିଷାକ୍ତ ହୋଇ ଫସଲର କ୍ଷତି କରେ। ମାଟିରେ ନିଷ୍କ୍ରିୟ ଯବକ୍ଷାରଜାନ ଗ୍ୟାସର ଭାଗ କମିଲେ ଯବକ୍ଷାରଜାନ ବିବନ୍ଧନ ଜୀବାଣୁ ଯଥା ରାଇଜୋବିୟମ, ଆଜୋସ୍ପିରିଲିୟମ ଏବଂ ଆଜୋଟବାକ୍ଟୋର ସଂଖ୍ୟା ହ୍ରାସ ହୁଏ। ଟାଣ ମାଟି ଏବଂ ଠିଆ ପାଣି ଜମିରେ ଉଭୟ ଅମ୍ଳଜାନ ଏବଂ ନିଷ୍କ୍ରିୟ ଯବକ୍ଷାରଜାନ ବାଷ୍ପର ଅଭାବ ରହି ବିଷାକ୍ତ ଅଙ୍ଗାରକାମ୍ଳ ଏବଂ ଆମୋନିଆ ବାଷ୍ପ ପରିମାଣ ବଢ଼େ। ଖରାଟିଆ ଚାଷ ପରେ ମାଟିର ରନ୍ଧ୍ରଗୁଡ଼ିକ ଖୋଲାରହି ଆବଶ୍ୟକ ଅନୁପାତର ଉପକାରୀ ବାୟୁକୁ ଧରି ରଖି ବିଷାକ୍ତ ବାୟୁକୁ ଦୂର କରେ।

ଖରାଟିଆ ଚାଷ ମାଟିକୁ ସଂରକ୍ଷଣ କରେ। ବର୍ଷା ଋତୁରେ ବର୍ଷାଜଳ ଟାଣ ମାଟି ଉପରେ ପ୍ରଖର ବେଗରେ ବହିଯାଇ ଉପର ସ୍ତରର ଉର୍ବର ମାଟିକୁ ସ୍ଥାନାନ୍ତରିତ କରେ। କିନ୍ତୁ ଖରାଦିନେ ଜମି ଚାଷ ହୋଇଥିଲେ ବର୍ଷାଜଳ, ମାଟି ଉପରେ ବହି ନ ଯାଇ ମାଟିର ରନ୍ଧ୍ର ମଧ୍ୟ ଦେଇ ଭୂଗର୍ଭକୁ ନିମ୍ନ ଗତିରେ ବହିଯାଏ। ଏହାଦ୍ୱାରା ମାଟି ସଂରକ୍ଷିତ ହୁଏ। ଅନ୍ୟତ୍ର ଭୂଗର୍ଭସ୍ଥ ଜଳ ବାଷ୍ପୀକରଣ ପ୍ରକ୍ରିୟାରେ ଉପରକୁ ଆସି ପାରେ ନାହିଁ। କାରଣ ଚାଷ ଦ୍ୱାରା ରନ୍ଧ୍ର ରନ୍ଧ୍ର ମଧ୍ୟରେ ସଂଯୋଗର ବ୍ୟବଧାନ ବଢ଼ିଯାଏ। ବିଶେଷତଃ ଲୁଣା ଜମିର ଭୂଗର୍ଭରେ ଥିବା ଲୁଣା ପାଣି ଉପର ସ୍ତରକୁ ଆସି ପାରେ ନାହିଁ। ଏହାଦ୍ୱାରା ମାଟିର ଲୁଣା ଅଂଶ କମେ।

ମାଟିରେ ଥିବା ବାଲି, କର୍ଦ୍ଦମ ଏବଂ ପଟୁ ସେମାନଙ୍କର ଓଜନ ନେଇ ସଜ୍ଜିତ ହୋଇ ରହନ୍ତି। ମାଟିରେ ଥିବା ଜୈବିକ ଅଙ୍ଗାର ଏବଂ ଜୈବ ପଦାର୍ଥରୁ ବାହାରୁଥିବା କେତେକ ଶର୍କରା ଜାତୀୟ ପଦାର୍ଥ ଏବଂ ଜୈବ ଅମ୍ଳ ମାଟିର ସାଜସଜ୍ଜାରେ ସାହାଯ୍ୟ କରେ। ଖରାଟିଆ ଜମି ଚାଷ ଦ୍ୱାରା ମାଟିର ସାଜସଜ୍ଜାର ଉନ୍ନତି ଘଟେ। ମୁଖ୍ୟତଃ କଠିନ କାଦୁଆ ମାଟିର ଢେଲାମାନ ଭାଙ୍ଗି ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହୁଏ। ଏହାଦ୍ୱାରା ବାୟୁ ଚଳାଚଳରେ ମୁକ୍ତ ପରିବେଶ ସୃଷ୍ଟି ହୁଏ। ମଞ୍ଜି ଗଜା ପରେ ଏହାର କୋମଳ ଚେର ଉତ୍ତମ ସାଜସଜ୍ଜା ମାଟିରେ ଅକ୍ଷତ ଭାବେ ବଢ଼େ। ଚାଷ ହୋଇ ପାରି ନ ଥିବା ଜମିର ମାଟି ଟାଣ ହୋଇଥିବାରୁ ଗ୍ରୀଷ୍ମ ଉତ୍ତାପକୁ ଧରି ରଖି ଅଧିକ ଉତ୍ତପ୍ତ ହୁଏ। ମାଟିର ଉତ୍ତାପ ବଢ଼ିଲେ ଭୂପୃଷ୍ଠର ଜୈବ ଅଂଶ ପୋଡ଼ି ନଷ୍ଟ ହୁଏ ଏବଂ ଅନେକ ଉପକାରୀ ଜୀବାଣୁଙ୍କର ବଂଶ ବୃଦ୍ଧିରେ ବାଧା ଘଟେ। (କ୍ରମଶଃ)





-ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

# ଅଳ୍ପରେ..

- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡି ଓ ଉଙ୍ଗର ରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରି ଜଳସେଚନ କରନ୍ତୁ।
- ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭ୍ୟାକ୍ସିନ୍ ଓ ଛେଳିଙ୍କ ପିପିଆର ରୋଗ ଲାଗି ପିପିଆର ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡାଙ୍କର ନାଲି ଝାଡା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।
- କୁକୁଡାଙ୍କ ଘୁମା ରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।
- ବନରାଜ ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକ ଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।

# କପାରେ କୋଡ଼ାଖୁସା



କପା ଗଛ ଉଠିବାର ୬ ସପ୍ତାହ ହୋଇଥିଲେ କୋଡାଖୁସା କରି ହୁଡା ଟେକି ଦିଅନ୍ତୁ। ଏହାଦ୍ୱାରା ଗଛ ସିଧା ରହିବ ଓ ମୂଳରେ ପାଣିରେ ଜମିବ ନାହିଁ ଓ ଘାସ ମଧ୍ୟ ଅଧିକ ରହିବ ନାହିଁ। କୋଡାଖୁସା ସାରି ଉନ୍ନତ କିସମରେ ଏକର ପ୍ରତି ୧୬କି.ଗ୍ରା ଯବକ୍ଷାରଜାନ ଏବଂ ହାଇବ୍ରିଡ୍ କିସମରେ ଏକର ପ୍ରତି ୨୪କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଗଛ ୪୫ଦିନର ହୋଇ ଯାଇଥିଲେ ସାଢ଼େ ଚାରିଲିଟର ପାଣିରେ ୧ମିଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ। ଜଉ ପୋକ ପତ୍ର ଡିଆଁ ପୋକ ଭଳି ଶୋଷକ ପୋକ ତଥା ଘୋଡା ପୋକ, ପତ୍ରମୋଡ଼ା ପୋକ ଏବଂ ସଂବାଲୁଆ ପୋକର ଆକ୍ରମଣ ଏହି ସମୟରେ ଫସଲର ବିଶେଷ କ୍ଷତି କରିପାରନ୍ତି ନାହିଁ। ପତ୍ରପ୍ରତି ଦୁଇଟି ପୂର୍ଣ୍ଣାଙ୍ଗ ପତ୍ରଡିଆଁ ପୋକ ବା ୫୦ଟି ପତ୍ରରେ ୫୦-୧୦୦ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ମିଲି ମିଥାଇଲ୍ ଅକ୍ସି ଡେମିଟନ ମିଶାଇ ସକାଳ ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ।

# ଅଣଧାନ ଫସଲ ସମ୍ପର୍କରେ...

ଧାନ ବଦଳରେ ଅଣଧାନ ଫସଲ ଯଥା ମକା-ବରଗୁଡି, ହରଡ,ବିରି, ମାଣ୍ଡିଆ,ଚିନାବାଦାମ,ଜଡା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢ଼ିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡି ସହି ପାରୁଥିବା ଧାନ କିସମ ଯଥା- ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।



# ରଜନୀଗନ୍ଧାର ଉନ୍ନତ କିସମ

ରଜନୀଗନ୍ଧା ଏବେଠାରୁ ମେ ମାସ ପର୍ଯ୍ୟନ୍ତ ଲଗାଯାଏ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର,ସିଙ୍ଗଲ ଓ ସୁହାସିନି (ଡବଲ)ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା ଯବକ୍ଷାରଜାନ,୮୦କିଗ୍ରା ଫସଫରସ ଓ ୮୦କି.ଗ୍ରା ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡିକୁ ୨.୫ସେ.ମି ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କେ.ଜି ନିମ୍ବପିଡିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦିଅନ୍ତୁ। ଧାଡିକୁ ଧାଡି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।



# କୁକୁଡ଼ା-ବତକ ପାଳନ

କୁକୁଡ଼ା ଓ ବତକଙ୍କ କକ୍‌ସିଡ଼ିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ପାଇଁ କକ୍‌ସିଡ଼ିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ। ପ୍ରବଳ ଖରାତାପରୁ କୁକୁଡ଼ାଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ା ଘରର ଟିଣଛାତ କିମ୍ବା ଆଜବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣି କରନ୍ତୁ। ମାଟି ହାଣ୍ଡିରେ ପାଣି ରଖି ଥଣ୍ଡା ପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ। ଅଧିକ ଗରମ ବେଳେ ଦିନ ୧୨ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ। ଦୁଇମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ସକାଶେ ପ୍ରାଣୀଚିକିତ୍ସକଙ୍କ ସହାୟତାରେ ନିଶ୍ଚିତ ଆର୍.ଟୁ.ବି. ଟିକା ଦିଅନ୍ତୁ।

# ମୁମ୍ବାଇକୁ ହରାଇଲା ଦିଲ୍ଲୀ

ଚେନ୍ନାଇ, ୨୦।୪

ଚେପକ୍‌ର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମ୍ୟାଚରେ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ଏଥିସହ ୨୦୨୦ ସଂସ୍କରଣ ଫାଇନାଲର ମଧୁର ପ୍ରତିଶୋଧ ନେଇଛି ଦିଲ୍ଲୀ। ଅମିତ ମିଶ୍ରଙ୍କ ପ୍ରଭାବୀ ବୋଲିଂକୁ ମୁକାବିଲା କରିପାରି ନ ଥିବା ମୁମ୍ବାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନ କରିଥିଲା। ଜବାବରେ ଦିଲ୍ଲୀ ୧୯.୧ ଓଭରରେ ୪ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରି ନେଇଥିଲା। ଏଥର ମଧ୍ୟ ଦିଲ୍ଲୀର ଟପ୍ ସ୍କୋରର ହୋଇଥିଲେ ଅଭିଜ୍ଞ ଶିଖର ଧାୱନ। ସେ ୪୨ ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୪୫ ରନ କରିଥିଲେ। ଷ୍ଟିଭ୍ ସ୍ମିଥ ୨୯ ବଲ୍‌ରୁ ୩୩(୪ ଚୌକା), ଲଳିତ ଯାଦବ ୨୫ ବଲ୍‌ରୁ ୨୨ ଏବଂ ଶିମରନ ହେଟମେର ୯ ବଲ୍‌ରୁ ଉପଯୋଗୀ ୧୪ ରନର ଇନିଂସ ଖେଳି ଦିଲ୍ଲୀକୁ ବିଜୟୀ କରାଇଥିଲେ। ମୁମ୍ବାଇ ପକ୍ଷରୁ ଜୟନ୍ତ ଯାଦବ, ଯଶପ୍ରୀତ୍ ବୁମରା, ରାହୁଲ ଚହର ଓ କିରନ ପୋଲାର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୪ ମ୍ୟାଚରୁ ୩ୟ ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ୪ ମ୍ୟାଚରୁ ମୁମ୍ବାଇର ଏହାଥିଲା ଦ୍ୱିତୀୟ ପରାଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ମୁମ୍ବାଇକୁ ଫାଇଦାରେ ରଖିପାରି ନ ଥିଲା। ଗୋଟିଏ ପଟରେ ଅଧିନାୟକ ରୋହିତ ଶର୍ମା ଭଲ ଆରମ୍ଭ କରିଥିଲେ ହେଁ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ନ ପାରିବା ମୁମ୍ବାଇ ପାଇଁ ମହଙ୍ଗା ପଡ଼ିଥିଲା। ତୃତୀୟ ଓଭରରେ ଓପନର କ୍ୱିଣ୍ଟନ ଡି'କକ୍(୧)ଙ୍କ ଉଇକେଟ ହରାଇ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ରୋହିତ ଓ ସୂର୍ଯ୍ୟକୁମାର ଯାଦବ ସତର୍କତାର ସହ ବ୍ୟାଟିଂ କରି ଦଳକୁ ଏକ ବଡ଼ ସ୍କୋରରେ ପହଞ୍ଚାଇବାର ସମ୍ଭାବନା ସୃଷ୍ଟି କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ପରେ ମୁମ୍ବାଇ ଇନିଂସ ଭୁଶୁଡ଼ି ପଡ଼ିଥିଲା। ଏକଦା ୧ ଉଇକେଟ ହରାଇ ୬୭ ରନ କରିଥିବା ମୁମ୍ବାଇ ପରବର୍ତ୍ତୀ ୧୭ ରନ ମଧ୍ୟରେ ୫ ଉଇକେଟ ହରାଇବାରୁ ୧୧.୫ ଓଭର ବେଳକୁ ସ୍କୋର ୮୪/୬ ହୋଇଯାଇଥିଲା। ସୂର୍ଯ୍ୟକୁମାର ୧୫ ବଲ୍‌ରୁ ୨୪(୪ ଚୌକା) ରନ କରି ଆଉଟ ହେବା ପରେ ଅମିତ ମିଶ୍ରଙ୍କ ଅଫ୍‌ଷ୍ଟମ୍ପ ବାହାରର ଲେଗ୍‌ବ୍ରେକ୍‌କୁ ରୋହିତ ଲଙ୍ଗ୍‌ଅନ୍ ଉପରେ ଖେଳିବା ଚକ୍କରରେ ଷ୍ଟିଭ୍ ସ୍ମିଥ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୩୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୩ଟି ଲେଖାଏ ଚୌକା ଓ ଛକା ସହାୟତାରେ ୪୪ ରନ କରିଥିଲେ। ଏହାପରେ ହାର୍ଦ୍ଦିକ ପାଣ୍ଡ୍ୟା(୦) ଓ କିରନ ପୋଲାର୍ଡ(୨)ଙ୍କୁ ପ୍ୟାଭିଲିୟନ ପଠାଇ ମୁମ୍ବାଇର ବଡ଼ ସ୍କୋର ଆଶାରେ ପାଣି ଭରିଥିଲେ ଅମିତ। ଇଶାନ କିଶନ ୨୬(୨୮ ବଲ, ୧ ଚୌକା, ୧ ଛକା) ଓ ଜୟନ୍ତ ଯାଦବ ୨୩(୨୨ ବଲ, ୨ ଚୌକା) ରନ କରିବାରୁ ମୁମ୍ବାଇ ସ୍କୋର ସମ୍ମାନଜନକ ସ୍ଥିତିରେ ପହଞ୍ଚି ପାରିଥିଲା। ଇଶାନଙ୍କୁ ଆଉଟ କରି ଅମିତ ମାତ୍ର ୨୪ ରନ ବିନିମୟରେ ୪ ଉଇକେଟ ସଫଳତା ପାଇଥିବାବେଳେ ଜୟନ୍ତଙ୍କୁ ବିଦାୟ ପଥ ଦେଖାଇଥିଲେ କାଗିଶୋ ରାବାଡ଼ା। ଆଭେଶ ଖାଁ ୨ଟି ଏବଂ ମାର୍କୁସ ଷ୍ଟୋଇନିସ ଓ ଲଳିତ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଅମିତ ମିଶ୍ର

## ସଂକ୍ଷିପ୍ତ ସ୍କୋର

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୩୭/୯(ରୋହିତ ଶର୍ମା–୪୪, ଇଶାନ କିଶନ–୨୬, ସୂର୍ଯ୍ୟକୁମାର ଯାଦବ–୨୪, ଜୟନ୍ତ ଯାଦବ–୨୩, ଅମିତ ମିଶ୍ର–୪/୨୪, ଆଭେଶ ଖାଁ–୨/୧୫, ମାର୍କୁସ ଷ୍ଟୋଇନିସ–୧/୨୦, କାଗିଶୋ ରାବାଡ଼ା–୧/୨୫, ଲଳିତ ଯାଦବ–୧/୧୭)। ଦିଲ୍ଲୀ କ୍ୟାପିଟାଲ୍ସ ୧୯.୧ ଓଭରରେ ୧୩୮/୪(ଶିଖର ଧାୱନ–୪୫, ଷ୍ଟିଭ୍ ସ୍ମିଥ–୩୩, ଲଳିତ ଯାଦବ–୨୨, କିରନ ପୋଲାର୍ଡ–୧/୯, ଯଶପ୍ରୀତ୍ ବୁମ୍‌ରା–୧/୩୨, ରାହୁଲ ଚହର–୧/୨୯, ଜୟନ୍ତ ଯାଦବ–୧/୨୫)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୩ | ୩ | ୦ | ୬ | +୦.୭୫୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୩ | ୧ | ୬ | +୦.୪୨୬ |
| ଚେନ୍ନାଇ ସୁପରକିଙ୍ଗ୍ସ | ୩ | ୨ | ୧ | ୪ | +୧.୧୯୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୨ | ୨ | ୪ | +୦.୧୮୭ |
| ନାଇଟ ରାଇଡର୍ସ | ୩ | ୧ | ୨ | ୨ | –୦.୬୩୩ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | –୦.୭୧୯ |
| ପଞ୍ଜାବ କିଙ୍ଗ୍ସ | ୩ | ୧ | ୨ | ୨ | –୦.୯୬୭ |
| ସନ୍‌ରାଇଜର୍ସ | ୩ | ୦ | ୩ | ୦ | –୦.୪୮୩ |







72198 21111 | www.bajajauto.com | BAJAJ FINANCE LTD - AF | *ସର୍ତ୍ତ ଓ ନିୟମାବଳୀ ଲାଗୁ । ଫାଇନାନ୍ସ କେବଳ ଫାଇନାନ୍ସିଅର୍‌ଙ୍କ ନିଜସ୍ୱ ବିଚାରରେ । ₹6 824/- ର ଡାଉନ୍ ପେମେଣ୍ଟ ଦୃଷ୍ଟାନ୍ତମୂଳକ ଏବଂ ପ୍ଲାଟିନାର ଏକ ପ୍ରକାର ପାଇଁ ପ୍ରଯୁଜ୍ୟ ଅଟେ । ଡିସିସି ଚାର୍ଜ୍ ଏବଂ ପ୍ରୋସେସିଂ ଫି ଅତିରିକ୍ତ । #ଏକ୍ସ–ଶୋରୁମ୍ ମୂଲ୍ୟ ଓଡ଼ିଶା ।

Authorised Dealers for BAJAJ Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Keonjhar JR BAJAJ 9937697094 / 06766254999• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Parajang 9178061624, 06768261573, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 9178064220 Bidanasi 943787762222, Athgarh 9937289417, Bidharpur 7008503281, Banki 8895278126, Rambha 7381099445.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର,ବୁଧବାର, ଏପ୍ରିଲ୍ ୨୧, ୨୦୨୧



**କୃଷି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ**

କାକଟପୁର,(ଡି.ଏନ୍.ଏ.)- କାକଟପୁର ବ୍ଲକ ଅନ୍ତର୍ଗତ ସୁହାଗପୁର ସେବା ସମବାୟ ସମିତି ସଭା ଗୃହରେ କାକଟପୁର ସମବାୟ ଅଧିକାରୀ ସୁକାନ୍ତ ଖୁଣ୍ଟିଆଙ୍କ ସଭାପତିତ୍ୱରେ ପଣ୍ୟାଗାର ବିକାଶ ଓ ପରିଚାଳନା ସଂସ୍ଥା ସହଯୋଗରେ କୃଷି ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମଧୁସୂଦନ କୋ-ଅପରେଟିଭ ମ୍ୟାନେଜମେଣ୍ଟର ଡେପୁଟି ଡାଇରେକ୍ଟର ଡ. ଶ୍ରୀ ବିଜୟା, ଆରସିଏସର ଅବସରପ୍ରାପ୍ତ ଜଏଣ୍ଟ ରେଜିଷ୍ଟ୍ରାର ସୂର୍ଯ୍ୟ ମିଶ୍ର, ଏସ୍ଆରସିଏସ ରେଜିଷ୍ଟ୍ରାର ବ୍ରଜକିଶୋର ବଡ଼ଜେନା ପ୍ରମୁଖ ଯୋଗଦେଇ ସମବାୟ ମାଧମରେ ମୃତ୍ତିକା ପରୀକ୍ଷଣ, ଜୈବିକ ସାର, ଔଷଧ ପ୍ରୟୋଗ, ପଞ୍ଜୀକରଣ ପଣ୍ୟାଗାରର ଆବଶ୍ୟକତା, କୃଷିଜାତ ଦ୍ରବ୍ୟର ସଂରକ୍ଷଣ, ଶ୍ରେଣୀକରଣ ଓ ଅଭାବୀ ବିକ୍ରିରୁ ମୁକ୍ତି ପାଇଁ ଆଲୋଚନା କରିଥିଲେ। ୫୦ରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୦.୦୪.୨୦୨୧

| | |
|---|---|
| ୭୫,୦୬୩ ଟଙ୍କା | |
| ସୁନା | ୧.୧୮୦ ମି.ଗ୍ରା. |
| ରୁପା | ୩.୩୬୦ ମି.ଗ୍ରା. |


# ରେଡ୍ ଜୋନ୍‌ରେ ପୁରୀ ଜିଲା

■ ୧ ହଜାର ଟପିଲା ସଂକ୍ରମଣ ସଂଖ୍ୟା

■ ସେବାୟତଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ କେୟାର ସେଣ୍ଟର

ପୁରୀ ଅଫିସ,୨୦।୪

ପୁରୀ ସହର ତଥା ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ଦ୍ରୁତ ବେଗରେ ବୃଦ୍ଧି ପାଇବାରେ ଲାଗିଛି। ସ୍ଥିତି ଏବେ ଗମ୍ଭୀର ଆଡ଼କୁ ଯିବାରେ ଲାଗିଛି। ମଙ୍ଗଳବାର ପୁରୀ ଜିଲାର ସଂକ୍ରମଣ ଏକ ହଜାର ଟପିଥିବା ବେଳେ ରେଡ୍ ଜୋନରେ ପ୍ରବେଶ କରିଛି। ଗତ ଏକ ସପ୍ତାହରୁ କମ୍ ସମୟ ମଧ୍ୟରେ ସଂକ୍ରମଣ ସଂଖ୍ୟା ଦ୍ୱିଗୁଣିତ ହେବା ସହ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ତିନି ଅଙ୍କ ଛୁଇଁଲାଣି। ଯାହା ଏବେ ଜିଲା ପ୍ରଶାସନର ଚିନ୍ତା ବଢ଼ାଇଛି। ତେଣୁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସଚେତନତା କରାଯିବା ସହ କରୋନା ମୁକାବିଲା କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଆରମ୍ଭ କରାଯାଇଛି। ମଙ୍ଗଳବାର ଜିଲାରେ ଦୈନିକ ସଂକ୍ରମିତ ସଂଖ୍ୟା ୧୯୩ ହୋଇଥିବା ବେଳେ ସମୁଦାୟ ସକ୍ରିୟ ସଂକ୍ରମିତ ସଂଖ୍ୟା ୧୧୭୭ରେ ପହଞ୍ଚିଛି। ଗତ ୧୪ ତାରିଖରେ ୨ ଅଙ୍କରେ ଥିବା ସଂକ୍ରମିତଙ୍କ ସଂଖ୍ୟା ଗୋଟିଏ ସପ୍ତାହ ମଧ୍ୟରେ ୩ ଅଙ୍କ ଛୁଇଁଛି। ଜିଲାରେ କୋଭିଡ୍ ସ୍ଥିତି ସଙ୍ଗିନ ହେଉଥିବାରୁ ଜିଲା ପ୍ରଶାସନ ପକ୍ଷରୁ ନୂଆ କୋଭିଡ୍ କେୟାର ସେଣ୍ଟର, ଆଇସିୟୁ କାର୍ଯ୍ୟକ୍ଷମ କରାଯିବା ସହ ଶ୍ରୀମନ୍ଦିର ସେବାୟତଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା କରାଯାଉଛି। ପୁରୀ ଆଇଡିଏଚ୍ କୋଭିଡ୍ ହସ୍ପିଟାଲର ୧୫ଟି ଶଯ୍ୟା ବିଶିଷ୍ଟ ଆଇସିୟୁ ଓ ଗୋପବନ୍ଧୁ ଆୟୁର୍ବେଦ କଲେଜରେ କୋଭିଡ୍ କେୟାର ସେଣ୍ଟରକୁ ପୁଣିଥରେ କାର୍ଯ୍ୟକ୍ଷମ କରାଯାଇଛି। ଅପରପକ୍ଷେ ଶ୍ରୀମନ୍ଦିର ସହ ଜଡ଼ିତ ୫୦ରୁ ଉର୍ଦ୍ଧ୍ୱ ସେବାୟତ, ସେମାନଙ୍କ ପରିବାର ଏବଂ କର୍ମଚାରୀମାନେ ସଂକ୍ରମିତ ହୋଇଛନ୍ତି। ଆଗକୁ ଏହି ସଂଖ୍ୟା ବଢ଼ିବା ଆଶଙ୍କା କରି ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ପାଇଁ ବୁଧବାରଠାରୁ ପୁଣିଥରେ ନୀଳାଚଳ ଭକ୍ତନିବାସରେ ୧୨୦ ବେଡ୍ ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ ହେବ। ଅନ୍ୟପଟେ ପୁରୀରେ ଯକ୍ଷ୍ମା ଓ ସଂକ୍ରାମକ ହସ୍ପିଟାଲରେ ୧୩୦ ବେଡ୍ ଥିବା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଥିବା ବେଳେ ଏଠାରେ ବନ୍ଦ ହୋଇପଡିଥିବା ୧୫ଟି ଆଇସିୟୁ ବେଡ୍‌କୁ ପୁନର୍ବାର କାର୍ଯ୍ୟକ୍ଷମ କରାଯାଇଛି। ଜିଲାରେ ସମୁଦାୟ ୪୮୨ ବେଡ୍ ଥିବା କୋଭିଡ୍ କେୟାର ସେଣ୍ଟର ପୁରୀ ସହ କୋଣାର୍କ, ନିମାପଡା ଓ ବ୍ରହ୍ମଗିରିରେ ପ୍ରସ୍ତୁତ କରି ରଖାଯାଇଛି। ସେହିପରି କୋଭିଡ୍ କଟକଣା ଲାଗୁ କରିବା ପାଇଁ ଜିଲା ପୋଲିସ ପକ୍ଷରୁ ସହରକୁ ୧୦ଟି ସେକ୍ଟରରେ ଭାଗ କରାଯାଇ ଚଢ଼ାଉ ଜୋରଦାର କରାଯାଉଛି। ପ୍ରଶାସନର ଏଭଳି ପଦକ୍ଷେପକୁ ସେବାୟତମାନେ ସ୍ୱାଗତ କରିବା ସହ ଏଥିରେ ସହଯୋଗ କରିବେ ବୋଲି କହିଛନ୍ତି।




ରାମନବମୀ ଉପଲକ୍ଷେ ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧମରେ ଶୁଭେଚ୍ଛା ଜଣାଉଛନ୍ତି ।

**ସଂକ୍ଷେପରେ**

## କିନ୍ନରଙ୍କୁ ହତ୍ୟା ଅଭିଯୋଗ

ପୁରୀ ଅଫିସ,୨୦।୪-ଜଣେ ଅଜଣା ବ୍ୟକ୍ତି ଦେବକୀ କିନ୍ନରଙ୍କ ମୋବାଇଲ ଫୋନ ଚୋରି କରିବା ସହ ମୀରା ମା'ଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ଅଭିଯୋଗ କରି ପୁରୀ କିନ୍ନର ମହାସଂଘ ପକ୍ଷରୁ ମଙ୍ଗଳବାର ସମୁଦ୍ରକୂଳ ଥାନାରେ ଏକ ଏତଲା ଦିଆଯାଇଛି। ପୁରୀ କିନ୍ନର ମହାସଂଘର ସଭାପତି ପ୍ରିୟାଂଶୁ କିନ୍ନରଙ୍କ କହିବା ଅନୁଯାୟୀ, ସୋମବାର ଜଣେ ଅଜଣା ବ୍ୟକ୍ତି ଆଶୀର୍ବାଦ ନେବା ବାହାନାରେ କିନ୍ନରମାନଙ୍କ ମା' ଦେବକୀ କିନ୍ନରଙ୍କ ଘରକୁ ଯାଇ ମୀରା ମା'ଙ୍କ ମୋବାଇଲ ନମ୍ବର ମାଗିଥିଲେ। ବ୍ୟକ୍ତି ଜଣଙ୍କ ଅଜଣା ଥିବାରୁ ମୀରା ମା'ଙ୍କ ନମ୍ବର ଦେବାକୁ ଦେବକୀ ମନା କରିଦେବାରୁ ସେ ରାଗରେ ପଳାଇଥିଲେ। ପୁଣି ଅପରାହ୍ନରେ ଉକ୍ତ ବ୍ୟକ୍ତି ଆସି ଦେବକୀଙ୍କ ସହ କଥା ହେବା ବାହାନାରେ ତାଙ୍କ ଫୋନ ଚୋରି କରି ନେଇଯାଇଥିଲେ। ପରେ ସେ ମୋବାଇଲକୁ ଫୋନ କରିବାରୁ ଦେବକୀ କିନ୍ନର ଓ ମୀରା ମାଙ୍କୁ ଜୀବନରୁ ମାରିଦେବ ବୋଲି ଧମକ ଦେଇଥିଲା।

## ଅଗ୍ନିଶମ ବାହିନୀର ସଚେତନତା କାର୍ଯ୍ୟକ୍ରମ

ଅସ୍ତରଙ୍ଗ,୨୦।୪(ଡି.ଏନ୍.ଏ.)- ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ପକ୍ଷରୁ ଅସ୍ତରଙ୍ଗ ତହସିଲ ପରିସରରେ ଅଗ୍ନି ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅଗ୍ନିଶମ ଅଧିକାରୀ କଳ୍ପତରୁ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ନିଆଁ ଲାଗିଲେ ବର୍ତ୍ତିବା ସହ ବାତ୍ୟା, ବନ୍ୟାବେଳେ ନିଆଁରୁ ଲୋକଙ୍କୁ କିପରି ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ଡେମୋ ଦେଖାଯାଇଥିଲା। ଅଗ୍ନିଶମ ବିଭାଗର ହାବିଲଦାର ତାପସ ରାଉତ, ସଞ୍ଜୟ ସେଠୀ, ନିରଞ୍ଜନ ମାନସିଂ, ଜଗନ୍ନାଥ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ସାହିଯାତ ପାଇଁ ସାତସାହି ପ୍ରସ୍ତୁତ

ପୁରୀ ଅଫିସ,୨୦।୪

ପବିତ୍ର ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରର ସାତସାହିରେ ପାରମ୍ପରିକ ସମରକଳା ସାହିଯାତ ଅନୁଷ୍ଠିତ ହେବ। ଚଳିତବର୍ଷ କରୋନା ଯୋଗୁ ପ୍ରଶାସନ କଟକଣା ମଧ୍ୟରେ ସାହିଯାତ କରିବାକୁ ନିଷ୍ପତ୍ତି ନେଇଛି। ସାତସାହିର ଜାଗା ଆଖେଡାଗୁଡ଼ିକରୁ ପୌରାଣିକ ରାମାୟଣର ଚରିତ୍ର ରାମ, ଲକ୍ଷ୍ମଣ, ସୀତା, ରାବଣ, ନାକ, କାନ, ପର୍ଶୁରାମ, ହନୁମାନ, ସପ୍ତଶିରା ଓ ନାଗା ମେଢ଼ ଆଦି ବାହାରି ସାହି ପରିକ୍ରମା କରିଥାନ୍ତି। ଏଥିରେ ସାତ ସାହିର ମୁରବି ଏବଂ ବାସିନ୍ଦାମାନେ ପଟୁଆରରେ ଯୋଗଦେଇ ମନ୍ଦିର ନିକଟକୁ ଯାଇଥାନ୍ତି। ସେଠାରେ ବିଭିନ୍ନ ବେଶ ଧାରଣ କରିଥିବା ଯୁବକମାନେ କଳା କୌଶଳ ପ୍ରଦର୍ଶନ କରି ଜଗନ୍ନାଥବଲ୍ଲଭ ନିକଟକୁ ଯାଆନ୍ତି। ପରେ ସେଠାରେ ବିଭିନ୍ନ ନୀତିକାନ୍ତି ମଧ ହୋଇଥାଏ। ଏହି ସାହିଯାତ ରାମନବମୀଠାରୁ ଅନୁଷ୍ଠିତ ହୋଇ ରାମ ଅଭିଷେକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ହେଲେ କରୋନା ଯୋଗୁ ସାହିଯାତ ପରିକ୍ରମା, ପଟୁଆର, ଶୋଭାଯାତ୍ରା, ବେଶ ପଟୁଆର ଉପରେ ପ୍ରଶାସନ ରୋକ ଲଗାଇଛି। ପୂର୍ବବର୍ଷ ଭଳି ସାହିଯାତ ଶ୍ରୀମନ୍ଦିର ଏବଂ ଜଗନ୍ନାଥବଲ୍ଲଭ ମଠ ପରିସରରେ ପାଳନ ହେବ। ସାହିଯାତକୁ ୨୦ଜଣଙ୍କ ମଧ୍ୟରେ ସୀମିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ଭିତର ଜାରି ହୋଇଥିବା କୋଭିଡ୍ କଟକଣା ମାନି ସାହିଯାତର ନୀତି, ସେବାପୂଜା ଆଦି ପାଳନ କରିବାକୁ ମଧ ସହମତି ରଖିଛନ୍ତି। ତେବେ କିଛି ସାହିର ମୁରବିମାନେ ପ୍ରଶାସନର ଏପରି ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ୨୦ଜଣ ବ୍ୟକ୍ତିଙ୍କୁ ନେଇ ସାହିଯାତ କରିବା ସମ୍ଭବପର ନୁହେଁ ବୋଲି ମତ ଦେଉଛନ୍ତି।

## କଟକଣାରେ ଅଶୋକାଷ୍ଟମୀ ପାଳିତ

ସାକ୍ଷୀଗୋପାଳ, ୨୦।୪(ଡି.ଏନ୍.ଏ.)

ସ୍ଥାନୀୟ ରାୟଚକ୍ରଧରପୁର ଗ୍ରାମରେ ମଙ୍ଗଳବାର ଅଶୋକାଷ୍ଟମୀ କୋଭିଡ୍ କଟକଣାରେ ପାଳିତ ହୋଇଯାଇଛି। ପୂର୍ବ ପରମ୍ପରାକ୍ରମେ ରାତିରେ ଠାକୁରଙ୍କ ରଥଯାତ୍ରା ଓ ଦୁଆରି ଭୋଗ ଅନୁଷ୍ଠିତ ହୋଇଛି। ଶ୍ରୀ ନୀଳକଣ୍ଠେଶ୍ୱର, ଶ୍ରୀ ହରିଶଙ୍କର ଓ ଶ୍ରୀଗୋପୀନାଥ ଦେବ ରଥାରୂଢ଼ ହୋଇଥିଲେ। ଛତିଡ୍ରାସ, ଘଣ୍ଟ, କାହାଳି, ଢୋଲ, ମହୁରି ସହ ମଶାଲ ଜଳାଇ ପୂଜକ ଓ କମ ସଂଖ୍ୟକ ଗ୍ରାମବାସୀ ମାସ୍କ ପରିଧାନ କରି ସାମାଜିକ ଦୂରତା ମଧ୍ୟରେ ରଥ ଟାଣିଥିଲେ। ଗ୍ରାମ ମଧ୍ୟଭାଗରେ ଠାକୁର ଖୁଣ୍ଟଲାଗି ହୋଇ ବିରାଜମାନ କରିବା ପରେ ପନ୍ତୀଭୋଗ ଅନୁଷ୍ଠିତ ହୋଇଥିଲା। ବୁଧବାର ସକାଳେ ଠାକୁର ମା' ଜାଗେଶ୍ୱରୀଙ୍କ ମନ୍ଦିରକୁ ବିଜେ କରି ସେଠାରେ ନବଦିନ ଅବସ୍ଥାନ କରିବେ।

## ମାସ୍କ ଚେକିଂ: ଅମାନିଆ ଗଣିଲେ ତଣ୍ଡ

ପୁରୀ ଅଫିସ/ନିମାପଡ଼ା, ୨୦।୪(ଡି.ଏନ୍.ଏ.)

କରୋନାର ଦ୍ୱିତୀୟ ଲହର ବିପଦମୁହାଁ ହେଉଥିବାରୁ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ମାସ୍କ ଚେକିଂ ଓ ସଚେତନତା ଦିଗରେ ଗୁରୁତ୍ୱାରୋପ କରାଯାଇଛି। ନାଇଟ୍ କର୍ଫ୍ୟୁ ଓ ମାସ୍କ ଚେକିଂ ଉପରେ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ମଙ୍ଗଳବାର ସୁଦ୍ଧା ପୁରୀ ପୋଲିସ ମାସ୍କ ଚେକିଂ କରି ୧୦୫୨ ଜଣ ଅମାନିଆଙ୍କ ଠାରୁ ୧ ଲକ୍ଷ ୫ ହଜାର ୨ଶହ ଟଙ୍କା ଆଦାୟ କରାଯାଇଛି। ତେବେ ବୁଧବାର ସୁଦ୍ଧା ନିମାପଡ଼ା ଥାନା ଓ ଚାରିଛକ ଫାଣ୍ଡି ପୋଲିସ ନିମାପଡ଼ା ଓ ଚାରିଛକ ଅଞ୍ଚଳରୁ ପୋଲିସ ମାସ୍କ ଚେକିଂ କରି ୬୦୦ରୁ ଉର୍ଦ୍ଧ୍ୱ ଅମାନିଆଙ୍କଠାରୁ ୬୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ସରକାରଙ୍କ ନାଇଟ କର୍ଫ୍ୟୁ ନିର୍ଦ୍ଦେଶକୁ ପ୍ରତ୍ୟେକ ବ୍ୟବସାୟୀ, ଗାଡ଼ିଚାଳକ, ଜନସାଧାରଣ କଡ଼ାକଡ଼ି ଭାବେ ପାଳନ କରି ଘରେ ନିରାପଦରେ ରହିବାକୁ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଛି। ତଥାପି କେତେଜଣ ଅମାନିଆ ଲୋକ ଓ ବ୍ୟବସାୟୀ କୋଭିଡ୍ ନିୟମ ପାଳନ କରୁ ନ ଥିବା ଦେଖିବାକୁ ମିଳୁଛି।



ଶିଳ୍ପୀ ବିଶ୍ୱରୂପା ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ମହାପ୍ରଭୁଙ୍କ ସାହିଯାତର ଚିତ୍ର ।

# ବିଭିନ୍ନ ମେଡିକାଲରେ ଚଢ଼ାଉ

ପୁରୀ ଅଫିସ,୨୦।୪

ପୁରୀରେ କୋଭିଡ୍ ମେଡିସିନର କଳା ବଜାର ରୋକିବା ପାଇଁ ପୁରୀ ଜିଲା ଡ୍ରଗ୍ ଇନ୍ସପେକ୍ଟର ଏବଂ ପୋଲିସ ବିଭାଗ ପକ୍ଷରୁ ମିଳିତ ଭାବେ ପୁରୀର ବିଭିନ୍ନ ଘରୋଇ ମେଡିକାଲ, ମେଡିସିନ ଷ୍ଟୋର ଏବଂ ନର୍ସିଂହୋମଗୁଡ଼ିକରେ ଚଢ଼ାଉ କରାଯାଇଛି। ପୁରୀରେ କରୋନା ସଂକ୍ରମଣର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପୁରୀର କିଛି ଘରୋଇ ମେଡିକାଲ, ନର୍ସିଂହୋମ ଏବଂ ଷ୍ଟୋରଗୁଡ଼ିକ କୋଭିଡ୍ ସମ୍ବନ୍ଧୀୟ ମେଡିସିନ ଏବଂ ଇଞ୍ଜେକ୍ସନ କଳାବଜାର କରୁଥିବା ଅଭିଯୋଗ ହେଉଥିଲା। ତେଣୁ ମେଡିକାଲଗୁଡ଼ିକରେ ମେଡିସିନ କେତେ ରହିଛି, କେଉଁ ପରିମାଣରେ ବିକ୍ରି ହେଉଛି ସେଗୁଡ଼ିକର କାଗଜପତ୍ରର ତଦାରଖ କରାଯାଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେଉଁ ଘରୋଇ ମେଡିକାଲ, ନର୍ସିଂହୋମ ଏବଂ ମେଡିସିନ ଷ୍ଟୋରଗୁଡ଼ିକ କୋଭିଡ୍ ମେଡିସିନ ରଖିଛନ୍ତି। ସେମାନେ ପ୍ରତି ସପ୍ତାହରେ ମେଡିସନ ସମ୍ପର୍କରେ ସରକାରଙ୍କୁ ରିପୋର୍ଟ ଦେବେ। ତେବେ ପୁରୀର କିଛି ଘରୋଇ ମେଡିକାଲଗୁଡ଼ିକ ସରକାରଙ୍କ ଏହି ନିୟମକୁ ପାଳନ କରୁ ନ ଥିବା କାରଣରୁ ଟିମ ପକ୍ଷରୁ ଏପରି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି ।

# ଜିଲାରେ କରୋନା ସ୍ଥିତି, ଗୃହ ସଙ୍ଗରୋଧ ସମୀକ୍ଷା

■ ୪ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧୩ ରାପିଡ ରେସ୍‌ପନ୍ସ ଟିମ୍ ଗଠନ

■ ମୁକାବିଲା ପାଇଁ ୨୮ଜଣ ଆୟୁଷ ଡାକ୍ତର ପ୍ରସ୍ତୁତ

ପୁରୀ ଅଫିସ,୨୦।୪

ପୁରୀ ଜିଲାରେ କରୋନା ପରିସ୍ଥିତି ଓ ଗୃହ ସଙ୍ଗରୋଧ ବ୍ୟବସ୍ଥା ନେଇ ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମା ସମୀକ୍ଷା କରିଛନ୍ତି। ସ୍ଥାନୀୟ ନୀଳାଦ୍ରି ବେଳାଭୂମିରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପୌରାଞ୍ଚଳରେ ଗୃହ ସଙ୍ଗରୋଧରେ ଥିବା କୋଭିଡ୍ ରୋଗୀଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଜିଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। କରୋନା ରୋଗୀ ଚିହ୍ନଟ ପରେ ରାପିଡ ରେସପନ୍ସ ଟିମ୍ ସମ୍ପୃକ୍ତ ରୋଗୀଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ସହ ସ୍ୱାସ୍ଥ୍ୟ କିଟ୍ ପ୍ରଦାନ କରିବେ। ପ୍ରତିଦିନ ଜଣେ ସ୍ୱାସ୍ଥ୍ୟକର୍ମୀ ରୋଗୀଙ୍କ ଘରକୁ ଯାଇ ତଥ୍ୟ ବୁଝି ରଖିବେ। ଆବଶ୍ୟକ ବେଳେ ଯୋଗାଯୋଗ ପାଇଁ ରୋଗୀମାନଙ୍କୁ ରାପିଡ୍ ରେସପନ୍ସ ଟିମ୍‌ର ଟେଲିଫୋନ ନମ୍ବର ଦିଆଯିବ। ପୌରାଞ୍ଚଳରେ ଥିବା ସମସ୍ତ ୪ଟି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧୩ଟି ରାପିଡ ରେସପନ୍ସ ଟିମ ଗଠନ କରାଯାଇଛି। ଏହି ଟିମରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ସାମିଲ ହେବା ସହ ଆବଶ୍ୟକୀୟ ଆମ୍ବୁଲାନ୍ସ ପ୍ରସ୍ତୁତ ହୋଇ ରହିଛି। ଏହି ଟିମ୍ ଗୃହ ସଙ୍ଗରୋଧରେ ଥିବା କରୋନା ଆକ୍ରାନ୍ତମାନଙ୍କୁ ଆବଶ୍ୟକ ବେଳେ ଅଧିକ ଚିକିତ୍ସା ପାଇଁ ସ୍ଥାନୀୟ ଆଇଡିଏଚ୍‌ରେ ଥିବା କୋଭିଡ ଚିକିତ୍ସାଳୟରେ ଭର୍ତ୍ତି କରିବା ବ୍ୟବସ୍ଥା କରିବେ। କରୋନା ମୁକାବିଲା ନିମନ୍ତେ ଜିଲାରେ ନୂତନ ଭାବେ ୨୮ଜଣ ଆୟୁଷ ଡାକ୍ତର ଯୋଗ ଦେଇଛନ୍ତି। ଏଥିସହ ବ୍ରହ୍ମଗିରିରେ ୧୦୦ଜଣ, ନିମାପଡ଼ାରେ ୭୨, କୋଣାର୍କରେ ୮୦ ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ୬୦ଜଣଙ୍କ ନିମନ୍ତେ କୋଭିଡ କେୟାର ସେଣ୍ଟର ପ୍ରସ୍ତୁତ ରହିଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଅଧକ୍ଷ ଡ. ସୁଦର୍ଶନ ବେହେରା, ଡିପିଏଚଓ ଡ.ବିରଜା ଶଙ୍କର ରଥ, ଏଡିପିଏଚ୍‌ଓ ଡ.ନିମାଇଁ ଚରଣ ଜେନା, ପୌର ସ୍ୱାସ୍ଥ୍ୟ ଅଧିକାରୀ ଡ. ଅଶୋକ ସେଠୀ, ଆଶା ସଂଯୋଜକ ଅଶୋକ ସାହୁ, ଡିପିଏମ ଟି. ନାରାୟଣ ରାଓ, ଏପିଏମ୍ ସନ୍ତୋଷ ମିଶ୍ର ସହରାଞ୍ଚଳର ଆଶା, ଏଏନଏମ୍ ଏବଂ ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଂକ୍ରମଣ ରୋକିବା ପାଇଁ ମନ୍ତ୍ରୀଙ୍କ ସମୀକ୍ଷା



ବୈଠକରେ ଉପସ୍ଥିତ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅଧିକାରୀମାନେ ।

ଗୋପ,୨୦।୪(ଡି.ଏନ୍.ଏ.)

କରୋନା ସଂକ୍ରମଣ ରୋକିବା ପାଇଁ ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ବ୍ଲକ ପକ୍ଷରୁ ଗୁରୁବାରଠାରୁ ଡେଙ୍ଗୁରା ବଜାଇବା ସହ ମାଇକ ମାଧମରେ ପ୍ରଚାର କରିବା ଲାଗି ମଙ୍ଗଳବାର ଆୟୋଜିତ କରୋନା ସଚେତନତା ଓ ସମୀକ୍ଷା ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏବେ କରୋନାର ଦ୍ୱିତୀୟ ଲହର ଅଧିକ ପ୍ରଭାବ ପକାଉଥିବାବେଳେ ରୋକିବା ଲାଗି ସରକାର ବ୍ୟାପକ ବ୍ୟବସ୍ଥା କରିଥିବା ବେଳେ ଗୋପ ବ୍ଲକ ପକ୍ଷରୁ ଏପରି ସଚେତନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏ ପର୍ଯ୍ୟନ୍ତ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ ଟିକା ୧୬ ହଜାରରୁ ଅଧିକ ଦିଆଯାଇଥିବା ବେଳେ ଦ୍ୱିତୀୟ ଡୋଜ ୬୧୪ ଜଣଙ୍କୁ ଦିଆ ଯାଇଥିବା ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶିବପ୍ରସାଦ ମଙ୍ଗରାଜ ସୂଚନା ଦେଇଥିଲେ। ସେହିପରି କୋଣାର୍କରେ କୋଭିଡ ସେଣ୍ଟର ଖୋଲାଯିବା ସହ ଆକ୍ରାନ୍ତଙ୍କୁ ସେଠାରେ ରଖାଯିବ ବୋଲି କହିଥିଲେ। ଗୋପ ବ୍ଲକର ୩/୪ଟି ପଞ୍ଚାୟତରେ ସଙ୍ଗରୋଧ କେନ୍ଦ୍ର ଖୋଲାଯିବା ସହ ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀଙ୍କୁ ମଧ ସେହି ସବୁ କେନ୍ଦ୍ରରେ ରଖାଯିବ ବୋଲି ବିଡିଓ ଦୀପ୍ତିରାଣୀ ଦାସ ସୂଚନା ଦେଇଥିଲେ। କୌଣସି ବ୍ୟକ୍ତିର କରୋନାରେ ସଂକ୍ରମଣ ଥିବା ସୂଚନା ମିଳିଲେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ବ୍ଲକ ଉପାଧକ୍ଷ ଜ୍ୟୋସ୍ନାରାଣୀ ମହାନ୍ତି, ଗୋପ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ, ବ୍ଲକ ସଭାପତି ମଧୁସୂଦନ ପାଇକରାୟଙ୍କ ସହ ଅନ୍ୟାନ୍ୟ ବ୍ଲକ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନିମା



@ ବିଭୁ ପ୍ରସାଦ



@ ଧାରାଶ୍ରୀ



@ ନିଜାମ



@ ପ୍ରଦୀପ



@ ଜଗନ୍ନାଥ



@ ସରୋଜ

## ପିଡିଏସ୍ ଚାଉଳକୁ ନେଇ ଉତ୍ତେଜନା

ପୁରୁଣା ଭୁବନେଶ୍ୱର/ପିପିଲି, ୨୦।୪(ଡି.ଏନ୍.ଏ /ସ୍ୱ.ପ୍ର.):

ଉତ୍ତରା ଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍)ରେ ମିଳୁଥିବା ଚାଉଳକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଛି। ପିଡିଏସ୍ ଚାଉଳ ବୋଝେଇ ଏକ ଗାଡ଼ିକୁ ଗୋଟିଏ ଗୋଷ୍ଠୀ ନିଜର ଲାଇସେନ୍ସ ଥିବା ଜଣାଇ ତିଗିରିଆ ଗାଁକୁ ନେଇଯାଇଥିଲେ। ମାତ୍ର ଅନ୍ୟ ଏକ ଗୋଷ୍ଠୀ ସେଠାରେ ପହଞ୍ଚି ଗାଡ଼ିଟିକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆଣିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଉଦ୍ଧାର କରିଥିବା ଜଣାପଡ଼ିଛି।

## ଜୀବିକା ହରାଇଥିବା ବିପନ୍ନଙ୍କୁ କୁକୁଡ଼ା, ଛେଳି ବଣ୍ଟନ

କଣାସ,୨୦।୪(ସ୍ୱ.ପ୍ର.)

ଗତ ଫନୀ ବାତ୍ୟାରେ ଜୀବିକା ହରାଇଥିବା କ୍ଷତିଗ୍ରସ୍ତ ପରିବାରଙ୍କର ଆର୍ଥିକ ମାନଦଣ୍ଡ ମଜଭୁତ କରିବା ପାଇଁ କାରିଟାସ ଇଣ୍ଡିଆ ପକ୍ଷରୁ ସହଯୋଗ କରାଯାଉଛି। କଣାସ ବ୍ଲକ ଅନ୍ତର୍ଗତ ଦୋକନ୍ଦା, ପାଣ୍ଡିଆକେରା, ତ୍ରିଲୋଚନପୁର, ବଡାସ ଇତ୍ୟାଦି ପଞ୍ଚାୟତର ଫନୀରେ ଜୀବିକା ହରାଇଥିବା ପ୍ରାୟ ୪୦୦ଜଣ ଯୋଗ୍ୟ ହିତାଧିକାରୀଙ୍କ ପରିବାରକୁ ୫ଟି ବନରାଜ କୁକୁଡ଼ା ଏବଂ ୨ଟି ଛେଳି ବଣ୍ଟନ କରାଯାଇଛି । ନିକଟରେ ଆହୁରି ଅନେକ ପରିବାରକୁ ଏହି ପୁନଃ ଥଇଥାନ କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି କର୍ମକର୍ତ୍ତାଙ୍କଠାରୁ ପ୍ରକାଶ। ଏକେଏସ୍ଏସ୍ ପରିସରରେ କ୍ରମାନ୍ୱୟରେ ହିତାଧିକାରୀଙ୍କୁ ଡକାଯାଇ ବଣ୍ଟନ କରାଯାଇଥିଲା। କାରିଟାସ ଇଣ୍ଡିଆର ଓଡ଼ିଶା ମୁଖ୍ୟ ନୂତନ ସାଗରିଆ ଓ ଏକେଏସ୍ଏସ୍ ସମ୍ପାଦକଙ୍କ ଉପସ୍ଥିତିରେ ଲୋକମାନଙ୍କୁ ବଣ୍ଟାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏକେଏସ୍ଏସ୍ ତରଫରୁ ରଜନୀକାନ୍ତ ପାତ୍ରୀ, ସୁଜାତା ବାହୁବଳେନ୍ଦ୍ର, ଗୌରୀ ଦାସ, ରଜନୀରାଣୀ ମାଝୀ, ଉପେନ୍ଦ୍ର ପରିଡା, ସଂଯୁକ୍ତା ପ୍ରଧାନ ପରିଚାଳନା କରିଥିଲେ।

## ଔଷଧ ଦୋକାନରୁ ୨୦ ହଜାର ଟଙ୍କା ଚୋରି

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ସହରରେ ନାଇଟ୍ କର୍ଫ୍ୟୁ ସମୟରେ ଲୁଟେରା ମାତିଛନ୍ତି। ସୋମବାର ବିଳମ୍ବିତ ରାତିରେ ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାରେ ରହିଥିବା ଏକ ଔଷଧ ଦୋକାନର ସ୍କାଏଲାଇଟ ଭାଙ୍ଗି କେହି ଦୁର୍ବୃତ୍ତ ପଶି ୨୦ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି। ଏନେଇ ମଙ୍ଗଳବାର ଟାଉନ ଥାନାରେ ଦୋକାନ ମାଲିକ ଥାନାରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତ ଜଣଙ୍କ ସ୍କାଏଲାଇଟ୍ ଭାଙ୍ଗି ପଶିବା ଦୃଶ୍ୟ ସିସିଟିଭିରେ କଏଦ ରହିଛି। ମଙ୍ଗଳବାର ସକାଳେ ଦୋକାନ ଖୋଲିବାକୁ କର୍ମଚାରୀ ପହଞ୍ଚିବା ବେଳେ କାଚ ଟୁକୁଡ଼ା ପଡ଼ିଥିବା ଏବଂ କ୍ୟାଶ କାଉଣ୍ଟରରୁ ଟଙ୍କା ନ ଥିବା ଦେଖି ମାଲିକଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ମହାଗୌରୀ ବେଶରେ ଦର୍ଶନ ଦେଲେ ଜାଗୁଲାଈ



**ଜଟଣୀ,୨୦।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଲାଈଙ୍କ ପୀଠରେ ଗତ ୧୨ତାରିଖରୁ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ପାଳିତ ହେଉଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ମା'ଙ୍କ ପୂଜା, ନୀତି କରାଯାଉଛି। ଏହି ନବରାତ୍ର ସମୟରେ ମା'ପ୍ରତ୍ୟେକ ଦିନ ଭକ୍ତଙ୍କୁ ବିଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମା' ମହାଗୌରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ବୋଲି ମନ୍ଦିର ପରିଚାଳନା କମିଟି ଏବଂ ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା କହିଛନ୍ତି।

### କୋଭିଡ୍ ଟିକା ପାଇଁ ହଟହଟା

**ଜଟଣୀ,୨୦।୪(ଡ.ଏନ୍.ଏ.):** କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ସଂକ୍ରମଣ ରୋକିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଅନ୍ୟପଟେ କୋଭିଡ୍ ହସ୍ପିଟାଲ ଗୁଡ଼ିକରେ ଟିକାକରଣ କରାଯାଉଛି। ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତ୍ୟକ ଦିନ ଟିକା ପାଇଁ ଶତାଧିକ ଲୋକଙ୍କ ଭିଡ଼ ଜମୁଛି। ନମ୍ବର କରି ଟିକା ନେବା ପାଇଁ ଅପେକ୍ଷା କରୁଛନ୍ତି। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଅନେକ ଟିକା ସରିଯିବାରୁ ନିରାଶ ହୋଇ ଫେରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଅନ୍ୟପଟେ ପ୍ରଥମ ଡୋଜ୍ ଟିକା ନେଇଥିବା ଅନେକ ବରିଷ୍ଠ ନାଗରିକ ଦ୍ୱିତୀୟ ଡୋଜ ପାଇଁ ଆସିଥିଲେ ମଧ ସେମାନେ ବଞ୍ଚିତ ହେଉଛନ୍ତି। ବାରମ୍ବାର ଟିକାକରଣ କେନ୍ଦ୍ରରୁ ଫେରୁଥିବାରୁ ଶିକ୍ଷକ ନେତା ତ୍ରିନାଥ ସାମନ୍ତରାୟ, ଗଗନ ଚନ୍ଦ୍ର ମଙ୍ଗରାଜ, ଯୋଗେନ୍ଦ୍ର ନାୟକଙ୍କ ସହିତ ବହୁ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।

### କୋଭିଡ୍ ୱାରିୟର୍ସ ଟିମ୍ ବିଜୟୀ

**ବୋଲଗଡ଼,୨୦।୪(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ସାନପଦର କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଗ୍ରାମର ଖେଳପଡିଆରେ ଅନୁଷ୍ଠିତ ସାନପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଇଲେଭେନ ରୁଲ ବ୍ରେକର୍ସ ଟିମକୁ ୧୪ ରନରେ ହରାଇ କୋଭିଡ୍ ୱାରିୟର୍ସ ଟିମ୍ ବିଜୟୀ ହୋଇଛି। ଟସ ଜିତି ପ୍ରଥମେ କୋଭିଡ୍ ୱାରିୟର୍ସ ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୫୭ ରନ ସଂଗ୍ରହ କରିଥିଲା। ଜବାବରେ ଇଲେଭେନ ରୁଲ ବ୍ରେକର୍ସ ଟିମ୍ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୪୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସୁରେଶ କୁମାର ସାହୁ, ବିକ୍ରମ ସାମନ୍ତରାୟ ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ସାମାଜିକ କର୍ମୀ ସୁରେଶ ସାହୁ, ବୈକୁଣ୍ଠ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ପଚାଶ ମିଟର ଗଡ଼ିଲା ରଥ

**ନିରାକାରପୁର,୨୦।୪(ଡି.ଏନ୍.ଏ.)**

## କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା

- ଶାନ୍ତିଶୃଙ୍ଖଳା ପାଇଁ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ
- ଅପରାହ୍ନ ୫ଟାରେ ଟଣାହେଲା ରଥ
- କୋଭିଡ୍ କଟକଣା ପାଇଁ ଯାତ୍ରା ପଡିଆ ଖାଁ ଖାଁ



ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ବିଜୟା ରଥଯାତ୍ରା କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କରୋନା ପାଇଁ ସୀମିତ ଭକ୍ତଙ୍କୁ ନେଇ ରଥ ଟଣା ଯାଇଥିଲା। ଗୁଣ୍ଡିଚା ମନ୍ଦିର ନିକଟରେ ରଥ ପହଞ୍ଚି ପାରି ନ ଥିବା ବେଳେ ମାତ୍ର ୫୦ମିଟର ପର୍ଯ୍ୟନ୍ତ ଟଣା ଯାଇଥିଲା।

କୋଭିଡ୍ ପାଇଁ ଲୋକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଖୋର୍ଦ୍ଧା ଉପଜିଲାପାଳ ଅଶୋକ କୁମାର ବେହୁରିଆଙ୍କ ନିର୍ଦ୍ଦେଶରେ ୧୪୪ ଧାରା ଜାରି କରାଯାଇଥିଲା। ଏଥିସହ ସେ ରଥଟଣା କାର୍ଯ୍ୟକ୍ରମର ତଦାରଖ କରିଥିଲେ। ସକାଳ ୬ଟାରେ ମଙ୍ଗଳ ଆଳତି ଓ ବାଳଧୂପ ଏବଂ ଅଶୋକା ଫୁଲ ଲାଗି କରାଯାଇଥିଲା। ୭ଟାରେ ସୁଖିଲି ଭୋଗ ସମର୍ପଣ, ୧୦ଟାରେ ଠାକୁରଙ୍କ ପୁରୋହିତ ସଦାଶିବ କରଙ୍କ ଦ୍ୱାରା ରଥ ପ୍ରତିଷ୍ଠା କରାଯାଇଥିଲା। ୧୧ଟା ୩୦ରେ ପୁରୀ ଶ୍ରୀଜଗନ୍ନାଥଙ୍କ ପାଖରୁ ଆସିଥିବା ପାଟ ପତନି ଓ ଚନ୍ଦନ କିଳା ଲାଗି କରାଯାଇଥିଲା। ୧୨ଟାରେ କପିଳେଶ୍ୱରଙ୍କୁ ଶଙ୍ଖୁଡି ଭୋଗ ଓ ମଧ୍ୟାହ୍ନ ଧୂପ ହୋଇଥିଲା। ଏହା ପରେ କପିଳେଶ୍ୱର ବିଜୟା ମଣ୍ଡପକୁ ଯାତ୍ରା କରିଥିଲେ। ୧ଟା ୩୦ରେ ନିକଟସ୍ଥ ଆରେଡି ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ବଡ଼ଭାଇ ଶ୍ରୀ ଗ୍ରାମେଶ୍ୱର ଦେବ ଓ ଭାଉଜ ଗ୍ରାମେଶ୍ୱରୀଙ୍କ ଆଗମନ ହୋଇଥିଲା। ବଡ଼ଭାଇ ଓ ଭାଉଜଙ୍କ ଆଳତି ଓ ପହଣ୍ଡି ଯାତ୍ରା ପରେ ୩ଟାରେ ଗ୍ରାମେଶ୍ୱର ଦେବ ବିଜୟା ମଣ୍ଡପକୁ ବିଜେ କରିଥିଲେ। ୩ଟା ୩୦ରେ ଶ୍ରୀଜୀଉମାନଙ୍କୁ ବିଜୟା ମଣ୍ଡପରେ ଆଳତି ଓ କୋଠ ଭୋଗ, ୪ଟାରେ ଶ୍ରୀଜୀଉଙ୍କ ରଥାରୂଢ଼ ନିମନ୍ତେ ବିଜୟା ମଣ୍ଡପକୁ ଧାଡ଼ିପହଣ୍ଡି ଆରମ୍ଭ ହୋଇଥିଲା। ସାଢ଼େ ୪ଟାରେ ସାରଥି ବଗବାନ ବ୍ରହ୍ମାଙ୍କର ରଥାରୂଢ଼, ରଥରେ ଅଶ୍ୱ ଏବଂ ଦଉଡି ସଂଯୋଗ, ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ତେବେ କୋଭିଡ୍ ଯୋଗୁ ଯାତ୍ରା ପଡିଆ ଖାଁ ଖାଁ ରହିଥିଲା। ବିନା ଭକ୍ତରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ସ୍ଥାନୀୟ ଅଞ୍ଚଳର ଗଣପର୍ବ ହୋଇଥିବାରୁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥାଏ। ମାତ୍ର କରୋନା ଯୋଗୁ ସମ୍ପୂର୍ଣ୍ଣ ଫିକା ପଡିଥିଲା। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଟାଙ୍ଗୀ ତହସିଲଦାର ଯୁଗଳ କିଶୋର ମିଶ୍ର ଏହି ରଥଯାତ୍ରାରେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ପାଇଁ ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କ ନେତୃତ୍ୱରେ ଥାନା କର୍ମଚାରୀଙ୍କ ସମେତ ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

# ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୫୦ ପଜିଟିଭ୍

**ଖୋର୍ଦ୍ଧା ଅଫିସ,୨୦।୪**

ଖୋର୍ଦ୍ଧା ଜିଲାରେ କରୋନା ସ୍ଥିତି ଉଦ୍‌ବେଗଜନକ ରହିଛି। ସୁନ୍ଦରଗଡ଼କୁ ପଛରେ ପକାଇ ଖୋର୍ଦ୍ଧା ଜିଲା ହଟସ୍ପଟରେ ରହିଛି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମଧ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ୫୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୮, ବାଲିପାଟଣା ୬, ଭୁବନେଶ୍ୱର(ମେଣ୍ଢାଶାଳ) ୩, ଜଟଣୀ ୧୦, ଖୋର୍ଦ୍ଧା ସର୍ବାଧିକ ୧୧, ବେଗୁନିଆ ୬, ବୋଲଗଡ଼ ୫, ଟାଙ୍ଗୀ ଓ ଚିଲିକା ବ୍ଲକରୁ ୨ଜଣ ଲେଖାଏ ରହିଛନ୍ତି। ୭ଜଣ ସୁସ୍ଥ ହୋଇଛନ୍ତି। ସେହିପରି ଜିଲାରେ ମୋଟ ୧୩,୭୮୩ ଆକ୍ରାନ୍ତ ହୋଇଥିବା ବେଳେ ସେଥିରୁ ୧୩,୫୨୨ଜଣ ସୁସ୍ଥ ହୋଇଛନ୍ତି। ୧୯ଜଣଙ୍କ ମୃତ୍ୟୁ ଘଟିଛି। ୨୦୪ ଜଣ ହୋମ୍ ଆଇସୋଲେଶନରେ ରହି ଚିକିତ୍ସାଧୀନ ଅଛନ୍ତି। ଏନେଇ ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି, ଖୋର୍ଦ୍ଧାରେ ୨ଟି ଟିଏମ୍‌ସି କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ବାହାରୁ ଆସୁଥିବା ବ୍ୟକ୍ତି ଏବଂ ସଙ୍ଗରୋଧ ବ୍ୟବସ୍ଥା ନ ଥିବା ସଂକ୍ରମିତ ରୋଗୀ ଏଠାରେ ଆଇସୋଲେଶନରେ ରହି ଚିକିତ୍ସିତ ହେବା ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧା ସହରକୁ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ଲାଗି ବିଭିନ୍ନ ପଦକ୍ଷେପ ନିଆଯାଇଛି। ସାହି ବସ୍ତିରେ କୋଭିଡ୍ ପରିଚାଳନା କମିଟି କାର୍ଯ୍ୟକ୍ଷମ ରହିଛି। ସାହିବାସିନ୍ଦାଙ୍କୁ ଗାଇଡ୍‌ଲାଇନ ପାଳନ ଲାଗି ପରାମର୍ଶ ଦିଆଯାଇଛି।

## ଦିନକରେ ୧,୫୭୭ ଟିକାନେଲେ, ୯୩୯ଙ୍କ କୋଭିଡ୍ ଟେଷ୍ଟ

**ଖୋର୍ଦ୍ଧା ଅଫିସ,୨୦।୪**

ଖୋର୍ଦ୍ଧା ଜିଲାରେ ମଙ୍ଗଳବାର ୯ଟି କେନ୍ଦ୍ରରେ ୧,୫୭୭ଜଣଙ୍କୁ ଟିକା ଦିଆଯାଇଛି। ସେହିପରି ଜିଲାର ୧୦ ବ୍ଲକରେ ୯୩୯ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିରୁ ଆର୍‌ଟି-ପିସିଆର ୨୮୨ ଓ ଆଣ୍ଟିଜେନ ୬୫୭। ବର୍ତ୍ତମାନ ସୁଦ୍ଧା ଜିଲାରେ ୩ଲକ୍ଷ ୨ହଜାର ୭୯୫ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିରୁ ଆର୍‌ଟି-ପିସିଆର ୭୭,୭୮୪, ଆଣ୍ଟିଜେନ୍ ୨ଲକ୍ଷ ୨୪ହଜାର ୩୯୫ ଏବଂ ଟ୍ରୁ-ନାଟ ୬୧୬ଜଣଙ୍କର କରାଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

(୧) ଟେଣ୍ଡର ବିଜ୍ଞପ୍ତି ନଂ. ଟିଆର୍‌ଡି-ଆର୍-୨୦୨୧-ଇ୨ ତାରିଖ: ୧୫।୦୪।୨୦୨୧

କାର୍ଯ୍ୟର ନାମ: ଅମ୍ବୁଜା ସିମେଣ୍ଟ ଲିମିଟେଡ୍ ସାଇଡିଂ ନିମନ୍ତେ ବିଓ୍ୱାଇଟି/ଟିଏସ୍‌ଏସ୍‌ରେ ସମର୍ପିତ ସିବିର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୯,୧୭,୬୩୦.୬୦/-। ଇଏମ୍‌ଡି: ଶୂନ୍ୟ, ଟେଣ୍ଡର ଦାଖଲ: ତା୨୧।୦୫।୨୦୨୧ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବ: ତା୨୧।୦୫।୨୦୨୧ରିଖ ୧୨.୩୦ ଘଟିକା।

ଟେଣ୍ଡର କାଗଜପତ୍ରର ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ, ଦୟାକରି ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଡି)/ଏସ୍‌ଇସିଆର୍, ରାୟପୁରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ।

*ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଡି)*

PR/R/TRD/AN/08 ଏସ୍.ଇ.ସି.ଆର୍, ରାୟପୁର

South East Central Railway @secrail



**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୨୪୭-ଜିଆର୍‌ସି-ସିଇ-ସି-ଏସ୍‌ଓ-୫୨-୨୦୨୦, ତାରିଖ: ୨୦।୦୪।୨୦୨୧। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଦକ୍ଷିଣ, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି। ଇ-ଟେଣ୍ଡର ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ ହେବ। କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ବଣ୍ଡମୁଣ୍ଡା-ହଟିଆ ଦୋହରୀକରଣ କାର୍ଯ୍ୟର ଡୁମେଟ୍ରା - ଓର୍ଗା ସେକ୍ସନ ଏବଂ ରାଉରକେଲା ୟାର୍ଡ ପାଇଁ ବରହରଓ୍ୱା/ ବାକୁଡିହ/ତାଳଝରୀ/ ସାହିବଗଞ୍ଜ/ପିନାରଗରିଆ କ୍ୱାରି (ବରହରଓ୍ୱା/ ବାକୁଡିହ/ତାଳଝରୀ/ସାହିବଗଞ୍ଜ/ପିନାରଗରିଆ ପାଇଁ) ଠାରେ ଯେକୌଣସି ପ୍ରକାର ରେଳ ୱାଗନ/ହପରରେ ୫୦ ମିମି ମେସିନ କ୍ରସ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ଲୋଡିଂ (ମାପ ଗନ୍ତବ୍ୟସ୍ଥଳୀରେ କରାଯିବ)। ଆନୁମାନିକ ମୂଲ୍ୟ: ₹୩.୪୯ କୋଟି। ସମାପ୍ତି ଅବଧି: ୧୨ ମାସ। ବନ୍ଦ ହେବା ତାରିଖ: ୧୧।୦୫।୨୦୨୧। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ ସ୍ୱତନ୍ତ୍ରତା ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-27)


# ଧାର୍ମିକ ଅନୁଷ୍ଠାନକୁ ଶ୍ରଦ୍ଧାଳୁଙ୍କୁ ମନା

**ଖୋର୍ଦ୍ଧା ଅଫିସ,୨୦।୪**

ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଆଦି ଧାର୍ମିକ ଅନୁଷ୍ଠାନକୁ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ ବୁଧବାର ଠାରୁ କଟକଣା ଜାରି କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏହି କଟକଣା ରହିବ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଏହାକୁ ଉଲ୍ଲଂଘନ କରି କୌଣସି ବ୍ୟକ୍ତି ଧାର୍ମିକ ଅନୁଷ୍ଠାନକୁ ପ୍ରବେଶ କରିବାକୁ ଚେଷ୍ଟା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଳ୍ପ ସଂଖ୍ୟକ ପୂଜକ, ସେବାୟତଙ୍କୁ ନେଇ ମନ୍ଦିରର ଦେବନୀତି ସମ୍ପନ୍ନ କରାଯିବ। ମନ୍ଦିରରେ ନିୟୋଜିତ ସେବାୟତମାନେ ମାସ୍କ ପରିଧାନ ସହ ସାନିଟାଇଜର ଏବଂ ସାମାଜିକ ଦୂରତ୍ୱ ପ୍ରତି ଗୁରୁତ୍ୱ ଦେବେ। ମନ୍ଦିର ପରିସରରେ କୋଭିଡ୍ ଗାଇଡ୍‌ଲାଇନକୁ ପାଳନ କରିବେ। ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନିଂ ରହିବ। କୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବେ ବୋଲି ଉପଜିଲାପାଳ ବେହୁରିଆ କହିଛନ୍ତି। ବୁଧବାର ଶ୍ରୀରାମ ନବମୀରେ ସହରଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ସବୁଠି ଉତ୍ସାହର ମାହୋଲ ରହିଥାଏ। ଏହାକୁ ଅତି ଆଡ଼ମ୍ବରରେ ପାଳନ କରାଯାଇଥାଏ। ଗୋଟିଏ ଦିନ ଅବ୍ୟବହିତ ପୂର୍ବରୁ ଉପଜିଲାପାଳଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମାକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।


**NCC DIRECTORATE ODISHA**
**LEWIS ROAD, BHUBANESWAR-751002**
**WITHDRAWL OF TENDER NOTICE**

1. Notice Inviting Tender (NIT) as published in the following Newspapers on 31 Mar 2021 regarding hiring of Civil Hired Transport (Light & Heavy Vehs) for the period from 01 June 2021 to 31 Mar 2022 in respect of NCC Directorate Odisha is hereby withdrawn:-
   (a) The Times of India (English)
   (b) The Dharitri (Odia)
   (c) The Sambad (Odia)
2. Fresh tender will be published later.

Sd./- SK Prasad
Col., Addl Dir (Adm) for DY DG


# ଅରିଶଲକୁ ହରାଇ ତମାଣ୍ଡୋ ଚାମ୍ପିୟନ



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ଯାଁଳା,୨୦।୪(ଡି.ଏନ୍.ଏ.)**

ଗୋଲ୍ଡେନ୍ ଷ୍ଟାର ଆନୁକୂଲ୍ୟରେ ମୁଣ୍ଡମୁହାଣ କୃଷ୍ଣଚନ୍ଦ୍ର ବିଦ୍ୟାପୀଠ ଖେଳପଡିଆରେ ଅନୁଷ୍ଠିତ ଦିନିକିଆ କ୍ରିକେଟ କପ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଶିକ୍ଷାବିତ୍ ସମର ବଲ୍ଲଭ ମହାପାତ୍ର ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ଅରିଶଲକୁ ୩୮ ରନରେ ହରାଇ ତମାଣ୍ଡୋ ଚାମ୍ପିୟନ ହୋଇଛି। ଟୁକୁନା ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିବା ବେଳେ ଦିପୁନା ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଯାଁଳା ସରପଞ୍ଚ ପ୍ରଦୋଷ କୁମାର ଜେନା ମୁଖ୍ୟ ଅତିଥି, ଆରଏସ୍‌ଏସ୍ ଯାଁଳା ଶାଖାର ମୁଖ୍ୟ ଅଭୟ ସ୍ୱାଇଁ ଓ ସାମ୍ବାଦିକ ମାନସ ରଞ୍ଜନ ଦାଶ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୫ ହଜାର ଟଙ୍କା ଓ ରନର୍ସ ଅପ୍ ଟିମକୁ ଟ୍ରଫି ସହ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ଆରମ୍ଭ ହେବ ଟେଲି ମେଡିସିନ ବ୍ୟବସ୍ଥା

**ଖୋର୍ଦ୍ଧା ଅଫିସ,୨୦।୪**

- ହସ୍ପିଟାଲରେ ରୋଗୀଙ୍କ ଥର୍ମାଲ ସ୍କ୍ରିନିଂ ବାଧ୍ୟତାମୂଳକ
- ମେଡିକାଲକୁ ହଟସ୍ପଟ ରକ୍ଷା ଲାଗି ଗୁରୁତ୍ୱ




ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ସଂକ୍ରମଣ ହାର ରୋକିବା ଲାଗି ହସ୍ପିଟାଲଗୁଡିକ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଗାଇଡ୍‌ଲାଇନ ଜାରି କରାଯାଇଛି। ଏହି ଗାଇଡ୍‌ଲାଇନ ସରକାରୀ ଏବଂ ଘରୋଇ ହସ୍ପିଟାଲରେ ଲାଗୁ ହେବ। ମେଡିକାଲ ପରିସର ଯେପରି ସଂକ୍ରମିତ ତଥା ହଟସ୍ପଟ ନ ହେବ ସେଥିପ୍ରତି କଡା ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି ଯେ, ଗାଇଡ୍‌ଲାଇନକୁ ଜିଲାରେ କଡ଼ାକଡି କରାଯାଇଛି। ଏନେଇ ଜିଲାର ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମସ୍ତ ଘରୋଇ ହସ୍ପିଟାଲ ଓ କ୍ଲିନିକ୍ କର୍ତ୍ତୃପକ୍ଷଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ମେଡିକାଲରେ ରୋଗୀଙ୍କ ଭିଡ କମାଇବା ଲାଗି ଗୁରୁତ୍ୱ ଦିଆଯାଇଛି। ସାଧାରଣ ଥଣ୍ଡା, କାଶରେ ପୀଡ଼ିତ ରୋଗୀ ମେଡିକାଲକୁ ନ ଆସି ଘରେ ରହି ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସିତ ହୋଇପାରିବେ। ଏଥିଲାଗି ଖୁବଶୀଘ୍ର ଟେଲି ମେଡିସିନ ସୁବିଧାର ଆରମ୍ଭ ହେବାକୁ ଯାଉଛି। ଏନେଇ ଡାକ୍ତରଙ୍କ ଏକ ତାଲିକା ପ୍ରକାଶ ଲାଗି ସିଡିଏମଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ମେଡିକାଲକୁ ହଟସ୍ପଟରୁ ରକ୍ଷା କରିବା ଲାଗି ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦ଶଯ୍ୟା ବିଶିଷ୍ଟ ଆଇସୋଲେଶନ କେନ୍ଦ୍ର ରହିଛି। ଏଥିସହ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସୋଲେଶନ ବ୍ୟବସ୍ଥା ରହିଛି। ଜ୍ୱର ଲକ୍ଷଣ ଥିବା ରୋଗୀଙ୍କ ଅଲଗା ଚିକିତ୍ସା କରାଯିବ। ହସ୍ପିଟାଲକୁ ଆସୁଥିବା ସମସ୍ତ ରୋଗୀଙ୍କ ଥର୍ମାଲ ସ୍କ୍ରିନିଂ ଲାଗି ନିର୍ଦ୍ଦେଶ ଦିଆଯାଇଛି। ମେଡିକାଲ ପରିସରରେ ହାତଧୁଆ ବ୍ୟବସ୍ଥା ଏବଂ ସାନିଟାଇଜ୍ ରଖିବାକୁ କୁହାଯାଇଛି। ଖୋର୍ଦ୍ଧା ଜିଲାରେ(ବିଏମସିକୁ ବାଦଦେଇ) ପ୍ରତି ବ୍ଲକରେ ଗୋଟିଏ ଲେଖାଏ କ୍ଲଷ୍ଟର ଟିଏମ୍‌ସି ଓ ଖୋର୍ଦ୍ଧା ପୌରାଞ୍ଚଳରେ ୨ଟି ଏବଂ ବାଣପୁର ଓ ବାଲୁଗାଁ ଏନଏସିରେ ଗୋଟିଏ ଲେଖାଏ ରହିଛି। ମେଡିକାଲ ପରିସରର କୌଣସି ବିଭାଗରୁ ପଜିଟିଭ୍ ବାହାରିଲେ, ତୁରନ୍ତ ଉକ୍ତ ବିଭାଗକୁ ୨୪ଘଣ୍ଟା ଲାଗି ବନ୍ଦ କରାଯିବ ସହ ସାନିଟାଇଜ କରାଯିବ। ପ୍ରତି ବ୍ଲକରେ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ଆରଆରଟି ଟିମ୍ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ସହ ଯୋଗାଯୋଗ କରୁଛନ୍ତି। କୌଣସି ରୋଗୀଙ୍କ ଲକ୍ଷଣ ଗୁରୁତର ହେଲେ, ସେମାନଙ୍କୁ କୋଭିଡ୍ ମେଡିକାଲକୁ ସ୍ଥାନାନ୍ତର କରାଯିବ। ଖୋର୍ଦ୍ଧା ପୌରାଞ୍ଚଳ ଏବଂ ୨ ଏନ୍‌ଏସିରେ ୱାର୍ଡ ଅଫିସର ନିୟୋଜିତ ଅଛନ୍ତି। ସେମାନେ ନିୟମିତଭାବେ ନିଜ ୱାର୍ଡରେ ସଙ୍ଗରୋଧରେ ରହିଥିବା ରୋଗୀଙ୍କ ସ୍ୱାସ୍ଥ୍ୟସେବା ପଚାରିବୁଝିବେ। ସମସ୍ତ ୱାର୍ଡ ଅଫିସରକୁ ଆଲର୍ଟ ରହିବାକୁ ପରାମର୍ଶ ଦିଆଯାଇଛି। ସହରଠାରୁ ପଞ୍ଚାୟତ ପର୍ଯ୍ୟନ୍ତ କୋଭିଡ୍ ପରିଚାଳନା କମିଟି ରହିଛି। ନିୟମିତ ବ୍ୟବଧାନରେ ଏମାନେ ନିଜ ଅଞ୍ଚଳରେ କୋଭିଡ୍ ସମୀକ୍ଷା ରିପୋର୍ଟ ପ୍ରଦାନ କରିବେ। କୁମ୍ଭମେଳା ଫେରନ୍ତାଙ୍କ ଉପରେ କଡ଼ା ନଜର ରଖାଯାଇଛି। ୧୪ଦିନ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି ଅତିରିକ୍ତ ଜିଲାପାଳ ପାଢ଼ୀ କହିଛନ୍ତି।


NHIDCL BUILDING INFRASTRUCTURE - BUILDING THE NATION

**ଜାତୀୟ ରାଜପଥ ଏବଂ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍**
**(ଭାରତ ସରକାରଙ୍କ ଏକ ଉଦ୍ୟୋଗ)**

BHARATMALA ROAD TO PROSPERITY

**କର୍ପୋରେଟ କାର୍ଯ୍ୟାଳୟ: ୩ୟ ମହଲା, ପିଟିଆଇ ବିଲ୍ଡିଂ, ୪-ପାର୍ଲାମେଣ୍ଟ ଷ୍ଟ୍ରିଟ୍, ନୂଆଦିଲ୍ଲୀ-୧୧୦୦୦୧**

ଏଫ୍.ନଂ. ଏନ୍‌ଏଚ୍‌ଆଇଡିସିଏଲ/୨(୮)/ଆର୍‌ଇସିଟିଟି ଏଫ୍‌ଆଇଏନ୍ ଆଣ୍ଡ ଏଚ୍‌ଆର୍/୨୦୨୧/ଏଚ୍‌ଆର୍

ଜାତୀୟ ରାଜପଥ ଏବଂ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍ ଭାରତ ସରକାରଙ୍କ ଦ୍ୱାରା ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଅଧୀନରେ ଏକ ନିଗମ ଭାବେ ଉତ୍ତର-ପୂର୍ବାଞ୍ଚଳ ତଥା ପଡ଼ୋଶୀ ଦେଶଗୁଡ଼ିକ ସହିତ ସୀମା ଭାଗ କରୁଥିବା ଅଞ୍ଚଳଗୁଡ଼ିକରେ ଜାତୀୟ ରାଜପଥଗୁଡ଼ିକର ନିର୍ମାଣକୁ ତ୍ୱରାନ୍ୱିତ କରିବା/ ଉନ୍ନତୀକରଣ/ ପ୍ରଶସ୍ତୀକରଣ କରିବା ଉଦ୍ଦେଶ୍ୟରେ ସ୍ଥାପିତ ହୋଇଥିଲା।

ନିମ୍ନଦର୍ଶିତ ନିୟମ ଓ ସର୍ତ୍ତାବଳୀରେ ଠିକା ଭିତ୍ତିରେ ନିୟୋଜିତ ହେବା ପାଇଁ କେନ୍ଦ୍ର ସରକାରୀ ମନ୍ତ୍ରଣାଳୟ/ ବିଭାଗ, ସେନା, ନୌସେନା, ବାୟୁସେନା, ବିଆରଓ (ଜିଆର୍‌ଇଏଫ୍), ସ୍ୱୟଂଶାସିତ ନିକାଶ, ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ରାଜ୍ୟ ସରକାରୀ ବିଭାଗ ଏବଂ ରାଜ୍ୟ ସରକାରୀ ସର୍ବସାଧାରଣ ଉଦ୍ୟୋଗରୁ ଅବସରପ୍ରାପ୍ତ କର୍ମଠ, ପ୍ରଭାବୀ ଏବଂ ଅଭିଜ୍ଞ ଯୋଗ୍ୟ ଅବସରପ୍ରାପ୍ତ ଅଧିକାରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:-

| କ୍ର. ସଂ. | ପଦବୀର ନାମ | ଖାଲିସ୍ଥାନ ସଂଖ୍ୟା* | ସିଡିଏ ଢାଞ୍ଚାରେ ପେ' ମାଟ୍ରିକ୍ସ ସ୍ତର |
|---|---|---|---|
| ୧. | ଜେନେରାଲ ମ୍ୟାନେଜର (ଟି/ପି) [ଉତ୍ତର ପୂର୍ବାଞ୍ଚଳ ରାଜ୍ୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ** | ପେ' ମାଟ୍ରିକ୍ସ ସ୍ତର-୧୩, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପିବି- ୪, ଟ.୩୭,୪୦୦ - ୬୭,୦୦୦/- ତଥା ଗ୍ରେଡ୍ ପେ' ଟ.୮,୭୦୦/-] |
| ୨. | ଡେପୁଟି ଜେନେରାଲ ମ୍ୟାନେଜର (ଟି/ପି) [ଉତ୍ତର ପୂର୍ବାଞ୍ଚଳ ରାଜ୍ୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୨୦ | ପେ' ମାଟ୍ରିକ୍ସ ସ୍ତର-୧୨, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପିବି- ୩, ଟ.୧୫,୬୦୦ - ୩୯,୧୦୦/- ତଥା ଗ୍ରେଡ୍ ପେ' ଟ.୭,୬୦୦/-] |
| ୩. | ଡେପୁଟି ଜେନେରାଲ ମ୍ୟାନେଜର (ଫାଇନାନ୍ସ) [ଲେହ (ଲଦାଖ), ଜାମ୍ମୁ ଓ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏଚ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୦୫ | ପେ' ମାଟ୍ରିକ୍ସ ସ୍ତର-୧୨, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପିବି- ୩, ଟ.୧୫,୬୦୦ - ୩୯,୧୦୦/- ତଥା ଗ୍ରେଡ୍ ପେ' ଟ.୭,୬୦୦/-] |
| ୪. | ମ୍ୟାନେଜର (ଟି/ପି) [ଉତ୍ତର ପୂର୍ବାଞ୍ଚଳ ରାଜ୍ୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୨୦ | ପେ' ମାଟ୍ରିକ୍ସ ସ୍ତର-୧୧, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୩, ଟ.୧୫,୬୦୦ - ୩୯,୧୦୦/- ତଥା ଗ୍ରେଡ୍ ପେ' ଟ.୬,୬୦୦/- ସିଡିଏ ଢାଞ୍ଚାରେ] |
| ୫. | ମ୍ୟାନେଜର (ଫାଇନାନ୍ସ) [ଲେହ (ଲଦାଖ), ଜାମ୍ମୁ ଓ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୦୫ | ପେ' ମାଟ୍ରିକ୍ସ ସ୍ତର-୧୧, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୩, ଟ.୧୫,୬୦୦ - ୩୯,୧୦୦/- ତଥା ଗ୍ରେଡ୍ ପେ' ଟ.୬,୬୦୦/- ସିଡିଏ ଢାଞ୍ଚାରେ] |
| ୬. | ମ୍ୟାନେଜର (ଲିଗାଲ୍) [ଏନ୍‌ଏଚ୍‌ଆଇଡିସିଏଲ୍ ମୁଖ୍ୟାଳୟ/ ଲେହ (ଲଦାଖ), ଜାମ୍ମୁ ଓ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୦୧ | ପେ' ମାଟ୍ରିକ୍ସ ସ୍ତର-୧୧, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୩, ଟ.୧୫,୬୦୦ - ୩୯,୧୦୦/- ତଥା ଗ୍ରେଡ୍ ପେ' ଟ.୬,୬୦୦/- ସିଡିଏ ଢାଞ୍ଚାରେ] |
| ୭. | ଆସିଷ୍ଟାଣ୍ଟ ମ୍ୟାନେଜର (ଏଚ୍‌ଆର୍) [ଏନ୍‌ଏଚ୍‌ଆଇଡିସିଏଲ୍ ମୁଖ୍ୟାଳୟ/ ଲେହ (ଲଦାଖ), ଜାମ୍ମୁ ଓ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୦୨ | ପେ' ମାଟ୍ରିକ୍ସ ସ୍ତର-୮, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୨, ଟ.୯,୩୦୦ - ୩୪,୮୦୦/- ତଥା ଗ୍ରେଡ୍ ପେ' ଟ.୪,୮୦୦/- ସିଡିଏ ଢାଞ୍ଚାରେ] |
| ୮. | ଜୁନିୟର ମ୍ୟାନେଜର (ଏଚ୍‌ଆର୍) [ଏନ୍‌ଏଚ୍‌ଆଇଡିସିଏଲ୍ ମୁଖ୍ୟାଳୟ/ ଲେହ (ଲଦାଖ), ଜାମ୍ମୁ ଓ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୦୬ | ପେ' ମାଟ୍ରିକ୍ସ ସ୍ତର-୬, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୨, ଟ.୯,୩୦୦ - ୩୪,୮୦୦/- ତଥା ଗ୍ରେଡ୍ ପେ' ଟ.୪,୨୦୦/- ସିଡିଏ ଢାଞ୍ଚାରେ] |
| ୯. | ଜୁନିୟର ମ୍ୟାନେଜର (ଲିଗାଲ୍) [ଏନ୍‌ଏଚ୍‌ଆଇଡିସିଏଲ୍ ମୁଖ୍ୟାଳୟ/ ଲେହ (ଲଦାଖ), ଜାମ୍ମୁ ଓ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଇତ୍ୟାଦିରେ ଅବସ୍ଥିତ ଏନ୍‌ଏଚ୍‌ଆଇଡିସିଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ] | ୦୧ | ପେ' ମାଟ୍ରିକ୍ସ ସ୍ତର-୬, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୨, ଟ.୯,୩୦୦ - ୩୪,୮୦୦/- ତଥା ଗ୍ରେଡ୍ ପେ' ଟ.୪,୨୦୦/- ସିଡିଏ ଢାଞ୍ଚାରେ] |
| ୧୦. | ଜୁନିୟର ମ୍ୟାନେଜର (ରାଜଭାଷା) [ମୁଖ୍ୟାଳୟ, ଏନ୍‌ଏଚ୍‌ଆଇଡିସିଏଲ୍] | ୦୧ | ପେ' ମାଟ୍ରିକ୍ସ ସ୍ତର-୬, ୭ମ ସିପିସିର [ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ- ୨, ଟ.୯,୩୦୦ - ୩୪,୮୦୦/- ତଥା ଗ୍ରେଡ୍ ପେ' ଟ.୪,୨୦୦/- ସିଡିଏ ଢାଞ୍ଚାରେ] |

*ଅଧିକନ୍ତୁ, ଏନ୍‌ଏଚ୍‌ଆଇଡିସିଏଲ୍‌ରେ ସୂଚିତ ଏବଂ ଭବିଷ୍ୟତରେ ଉପୁଜିବାକୁ ଥିବା ଖାଲିସ୍ଥାନଗୁଡ଼ିକୁ ପୂରଣ କରିବା ପାଇଁ ମନୋନୀତ ପ୍ରାର୍ଥୀମାନଙ୍କର ଏକ ପ୍ୟାନେଲ ପ୍ରସ୍ତୁତ କରିବାର ଅଧିକାର ଏନ୍‌ଏଚ୍‌ଆଇଡିସିଏଲ୍ ସଂରକ୍ଷିତ ରଖାଯାଉଛି। ପଦବୀର ସଂଖ୍ୟା ଆବଶ୍ୟକତା ଅନୁସାରେ ପରିବର୍ତ୍ତିତ ହୋଇପାରେ।

**ଦରଖାସ୍ତ ଦାଖଲର ଶେଷ ତାରିଖ: ୩୧।୦୫।୨୦୨୧ (ସୋମବାର) ୧୮.୦୦ ଘଟିକା ପର୍ଯ୍ୟନ୍ତ**

**ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ପରିଦର୍ଶନ କରନ୍ତୁ - www.nhidcl.com**

**ଦ୍ରଷ୍ଟବ୍ୟ ୧:** ବର୍ତ୍ତମାନ କେନ୍ଦ୍ର ସରକାରୀ ମନ୍ତ୍ରଣାଳୟ/ ବିଭାଗ, ସେନା, ନୌସେନା, ବାୟୁସେନା, ସ୍ୱୟଂଶାସିତ ନିକାଶ, ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ରାଜ୍ୟ ସରକାରୀ ବିଭାଗ ଏବଂ ରାଜ୍ୟ ସରକାରୀ ସର୍ବସାଧାରଣ ଉଦ୍ୟୋଗରେ ସେବାରତ ରହିଥିବା ଏବଂ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡକୁ ପୂରଣ କରୁଥିବା ଅଧିକାରୀମାନେ ମଧ ବିଗତ ପାଞ୍ଚ ବର୍ଷର ଏସିଆର୍/ଏପିଏଆର୍, ନୋ ଅବଜେକ୍ସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ଏବଂ ଭିଜିଲାନ୍ସ କ୍ଲିୟରାନ୍ସ (ଭିସି)ର ପ୍ରତିଲିପି ସହିତ ନିର୍ଦ୍ଧାରିତ ପ୍ରୋଫର୍ମାରେ ଡେପୁଟେଶନ ଭିତ୍ତିରେ ପଦବୀ ଲାଗି ଆବେଦନ କରିବାକୁ ଯୋଗ୍ୟ। *ଡେପୁଟେଶନ ଭିତ୍ତିରେ ନିଯୁକ୍ତି ଲାଗି ଆବେଦନ କରୁଥିବା ପ୍ରାର୍ଥୀମାନେ ଯେକୌଣସି ବୟସର ହୋଇପାରନ୍ତି। ସେମାନଙ୍କର ଅବସରଗ୍ରହଣ ପରେ ସେମାନଙ୍କୁ ଏନ୍‌ଏଚ୍‌ଆଇଡିସିଏଲ୍‌ରେ ଠିକା ଭିତ୍ତିରେ ନିଯୁକ୍ତିକୁ ଜାରି ରଖିବା ପାଇଁ ଅନୁମତି ଦିଆଯାଇପାରେ, ଯାହା ଉଭୟ ପକ୍ଷଙ୍କ ସମ୍ମତି ଉପରେ ନିର୍ଭର କରିବ। ଯଦି ସେମାନଙ୍କର ମୂଳ ସଂଗଠନ ସେମାନଙ୍କୁ ଅବସରକାଳୀନ ଔପଚାରିକତା ପାଇଁ ମୂଳ ପଦବୀକୁ ଫେରିବା ଆବଶ୍ୟକ କରେ, ତେବେ ତାଙ୍କୁ ଏକସପ୍ତାହ ଅବଧି ପର୍ଯ୍ୟନ୍ତ ଏହା କରିବା ଲାଗି ଅନୁମତି ଦିଆଯିବ। ତତ୍‌ପଶ୍ଚାତ୍, ସେମାନେ ଠିକାଭିତ୍ତିକ କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ ନିୟମ ଓ ସର୍ତ୍ତାବଳୀରେ ଠିକା ଭିତ୍ତିରେ ନିଯୁକ୍ତିକୁ ଜାରି ରଖିପାରିବେ।*

**ଦ୍ରଷ୍ଟବ୍ୟ ୨:** ଏହି ଖାଲିସ୍ଥାନ ସର୍କୁଲାରରେ କୌଣସି ପରିବର୍ତ୍ତନ କିମ୍ବା ସଂଶୋଧନକୁ କେବଳ ଏନ୍‌ଏଚ୍‌ଆଇଡିସିଏଲ୍ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ।

**ଦ୍ରଷ୍ଟବ୍ୟ ୩:** ଅସମ୍ପୂର୍ଣ୍ଣ ଦରଖାସ୍ତ କିମ୍ବା ନିର୍ଦ୍ଧାରିତ ତାରିଖ ପରେ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ବିଧିବଦ୍ଧ ଭାବେ ଖାରଜ କରିଦିଆଯିବ।

ଡେପୁଟି ଜେନେରାଲ ମ୍ୟାନେଜର (ଏଚ୍‌ଆର୍)

**ଗଢ଼ୁଛୁ ଭିତ୍ତିଭୂମି, ଗଢ଼ୁଛୁ ରାଷ୍ଟ୍ର**